ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ଡିସେମ୍ବର ୨୦୨୫



ଫଟୋ : ପ୍ରଜ୍ଞା ମହାପାତ୍ର

## ଓଡ଼ିଆ ସାହିତ୍ୟର ନବଦିଗନ୍ତ

Vol-4 • Issue-10 • December 2025 • Monthly • Rs.50 • 72 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା
SAHITYA CHARCHA

ଓଡ଼ିଆ ସାହିତ୍ୟର ନବଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୪ • ସଂଖ୍ୟା-୧୦ • ଡିସେମ୍ବର ୨୦୨୫ • ମାସିକ • ଟ.୫୦ • ୭୨ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସମ୍ପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସମ୍ପାଦକ
**କମଳକୁମାରୀ ଦାଶ**
**ଦେବାଶିଷ ମୁଦୁଲି**

ପାଠ-ସଂଶୋଧକ
**ପ୍ରଭାତ ରଞ୍ଜନ ବେହୁରା**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶ୍ରୀଧର ପ୍ରଧାନ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ସ୍ୱାତୀ ମହାପାତ୍ର**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୫୦/-**

## ।। ସୂଚୀ ।।

| | |
|---|---|
| ପାଠକଙ୍କ ମତାମତ | ୦୨ |
| ପ୍ରବନ୍ଧ ସାହିତ୍ୟରେ ଇଂରାଜୀପ୍ରେମ (ସମ୍ପାଦକୀୟ) | ୦୩ |
| ଓଡ଼ିଶାର ପୋଥି ପରମ୍ପରା (ପ୍ରବନ୍ଧ): ମମତା ମିଶ୍ର | ୦୫ |
| ଆଫଗାନିସ୍ଥାନରେ କବି (ରମ୍ୟରଚନା): ଡ. କୁଳାଙ୍ଗାର | ୧୧ |
| ସବୁ ଆମର (କବିତା): କୁମାର ଧର୍ମେନ୍ | ୧୫ |
| ଆଧୁନିକ ଓଡ଼ିଆ କବିତାରେ ଅତିବାସ୍ତବବାଦ (ପ୍ରବନ୍ଧ): ଫକୀର ମୋହନ ସାହୁ | ୧୬ |
| ମୋ ନାଁ ନଇ (ଗଳ୍ପ): ରବି ସ୍ୱାଇଁ | ୨୨ |
| ପାଣିନି ଓ ଓଡ଼ିଆ ସନ୍ଧି ବିଚାର (ପ୍ରବନ୍ଧ): ସିନିରୁଦ୍ଧ ଦାଶ | ୨୫ |
| ଦେବତା (ଗଳ୍ପ): ବିମଳ ଚନ୍ଦ୍ର ମହାପାତ୍ର | ୩୦ |
| ଜୀବନସାଥୀ ଇଣ୍ଟରଭ୍ୟୁ (ଅନୁଭୂତି): ଭାବଗ୍ରାହୀ ବଳ | ୩୪ |
| ପାଲି ଭାଷା, ଧମ୍ମପଦ ଓ ବର୍ତ୍ତମାନର ସ୍ଥିତି (ପ୍ରବନ୍ଧ): ସଂଘମିତ୍ରା ବେହେରା | ୩୮ |
| କଳା (ଅନୁବାଦ ଗଳ୍ପ): ସଦାନନ୍ଦ ପରିଡ଼ା | ୪୪ |
| ବର୍ଷୀୟାନ୍ ପ୍ରାବନ୍ଧିକ ଆଦିକନ୍ଦ ସାହୁଙ୍କ ସହ ବାର୍ତ୍ତାଳାପ (ସାକ୍ଷାତକାର) | ୪୬ |
| ବ୍ରାଞ୍ଚ ବାଆଜି (ଧାରାବାହିକ ବ୍ୟଙ୍ଗ): ଅଜୟ କୁମାର ମିଶ୍ର | ୫୦ |
| ପାପଗର୍ଭ (ଗଳ୍ପ): ଜୟନ୍ତୀ ସାହୁ | ୫୪ |
| ଶାସ୍ତ୍ରୀୟ ଓଡ଼ିଆ ଭାଷାରେ ଯୁକ୍ତବର୍ଣ୍ଣର ବିଧି (ପ୍ରବନ୍ଧ): ହିମାଦ୍ରି ତନୟା ମିଶ୍ର | ୫୭ |
| ନୀରବତା (ଗଳ୍ପ): ଆରତୀ ସାହୁ | ୬୧ |
| ଆମ ନାଟକ (ଏକାଙ୍କିକା): ଅଳକା ନନ୍ଦ | ୬୩ |
| ଚରିତ୍ର ବିକ୍ରିହେବ (କବିତା): ବନସ୍ମିତା ପତି | ୬୬ |
| ଦୁଇଟି ଅଣୁଗପ (ଗଳ୍ପ): ଗାର୍ଗୀ ମିଶ୍ର | ୬୭ |
| ଫୁଲରେ ଫୁଲ (ଶିଶୁଗଳ୍ପ): କୁଞ୍ଜ ବିହାରୀ ସାହୁ | ୬୮ |
| ରମାକାନ୍ତ ଭାଇନା (ପୁସ୍ତକ ସମୀକ୍ଷା): ନିହାର ଶତପଥୀ | ୭୦ |
| ସାହିତ୍ୟ ସମାଚାର | ୭୧ |
| ଏକୁଶ୍କଣ୍ଡି (ଶେଷ ପୃଷ୍ଠା): ପ୍ରଶାନ୍ତ ଭୂୟାଁ | ୭୨ |

ଏହି ପତ୍ରିକାରେ ପ୍ରକାଶିତ ଲେଖକମାନଙ୍କର ବକ୍ତବ୍ୟ ଓ ଅଭିମତ ସେମାନଙ୍କର ନିଜସ୍ୱ ଏବଂ ଆମେ ସେଥିସହିତ ସହମତ ଥିବା ଜରୁରୀ ନୁହେଁ।

# ପାଠକଙ୍କ ମତାମତ

ନଭେମ୍ବର, ୨୦୨୫ ସଂଖ୍ୟାରେ ପ୍ରକାଶିତ ସମ୍ପାଦକୀୟ ଓ କାର୍ଟୁନ୍ ଚିତ୍ର ସହିତ ମୁଁ ଏକମତ ନୁହେଁ। କବିତା ବୁଝିବା ପାଠକ ଉପରେ ନିର୍ଭର କରେ। କେବଳ ଭାଗବତର ୯ଗୋଟି ଅର୍ଥ। ମହାଭାରତକୁ ଚର୍ଚ୍ଚା କଲେ ସେଥିରେ ଥିବା ଦର୍ଶନ ଓ ଦାର୍ଶନିକ ତଥ୍ୟ ଭିନ୍ନଭିନ୍ନ କଥା କହେ।

ଆଧୁନିକ ଯୁଗକୁ ଆସନ୍ତୁ। ରୁଚିକର କଥାଟିଏ ଆବଶ୍ୟକ, ସମସ୍ତେ ଜାଣନ୍ତି। ରାଧା ମୋହନ ଗଡ଼ନାୟକଙ୍କ ରଚିତ କବିତା 'ବେଙ୍ଗ' ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ୱୀକୃତି ପାଇ ପ୍ରାକ୍ ବିଶ୍ୱବିଦ୍ୟାଳୟର ଶ୍ରେଣୀରେ ପଢ଼ାଯାଉଥିଲା। ସେହି ଶ୍ରେଣୀର ଛାତ୍ର ଥିଲେ ନିଜେ କବି। କବିତାକୁ ପଢ଼ାଉଥିଲେ ପ୍ରଖ୍ୟାତ ସାହିତ୍ୟିକ ପ୍ରଫେସର ରାଜ କିଶୋର ରାୟ। ତା'ପର କଥା ଓଡ଼ିଶାରେ ଅନ୍ଧେ ବହୁତେ ସବୁ ସାହିତ୍ୟିକ ଜାଣନ୍ତି। ତେଣୁ କବି ଓ କବିତାକୁ ଏପରି ସମାଲୋଚନା ଗ୍ରହଣୀୟ ନୁହେଁ। ଅଗ୍ନି ପୁରାଣ ଅନୁସାରେ

'ନରତ୍ୱଂ ଦୁର୍ଲଭଂ ଲୋକେ
ବିଦ୍ୟା ତତ୍ର ସୁଦୁର୍ଲଭା
କବିତ୍ୱଂ ଦୁର୍ଲଭା ତତ୍ର ଶକ୍ତିସ୍ତତ୍ର
ସୁଦୁର୍ଲଭା ।'

ତେଣୁ କବିତା ଓ କବିଙ୍କୁ ଏପରି ସମାଲୋଚନା କେବଳ କଥାରେ ହୋଇପାରେ। ମାତ୍ର ସାହିତ୍ୟରେ ଏହା ଗ୍ରହଣୀୟ କି?

ପୁନଶ୍ଚ ଆମର ପ୍ରାୟ ସମସ୍ତ ଶାସ୍ତ୍ର ପୁରାଣ କବିତାରେ ରଚିତ। ଏହା ସତ୍ୟ ଯେ ବୌଦ୍ଧିକ ଦୃଷ୍ଟିରୁ ସେହି ସବୁ ଶାସ୍ତ୍ରୀୟ ଗ୍ରନ୍ଥମାନଙ୍କର ଅର୍ଥ ବି ବିଭିନ୍ନ ଭାଷ୍ୟକାରଙ୍କ ମତରେ ଭିନ୍ନଭିନ୍ନ। ତେବେ ସେଗୁଡ଼ିକ କ'ଣ କବିତା ପଦବାଚ୍ୟ ନୁହେଁ? ଯଦି ଗୋଟିଏ ଅପାଠୁଆ ବୁଝିନପାରିବ ସେଥିପାଇଁ ତା' ଜ୍ଞାନ ଦାୟୀ ନା ସ୍ରଷ୍ଟା ଦାୟୀ?

**ଜାନକୀ ବଲ୍ଲଭ ଦାଶ**
janakiballavdash@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
info@sahityacharcha.com

'ସାହିତ୍ୟ ଚର୍ଚ୍ଚା', ନଭେମ୍ବର, ୨୦୨୫ ସଂଖ୍ୟାର ସମ୍ପାଦକୀୟ 'କବିତାର ମର୍ମ' କବିତା ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ଦ୍ୱନ୍ଦ୍ୱ ଉପରେ ପର୍ଯ୍ୟବେସିତ। ବିଶେଷ କରି ଆଧୁନିକ କବିତାରେ ଏ ଦ୍ୱନ୍ଦ୍ୱ ଅତି ଜ୍ୱଳନ୍ତ। ପ୍ରଶ୍ନ ଉଠେ, ଏପରି ଆଧୁନିକ କବିତାଟିଏ ଯଦି ପାଠ୍ୟପୁସ୍ତକରେ ସ୍ଥାନ ପାଏ, ତେବେ ଶିକ୍ଷାଦାନକାରୀମାନେ କ'ଣ ଉପଯୁକ୍ତ ଅର୍ଥରେ ଛାତ୍ରମାନଙ୍କୁ ତାହା ବୁଝାଇ ପାରିବେ? ଯଦି ନୁହେଁ, ତେବେ ପରବର୍ତ୍ତୀ ସମସ୍ୟା ଯାହା ହେବ, ତାହା କହିବା ନିଷ୍ପ୍ରୟୋଜନ।

**ସୁଶୀଳ କୁମାର ନନ୍ଦ**
sushilnanda06@gmail.com

ବରିଷ୍ଠ ସମାଲୋଚକ ନଟବର ଶତପଥୀଙ୍କ 'ଆମ ଭାଷାର ଲକ୍ଷଣ ଓ ବିଡ଼ମ୍ବନା' ଶୀର୍ଷକ ଲେଖାଟି ପଢ଼ିଲି। ଭାଷାର ପ୍ରବୃତ୍ତି, ଶବ୍ଦର ମାହାତ୍ମ୍ୟ, ଭାଷାର ନିୟମ ଓ ଓଡ଼ିଆ ଭାଷାରେ ଏହାର ପ୍ରୟୋଗ ସମ୍ପର୍କରେ ସେ ଯଥାର୍ଥ ଆଲୋଚନା କରିଛନ୍ତି। ମାତୃଭାଷାରେ ଶାସନ ନହେବା ବିଷୟରେ ମଧ୍ୟ କ୍ଷୋଭ ପ୍ରକାଶ କରିଛନ୍ତି ଶ୍ରୀ ଶତପଥୀ। ସରକାର କେବଳ ଓଡ଼ିଆ ଭାଷାର ସୁରକ୍ଷା ଦିଗରେ ଦୃଷ୍ଟି ଦେଉଛନ୍ତି ସତ, ମାତ୍ର ଆନ୍ତରିକତା ଥିବା ମନେହେଉନାହିଁ।

**ଦିବାକର ସେଠୀ**
dibakarsethy08@gmail.com

'ସାହିତ୍ୟ ଚର୍ଚ୍ଚା'ର ନଭେମ୍ବର ସଂଖ୍ୟାରେ ପ୍ରକାଶିତ ପ୍ରବନ୍ଧ ତଥା ଗଳ୍ପଗୁଡ଼ିକ ପଢ଼ିଲି। ପ୍ରଫେସର ନଟବର ଶତପଥୀଙ୍କ 'ଆମ ଭାଷାର ଲକ୍ଷଣ ଓ ବିଡ଼ମ୍ବନା' ଓ କଇଳାଶ ପଟ୍ଟନାୟକଙ୍କ 'କଥା ସାହିତ୍ୟର ଭାଷିକ ଶୈଳୀ' ଶୀର୍ଷକ ଲେଖା ଅତ୍ୟନ୍ତ ଉଚ୍ଚକୋଟୀର। ସାହିତ୍ୟିକମାନେ କଣ କରୁଛନ୍ତି ଏବଂ କଣ କରିବା ଉଚିତ ତାହା ସ୍ପଷ୍ଟ ଜଣାପଡୁଛି ଛାୟାକାନ୍ତ ଷଡ଼ଙ୍ଗୀଙ୍କ 'ସାହିତ୍ୟିକଙ୍କର ପ୍ରବୃତ୍ତି, ବୃତ୍ତି ଓ ସମ୍ବେଦନା' ଶୀର୍ଷକ ପ୍ରବନ୍ଧଟିରୁ।

**ସୂର୍ଯ୍ୟକାନ୍ତ ଦାସ**
suryakantadas56@gmail.com

**ସମ୍ପାଦକୀୟ**

# ପ୍ରବନ୍ଧ ସାହିତ୍ୟରେ ଇଂରାଜୀପ୍ରେମ

କୌଣସି ଭାଷା ପ୍ରତି ପ୍ରେମ ରହିବା କିଛି ଗର୍ହିତ କଥା ନୁହେଁ, କିନ୍ତୁ ଏହା ଏକପାଖିଆ ହେଲେ ସନ୍ତୁଳନ ବିଗିଡ଼ିଯାଏ। ଆଧୁନିକ ଓଡ଼ିଆ ପ୍ରବନ୍ଧ ସାହିତ୍ୟ, ବିଶେଷତଃ ସମାଲୋଚନା ସାହିତ୍ୟରେ ସ୍ଥାନ ପାଉଥିବା ଉଦ୍ଧୃତିଗୁଡ଼ିକୁ ଲକ୍ଷ୍ୟ କଲେ ଆମକୁ ସେଥିରେ ଇଂରାଜୀ ଭାଷାର ବହୁଳ ପ୍ରୟୋଗ ଜଳଜଳ କରି ଦିଶିଯାଏ। ପ୍ରବନ୍ଧର ପ୍ରସଙ୍ଗକୁ ଆଧାର କରି କୌଣସି ପାଶ୍ଚାତ୍ୟ ଲେଖକ ବା ଗବେଷକଙ୍କ ବକ୍ତବ୍ୟ ଉଦ୍ଧାର କରିବାବେଳେ ତାହାକୁ ମୂଳ ଇଂରାଜୀ ଭାଷାରେ ଲେଖିବାର ପ୍ରବଣତା ଓଡ଼ିଆ ପ୍ରବନ୍ଧଗୁଡ଼ିକରେ ଯେମିତି ଦେଖିବାକୁ ମିଳେ, ପ୍ରତିବେଶୀ ଭାଷାର ପ୍ରବନ୍ଧ ସାହିତ୍ୟରେ ସେମିତି ହୁଏନାହିଁ। ଅପର ପକ୍ଷରେ ପାଶ୍ଚାତ୍ୟ ପ୍ରାବନ୍ଧିକମାନେ ଯେତେବେଳେ ଓଡ଼ିଆ ଭାଷା ବା ସାହିତ୍ୟ ବିଷୟରେ ଇଂରାଜୀରେ ପ୍ରବନ୍ଧଟିଏ ଲେଖନ୍ତି, ସେତେବେଳେ କୌଣସି ଓଡ଼ିଆ ଲେଖକଙ୍କ ପୁସ୍ତକରୁ କିଛି ଧାଡ଼ି ଉଦ୍ଧରଣ କରିବାକୁ ଥିଲେ ସେମାନେ ତାହା ଓଡ଼ିଆ ଅକ୍ଷର ଅବା ଭାଷାରେ ଯଥାବତ୍ ସ୍ଥାନିତ କରିବାର କେବେ ଦେଖାଯାଏ କି?




ଗୋଟିଏ ଉଦାହରଣ ଜରିଆରେ କଥାଟିକୁ ବୁଝାଯାଉ। ଚଳିତ ଶତାବ୍ଦୀର ଆଦ୍ୟ ଭାଗରେ ବିଶିଷ୍ଟ ଇଂରେଜ ଗବେଷକ ଜନ୍ ବୋଲ୍‌ଟନ୍ ଓଡ଼ିଆ ସାହିତ୍ୟ ବିଷୟରେ ଗବେଷଣା କରି 'ଏସେଜ୍ ଅନ୍ ଓରିଆ ଲିଟରେଚର୍' ନାମକ ଏକ ପ୍ରାମାଣିକ ଗ୍ରନ୍ଥ ରଚନା କରିଯାଇଛନ୍ତି। ସେଥିରେ ସେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ 'ଷଡ଼ରସ' ନାମକ ଏକ ନାଟକ ସମ୍ପର୍କରେ ଆଲୋଚନା କରିବା କ୍ରମରେ ସେଥିମଧ୍ୟରୁ ଗୋଟିଏ ଓଡ଼ିଆ ସଂଳାପ ଉଦ୍ଧାର କରିବାବେଳେ ତାହାକୁ ଓଡ଼ିଆରେ ନ ଲେଖି ବରଂ ତାହାର ଲିପ୍ୟନ୍ତରଣ ବା ଟ୍ରାନ୍ସ୍‌ଲିଟରେସନ୍ କରି ସଂଳାପଟିକୁ ଇଂରାଜୀ ଅକ୍ଷରରେ ହିଁ ଉପସ୍ଥାପନ କରିଛନ୍ତି। ଆମର ପ୍ରାବନ୍ଧିକମାନେ ସେହିଭଳି ଓଡ଼ିଆ ଭାଷାରେ ରଚନାଟିଏ ଲେଖିବାବେଳେ ସେଥିରେ ଦିଆଯିବାକୁ ଥିବା ଇଂରାଜୀ ଉଦ୍ଧରଣଗୁଡ଼ିକୁ ଓଡ଼ିଆରେ ଲେଖିପାରିବେ ନାହିଁକି? ଆବଶ୍ୟକ ସ୍ଥଳେ ବଙ୍ଗଳା କି ହିନ୍ଦୀ ଭାଷାରୁ ଉଦ୍ଧୃତିଟିଏ ତ ପୁଣି ଆମେ ନିଜ ପ୍ରବନ୍ଧରେ ଓଡ଼ିଆ ଲିପିରେ ଲେଖିପାରୁଛେ! କିନ୍ତୁ ଇଂରାଜୀ ଭାଷା କ୍ଷେତ୍ରରେ ଏହି ଧାରା ଅନୁସରଣ ନ କରିବା ଆମର ଭାଷା-ସ୍ୱାଭିମାନକୁ ଆହତ କରୁନାହିଁ କି? ଆଜି ଆମେ ଏଭଳି ଏକ ପରିସ୍ଥିତି ସୃଷ୍ଟି କରିଦେଇଛୁ ଯାହା ଫଳରେ ଇଂରାଜୀ ଭାଷାର ଜ୍ଞାନ ନ ଥିଲେ ଓଡ଼ିଆ ପାଠକଟିଏ ନିଜ ଭାଷାର ପ୍ରବନ୍ଧଟିଏ ସମ୍ପୂର୍ଣ୍ଣ ରୂପେ ପଢ଼ି ବୁଝିପାରିବା କଷ୍ଟକର।

ଊନବିଂଶ ଶତାବ୍ଦୀରେ ଆରମ୍ଭ ହୋଇଥିବା ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଆଦିପର୍ବରେ ଏହି ରକମର ଅଯୌକ୍ତିକ ଧାରା ପ୍ରାୟ ନ ଥିଲା କହିଲେ ଚଳେ। କିନ୍ତୁ ବର୍ତ୍ତମାନ ଯୁଗରେ ଇଂରାଜୀ ଭାଷାର ଆଶ୍ରୟ ନ ନେଲେ ଓଡ଼ିଆରେ ତାତ୍ତ୍ୱିକ ବା ଗବେଷଣାମୂଳକ ପ୍ରବନ୍ଧଟିଏର ରଚନା ସଂପୂର୍ଣ୍ଣ ହୁଏନାହିଁ।

ଅବଶ୍ୟ ଏ କଥା ଅନସ୍ୱୀକାର୍ଯ୍ୟ ଯେ ସାମ୍ପ୍ରତିକ ସମୟରେ ଜ୍ଞାନର ବିସ୍ଫୋରଣ ଓ ପ୍ରସାର ଇଂରାଜୀ ଭାଷା ଜରିଆରେ ହିଁ ଏତେ ମାତ୍ରାରେ ଘଟିଛି ଯେ ଅନ୍ୟ କୌଣସି ଭାଷାରେ ପ୍ରବନ୍ଧଟିଏ ଲେଖିବାବେଳେ ସେଥିରେ ଇଂରାଜୀ ଭାଷାର କିଛି ନା କିଛି ଉଦ୍ଧୃତି ସ୍ଥାନ ପାଇବାର ସମ୍ଭାବନା ଅତି ସ୍ୱାଭାବିକ। କିନ୍ତୁ ଆମେ ଯଦି ନିଜର ପ୍ରବନ୍ଧରେ ଉଦ୍ଧାର କରୁଥିବା ସେହି ଇଂରାଜୀ ବାକ୍ୟ ବା ବାକ୍ୟାଂଶଗୁଡ଼ିକୁ ଓଡ଼ିଆ ଭାଷାରେ ଅନୁବାଦ କରି, କିମ୍ବା ତାହା ନ ହୋଇପାରିଲେ ଅନ୍ତତଃ ସେଗୁଡ଼ିକର ଓଡ଼ିଆ ଲିପିରେ ଟ୍ରାନ୍ସ୍‌ଲିଟରେସନ୍ କରି ଉପସ୍ଥାପନ କରିବା ତେବେ ପାଠକମାନେ ଏଥିଜନିତ ଅସୁବିଧାରୁ ରକ୍ଷାପାଇଯିବେ। ଆମର ପତ୍ରିକାରେ ପ୍ରକାଶ ପାଉଥିବା ପ୍ରବନ୍ଧଗୁଡ଼ିକରେ ଏଭଳି ଏକ ପ୍ରୟାସ ପାଠକମାନଙ୍କର ଦୃଷ୍ଟିଗୋଚର ହେଉଥିବ ବୋଲି ଆଶା।

**ନିହାର ଶତପଥୀ**

## ସାହିତ୍ୟ ବିଚାର

**କମଳାକାନ୍ତ ରଥ**




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

---

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୬୦୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୬୦୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

| | |
|---|---|
| *IFS Code* | : CNRB0018007 |
| *Account No.* | : 120000048648 |
| *Account Name* | : Sahitya Charcha |

ଉପରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି ବିଭିନ୍ନ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ ଜରିଆରେ ମଧ୍ୟ ଏହି ଦେୟ ପଠାଯାଇପାରେ, କିମ୍ବା ଆମର ଫୋନ୍-ପେ ନମ୍ବର 9368772506 କୁ ଏହା ପଠାଇପାରନ୍ତି।

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
www.sahityacharcha.com/subscription

## 'ସାହିତ୍ୟ ଚର୍ଚ୍ଚା'ର ଆଜୀବନ ସଦସ୍ୟବୃନ୍ଦ

୧. ଅଚ୍ୟୁତାନନ୍ଦ ପତି
୨. ଲୋପାମୁଦ୍ରା ମହାନ୍ତି
୩. କମଳାକାନ୍ତ ମହାପାତ୍ର
୪. ବସନ୍ତ କୁମାର ପଣ୍ଡା
୫. ଆରାଧନା ମିଶ୍ର
୬. ଶର୍ମିଷ୍ଠା ପ୍ରଧାନ
୭. ଅଶୋକ କୁମାର ପରିଡ଼ା
୮. ନୀଳମାଧବ ବିଶୋଇ
୯. ମନୋରମା ଚୌଧୁରୀ
୧୦. ଦାଶ ବେନହୁର
୧୧. ବିଜୟ କୁମାର ମହାପାତ୍ର
୧୨. ଉଦୟନାଥ ସାହୁ
୧୩. ନାରାୟଣ ମହାନ୍ତି
୧୪. ସିନିରୁଦ୍ଧ ଦାଶ
୧୫. ଦେବୀ ପ୍ରସନ୍ନ ପଟ୍ଟନାୟକ

ପତ୍ରିକାର ଆଜୀବନ ସଦସ୍ୟ ହେବା ପାଇଁ ଇଚ୍ଛୁକ ପାଠକବନ୍ଧୁମାନେ 'ସାହିତ୍ୟ ଚର୍ଚ୍ଚା'ର ନିମ୍ନଲିଖିତ ଫୋନ୍ ନମ୍ବରରେ ଯୋଗାଯୋଗ କରିପାରନ୍ତି।
**+91 9368772506**

ପ୍ରବନ୍ଧ

# ଓଡ଼ିଶାର ପୋଥି ପରମ୍ପରା



ମମତା ମିଶ୍ର

ଓଡ଼ିଶାରେ ଲିଖନ ପରମ୍ପରାର ପ୍ରଥମ ପରିଚୟ ଶିଳାଲେଖମାନଙ୍କରୁ ମିଳିଥାଏ । ଏହା କେବଳ ରାଜଆଜ୍ଞା ବା ଅନୁଶାସନକୁ ନେଇ ଲିଖିତ । ତାମ୍ରପତ୍ର ତଥା ଲୌହ ଫଳକ ଉପରେ ଲିଖିତ ଅନେକ ଅନୁଶାସନ ମଧ୍ୟ ଲିଖନ ପରମ୍ପରାର ପରିଚୟ ଦେଇଥାଏ । ମାତ୍ର ପୋଥି କହିଲେ କେବଳ ତାଳପତ୍ର ପୋଥିକୁ ବୁଝାଏ। ଉତ୍କଳ ପ୍ରାନ୍ତରେ ତାଳପତ୍ରର ଉପଲବ୍ଧି ଏହାର ମୁଖ୍ୟ କାରଣ। ଉତ୍କଳବାସୀ ଅନ୍ଧେ ବହୁତେ ସମସ୍ତ ଗାଁ'ମାନଙ୍କରେ ଥିବା ଭାଗବତ ଟୁଙ୍ଗୀରେ ପୋଥି ଦେଖିଥାନ୍ତି ବା ପୂଜା କରନ୍ତି। କାଳକ୍ରମେ କାଗଜର ଆବିର୍ଭାବ ପରେ କେତେକ ସ୍ଥଳରେ ପୋଥିମାନଙ୍କର ନକଲ କରାଯାଇଥିବାର ପ୍ରମାଣ ମିଳେ । କହିବା ବାହୁଲ୍ୟ ଯେ ଓଡ଼ିଶାର ଘରେ ଘରେ ପୋଥି ରଖୁଥିଲେ, ଯେଉଁଗୁଡ଼ିକ ଅଧିକାଂଶ ଓଡ଼ିଆ ଭାଗବତ ପୋଥି, ଯାହା ହେଉଛି ମୂଳ ପୋଥିର ଏକ ପ୍ରତିଲିପି ବା ନକଲ । ମାତ୍ର ଏହାର ମୂଳପୋଥି ଅଦ୍ୟାବଧି ଅନ୍ଧକାର ମଧ୍ୟରେ ଲୁଚି ରହିଛି । ଶିଳାଲେଖଗୁଡ଼ିକରେ ରାଜଗାଥା ଲିଖିତ ହୋଇଥିବା ସ୍ଥଳେ ପୋଥିରେ ଅନେକ ପାଠ୍ୟ ବିଷୟବସ୍ତୁମାନଙ୍କର ବର୍ଣ୍ଣନା ଓ ଆଲୋଚନା କରାଯାଇଥାଏ। ଏଣୁ ଭାରତର ପୋଥି ଏବେ କୋଟିଏ ସଂଖ୍ୟାରୁ ଊର୍ଦ୍ଧ୍ୱ ବୋଲି ଭାରତ ଜ୍ଞାନ ମିଶନ ଦ୍ୱାରା ଅନୁମାନ କରାଯାଇଛି । ବିଶେଷ କରି ଓଡ଼ିଶାରେ ଓଡ଼ିଆ ଲିପିରେ ଲିଖିତ ତାଳପତ୍ର ପୋଥିଗୁଡ଼ିକର ସଂଖ୍ୟା ୬ଲକ୍ଷ ବୋଲି ଆକଳନ କରାଯାଇଛି ।



ତେବେ ପୋଥିଗୁଡ଼ିକର ଲିଖନ ପରମ୍ପରାର ପ୍ରାରମ୍ଭ କେବେ ହେଲା ତାହା ଜଣାପଡ଼ିନାହିଁ । ଓଡ଼ିଆ ଅକ୍ଷରରେ ଲିଖିତ ସର୍ବପ୍ରାଚୀନ ତାଳପତ୍ର ପୋଥିଟି ହେଲା, ରାୟ ଦିବାକରଙ୍କ ଦ୍ୱାରା ରଚିତ 'ଅଭିନବ ଗୀତଗୋବିନ୍ଦ' ମହାକାବ୍ୟ। ପୁସ୍ତକଟିର ଲିଖନ (ରଚନା ଓ ପ୍ରତିଲିପି) ସମୟ ଖ୍ରୀଷ୍ଟୀୟ ୧୪୯୪ । ପୋଥିଟି ଗଜପତି ପୁରୁଷୋତ୍ତମଙ୍କ ନାମରେ ଉତ୍ସର୍ଗୀକୃତ ।

**ଉତ୍କଳ ପ୍ରାନ୍ତର ପୋଥି**

ପୋଥି ଲିଖନ ପରମ୍ପରା ଉତ୍କଳ ପ୍ରାନ୍ତରେ ବିଂଶ ଶତାବ୍ଦୀର ଆଦ୍ୟଭାଗ ପର୍ଯ୍ୟନ୍ତ ଅବ୍ୟାହତ ଥିଲା । ୧୯୨୫, ୧୯୩୦ ମସିହାରେ ନକଲ କରାଯାଇଥିବା ତାଳପତ୍ର ପୋଥି ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ପୋଥି ବିଭାଗରେ ସଂରକ୍ଷିତ । ଯଦ୍ୟପି କାଗଜର ବହୁଳ ବ୍ୟବହାର ସେହି ସମୟକୁ ହୋଇସାରିଥିଲା, ତେବେ ଗାଁ ଗହଳରେ ତାଳପତ୍ରର ଅଧିକ ସୁଲଭତା, ତାଳପତ୍ରସଞ୍ଚା ପ୍ରସ୍ତୁତ କରିବାର ସିଦ୍ଧହସ୍ତତା ଏବଂ ତାଳପତ୍ର ଉପରେ ଲେଖିପାରିବାର ଦକ୍ଷତା ଏହାର କାରଣ ହୋଇପାରେ। ମାତ୍ର ଦୁଃଖର ବିଷୟ ହେଉଛି, ଅଦ୍ୟାବଧି ଉତ୍କଳ ପ୍ରାନ୍ତରେ ଅତ୍ୟଧିକ ପୋଥି ଉପଲବ୍ଧ ହୋଇଥିଲେ ମଧ୍ୟ ବିଶ୍ୱଦରବାରରେ ଏପର୍ଯ୍ୟନ୍ତ ପୋଥିଗୁଡ଼ିକର ସମୁଚିତ ପରିଚୟ କରାଯାଇ ପାରିନାହିଁ।

ଏହାର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରଥମେ ଜେ.ଲଙ୍ଗ (୧୮୫୮) ଏ ବିଷୟରେ ପ୍ରଶଂସନୀୟ ପଦକ୍ଷେପ ନେଇଥିଲେ। ତାଙ୍କର କଟକ, ପୁରୀ ଓ ଭୁବନେଶ୍ୱରରେ ୧୦ ଦିନ ରହଣିକାଳ ମଧ୍ୟରେ ସେ କିଛି ଅଞ୍ଚଳ ପରିଭ୍ରମଣ କରି ଓଡ଼ିଶାର ସାହିତ୍ୟିକ ପରମ୍ପରାକୁ ଏକ ନୂଆ ରୂପରେଖ ଦେଇଯାଇଛନ୍ତି।

ସେ ଏହି ଅବସରରେ କେତେକ ସଂସ୍କୃତ ଓ ଓଡ଼ିଆ ପୋଥିଗୁଡ଼ିକୁ ସଂଗ୍ରହକରି ଏକ ତାଲିକା ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ନିମ୍ନୋକ୍ତ ଗ୍ରନ୍ଥଗୁଡ଼ିକର ନାମୋଲ୍ଲେଖ କରାଯାଇଛି ।

ସଂସ୍କୃତ

୧. ଉତ୍କଳଖଣ୍ଡ (ସ୍କନ୍ଦପୁରାଣର ଏକ ଅଂଶବିଶେଷ)।
୨. କ୍ଷେତ୍ର ମାହାତ୍ମ୍ୟ (ସ୍କନ୍ଦପୁରାଣର ଏକ ଅଂଶବିଶେଷ) ।
୩. କପିଳ ସଂହିତା ।
୪. ଇତିହାସ ସମୁଚ୍ଚୟ ।
୫. ଏକାମ୍ର ମାହାତ୍ମ୍ୟ ।
୬. ଶିବପୁରାଣ ।
୭. ସର୍ବଦର୍ଶନ ସଂଗ୍ରହ ।

ଓଡ଼ିଆ

୧. ମାଦଳାପାଞ୍ଜି ।
୨. ଗଜପତିବଂଶାବଳୀ ।
୩. ରାଜଚରିତ ।
୪. କାଞ୍ଚିକାବେରୀ ।
୫.ଜଗମୋହନ ରାମାୟଣ ।
୬. ଶଙ୍କର କଥା ।
୭. ଶଙ୍କରଚରିତ ।
୮. କେରଳୋତ୍ପତ୍ତି ।
୯. ଶଙ୍କର ବିଜୟ ।
୧୦. ରସ ମଞ୍ଜରୀ ।
୧୧. ରାସପଞ୍ଚମୀ ସହିତ ଅନେକ ମାହାତ୍ମ୍ୟ ଗ୍ରନ୍ଥର ସୂଚନା ମଧ୍ୟ ଦିଆଯାଇଛି ।

ଏହା ସହିତ ସେ ତତ୍କାଳୀନ ଓଡ଼ିଶାର ଧାର୍ମିକ ଓ ସାମାଜିକ ସ୍ଥିତି ଉପରେ କିଞ୍ଚିତ ଆଲୋକପାତ କରିଛନ୍ତି ଏବଂ ଦୁଃଖପ୍ରକାଶ କରି କହିଛନ୍ତି ଯେ, ଓଡ଼ିଆ ସାହିତ୍ୟ ଓ ଓଡ଼ିଆ ଇତିହାସ ଉପରେ ସେପରି ଉଲ୍ଲେଖଯୋଗ୍ୟ କାର୍ଯ୍ୟ ହୋଇପାରିନାହିଁ ।

ଏ ସଂକ୍ରାନ୍ତୀୟ ଗୋଟିଏ ପ୍ରବନ୍ଧ ଏସିଆଟିକ୍ ସୋସାଇଟି ଜର୍ଣ୍ଣାଲ୍‌ର ନଂ.୩ ପୃ-୧୮୯-୯୮ରେ ପ୍ରକାଶିତ ।

ତାଙ୍କ ପରେ ୱିଲିୟମ୍ ହଣ୍ଟରଙ୍କ ବହି 'ହିଷ୍ଟରୀ ଅଫ୍ ଓଡ଼ିଶା'ରେ ଲଙ୍ଗଙ୍କ ତାଲିକା ସ୍ଥାନ ପାଇଛି । (ହଣ୍ଟର୍ସ ଓରିଶା, ଖଣ୍ଡ-୨, ପୃ-୧୯୯-୨୧୦)

**ବିମ୍‌ସ୍‌ଙ୍କ ଅନୁସନ୍ଧାନ**

ଏହି ସବୁ ପୋଥିଗୁଡ଼ିକ ନେଇ ବାଲେଶ୍ୱରର ଜିଲ୍ଲାପାଳ ଜନ୍ ବିମ୍‌ସ ଅନୁସନ୍ଧାନ କାର୍ଯ୍ୟ ଚଳାଇଥିଲେ । ପରେ ତା' ଉପରେ ଏକ ବିସ୍ତୃତ ବିବରଣୀ ଦେଇଛନ୍ତି, ମାତ୍ର ପୋଥିଗୁଡ଼ିକ କେଉଁଠି ସଂରକ୍ଷିତ ତାହାର କୌଣସି ସୂଚନା ଦେଇନାହାନ୍ତି, ବରଂ ଏଥିରେ ସେ ଉତ୍କଳରେ ଉପଲବ୍ଧ ଗ୍ରନ୍ଥମାନଙ୍କର ଲେଖକମାନଙ୍କର ଏକ ଇଂରାଜୀ ଅକ୍ଷରାନୁକ୍ରମଣିକା ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ସେ ଗ୍ରନ୍ଥକାର ଓ ତାଙ୍କ ରଚିତ ଗ୍ରନ୍ଥଗୁଡ଼ିକର ପର୍ଯ୍ୟାଲୋଚନା କରିଛନ୍ତି । ଏଥିରେ ସମୁଦାୟ ୧୦୭ ଜଣ ଲେଖକ ସ୍ଥାନ ପାଇଛନ୍ତି ଏବଂ ୪୭ଟି ଗ୍ରନ୍ଥର ସୂଚନା ଦେଇଛନ୍ତି, ଯାହାର ଗ୍ରନ୍ଥକାରମାନଙ୍କ ବିଷୟରେ କୌଣସି ସୂଚନା ଉପଲବ୍ଧ ନୁହେଁ । ନିମ୍ନରେ ସେହି ତାଲିକାଭୁକ୍ତ କେତେକ ବିଶିଷ୍ଟ ଗ୍ରନ୍ଥଗୁଡ଼ିକର ସୂଚନା ଦିଆଗଲା ।

**ଜନ୍ ବିମ୍‌ସ ଏକ ବିସ୍ତୃତ ବିବରଣୀ ଦେଇଛନ୍ତି, ମାତ୍ର ପୋଥିଗୁଡ଼ିକ କେଉଁଠି ସଂରକ୍ଷିତ ତାହାର କୌଣସି ସୂଚନା ଦେଇନାହାନ୍ତି ।**

୧. ଅଭିମନ୍ୟୁ ସାମନ୍ତସିଂହାର - ବିଦଗ୍ଧ ଚିନ୍ତାମଣି - ୫୦୦ ବର୍ଷ ପ୍ରାଚୀନ । ୨. ଅଚ୍ୟୁତାନନ୍ଦ ଦାସ - ଅଚ୍ୟୁତାନନ୍ଦ ମାଳିକା- ୩୦୦ ବର୍ଷ ପରବର୍ତ୍ତୀ । ୩. ବେଢ଼ାପରିକ୍ରମା, ୪. ଭଗବଦ୍ ଗୀତା, ୫.ମହାଭାରତ (ଓଡ଼ିଆ) ୬. ରାମାୟଣ (ଓଡ଼ିଆ), ୭.ରସକେଳି, ୮. ବର୍ଦ୍ଧମାନ ମହାପାତ୍ର -ଦୁର୍ଗୋତ୍ସବ ଚନ୍ଦ୍ରିକା (୬୦୦ ବର୍ଷ ପ୍ରାଚୀନ), ବାସୁଦେବ ଶର୍ମା-ସାହିତ୍ୟଦର୍ପଣ ଟୀକା (ପ୍ରଭାସ୍ଫୂର୍ତ୍ତି), ୯. ଭଗବାନ କବିରାଜ- ଗୁଣ୍ଡିଚା ଚମ୍ପୁ (୬୦୦ ବର୍ଷ ପ୍ରାଚୀନ), ୯. ବିଶ୍ୱନାଥ ଖୁଣ୍ଟିଆ-ବିଚିତ୍ର ରାମାୟଣ (୩୦୦ ବର୍ଷ ପ୍ରାଚୀନ), ୧୦. ବିଶ୍ୱମ୍ଭର ମିଶ୍ର-ବିଚିତ୍ର ଭାରତ (୩୦୦ ବର୍ଷ ପ୍ରାଚୀନ) ।

ଏହି ପ୍ରକାରରେ ଅନ୍ୟ ବିଶିଷ୍ଟ ଗ୍ରନ୍ଥକାରମାନଙ୍କ ନାମ ସହ ସେମାନଙ୍କର କୃତି ଏବଂ ସମୟ ଉପରେ ଆଲୋକପାତ କରିଛନ୍ତି ।

୧. ଦୀନକୃଷ୍ଣ ଦାସ-୩୦୦ ବର୍ଷ ପୂର୍ବ- ୧୫ଟି କୃତି ।
୨. କୃପାସିନ୍ଧୁ ପଟ୍ଟନାୟକ-୩୦୦ ବର୍ଷପୂର୍ବ-୩ଟି କୃତି ।
୩. ଲୋକନାଥ ବିଦ୍ୟାଧର -୨୦୦ ବର୍ଷ ପୂର୍ବ- ୫ଟି କୃତି ।
୪. ମହାଦେବ ଦାସ ୨୦୦ ବର୍ଷ -୬ଟି କୃତି ।

୫. ମାର୍କଣ୍ଡ ଦାସ -୨ଟି କୃତି-୬୦୦ ବର୍ଷପୂର୍ବ ।
୬. ଉପେନ୍ଦ୍ର ଭଞ୍ଜ - ୪୨ କୃତି - ୩୦୦ ବର୍ଷ ପୂର୍ବ ଇତ୍ୟାଦି। ଏତଦ୍‌ବ୍ୟତୀତ ୪୭ ଖଣ୍ଡ ଗ୍ରନ୍ଥମାନଙ୍କର ନାମୋଲ୍ଲେଖ କରାଯାଇଛି, ମାତ୍ର ଗ୍ରନ୍ଥକାରଙ୍କ ବିଷୟରେ କୌଣସି ସୂଚନା ଦିଆଯାଇନାହିଁ।

## ମନମୋହନ ଚକ୍ରବର୍ତ୍ତୀଙ୍କ ମତ

ହଣ୍ଟରଙ୍କ ପରେ ଐତିହାସିକ ମନମୋହନ ଚକ୍ରବର୍ତ୍ତୀ ଓଡ଼ିଆରେ ରଚିତ ଗ୍ରନ୍ଥମାନଙ୍କର ଏକ ବିଧିବଦ୍ଧ ପରିଚୟ ପ୍ରଦାନ କରିଛନ୍ତି। ହଣ୍ଟରଙ୍କ ତାଲିକାରେ କିଛି ଦୋଷତ୍ରୁଟି ଦର୍ଶାଇ ଓଡ଼ିଆ ଭାଷା ଉପରେ ସଂସ୍କୃତ ଓ ତେଲୁଗୁର ପ୍ରଭାବ ଦର୍ଶାଇଛନ୍ତି। ସେ ସମୁଦାୟ ବିଷୟବସ୍ତୁକୁ ଚାରିଭାଗରେ ବିଭକ୍ତ କରି ଉପସ୍ଥାପନା କରିଛନ୍ତି । ୧. ଲାଙ୍ଗୁଏଜ୍ ଏଣ୍ଡ୍ ଆଲ୍‌ଫାବେଟ୍, ୨. ସଂସ୍କୃତ ଲିଟେରେଚର୍ ଅଫ୍ ଓରିଶା, ୩. ଓରିଆ ସଙ୍ଗସ୍ ଏଣ୍ଡ୍ ରିଲିଜିଅସ୍ ପୋଏମ୍‌ସ୍, ୪. ଦି ଲାଟର ଓରିଆ ପୋଏମ୍‌ସ୍ ।



ଅନୁସନ୍ଧାନ ଶେଷରେ ସେ ସର୍ବପ୍ରାଚୀନ ଲିଖିତ ପୋଥି ୧୭୩୬ ମସିହାରେ ବୋଲି ଉଲ୍ଲେଖ କରିଛନ୍ତି। ଏତଦ୍‌ବ୍ୟତୀତ ତାଙ୍କ ଦ୍ୱାରା ଉପଲବ୍ଧ ସଂସ୍କୃତ ଗ୍ରନ୍ଥଗୁଡ଼ିକ ମଧ୍ୟରେ ପୁରାଣ ଏବଂ ସ୍ମୃତି ଗ୍ରନ୍ଥ ଅଧିକ ଥିଲା ବୋଲି ଜଣାପଡ଼େ। ପୁରାଣ ଗ୍ରନ୍ଥଗୁଡ଼ିକ ହେଲା- ୧. ବିରଜା ମାହାତ୍ମ୍ୟ, ୨. ଏକାମ୍ର ପୁରାଣ, ୩. ଏକାମ୍ର ଚନ୍ଦ୍ରିକା, ୪. ସ୍ୱର୍ଣ୍ଣାଦ୍ରିମହୋଦୟ, ୫. ପୁରୁଷୋତ୍ତମ ମାହାତ୍ମ୍ୟ, ୬. ଅର୍କ ମାହାତ୍ମ୍ୟ, ୭. କପିଳ ସଂହିତା । ସ୍ମୃତି ଗ୍ରନ୍ଥ - ୮. ବିଦ୍ୟାକରଙ୍କ ଦ୍ୱାରା ଲିଖିତ ବିଦ୍ୟାକର ପଦ୍ଧତି, ୯.କାଳିଦାସଙ୍କ ଦ୍ୱାରା ରଚିତ ଶୁଦ୍ଧିଚନ୍ଦ୍ରିକା, ୧୦. ଶମ୍ଭୁକର ବାଜପେୟୀଙ୍କ ଦ୍ୱାରା ରଚିତ ଶମ୍ଭୁକରପଦ୍ଧତି, ୧୧. ରାମଚନ୍ଦ୍ର ବାଜପେୟୀଙ୍କ ଦ୍ୱାରା ରଚିତ କର୍ମାଙ୍ଗପଦ୍ଧତି, ନରସିଂହ ବାଜପେୟୀଙ୍କ ଦ୍ୱାରା ଲିଖିତ ଆଚାରପ୍ରଦୀପ ଆଦି ।

ପରେ ପରେ ଧାର୍ମିକ ରଚନାବଳିର ସୂଚନା ଦେବାକୁ ଯାଇ ଶ୍ରୀମଦ୍‌ଭାଗବତ, ରାମାୟଣ, ମହାଭାରତ, ହରିବଂଶ ଇତ୍ୟାଦି ଗ୍ରନ୍ଥଗୁଡ଼ିକର ଓଡ଼ିଆ ପଦ୍ୟାନୁବାଦ, ଗଦ୍ୟାନୁବାଦ ବିଷୟରେ କୁହାଯାଇଛି। ତେବେ ଏକ ବିସ୍ତୃତ ଆଲୋଚନା ପରେ ଦୀନକୃଷ୍ଣ ଦାସ, ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବ୍ରହ୍ମାଙ୍କ ଉପରେ ସ୍ୱତନ୍ତ୍ର ଆଲୋଚନା କରାଯାଇଛି।

ମାତ୍ର ଏ ସମସ୍ତ ଆଲୋଚନା ତାଳପତ୍ର ପୋଥି ଉପରେ ଆଧାରିତ ହୋଇଥିଲେ ମଧ୍ୟ, ଏହି ପୋଥିଗୁଡ଼ିକ କେଉଁ ଅଞ୍ଚଳରୁ ସଂଗୃହୀତ ହୋଇଥିଲା, କେଉଁଠାରେ ସୁରକ୍ଷିତ ଅଛି ସେ ବିଷୟରେ କୌଣସି ସୂଚନା ଉପଲବ୍ଧ ନୁହେଁ।

ଭାରତରେ ବିଧିବଦ୍ଧ ପୋଥି ସର୍ବେକ୍ଷଣ ଏବଂ ସଂରକ୍ଷଣ ତତ୍କାଳୀନ ଇଂରେଜ ସରକାର ୧୮୬୮ ମସିହାରେ ଆରମ୍ଭ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ମହତ କାର୍ଯ୍ୟ ଲାହୋରର ଜଣେ ପଣ୍ଡିତଙ୍କ ଅନୁରୋଧ କ୍ରମେ କରାଯାଇଥିଲା। ସେ ଥିଲେ ପଣ୍ଡିତ ରାଧାକୃଷ୍ଣନ୍ ଯିଏ ୧୮୬୮ ମସିହା ମେ’ ମାସ ୧୦ ତାରିଖରେ ତତ୍କାଳୀନ ଗଭର୍ଣ୍ଣର ଜେନେରାଲଙ୍କୁ ଚିଠି ଲେଖି ହସ୍ତଲିଖିତ ପୋଥିଗୁଡ଼ିକର ସର୍ବେକ୍ଷଣ, ସଂରକ୍ଷଣର ଆବଶ୍ୟକତା ଅଛି ବୋଲି ଜଣାଇଥିଲେ। ଅନ୍ୟଥା ଏସବୁ ନଷ୍ଟ ହୋଇଯିବ ବୋଲି ଉଦ୍‌ବେଗ ମଧ୍ୟ ପ୍ରକାଶ କରିଥିଲେ। ତାଙ୍କ ପତ୍ର ଓ ଭାବନାକୁ ସମ୍ମାନଦେଇ ତତ୍କାଳୀନ ଗଭର୍ଣ୍ଣର ଜେନେରାଲ ସେହି ବର୍ଷ ନଭେମ୍ବର (୧୮୬୮) ମାସ ୩ ତାରିଖରେ ସର୍ବଭାରତୀୟ ସ୍ତରରେ ସର୍ବେକ୍ଷଣ କରିବାକୁ ନିର୍ଦ୍ଦେଶ ଦେବା ସହିତ ବିଭିନ୍ନ ରାଜ୍ୟରେ ଭାରତୀୟ ଏବଂ ବୈଦେଶିକ ସର୍ବେକ୍ଷଣ ଅଧିକାରୀମାନଙ୍କୁ ନିୟୋଜିତ କରିଥିଲେ।

ଉତ୍କଳର ଉତ୍ତର ଭାଗର ସର୍ବେକ୍ଷଣ ରାଜେନ୍ଦ୍ରଲାଲ ମିତ୍ର ଓ ହରପ୍ରସାଦ ଶାସ୍ତ୍ରୀଙ୍କ ଉପରେ ନ୍ୟସ୍ତ କରିଥିଲାବେଳେ ଦକ୍ଷିଣ ଓଡ଼ିଶାର ସର୍ବେକ୍ଷଣ କାର୍ଯ୍ୟ କର୍ଣ୍ଣେଲ କଲିନ୍ ମାକେନ୍‌ଜିଙ୍କ ଉପରେ ଛଡ଼ା ଯାଇଥିଲା। ରାଜେନ୍ଦ୍ରଲାଲ ମିତ୍ର ତାଙ୍କ ରିପୋର୍ଟ (ନୋଟିସେସ୍ ଅଫ୍ ପାମ୍-ଲିଫ୍ ମାନୁସ୍କ୍ରିପ୍ଟସ୍)ରେ ଲେଖିଛନ୍ତି, ମାତ୍ର ତାହା କେବଳ ଉତ୍କଳ ପ୍ରାନ୍ତ ପାଇଁ ସୀମିତ ନୁହେଁ। ତେଣୁ

ଉତ୍କଳରୁ କେତେ ପୋଥି ସର୍ବେକ୍ଷଣ କରିଥିଲେ ବା କେତେ ପୋଥି ସଂଗ୍ରହ କରିଥିଲେ ତାହାର ସ୍ୱତନ୍ତ୍ର ତାଲିକା ଅନୁପଲବ୍ଧ। ଠିକ୍ ସେହିପରି ମାକେନ୍‌ଜି ଦକ୍ଷିଣ ଓଡ଼ିଶା ପରିଭ୍ରମଣ କରି ପୋଥି ସଂଗ୍ରହ କରିବା ସହିତ ତେଲୁଗୁ ଓ ତାମିଲ ପଣ୍ଡିତମାନଙ୍କୁ ପଠାଇ ଓଡ଼ିଆ ଅକ୍ଷରରେ ଲିଖିତ କେତେକ ମୂଲ୍ୟବାନ ପୋଥିଗୁଡ଼ିକୁ ସ୍ଥାନୀୟ ପଣ୍ଡିତମାନଙ୍କ ସାହାଯ୍ୟରେ ନକଲ କରାଇଥିଲେ। ସେ ସବୁ ପ୍ରାୟତଃ ସରକାରୀ ପ୍ରାଚ୍ୟବିଦ୍ୟା ପୋଥି ସଂଗ୍ରହାଳୟ, ଚେନ୍ନାଇରେ ସୁରକ୍ଷିତ ଅଛି। ଅତ୍ୟନ୍ତ ଆନନ୍ଦର ବିଷୟ ହେଉଛି ଯେ, ସେହିସବୁ ନକଲ କରାଯାଇଥିବା ପୋଥି ମଧ୍ୟରେ ଏପରି ପୁସ୍ତକ ଉଦ୍ଧୃତ ହୋଇ ରହିଛି ଯାହାର ପ୍ରତିଲିପି ବର୍ତ୍ତମାନ ଉତ୍କଳ ପ୍ରାନ୍ତରେ ଉପଲବ୍ଧ ନୁହେଁ। ଯଦି ସେହି ସମୟରେ ପ୍ରତିଲିପି କରାହୋଇ ନଥାନ୍ତା, ତେବେ ଆମେ ଅନେକ ମୂଲ୍ୟବାନ ପୋଥି ହରାଇବା ଭଳି ସେହି ପୋଥିଗୁଡ଼ିକୁ ମଧ୍ୟ ହରାଇ ବସିଥାନ୍ତେ।

**ରାଜ୍ୟ ବାହାରେ ଓଡ଼ିଆ ପୋଥି**

ଏତଦ୍‌ବ୍ୟତୀତ ଚେନ୍ନାଇର ଥିଓସୋଫିକାଲ ସୋସାଇଟି; ସରସ୍ୱତୀ ମହଲ ଲାଇବ୍ରେରୀ, ତାଞ୍ଜାଭୁର ଏବଂ ରୟାଲ ଏସିଏଟିକ ସୋସାଇଟି, ବେଙ୍ଗଲରେ ଅନେକ ପୋଥି ସଂଗୃହୀତ ହୋଇରହିଛି। ମାତ୍ର ସେଠାରୁ ଅନେକ ପୋଥି ଲଣ୍ଡନକୁ ମଧ୍ୟ ସ୍ଥାନାନ୍ତରିତ ହୋଇଯାଇଛି। ଏହି ସର୍ବେକ୍ଷଣ ଊଣା ଅଧିକେ ଓଡ଼ିଆମାନଙ୍କର ବୁଦ୍ଧି, ଜ୍ଞାନ ଓ ବିଚାରଧାରାର ପରିଚୟ ଦେଇପାରିଛି। ଏ ସମସ୍ତ ସରକାରୀ କାର୍ଯ୍ୟାନୁଷ୍ଠାନ ସହିତ ଓଡ଼ିଶାର ସ୍ୱନାମଧନ୍ୟ ପଣ୍ଡିତ ଆର୍ତ୍ତବଲ୍ଲଭ ମହାନ୍ତି ତାଳପତ୍ର ପୋଥିଗୁଡ଼ିକୁ କୀଟ, ନଈବଢ଼ି, ଅଗ୍ନି ମୁଖରୁ ଉଦ୍ଧାର କରିବା ନିମିତ୍ତ ଯେଉଁ ପଦକ୍ଷେପ ନେଇଥିଲେ ସେଥିପାଇଁ ସମଗ୍ର ଓଡ଼ିଆଜାତି ତାଙ୍କ ନିକଟରେ କୃତଜ୍ଞ ରହିବ । ପ୍ରାଚୀ ସମିତି ନାମରେ ଏକ ଗବେଷଣା ସଂସ୍ଥା ପ୍ରତିଷ୍ଠାକରି ସେ ପ୍ରାୟ ୫୪ ଖଣ୍ଡ କାବ୍ୟ କବିତାର ସମୀକ୍ଷାତ୍ମକ ସମ୍ପାଦନା କରି ପ୍ରକାଶ କରିଛନ୍ତି। ସେ ୧୯୨୪ ତଥା ୧୯୨୫ରେ ବିଦଗ୍ଧ ଚିନ୍ତାମଣି, ସ୍ତୁତି ଚିନ୍ତାମଣି, ରହସ୍ୟ ମଞ୍ଜରୀଗ୍ରନ୍ଥଗୁଡ଼ିକର ଶୁଦ୍ଧପାଠ ଉଦ୍ଧାରକରି ପ୍ରକାଶ କରିଥିଲେ। ଉପେନ୍ଦ୍ର ଭଞ୍ଜ କୃତ ଲାବଣ୍ୟବତୀର ସେ ଏକ ପ୍ରାଚୀନ ପ୍ରକାଶିତ ପୁସ୍ତକ ସହିତ ବାରଖଣ୍ଡ ପୋଥିରୁ ପାଠ ଉଦ୍ଧାର କରି ଏକ ଶୁଦ୍ଧ ସମ୍ପାଦନା କରିଛନ୍ତି।

ଓଡ଼ିଆ ଭାଷା ଓ ଅକ୍ଷରରେ ଲିଖିତ ତାଳପତ୍ର ପୋଥିଗୁଡ଼ିକର ବହୁଳତା ଦେଖି ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ତତ୍କାଳୀନ ଅଧୀକ୍ଷକ ପରମାନନ୍ଦ ଆଚାର୍ଯ୍ୟ ଓ ଐତିହାସିକ କେଦାରନାଥ ମହାପାତ୍ରଙ୍କ ପ୍ରଚେଷ୍ଟା ଫଳରେ ୧.୪.୧୯୫୦ରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଏକ ପୋଥି ବିଭାଗ ଖୋଲା ଯାଇଥିଲା। ଏ ସମସ୍ତ ସର୍ବେକ୍ଷଣ ପରେ ଉତ୍କଳ ପ୍ରାନ୍ତରେ ତାଳପତ୍ର ପୋଥିକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ୧୯୫୯ ମସିହାରେ ପ୍ରଥମଥର ପାଇଁ ରଖାଯାଇଥିଲା। ସର୍ବଭାରତୀୟ ପ୍ରାଚ୍ୟବିଦ୍ୟା ସମ୍ମିଳନୀର ତ୍ରୟୋଦଶ ୧୯୫୯ ମସିହାରେ ଭୁବନେଶ୍ୱରରେ କରାଯାଇଥିଲା। ଏହା ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଏହି ପ୍ରଦର୍ଶନୀରେ ତାମ୍ର ଫଳକ, ଶିଳାଲେଖ, ପ୍ରାଚୀନ ମୁଦ୍ରା ସହିତ ଓଡ଼ିଶାର ଗର୍ବ ଓ ଗୌରବ ତାଳପତ୍ର ପୋଥି ପ୍ରଦର୍ଶିତ ହୋଇଥିଲା। ଏଥିରେ ଡାକ୍ତର ସତ୍ୟନାରାୟଣ ରାଜଗୁରୁଙ୍କ ଦ୍ୱାରା ୧୪ଟି ତାମ୍ର ଫଳକ, ଡାକ୍ତର କୁଞ୍ଜବିହାରୀ ତ୍ରିପାଠୀଙ୍କ ଦ୍ୱାରା ୧୫ଟି ଶିଳାଲେଖ, କିଛି ପ୍ରାଚୀନ ମୁଦ୍ରା ଏବଂ କେତେକ ପ୍ରକାଶିତ ଗ୍ରନ୍ଥ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଐତିହାସିକ କେଦାରନାଥ ମହାପାତ୍ରଙ୍କ ଦ୍ୱାରା ୧୬ଟି ସଂସ୍କୃତ ଓ ଓଡ଼ିଆ ଭାଷାରେ ଲିଖିତ ପୋଥି, ୨୪ଟି ତାଳପତ୍ର ଚିତ୍ରିତ ପୋଥି ଏବଂ ଗୋଟିଏ କାଗଜ ପୋଥି ପ୍ରଦର୍ଶିତ ହୋଇଥିଲା। କେଦାରନାଥ ମହାପାତ୍ରଙ୍କ ସହିତ ସଦାଶିବ ରଥଶର୍ମାଙ୍କ ଦ୍ୱାରା ୧୦ଖଣ୍ଡ ତାଳପତ୍ର ପୋଥି ୧୦ଖଣ୍ଡ ଚିତ୍ରିତ କାଗଜ ପୋଥି, ୧୫ଖଣ୍ଡ ଚିତ୍ରିତ ତାଳପତ୍ର ପୋଥି, ଡାକ୍ତର ବଂଶୀଧର ମହାନ୍ତିଙ୍କ ଦ୍ୱାରା ୭ଖଣ୍ଡ ସଂସ୍କୃତ ଓ ଓଡ଼ିଆ ପୋଥି, ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଦୁଇ ଖଣ୍ଡ ସଂସ୍କୃତ ପୋଥି ପ୍ରଦର୍ଶିତ ହୋଇଥିଲା। ଏହା ସହିତ ଲେଖନୀ, ଚିତ୍ରିତପଟ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏହି ସମସ୍ତ ପ୍ରଦର୍ଶିତ ବସ୍ତୁଗୁଡ଼ିକର ତାଲିକା ପ୍ରସ୍ତୁତ ହୋଇ ପ୍ରୋସିଡିଙ୍ଗ୍‌ସ୍ ଅଫ୍ ଏ.ଆଇ.ଓ.ସି, ବି.ଓ.ଆର.ଆଇ, ପୁଣେ ଦ୍ୱାରା ୧୯୬୨ରେ ପ୍ରକାଶିତ ହୋଇଛି।

**ବିଧିବଦ୍ଧ ଭାବରେ ପୋଥିଗୁଡ଼ିକର ଏକ ବିବରଣୀ ତାଲିକା ଐତିହାସିକ କେଦାରନାଥ ମହାପାତ୍ରଙ୍କ ଦ୍ୱାରା ପ୍ରାରମ୍ଭ କରାଯାଇଥିଲା।**

## ପୋଥିଗୁଡ଼ିକର ବିବରଣୀ ତାଲିକା

ଏହାପରେ ଏକ ବିଧିବଦ୍ଧ ଭାବରେ ପୋଥିଗୁଡ଼ିକର ବିବରଣୀ ତାଲିକା ଐତିହାସିକ କେଦାରନାଥ ମହାପାତ୍ରଙ୍କ ଦ୍ୱାରା ପ୍ରାରମ୍ଭ କରାଯାଇଥିଲା। ସେ ନିଜର ଦୂରଦୃଷ୍ଟି ଓ ଅନୁସନ୍ଧାନର ଦୃଷ୍ଟିକୋଣକୁ ନେଇ ରାଜ୍ୟ ସଂଗ୍ରହାଳୟରେ ସଂଗୃହୀତ ପୋଥିଗୁଡ଼ିକର ବିଷୟକୁ ସମ୍ମୁଖରେ ରଖି ଯେଉଁ ଯୁକ୍ତିସମ୍ମତ ବିଭାଗୀକରଣ କରିଛନ୍ତି, ତାହା ଯେକୌଣସି ବିଷୟ ଉପରେ ଗବେଷଣା କରୁଥିବା ଗବେଷକଙ୍କ ନିମିତ୍ତ ଏକ ମାର୍ଗଦର୍ଶିକା। ବିଷୟବସ୍ତୁର ଆଧାରରେ ସମୁଦାୟ ୨୭ଟି ବିଭାଗରେ ପୋଥିଗୁଡ଼ିକୁ ପଞ୍ଜୀକରଣ କରିଛନ୍ତି। ସର୍ବସାଧାରଣଙ୍କର ଯାହା ଧାରଣା ପୋଥି କହିଲେ କେବଳ ପୁରାଣ ବା ତନ୍ତ୍ର-ମନ୍ତ୍ର ଥାଇପାରେ । କେବଳ ଏହି ୨୭ଟି ବିଭାଗର ନାମ ଜାଣିଗଲେ ବି ଏହି ଭ୍ରାନ୍ତି ଦୂର ହୋଇଯିବ । ପୋଥିଗୁଡ଼ିକ ବେଦ ବିଭାଗର ପୈପ୍ପଳାଦ ସଂହିତା; ସଂସ୍କୃତ କାବ୍ୟ ବିଭାଗର ଗୀତଗୋବିନ୍ଦ ଓ ତଦୁପରି ଟୀକା, ଓଡ଼ିଆ କାବ୍ୟ ବିଭାଗର ପଞ୍ଚସଖା ସାହିତ୍ୟ, ଉପେନ୍ଦ୍ର ଭଞ୍ଜଙ୍କର ଭିନ୍ନ ଭିନ୍ନ କୃତି ସହିତ ଚଉତିଶା, ଚୌପଦୀ, ପୋଇ, ଭଜନ, ପାଲା ଇତ୍ୟାଦି ସମଗ୍ର ଓଡ଼ିଆ ଜ୍ଞାନ ପରମ୍ପରାକୁ ପରିଚିତ କରାଏ। ତାଳପତ୍ର ଉପରେ ଚିତ୍ର ଆଙ୍କିବା ଓ ବିଷୟବସ୍ତୁର ଉପସ୍ଥାପନା କରିବା ଓଡ଼ିଆ କବି କାରିଗରଙ୍କର ଏକ ସ୍ୱତନ୍ତ୍ର କୀର୍ତ୍ତି। ବିଦଗ୍ଧ ମାଧବ ନାଟକ, ଗୀତଗୋବିନ୍ଦ, ଚତୁଃଷଷ୍ଠି ରତିବନ୍ଧ ଭଳି ଅନେକ ଚିତ୍ର ପୋଥିକୁ ସେ ଭାବରେ ଏକ ସ୍ୱତନ୍ତ୍ର ବିଭାଗ କରି ସେସବୁର ତାଲିକା ପ୍ରସ୍ତୁତ କରି ଯାଇଥିଲେ । ପରେ ପରେ ସୁଯୋଗ୍ୟ ଗୁରୁଙ୍କର ସୁଯୋଗ୍ୟ ଛାତ୍ର ହୋଇ ପଣ୍ଡିତ ନୀଳମଣି ମିଶ୍ର ସେହି ଗବେଷଣା କାର୍ଯ୍ୟକୁ ଆଗକୁ ବଢ଼ାଇ ଆମମାନଙ୍କ ନିକଟରେ ଜ୍ଞାନର ଏକ ବିଶାଳ ସାଗର ରଖି ଯାଇଛନ୍ତି।



ସଂରକ୍ଷିତ ସ୍ମୃତି ଗ୍ରନ୍ଥଗୁଡ଼ିକର ବିବରଣ ତାଲିକା (ଏ ଡେସ୍କ୍ରିପ୍‌ଟିଭ୍ କାଟଲଗ୍ ଅଫ୍ ସଂସ୍କୃତ ମାନୁସ୍କ୍ରିପ୍ଟ୍‌ସ୍, ଭାଗ-୧) ୧୯୫୮ରେ ପ୍ରକାଶିତ ହୋଇଥିଲା ଏବଂ ସେଥିରେ ୨୫୭ ଖଣ୍ଡ ପୋଥିର ବିବରଣୀ ଦେବା ସହିତ ଓଡ଼ିଶାର ସ୍ମୃତି ପରମ୍ପରା ଉପରେ ଐତିହାସିକ କେଦାରନାଥ ଉପକ୍ରମଣିକାରେ ସୂଚନା ଦେଇଛନ୍ତି। ତତ୍‌ସହିତ ଉତ୍କଳୀୟ ସ୍ମୃତିକାରଙ୍କ ଦ୍ୱାରା ଉଲ୍ଲିଖିତ ଅନ୍ୟାନ୍ୟ ଲେଖକ ଓ କୃତିର ଅନୁକ୍ରମଣିକା ମଧ୍ୟ ଦେଇଛନ୍ତି। କେଦାରନାଥ ମହାପାତ୍ରଙ୍କ ଦ୍ୱାରା ୪ ଖଣ୍ଡ ବିବରଣାତ୍ମକ ତାଲିକା କରାଯାଇଥିଲା। ଡା. ମହେଶ ପ୍ରସାଦ ଦାସଙ୍କ ଦ୍ୱାରା ପଞ୍ଚମ ଭାଗ ଓ ପରେ ନୀଳମଣି ମିଶ୍ରଙ୍କ ଦ୍ୱାରା ଓଡ଼ିଆ ପୋଥିଗୁଡ଼ିକର ବିବରଣ ତାଲିକା ପ୍ରସ୍ତୁତ କରାଯାଇ ପ୍ରକାଶିତ ହୋଇଛି । ରାଜ୍ୟସଂଗ୍ରହଳୟରୁ କେତେକ ଅକ୍ଷରାନୁକ୍ରମଣିକା ତାଲିକା ମଧ୍ୟ ହୋଇ ପ୍ରକାଶିତ ହୋଇଛି।

ଏହାପରେ ଚିତ୍ରପୋଥି, ଗୀତଗୋବିନ୍ଦ ପୋଥିଗୁଡ଼ିକର ବିଶେଷ ତାଲିକା ମଧ୍ୟ ପ୍ରସ୍ତୁତ ହୋଇ ପ୍ରକାଶିତ ହୋଇଛି। ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ବ୍ୟତୀତ କେଦାରନାଥ ଗବେଷଣା ପ୍ରତିଷ୍ଠାନ, ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟମାନଙ୍କରେ ପୋଥି ସଂରକ୍ଷିତ ରହିଛି; ଯାହାର ବିବରଣାତ୍ମକ ତାଲିକା ମଧ୍ୟ ପ୍ରକାଶିତ। ଏତଦ୍‌ବ୍ୟତୀତ ଅନେକ ବେସରକାରୀ ଅନୁଷ୍ଠାନ, ମଠ, ମନ୍ଦିର ତଥା ଗ୍ରାମାଞ୍ଚଳରେ ଘରମାନଙ୍କରେ ବହୁଳ ପରିମାଣରେ ଉପଲବ୍ଧ, ମାତ୍ର ପ୍ରକୃତ ସର୍ବେକ୍ଷଣ ଅଭାବରୁ ପ୍ରକୃତ ତଥ୍ୟ ପାଇବା ସମ୍ଭବପର ହେଉନାହିଁ। ଏହା ସହିତ ରାଜ୍ୟ ବାହାରେ ଯଥା- ଅହମଦାବାଦ, ରାଜସ୍ଥାନର ଜୟପୁର, ବୃନ୍ଦାବନ, ଚେନ୍ନାଇ, ବେଙ୍ଗଲ ଆଦି ସ୍ଥାନମାନଙ୍କରେ ଓଡ଼ିଆ ଲିପିରେ ଲିଖିତ ଅନେକ ପୋଥି ଥିବାର ସୂଚନା ମିଳିଛି।

## ସଙ୍କଳନର ଆବଶ୍ୟକତା

ତେବେ ବର୍ତ୍ତମାନ ଏହିସବୁ ପୋଥିଗୁଡ଼ିକର ସଙ୍କଳନର ଆବଶ୍ୟକତା ରହିଛି। ବିଶେଷ କରି ଭାରତର ପୋଥି ସମ୍ପଦ କେବଳ ଭାରତରେ ନୁହେଁ, ଭାରତ ବାହାରେ ମଧ୍ୟ ଅନେକ ସ୍ଥାନରେ ସଂରକ୍ଷିତ ହୋଇ ରହିଛି। ସେଥି ମଧ୍ୟରୁ କେବଳ ସଂସ୍କୃତ, ପାଳି ଓ ପ୍ରାକୃତ ପୋଥିମାନଙ୍କର ଏକ ବୃହତ୍ ବିବରଣ ପଞ୍ଜିକା ୪୨ ଖଣ୍ଡରେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରେ ପ୍ରସ୍ତୁତ ହୋଇସାରିଛି, ଯେଉଁଥିରୁ ୩୯ଖଣ୍ଡ ପୁସ୍ତକ ପ୍ରକାଶ ପାଇଛି ।

ଯେଉଁଥିରେ ସମଗ୍ର ବିଶ୍ୱରେ ଥିବା ଭାରତୀୟ ପୋଥିମାନଙ୍କର ପଞ୍ଜୀକରଣ କରାଯାଇଛି। ଏଥିରେ ସମଗ୍ର ବିଶ୍ୱରେ ଦୁଇ ହଜାରରୁ ଅଧିକ ସଂଗ୍ରହାଳୟରେ ସଂରକ୍ଷିତ ସଂସ୍କୃତ, ପାଲି ଓ ପ୍ରାକୃତ ଭାଷାରେ ଲିଖିତ ଗ୍ରନ୍ଥମାନଙ୍କର ସୂଚୀ ପ୍ରଦାନ କରାଯାଇଛି। ଏହି ପୋଥିଗୁଡ଼ିକ ମଧ୍ୟ ବିଭିନ୍ନ ଭାରତୀୟ ଲିପିମାନଙ୍କରେ ଲେଖାଯାଇଛି। ଏତଦ୍‌ବ୍ୟତୀତ ପ୍ରତ୍ୟେକ ଗ୍ରନ୍ଥ କେଉଁ ବିଷୟରେ ଲେଖାହୋଇଛି ତାହା ମଧ୍ୟ ନିର୍ଦ୍ଦେଶ କରାଇ ଦିଆଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟକର ବିଷୟ ହେଲା ଯେଉଁ ଗ୍ରନ୍ଥ ଉପରେ ଅଧିକ ଟୀକା ଲେଖା ଯାଇଛି, ତାହାର ଗୁରୁତ୍ୱ ଅଧିକ ଥିବାର ଜଣାପଡ଼େ। ଉଦାହରଣ ସ୍ୱରୂପ -ଭାରତୀୟ ଜ୍ଞାନ ପରମ୍ପରାର ଏକ ବିଶିଷ୍ଟ ଗ୍ରନ୍ଥ ହେଉଛି ବ୍ୟାସଦେବଙ୍କ କୃତ ବ୍ରହ୍ମସୂତ୍ର, ଯାହା ଉପରେ ଅଦ୍ୟାବଧି ଚାରି ଶହ ଟୀକା ଉପଲବ୍ଧ ଏବଂ ଏହି ଟୀକା ସବୁ ୮ଟି ସମ୍ପ୍ରଦାୟରେ ବିଭକ୍ତ-ଅଦ୍ୱୈତ ବିଶିଷ୍ଟ। ଦ୍ୱୈତ, ଅଦ୍ୱୈତ, ଶିବାଦ୍ୱୈତ, ଦ୍ୱୈତାଦ୍ୱୈତ, ଅଚିନ୍ତ୍ୟ ଭେଦାଭେଦ, ଶୁଦ୍ଧାଦ୍ୱୈତ, ଆଦି। ଏଭଳି ଗ୍ରନ୍ଥ ପୃଥିବୀର କୌଣସି ଭାଷାରେ ଦେଖାଯାଏ ନାହିଁ। ଏଥିମଧ୍ୟରୁ ଅଚିନ୍ତ୍ୟ ଭେଦାଭେଦ ସମ୍ପ୍ରଦାୟମୂଳକ ଭାଷ୍ୟକାର ଓଡ଼ିଶାର ବରପୁତ୍ର ବଳଦେବ ବିଦ୍ୟାଭୂଷଣ କରିଥିଲେ, ଯିଏ ବାଲେଶ୍ୱର ନିକଟସ୍ଥ ରେମୁଣା ଗ୍ରାମରେ ଜନ୍ମଲାଭ କରିଥିଲେ। ତାଙ୍କ ଦ୍ୱାରା ଲିଖିତ ଏହି ଟୀକାର କେତେକ ନକଲ ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ। ସେ ନିଜର ଭାଷ୍ୟକୁ ବୁଝାଇବା ନିମିତ୍ତ ତା' ଉପରେ ସ୍ୱତନ୍ତ୍ର ଟୀକା ମଧ୍ୟ ଲେଖିଛନ୍ତି ମାତ୍ର ସେସବୁର ମୂଳ ଗ୍ରନ୍ଥ ଅଦ୍ୟାବଧି ଅନୁପଲବ୍ଧ। ପ୍ରସିଦ୍ଧ ଗୀତଗୋବିନ୍ଦ କାବ୍ୟ ଉପରେ ୬୫ରୁ ଅଧିକ ଟୀକା ଟିପ୍ପଣୀ ଥିବାର ସୂଚନା ମଧ୍ୟ ଏହି ବିବରଣୀ ତାଲିକାରେ ପ୍ରଦତ୍ତ ହୋଇଛି। ସେହିପରି ଓଡ଼ିଶାର ଗର୍ବ ଓ ଗୌରବ ଏକାଦଶ ଶତାବ୍ଦୀର ଶ୍ରୀମାନ ଶତାନନ୍ଦଙ୍କ ଦ୍ୱାରା ବିରଚିତ ଗଣିତ ଗ୍ରନ୍ଥ ଭାସ୍ୱତୀର ମୂଳଗ୍ରନ୍ଥ ମଧ୍ୟ ଅନୁପଲବ୍ଧ। ଏପରିକି ଓଡ଼ିଆ ଲିପିରେ ଲିଖିତ ସଂସ୍କୃତ ମହାଭାରତ, ରାମାୟଣର ପ୍ରତିଲିପି ପଞ୍ଜିକାର ନାମ ମଧ୍ୟ ନଥିବାରୁ ଜାତୀୟ ସ୍ତରରେ ଉପସ୍ଥାପନା କରାଯାଇପାରିନାହିଁ।

ମାଡ୍ରାସ ବିଶ୍ୱବିଦ୍ୟାଳୟରେ 'ନ୍ୟୁ କାଟଲଗସ୍ କାଟାଲୋଗୋରମ୍'ର ୪୨ ଖଣ୍ଡରେ ମଧ୍ୟ ଓଡ଼ିଶାର ପୋଥିଗୁଡ଼ିକ ବିଷୟରେ ସୂଚନା ପ୍ରାୟ ଉପଲବ୍ଧ ନୁହେଁ। ତାହାରି ଅନୁକରଣରେ ଏକ ଓଡ଼ିଆ କାଟଲଗସ୍ କାଟାଲୋଗୋରମ୍' ପ୍ରସ୍ତୁତ କରି ଓଡ଼ିଆମାନଙ୍କର ପଠନ ପାଠନ ପରମ୍ପରାକୁ ସମଗ୍ର ବିଶ୍ୱରେ ପରିଚିତ କରିବା ଉଦ୍ଦେଶ୍ୟରେ ଏକ ଅଭିଯାନ ଆରମ୍ଭ ହୋଇ ପ୍ରଥମ ପଦକ୍ଷେପରେ ଏକ ବିବରଣୀ ତାଲିକା ପ୍ରସ୍ତୁତ ହୋଇ ପ୍ରକାଶିତ ହୋଇଛି । ଓଡ଼ିଆ ଲିପିରେ ଲିଖିତ ସମସ୍ତ ପୋଥିଗୁଡ଼ିକର ରାଜ୍ୟ ଭିତରେ ହେଉ ବା ରାଜ୍ୟ ବାହାରେ ହେଉ ବା ଦେଶ ବାହାରେ ହେଉ ସବୁଠୁ ସଂଗ୍ରହ କରି ଏକ ସାମୂହିକ ପଞ୍ଜୀକରଣର ବ୍ୟବସ୍ଥା ପାଣିନି ଟ୍ରଷ୍ଟ, ଭୁବନେଶ୍ୱର ଦ୍ୱାରା ଅୟମାରମ୍ଭ କରାଯାଇଛି । ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରେ ସଂରକ୍ଷିତ ଓଡ଼ିଆ ପୋଥିଗୁଡ଼ିକର ସୂଚନା ଦିଆଯାଇଛି। ଏଥିରେ ୩୭ଟି ବିବରଣାତ୍ମକ ସୂଚୀ ତଥା ହସ୍ତଲିଖିତ ତାଲିକାର ସାମୂହିକ ସୂଚନା ଦିଆଯିବା ସହିତ ୬୨୫୪ ଗ୍ରନ୍ଥର ସୂଚୀ ଦିଆଯାଇଛି। କେବଳ ଗ୍ରନ୍ଥଗୁଡ଼ିକର ବିଷୟବସ୍ତୁ ନୁହେଁ, ଗ୍ରନ୍ଥଗୁଡ଼ିକର ଶେଷ ଭାଗରେ ଲେଖକ ଲେଖିଥିବା ଉତ୍ତର ପୁଷ୍ପିକାର ଯଦି ଏକ ଗଭୀର ଅଧ୍ୟୟନ କରାଯାଏ, ତେବେ ତତ୍କାଳୀନ ସମାଜର ବୌଦ୍ଧିକ, ସାମାଜିକ, ରାଜନୈତିକ ସ୍ଥିତି ଉପରେ ଆଲୋକପାତ କରାଯାଇପାରିବ।

**ଆଜିପର୍ଯ୍ୟନ୍ତ ଓଡ଼ିଆ ଓ ସଂସ୍କୃତ ଭାଷାରେ ଲିଖିତ ଓଡ଼ିଶାର ପୋଥି ଭାରତୀୟ ଜ୍ଞାନ ପରମ୍ପରାର ଏକ ଅମୂଲ୍ୟ ସମ୍ପଦ।**

ଏଥିରୁ ଅନୁମାନ କରାଯାଇପାରେ ଯେ, ଆଜିପର୍ଯ୍ୟନ୍ତ ଓଡ଼ିଆ ଓ ସଂସ୍କୃତ ଭାଷାରେ ଲିଖିତ ଓଡ଼ିଶାର ପୋଥି ଭାରତୀୟ ଜ୍ଞାନ ପରମ୍ପରାର ଏକ ଅମୂଲ୍ୟ ସମ୍ପଦ। ଏହି ଉନ୍ନତ ପଠନ ପାଠନ ଲିଖିତ ପରମ୍ପରାକୁ ନ୍ୟାୟ ଦେବା ଏବଂ ବିଶ୍ୱଦରବାରରେ ଏହାକୁ ଯଥୋଚିତ ଭାବରେ ଉପସ୍ଥାପନ କରିବା ଆମର କର୍ତ୍ତବ୍ୟ ତଥା ଚରମ ଦାୟିତ୍ୱ ବୋଲି ଭାବିଲେ ଆମେ ଆମର ଭାଷା ଓ ସଂସ୍କୃତିର ଉଜ୍ଜ୍ୱଳ ଭବିଷ୍ୟତ ସ୍ଥିର କରିପାରିବା। ସେଥିପାଇଁ ଆଜି ଭାରତ ସରକାରଙ୍କ ଆହ୍ୱାନକୁ ସ୍ୱୀକାରକରି ଭାରତ ଜ୍ଞାନ ମିଶନ ସହାୟତାରେ ଯଥାଶକ୍ତି କାର୍ଯ୍ୟ ଆରମ୍ଭକଲେ ଆମର ଶିକ୍ଷା ଲାଭରେ ଯଥାର୍ଥତା ଆସିବ।

□□

ଲେଖିକାଙ୍କ ଇ-ମେଲ ଠିକଣା:
mamatasdash@gmail.com

**ରମ୍ୟରଚନା**

# ଆଫଗାନିସ୍ଥାନରେ କବି

**ଡ. କୁଳାଙ୍ଗାର**



**କ**ବିମାନେ କାଳେ ମୃତ୍ୟୁ ପରେ ସ୍ୱର୍ଗକୁ ହିଁ ଯାଇଥାନ୍ତି ! କାରଣ ଘରେ ବାହାରେ ବିଚରା କବିମାନଙ୍କର ଅବସ୍ଥା ଯାହା; ପାରିବାରିକ, ଆର୍ଥିକ, ସାମାଜିକ ଓ ସାହିତ୍ୟିକ ପରିମଣ୍ଡଳରେ ସିଏ ସାରାଜୀବନ ନର୍କଭୋଗ କରିଥାନ୍ତି ଓ ତା' ପରେ ସୋସିଆଲ ମିଡିଆରେ କବିମାନଙ୍କର ପ୍ରଶଂସା ଯେତିକି, ନିନ୍ଦା ଓ ଗାଳି ତାହାର ବହୁଗୁଣକୁ ପୁଣି, ସେଥିରେ ଯମଦୂତ ଯେପରି ନିଜେ ଯମ ନ ହେଲେ ମଧ୍ୟ ଭୟ ସୃଷ୍ଟି କରିଥାଏ, ସେହିପରି କିଛି ପ୍ରାଣୀ କବି ନ ହୋଇଥିଲେ ମଧ୍ୟ କବିକୁ ଗାଳି ଦେବାର ମଉକା ଆସିଲେ ଯମଦୂତଙ୍କ ପରି ଡେଇଁପଡ଼ି କବିକୁ ଯଥାସାଧ୍ୟ ଅଧିକ କଷ୍ଟ ଦେଇଥାନ୍ତି ।

କବିର ପୁରସ୍କାର ଲୋଭ କଥା ତ ଆପଣ ଜାଣନ୍ତି, ହେଲେ କବିର କାରିଗରୀ ଓ କବିତ୍ୱକୁ ମାର ଗୁଳି, ଏପଟ ଗୋଷ୍ଠୀରେ ଥିବା କବିକୁ ସେପଟ ପୁରସ୍କାର ମିଳେନାହିଁ । ଆଉ ସେପଟ କବିଟି ଯଦି ଏକାଡେମୀ ଦାୟିତ୍ୱରେ ରହିଗଲା, ତେବେ ଏପଟବାଲା ସାରାଜୀବନ ଲେଖିଲେଖି, ଛାପିଛାପି ମରିଯାଏ ସିନା ତାକୁ ପୁରସ୍କାର ମିଳେନାହିଁ । ଆପଣ କୁହନ୍ତୁ ତ, ଏହା କବି ପାଇଁ ନର୍କଭୋଗଠାରୁ କିଛି କମ୍ କି ?



### କବିର ରସିକତା

କବି ମାତ୍ରେ ହିଁ ରସିକ । ତାକୁ ଈଶ୍ୱର ଏହି ଜନ୍ମଜାତ ଗୁଣଟିକୁ ପ୍ରଦାନ କରିଛନ୍ତି । ତେଣୁ ସିଏ ନିଜର ବୟସ ଭୁଲି ସୋସିଆଲ ମିଡିଆରେ ରସାଳ ମନ୍ତବ୍ୟ ଦେବା ସହିତ ଟିକେ ଚାଟିଙ୍ଗ ଓ ଭିଡିଓ କଲିଂରେ ମାତିଯାଇ ଘର ପର ଭୁଲି ଟିକେ ଅଧିକ ରସାସକ୍ତ ହୋଇପଡ଼ିଥାଏ । ଏହି କାରଣରୁ ବିଚରା କବିକୁ ଘର ଲୋକଙ୍କ ଦ୍ୱାରା ସାରାଜୀବନ ଘର ଲୋକଙ୍କଠାରୁ ପର ପରି ବ୍ୟବହାର ମିଳିଥାଏ !

ଅତଏବ ମର୍ତ୍ତ୍ୟରେ କବିର ଏହିପରି ଅବସ୍ଥାକୁ ବିଚାରକୁ ନେଇ ଯମରାଜ ମହୋଦୟ ଦୟାକରି ଏପରି ନିର୍ଦ୍ଦେଶ ଦେଇଛନ୍ତି କି କବିଟିଏ ମରିଗଲା ପରେ ତାକୁ ସ୍ୱର୍ଗରେ ସ୍ଥାନ ଦିଆଯିବ । ତେବେ ଆମ ଦେଶରେ ସିନା ସ୍ୱର୍ଗ ବିଚାରଟି ଅଛି, ହେଲେ ଅନ୍ୟ ଦେଶରେ ସେଇକଥାକୁ ନେଇ ଆମ ଘରେ ବଡ଼ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି । ଅନ୍ୟର ଘରକଥା ଜାଣିବାକୁ ଆପଣଙ୍କ ଆଗ୍ରହ କଥା ମୋତେ ଜଣା, ଅତଏବ କହୁଛି ଶୁଣନ୍ତୁ !

ଆପଣ ତ ଜାଣନ୍ତି କି ଆମେ ସ୍ୱୟଂ ଜଣେ କବି ! ଆମର ବି ଜଣେ ଘରଣୀ ଅଛନ୍ତି ! ! ଏମିତିରେ ସିଏ ଆମର ଆଖପାଖରେ ତାଳଫୋଟକାଟିଏ ଫୁଟିଲେ ଭୟରେ ତା'ଠାରୁ ଅଧିକ ସ୍ୱରରେ ହାଉଳିଖାଇ ଭୟଭୀତ ହୋଇପଡ଼ନ୍ତି । ଆଫଗାନିସ୍ଥାନରେ ସନ୍ତ୍ରାସବାଦୀ ତାଲିବାନମାନଙ୍କର ଜବରଦସ୍ତ ଶାସନ ବ୍ୟବସ୍ଥାକୁ ଲଗାତର ଟିଭି/ ମୋବାଇଲରୁ ଦେଖି ଘରଣୀ ଆମର କାକୁସ୍ଥ । ମୁଁ ଦେଖୁଛି ତା' ପରଠାରୁ ସିଏ ଅଧିକ ସୁନ୍ଦରୀ ଦେଖାଯାଉଛନ୍ତି । କଥା କ'ଣ କି ତା' ପରଠାରୁ ସିଏ ଭୟରେ ଖାଇବା ପିଇବା କମ୍ କରିଦେବା କାରଣରୁ ମେଦବୃଦ୍ଧି ବିପରୀତଗାମୀ ହୋଇଛି ।

ତେବେ ଆମେ ତ କବି । ଆମର କି ଭୟ ? ଆମେ ଆଫଗାନିସ୍ଥାନ ପ୍ରସଙ୍ଗରେ ଏବଂ ତାଲିବାନ ବିରୁଦ୍ଧରେ ଗୋଟିଏ ପରେ ଗୋଟିଏ କବିତାମାନ ଲେଖି ସାମାଜିକ ଗଣମାଧ୍ୟମରେ ତାହାକୁ ପୋଷ୍ଟକରି ପସନ୍ଦ, ପ୍ରସାରଣ ଓ ମତାମତ ଗୋଟାଇ ଚାଲିଛୁ । ବିଶ୍ୱାସ କରିବେ ନାହିଁ, ସେଠାରେ ଆଫଗାନିସ୍ଥାନରେ ସିନା କ୍ରୂରଭାବ ବୃଦ୍ଧି ପାଉଛି; କହିବାକୁ ଲାଜ ଏଠି ଭାରତରେ କିନ୍ତୁ ଆମ କବିତା ପଢ଼ି ଜଣୈକା ବିବାହିତ ମହିଳାଙ୍କର ଆତ୍ମ

ପ୍ରତି ପ୍ରେମଭାବ ବୃଦ୍ଧି ପାଇଛି ।

କଥା କ'ଣ କି ଆମେ ଆଫଗାନିସ୍ତାନରେ ଅରାଜକତା ଓ ତାଲିବାନି ନିୟମର ଶିକାର ମହିଳାଙ୍କ ସପକ୍ଷରେ କେତେଟା ଭାବପୂର୍ଣ୍ଣ ଗମ୍ଭୀର କବିତା ଏବଂ ତାଲିବାନି ଶାସକଙ୍କ ବିରୁଦ୍ଧରେ କେତେଟା ସମାଲୋଚନାମୂଳକ ଓ ବ୍ୟଙ୍ଗ କବିତା ଲେଖିଥିଲୁ ।

ପ୍ରଥମେ ସେଇ ଭାବପୂର୍ଣ୍ଣ କବିତାରୁ ପଦେ ଶୁଣନ୍ତୁ:

'ଆଫଗାନର ପାହାଡ଼ ତଳ ନିବୁଜ ଘରେ
ତମେ କେତେ ସ୍ୱପ୍ନକୁ କଚ୍‌କଚ୍ କାଟି
ହତ୍ୟା କଲଣି ହେ ଗୋପନ ସୁନ୍ଦରୀ...
ଠୋ ଫଠାସ୍ ପରମାଣୁ ବୋମା ଫୁଟୁଛି
ମୋ' ଛାତିରେ, ମୁଣ୍ଡରେ,
ଦୃଶ୍ୟ, ଅଦୃଶ୍ୟ ସବୁ ଅଙ୍ଗପ୍ରତ୍ୟଙ୍ଗରେ ।
ତମେ କିଏ ମୁଁ କିଏ କେଉଁ କ୍ଷତର ମଲମ
ତାହା କହି ପାରିବେନି ଆଲ୍ଲା, ଯୀଶୁ ଓ ରାମ!'

ଏବେ ନିଅନ୍ତୁ ସମାଲୋଚନାମୂଳକ କବିତାରୁ ପଦେ ଶୁଣନ୍ତୁ:

'ତାଲିବାନ୍ ତୁମ ବନ୍ଧୁକ ଗୁଳି
ମାରିଛି ଅନେକ ଦେହ
ଦେଶ ଜିତିଅଛ ଆରେ ସୈତାନ
ଦେଶବାସୀଙ୍କୁ ଇଁ ନୁହଁ;
ମର୍ଦ୍ଦଙ୍କୁ ମାରି ଲୁଟିଅଛ କେତେ କୋମଳାଙ୍ଗୀଙ୍କ ଦେହ
ବଜ୍ଜାତ୍ ଧର୍ମାନ୍ଧ ସହିବରେ ଦିନେ ମା' ଛୁଆଙ୍କର ଲୁହ!
ପୁଞ୍ଜିବାଦୀ ଆମେରିକା ଚାଲିଗଲା ଲାଙ୍ଗୁଡ଼ ଜାକିଦେଇ
ମନେମନେ ଖୁସି ଚୀନ୍‌ର ପାଦ ପାକିସ୍ତାନ ଚାଟିଦେଇ;
ଦେଖ ହେ କବିର କଲମ କମାଣ ଫୁଟିଲା ଅଗ୍ନି ହୋଇ
ଆରେ ହେ ମୁଲ୍ଲା କପଡ଼ା ସମ୍ଭାଳ ନାହିଁ ତୋର ଆଉ ତ୍ରାହି!'

## ମହିଳା ହେଲେ ପ୍ରଭାବିତ

କହିବାକୁ ଲାଜନାହିଁ କି ଏହି କବିତାଗୁଡ଼ିକର ପ୍ରଭାବ ତାଲିବାନିଙ୍କ ଉପରେ ପଡ଼ିବାର ତ ଆମର ଦୃଷ୍ଟିଗୋଚର ହୋଇନାହିଁ । କିନ୍ତୁ ଏଥିରେ ପ୍ରଭାବିତ ହୋଇ ଏକାଧିକ ମହିଳା ଆମ ଉପରେ ଦୃଷ୍ଟି ନିକ୍ଷେପ କଲେ । କେବଳ ଦୃଷ୍ଟି କହିଲେ ସ୍ୱଳ୍ପ ହେବ, କାରଣ ସିଏ ମୋବାଇଲ୍ ଫୋନ୍ ଜରିଆରେ ଭାଷା ଏବଂ ସମୟ ମଧ୍ୟ ନିକ୍ଷେପ କଲେ । କେବଳ ମୋର କବିତା ନୁହେଁ, ମୁଁ ବି ତାଙ୍କୁ ଭାଆରି ଭଲ ଲାଗୁଛି ବୋଲି କହିଲେ ଏବଂ ମୋ' ପାଇଁ ଉପଲବ୍ଧ ଦୈନିକ ମାତ୍ର ଚବିଶ ଘଣ୍ଟାରୁ ଅର୍ଦ୍ଧାଧିକ ସମୟ ଅଧିକାର କରିନେଲେ ।

ମହିଳାଜଣକର ଦୁଃଖ ମୋର ମନକୁ କିଣିନେଲା । ତାଙ୍କ କହିବାକଥା, ସିଏ ଯାହାକୁ ଧର୍ମୀୟ ରୀତିରେ ବିବାହ କରିଛନ୍ତି ସିଏ ତାଙ୍କୁ ତାଲିବାନ ପରି ଅକଥନୀୟ ନିର୍ଯାତନା ଦେଉଛନ୍ତି । ବିବାହ ପରେ ପିଲାଛୁଆ ତ ହୋଇଛି, କିନ୍ତୁ କେବେ ହେଲେ ସିଏ ପ୍ରେମଟିକେ ପାଇନାହାନ୍ତି । ଆଫଗାନିସ୍ତାନରେ ତାଲିବାନ ଶାସନକୁ ଦେଖି ତାଙ୍କ ସ୍ୱାମୀ କୁଆଡ଼େ କହୁଛନ୍ତି ଆମ ଦେଶରେ ବି ଏମିତି ଶାସନ ବ୍ୟବସ୍ଥା ହେବା କଥା ।

ଉପରୋକ୍ତ ଆଲୋଚନାର ସର୍ବଶେଷରେ ମହିଳା ଜଣକ ଏ କଥା ମଧ୍ୟ କହିଲେ କି – ସିଏ ଆମକୁ ଅତ୍ୟନ୍ତ ପ୍ରେମ କରୁଛନ୍ତି ଏବଂ ଆମର ପ୍ରେମରେ ସିଏ ଏହିପରି ପାଗଳୀ ଯେ, ଆମକୁ ଛାଡି ବଞ୍ଚିପାରିବେ ନାହିଁ।

**ଆଫଗାନିସ୍ତାନରେ ତାଲିବାନ ଶାସନକୁ ଦେଖି ତାଙ୍କ ସ୍ୱାମୀ କୁଆଡ଼େ କହୁଛନ୍ତି, ଆମ ଦେଶରେ ବି ଏମିତି ଶାସନ ବ୍ୟବସ୍ଥା ହେବା କଥା ।**

ମୁଁ କହିଲି - ହେଲା ଯେ, ଆମେ ବିବାହିତ, ପୁଣି ଜଣେ କବି। ଏପଟେ ରୋଜଗାରଶୂନ୍ୟ ସେପଟେ ଦେଇ ସାରିଛୁ ମନ । ଅତଏବ ଆପଣ କୌଣସି ଅବିବାହିତ ଏବଂ ଧନାଢ୍ୟ ବ୍ୟକ୍ତିଙ୍କୁ ପ୍ରେମ କରିବାଟା ଉଚିତ ହେବ । ପ୍ରେମିକ ସାଜି ମୁଁ ଆପଣଙ୍କର ଚିତ୍ତବିନୋଦନ ଓ ମନମୋହିବା ପାଇଁ ଖର୍ଚ୍ଚବାର୍ଚ୍ଚ କରିପାରିବି ନାହିଁ । ବିବାହିତ ହୋଇଥିବାରୁ ଏ କଥାଟି ପ୍ରଘଟ ହୋଇଗଲେ ସର୍ବସମ୍ମୁଖରେ ଆମେ ବେଇଜ୍ଜତ୍ ହୋଇଯିବୁ । ଏତେ ଝିନ୍‌ଝଟକୁ ଯିବା କାହିଁକି?

ପ୍ରେୟସୀ ମହିଳା ଜଣକ ଏଥର ଆହୁରି ଉତ୍ସାହିତ ହୋଇ କହିଲେ - ନାଇଁ ବାବା ନାଇଁ । ଧନୀକୁ ପ୍ରେମ କରିବାକୁ ଆହୁରି କହୁଛନ୍ତି? ଆଫଗାନିସ୍ତାନ ଘଟଣାରୁ ଆଉ କ'ଣଟା ଶିଖିଲେ? ଏ ବ୍ରହ୍ମାଣ୍ଡରେ ଯୁକ୍ତରାଷ୍ଟ୍ର ଆମେରିକାଠାରୁ ଅଧିକ ଧନଶାଳୀ କିଏ ଅଛି କି?

ମୁଁ କହିଲି - ନାଇଁ!

ସିଏ କହିଲେ – ତା' ହେଲେ ଆଫଗାନିସ୍ତାନକୁ କୋଡ଼ିଏବର୍ଷ ଧରି ପ୍ରେମ କରିବା ପରେ, ତା' ପାଇଁ ଅଜସ୍ର ଖର୍ଚ୍ଚ କରିବା ପରେ କେଉଁ ଅବସ୍ଥାରେ ଛାଡ଼ିଦେଇଗଲା ଦେଖିଲେ କି ନାଇଁ? ତେଣୁ ମୋତେ ସେ ଆମେରିକା ପରି

ଧନୀ ପ୍ରେମିକ ଦରକାର ନାହିଁ, ମୋତେ ଆପଣଙ୍କ ପରି କବି ପ୍ରେମିକଟିଏ ଦରକାର ।

ମୁଁ ବୁଝେଇଲି – ସେଇଠି ତ ଅଡୁଆ, କବିଟିଏ ହୋଇଥିବାରୁ ସମ୍ମାନଟି ଆମର ବଡ଼ଧନ । ଆମ୍ଭ ପତ୍ନୀ ପଞ୍ଚାୟତ ବସାଇ ଆମକୁ ବେଜ୍ଜିତ କରିପାରନ୍ତି ।

ମହିଳା ଜଣକ କହିଲେ – ଛାଡ଼ ମ...! ପଞ୍ଚାୟତ... ଆଃ...ଫୁ...!! ସେ ଆଫଗାନିସ୍ଥାନ ଓ ତାଲିବାନ ଘଟଣାରେ ମିଳିତ ଜାତିସଂଘ ସୁରକ୍ଷା ପରିଷଦ ବୈଠକ ବସିନଥିଲା କି ?

ମୁଁ କହିଲି – ସେ ସବୁ ତ ଅନ୍ତର୍ଜାତୀୟ କଥା । ଏଠି ଆମ ଦେଶରେ ଯେଉଁ ଅବସ୍ଥା, ଏ ମିଡିଆବାଲା ମୋର ମଜା ବାହାର କରିଦେବେ ।

ସିଏ କହିଲେ – ସେମାନେ ଉପରକୁ ସିନା ଆପଣଙ୍କୁ ଛିଗୁଲାଇ କହିବେ, ଅସଲରେ କିନ୍ତୁ ମାଗଣାରେ ବହୁ ସମୟର ଖବର ପରିବେଷଣ ପାଇଁ ଉପାଦାନ ମିଳିଗଲା ବୋଲି ଆନନ୍ଦିତ ହେବେ।



ମହିଳା ଜଣକର ଏମିତି ଯୁକ୍ତିପୂର୍ଣ୍ଣ ବାର୍ତ୍ତାଳାପ ଆମର ମନ କିଣିନେଲା । ଆମେ ତାଙ୍କ ପ୍ରେମ ପ୍ରସ୍ତାବରେ ସମ୍ମତି ଜଣାଇ ତାଙ୍କ ଧର୍ମପତିଦେବଙ୍କର ଅନୁପସ୍ଥିତି କାଳରେ ତାଙ୍କ ଗୃହପ୍ରବେଶ କଲୁ । ମହିଳା ଜଣକ ଆମକୁ ତାଙ୍କର ଦୁଃଖ ଶୁଣାଇଲେ । ସେ ଦୁଃଖ ଅବର୍ଣ୍ଣନୀୟ ।

ମହିଳା ଜଣକ ଅଧିକାଂଶ ସମୟ ନିଜର କଥାଭାଷାରେ ଇଂରାଜୀ ଶବ୍ଦର ବ୍ୟବହାର କରିବାକୁ ପସନ୍ଦ କରୁଥିଲା ବେଳେ ତାଙ୍କ ପତି କିନ୍ତୁ ଓଲଟା କଥାକଥାରେ ସ୍ୱଚ୍ଛ ଅକ୍ଷରଯୁକ୍ତ ଦେଶୀ ସଂସ୍କୃତର ବହୁଳ ବ୍ୟବହାର କରିଥାଆନ୍ତି। ତାହା ମହିଳାଙ୍କୁ ଯେତିକି କଷ୍ଟଦିଏ, ସାହିଭାଇରେ ସେତିକି ଅସମ୍ମାନିତ କରିଥାଏ।

କଥା ସେତିକିରେ ନାହିଁ । ବାବୁ ଜଣକ ଜଣେ ଅଭ୍ୟାସଗତ ନିଶାଡ଼ି ଏବଂ ବାରମାସ ଆଠକାଳି ଘରକୁ ଫେରିଲା ପରେ ପତ୍ନୀଙ୍କୁ ମରାମରି କରନ୍ତି । ସିଏ ଏହାର ପ୍ରମାଣ ସ୍ୱରୂପ ଶରୀରର ବିଭିନ୍ନ ସ୍ଥାନରେ ଥିବା ଚିହ୍ନ ସବୁକୁ ଆମକୁ ଦେଖାଇ ଆହୁରି କହିଲେ କି, କଥା କଥାରେ ତାଙ୍କର ହାତ ଉଠିଯିବାଟା ନିୟମିତ କଥା । ଯୁକ୍ତିତର୍କ କରିବାରୁ ଦି' ଥର ମହୋଦୟାଙ୍କର ତଣ୍ଟି ମଧ ଚିପି ସାରିଛନ୍ତି । ଅଧିକ ଭଡ଼ଭଡ଼ ହେଲେ ମାରିକି ପୋତିଦେବେ ବୋଲି ଅଗଣିତ ଥର କହିସାରିଛନ୍ତି । ଘରଛାଡ଼ି ପଳା ବୋଲି ମଧ ବହୁବାର ତଡ଼ିଛନ୍ତି। କିନ୍ତୁ ମହିଳା ଜଣକ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି।

ହାତଖର୍ଚ୍ଚ ଛାଡ଼, ଘରଖର୍ଚ୍ଚ ପାଇଁ ମଧ ଟଙ୍କା ପଇସା ଦିଅନ୍ତି ନାହିଁ । ଘର ପାଇଁ କୌଣସି ଜିନିଷ ଆଣିବାକୁ କହିଲେ କ'ଣ ଗୋଟେ ଅପରାଧ କରିଦେଲା ପରି ବଡ଼ବଡ଼ ଆଖିକରି ଗାଳିଦିଅନ୍ତି ।

## ଆମର ପରାମର୍ଶ

ମହିଳାଙ୍କର କଥା ଶୁଣି ଆମେ ତାଙ୍କୁ ପରାମର୍ଶ ଦେଲୁ କି, ଆପଣ ନିଜର ଯୋଗ୍ୟତା ଅନୁସାରେ ଚାକିରିଟିଏ କରନ୍ତୁ। ଏହାଦ୍ୱାରା କିଛି ସମୟ ଦୂରେଇ ଯାଇପାରିବେ ଏବଂ ନିଜଖର୍ଚ୍ଚ ପାଇଁ ଟଙ୍କା ମଧ ପାଇପାରିବେ ।

ମହିଳା ଜଣକ ମୁହଁ ଶୁଖାଇ କହିଲେ – ତାହା ମଧ କରିଥିଲି । ଏ ଲୋକଟା ଅତ୍ୟନ୍ତ ସନ୍ଦେହୀ । କହିଲା, ଶାଢ଼ି ପିନ୍ଧି ଅଫିସିକୁ ଯିବୁ, ପେଟ, ପିଠି ଯେମିତି ନ ଦିଶେ ସେମିତି ପିନ୍ଧିବୁ, ମୁଣ୍ଡରୁ ଓଢ଼ଣା ଯେମିତି ନ ଖସେ। ମୁଁ ସେୟା କଲି । ହେଲେ ଡେରିରେ ଫେରିଲେ ମାଡ଼ । ଥରେ ରାତିରେ ଅଫିସ କାର୍ଯ୍ୟରେ ଜଣେ ସହକର୍ମୀ ଫୋନ୍ କଲେ । ଇଏ ପଚାରିଲେ ତୁ କ'ଣ ତାକୁ ପ୍ରେମ କରୁଛୁ? ନ ହେଲେ ସିଏ କାହିଁକି ରାତିରେ ଫୋନ୍ କରିଥିଲେ ?

ସେଦିନ ବହୁ ଯୁକ୍ତିତର୍କ ହେଲା । ମାଡ଼ ଖାଇଲି । ସ୍ୱାମୀ କହିଲେ – ତୁ ଚାକିରି କରିବାରୁ ତୋ' ମୁହଁ ବଢ଼ି ଯାଉଛି । ତୁ ଘରେ ରହ, ବାହାରକୁ ବାହାରିବୁନି ।

ମୁଁ ପଚାରିଲି – ତା' ହେଲେ ଆପଣ ସ୍ମାର୍ଟଫୋନ୍ ବ୍ୟବହାର କରୁଛନ୍ତି କେମିତି ?

ମହିଳା କହିଲେ – ସିଏ ଅଫିସ ଗଲା ପରେ ମୁଁ କ'ଣ କରୁଛି, ସେ କଥା ଭିଡିଓ କଲ୍‌କରି ଦେଖିବେ ବୋଲି ମୋତେ ଦେଇଛନ୍ତି । କିନ୍ତୁ ସୋସିଆଲ ମିଡିଆ ଆକାଉଣ୍ଟର ପାସୱାର୍ଡ ତାଙ୍କ ପାଖରେ । ମୋ' ପାଇଁ ଫତୁଆ ଜାରି ହୋଇଛି – ସୋସିଆଲ ମିଡିଆରେ ପୋଷ୍ଟିଂ କରିବନି, ଅଜଣା ଲୋକ

ସାଥୀରେ ଚାଟିଂ କରିବନି । କହିଛି କଥା ନ ମାନିଲେ ହାଣିଦେବି!

ଏ ସବୁ ଶୁଣୁଶୁଣୁ ଆମକୁ ଅନୁଭବ ହେଲା - ଆରେ ଆରେ.. ଏଇଟା ତ ଘର ନୁହେଁ ଗୋଟେ ମିନି ଆଫଗାନିସ୍ଥାନ। ଏଠି ବିଳମ୍ବ କଲେ ତାଲିବାନି ଦଣ୍ଡ ଭୋଗିବାକୁ ପଡ଼ିପାରେ! ଅତଏବ କାଳ ବିଳମ୍ବ ନ କରି ଆମ୍ଭେ ସେଠାରୁ ଫେରି ଆସିଲୁ।

ଆମ ଘରଣୀ ପଚାରିଲେ – ହଇଏ, କ'ଣ ଆଫଗାନିସ୍ଥାନରେ ବି ତମପରି କବିମାନେ ଥିବେ ଆଉ ଆଜି ବି କବିତା ଲେଖୁଥିବେ?

ଆମେ କହିଲୁ - ଆମ ପରି ଯଦି ୧୦୦% ହୋଇଥିବେ ତେବେ କୁତ୍ରାପି ନଥିବେ । କାରଣ ଆମ ପରି ସ୍ୱାର୍ଥପର ଲୋକ ବେଳକାଳ ଆକଳନ କରି ଆଗୁଆ ବାଟକାଟି ଛୁ ମାରିଥିବେ! ସେମାନେ ନିଶ୍ଚୟ ଚାଲିଯାଇଥିବେ, କିନ୍ତୁ ଆମର ବିଶ୍ୱାସ ଆଉ ଦଳେ କବି ଅବଶ୍ୟ ସେଠାରେ ଏବେ ମଧ୍ୟ ଥିବେ ଏବଂ କବିତା ଲେଖୁଥିବେ।

ଘରଣୀ ଏକଥା ଶୁଣି ଭାବପ୍ରବଣ ହୋଇଗଲେ । ତାଙ୍କପଟର କେହି ଦୂର ସମ୍ପର୍କୀୟର ଦେହ ଖରାପ ଖବର ପାଇଲା ପରି ତାଙ୍କର ଆଖି ଛଳଛଳ ହୋଇଗଲା । ସିଏ ପଚାରିଲେ – ଆହା, କିଏ ସେ କବିମାନେ? ସେମାନେ କ'ଣ ସବୁ ଲେଖୁଥିବେ? ତାଙ୍କ ଜୀବନ ତ ବିପଦରେ ଥିବ! କେତେବେଳେ ତାଲିବାନିଙ୍କ ହାତରେ ଯଦି ତାଙ୍କର ରଚନା ପଡ଼ିଯିବ, କହି ହେବନି କେତେବେଳେ ଜୀବନ ଚାଲିଯିବ!!

> **"ଆହା, କିଏ ସେ କବିମାନେ? ସେମାନେ କ'ଣ ସବୁ ଲେଖୁଥିବେ? ତାଙ୍କ ଜୀବନ ତ ବିପଦରେ ଥିବ!"**

ମୁଁ କହିଲି – ବ୍ୟସ୍ତ ହୁଅନି, ସେମିତି ଆଦୌ ହେବନି। କାରଣ ଯେଉଁମାନେ ଥିବେ ସେମାନେ ଆଧୁନିକ କବି ହୋଇଥିବେ । ଯାହାଙ୍କ କବିତା ପ୍ରାଧ୍ୟାପକ ଓ ପଣ୍ଡିତମାନେ ବୁଝିବା କଷ୍ଟକର ବ୍ୟାପାର ତାହା ଏ ମୂଢ଼ ତାଲିବାନିମାନେ କାହୁଁ ବୁଝିବେ । ଆଉ ଯଦି ଏଗୁଡ଼ା କ'ଣ ଲେଖିଛୁ ବୋଲି ପଚାରିଲେ, ତେବେ ଆଧୁନିକ କବି ମହୋଦୟ ଗୋଟିଏ ଗୋଟିଏ ଶବ୍ଦକୁ ଧରି ଏମିତି ବାଦ, ତତ୍ତ୍ୱ, ଇଜିମ୍ ଆଦି କାଢ଼ି ବର୍ଣ୍ଣନା କରିବେ ଯେ, ସେ ତାଲିବାନିର ମୁଣ୍ଡ ଘୂରିଯିବ ଆଉ ସିଏ କହିବ, ହଉ ହଉ ରଖ ରଖ, କବି ତମକୁ ଛାଡ଼ି ଦିଆଗଲା, ଯାଅ ।

ଘରଣୀ କହିଲେ- ଆଚ୍ଛା ଏମିତିଆ କବି କିଛି ତେବେ ଥାଇପାରନ୍ତି!

ମୁଁ କହିଲି – ଖାଲି ସେତିକି ନୁହେଁ, ଆଉ ଦଳେ ବି ଥିବେ; ଯେଉଁମାନେ 'ଏହା ସଂସ୍କୃତିର ରକ୍ଷାକାରୀ' କହି କେହି ବୁଝୁନଥିବା ଓ ଶୁଣୁନଥିବା ପୁରାତନୀ କବିତା ସବୁ ଲେଖି ଏବଂ ବେସୁରା ଗାଇକରି ଏହାହିଁ ପ୍ରକୃତ କବିତା ବୋଲି ଦାବି କରୁଥିବେ । ପାଠକ ଓ ଶ୍ରୋତାମାନେ ଯଦିଓ ଏହି କବିତାକୁ ତାଲିବାନି କ୍ରୂରତାର ଅଂଶ ଭାବରେ ବିବେଚନା କରୁଥିବେ କିନ୍ତୁ ସଂସ୍କୃତିର ଦ୍ୱାହିରେ କିଛି କହିପାରୁ ନଥିବେ।

ଘରଣୀ କହିଲେ – ହେ... ନା ମ... ଏତେସବୁ ପହିଜ କରିବାକୁ ସେଠି ଆଉ କିଏ କାହିଁକି ଥିବ? ସେଠି ଆଉ କ'ଣ ଏକାଡେମୀ ଫେକାଡେମୀ ଥିବ ଯେ କାହାକୁ ପୁରସ୍କାର ଓ ସମ୍ବର୍ଦ୍ଧନା ମିଳିବ?

ମୁଁ କହିଲି – ଥିବେ, ଏବେ ପାଇବେ ମଧ୍ୟ । ପୁରସ୍କାର କେମିତି ମିଳେ, କାହାକୁ ମିଳେ ତାହା ମୋତେ ବେଶ୍ ଜଣା। ଏହା ବିଶ୍ୱବିଦିତ ଏବଂ ଏକଦମ ସରଳ କି ସେଠାରେ ଯୋଉ କବି ତାଲିବାନିମାନଙ୍କୁ ପ୍ରଶଂସା କରି ଲେଖିବ, ଟେକିଟାକି କରି କହିବ; ସିଏ ଏକାଡେମୀ ପୁରସ୍କାର ପାଇବ!

ଘରଣୀ କହିଲେ - ନା ମୋତେ ଲାଗୁନି ସେଠି ଆଉ କେହି କବି ଥିବେ! ଯଦି ବି ଥିବେ ବିଚରାଗୁଡ଼ିକର ଖୁବ୍‌ଶୀଘ୍ର ମୁଣ୍ଡକାଟ ହେବ ।

ମୁଁ ପଚାରିଲି- କାହିଁକି?

ଘରଣୀ ନାକକୁ ଟ୍ରଫି ଟେକିଲା ପରି କରି ଏବଂ ଆଖି ଦୁଇଟାକୁ ଶାସ୍ତ୍ରୀୟ ନଚାଇ କହିଲେ – ମୁଁ କ'ଣ ତମ କବିଜାତିଟାକୁ ଚିହ୍ନିନି! ସବୁଗୁଡ଼ାକ ଏକଦମ୍!

ଘରଣୀଙ୍କ ମୁହଁରୁ ଏପରି ସୁଶବ୍ଦ ସବୁ ଶୁଣି ଆମେ ନିଜ ସ୍ମାର୍ଟଫୋନର ତାଲାଟି ପଡ଼ିଛି କି ନାହିଁ ପରୀକ୍ଷା କରିନେଲୁ। ଆମର ସନ୍ଦେହ, ବୃଦ୍ଧକାଳେ ଆମର ପ୍ରେମକଥାଟି ଆଉ ଇଏ ଜାଣି ପକେଇଲେ କି?

□□

ଲେଖକଙ୍କ ଇ-ମେଲ ଠିକଣା:
dr.kulangar@gmail.com

କବିତା

# ସବୁ ଆମର



କୁମାର ଧର୍ମନ୍



ଜୀବନକୁ ଜାଲଟିଏ କରି
ଫିଙ୍ଗି ଦେବା ଚାଲ
ପାଣିକି
ସେଥିରେ ଯାହା ପଡ଼ିଲା
ସବୁ ଆମର

ହେଉ ତାହା
ଅରଣ୍ୟର ପତ୍ରଗହଳ ସୁଖ
କିମ୍ବା
ପୌଷର ପତ୍ରଝରା ଶୋକ

ରାଗ - ରୋଗ
ମରୁଭୂମି - ମେଘ
ଦୀପକ - ମଲ୍ଲାର
ସବୁ ଆମର

ଥୁଣ୍ଟାଗଛ ଉପରେ ବସିଥିବା
କର୍କଶ କାକ
ଘଞ୍ଚ ଆମ୍ବ ଡାଳରେ ହଳଦିବସନ୍ତର
କୋମଳ ଡାକ
ସବୁ ସାଉଁଟି ଅଣାଯାଇଛି
ଆମ ପାଇଁ

ଜାଲରେ ପଡ଼ିଥିବା ଶୁକ୍ତି
ଓ ଶୁକ୍ତିରୁ ମିଳିଥିବା ମୁକ୍ତା
ମାଛ କଇଁଛ ପଙ୍କ ପଦ୍ମ ସବୁ କିଛି
ଆମର
ଆଉ ଡେରି କାହିଁକି ?
ସମସ୍ତଙ୍କୁ ଘେନି ଚାଲିବା ବାଟ
ଚାଲ ।

□□

କବିଙ୍କ ଇ-ମେଲ ଠିକଣା:
dharmendrapatra068@gmail.com



# ଆଧୁନିକ ଓଡ଼ିଆ କବିତାରେ ଅତିବାସ୍ତବବାଦୀ ପ୍ରତିଫଳନ

ପ୍ରବନ୍ଧ

ଫକୀର ମୋହନ ସାହୁ

କଳା ଓ ସାହିତ୍ୟ ଜୀବନର ସ୍ରୋତରୁ ବିଚ୍ଛିନ୍ନ ନୁହେଁ। ଜୀବନ ପ୍ରବାହର ଯେଉଁସବୁ ଦୃଶ୍ୟପଟ ତଥ୍ୟନିଷ୍ଠ ଭାବରେ ଆବିଷ୍କୃତ ହୁଏ, ସେସବୁ କଳା ଓ ସାହିତ୍ୟର ଅଙ୍ଗ ଓ ଆତ୍ମାକୁ ପ୍ରଭାବିତ କରିବା ସ୍ୱାଭାବିକ। ମନୁଷ୍ୟର ଜୀବନଧାରାକୁ ଗୋଟିଏ ଦିଗରୁ ନିତ୍ୟ ପରିବର୍ତ୍ତିତ ପରିବେଷ୍ଟନୀ ନିୟନ୍ତ୍ରଣ କରୁଥିବା ବେଳେ, ଅନ୍ୟ ଦିଗରେ ମାନସିକ ଅବସ୍ଥା ଏହାକୁ ପରିଚାଳନା କରେ। ବସ୍ତୁତଃ ମନ ଓ ପରିବେଷ୍ଟନୀର କ୍ରିୟା ପ୍ରତିକ୍ରିୟା ହିଁ ଜୀବନର ଗତିଧାରାକୁ ନିର୍ଦ୍ଦିଷ୍ଟ ରୂପରେଖ ଦିଏ। ଏ ଦୃଷ୍ଟିରୁ ମନର ପ୍ରକୃତି, ପରିସର ଓ ବିଚିତ୍ରତା ସମ୍ପର୍କରେ ବିଧିବଦ୍ଧ ଭାବରେ ଉଦ୍‌ଘାଟିତ ତଥ୍ୟସବୁ କଳା ଓ ସାହିତ୍ୟକୁ ନୂତନ ମୋଡ଼ ଦେଇଛି କହିଲେ ଅସଙ୍ଗତ ହେବନାହିଁ।

ବିଂଶ ଶତକର ପ୍ରଥମ ଦୁଇ ଦଶକ ମଧ୍ୟରେ ମନୁଷ୍ୟର ମନ ଓ ତାହାର ସ୍ୱରୂପ ସମ୍ପର୍କରେ ବହୁ ତଥ୍ୟପୂର୍ଣ୍ଣ ଚିନ୍ତାଧାରା ପ୍ରକାଶ ପାଇଲା। ଏହିସବୁ ଚିନ୍ତାଧାରାର ଉନ୍ମେଷ ଓ ସଂପ୍ରସାରଣ କଳା ଓ ସାହିତ୍ୟର ଆଭିମୁଖ୍ୟ ତଥା ପରିପ୍ରକାଶକୁ ଅଭିନବ ରୂପ ଦେଲା। ଜୀବନର ଦୃଶ୍ୟମାନ ବାସ୍ତବତାକୁ ଭେଦକରି ଅଧିକ ବାସ୍ତବତାକୁ ରୂପଦେବାର ପ୍ରୟାସରୁ କଳା ଓ ସାହିତ୍ୟର ଅତିବାସ୍ତବବାଦର ପରିପ୍ରକାଶ ଘଟିଥିଲା।

ଅତିବାସ୍ତବବାଦୀ ପରିପ୍ରକାଶ ମୂଳରେ ଏକାଧିକ ମନସ୍ତାତ୍ତ୍ୱିକ ଚିନ୍ତାଧାରା ସକ୍ରିୟ ଥିଲେ ମଧ୍ୟ ସିଗମୁଣ୍ଡ୍ ଫ୍ରଏଡ୍ ଏବଂ ତାଙ୍କର ମନୋବିଶ୍ଳେଷଣ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଫ୍ରଏଡ୍‌ଙ୍କ ଅନ୍ତର୍ଦୃଷ୍ଟି ଗଭୀର ଓ ବ୍ୟାପକ ଥିଲା। ତତ୍‌କାଳୀନ ସମାଜରେ ବସବାସ କରୁଥିବା ଲୋକମାନଙ୍କର ସ୍ୱାଭାବିକ ଓ ଅସ୍ୱାଭାବିକ ଜୀବନ ଧାରାର ଏକ ତୁଳନାତ୍ମକ ବିଶ୍ଳେଷଣ ଫଳରେ ସେ ମନୁଷ୍ୟ ମନର ଲୁକ୍‌କାୟିତ ଦିଗଟି ଆବିଷ୍କାର କଲେ ଏବଂ ଚିନ୍ତାରାଜ୍ୟରେ ଏକ ବିପ୍ଳବ ଆଣିଲେ।

**ଫ୍ରଏଡୀୟ ତତ୍ତ୍ୱ**

ସିଗମୁଣ୍ଡ୍ ଫ୍ରଏଡ୍ ମୁଖ୍ୟତଃ ଜଣେ ଚିକିତ୍ସକ ଥିଲେ। କିନ୍ତୁ ଅଗଣିତ ଲୋକଙ୍କର ଅସ୍ୱାଭାବିକ ବ୍ୟବହାର ଓ ମାନସିକ ବିପର୍ଯ୍ୟୟ ଲକ୍ଷ୍ୟ କଲାପରେ ସେ ଏକ ନୂତନ ତଥ୍ୟର ସନ୍ଧାନ ପାଇଲେ। ମଣିଷ ମନର ଆଙ୍ଗିକ ରୂପରେଖ ସେ ଭିନ୍ନ ଭାବରେ ଉପସ୍ଥାପନ କଲେ। ସେ ଦୃଢ଼ ଭାବରେ ପ୍ରଖ୍ୟାପନ କଲେ ଯେ ମନର ତିନୋଟି ସ୍ତର ରହିଛି। ସେଗୁଡ଼ିକ ହେଉଛି- ଚେତନ, ଅବଚେତନ ଓ ଅଚେତନ।



ଫ୍ରଏଡୀୟ ଚିନ୍ତାଧାରା ଅନୁଯାୟୀ- ଏକ ନିର୍ଦ୍ଦିଷ୍ଟ ପରିପ୍ରେକ୍ଷୀରେ ମନୁଷ୍ୟ କିଛି କାର୍ଯ୍ୟପ୍ରତି ସଚେତନ ଥିବା ମନର ଅଂଶଟି ଚେତନଶୀଳ ମନ। ଜଣେ ଶିକ୍ଷକ ଶିକ୍ଷାଦାନ କରୁଥିବା ସମୟରେ ସମବେତ ଛାତ୍ର, ଶ୍ରେଣୀଗୃହ, ଶ୍ରେଣୀଗୃହର ଆସବାବପତ୍ର ଏବଂ ଶିକ୍ଷାଦାନ କରୁଥିବା ବିଷୟପ୍ରତି ସଚେତନତା ରକ୍ଷା କରନ୍ତି। ସୁତରାଂ ଏସବୁ ତାଙ୍କ ଚେତନ ମନର ଅଂଶ ବିଶେଷ। ସେହି ସମୟରେ ହୁଏତ ଜଣେ ବ୍ୟକ୍ତି ଶିକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ଶ୍ରେଣୀଗୃହର ଦ୍ୱାରରେ ଅପେକ୍ଷା କରିଛନ୍ତି। ବର୍ତ୍ତମାନ ଶିକ୍ଷକ ଜଣକ ଏ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତି ପ୍ରତି ସଚେତନ ନ ଥିଲେ ମଧ୍ୟ ପରମୁହୂର୍ତ୍ତରେ ସଚେତନ ହେବାର ଅଧିକ ସମ୍ଭାବନା ଅଛି। ସୁତରାଂ ଏହା ମନର ଅବଚେତନ ଅବସ୍ଥା, ଯାହା ସଂପର୍କରେ ମନୁଷ୍ୟ ଏହି ମୁହୂର୍ତ୍ତରେ ସଚେତନ ନୁହେଁ ଅଥଚ ପରମୁହୂର୍ତ୍ତରେ ସଚେତନ ହେବାର ସମ୍ଭାବନା ଅଛି। ସେସବୁକୁ ନେଇ ଅବଚେତନ ମନ ଗଠିତ।

ଫ୍ରଏଡ୍‌ଙ୍କ ଆବିଷ୍କାରର ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗଟି ହେଉଛି ଅଚେତନମନ। ଏହାର ସ୍ୱରୂପ ଦର୍ଶାଇବାକୁ ଯାଇ

ଫ୍ରଏଡ଼ ଏକ ଭାସମାନ ବରଫର ଉଦାହରଣ ଦିଅନ୍ତି । ଭାସମାନ ବରଫ ଖଣ୍ଡଟିକୁ ଲକ୍ଷ୍ୟ କଲେ ଦେଖାଯିବ ଯେ ଏହାର ମାତ୍ର ଏକ ଦଶମାଂଶ ଜଳର ଉପରି ଭାଗରେ ରହିଛି । ବରଫର ପ୍ରାୟ ନବଦଶମାଂଶ ଜଳ ମଧ୍ୟରେ ନିମଗ୍ନ ଅଛି । ଠିକ୍ ସେହିପରି ମନୁଷ୍ୟ ମନର ଅଚେତନ ଅଂଶଟି ଖୁବ୍ ବେଶି । ସମାଜର ନିୟମକାନୁନ, ଶୃଙ୍ଖଳାବୋଧ, ପାପ-ପୁଣ୍ୟର ବିଚାର ଏବଂ ବାଧା ଓ ଅନ୍ତର୍ବାଧା ମନୁଷ୍ୟର ବହୁ ଆଶା ଆକାଂକ୍ଷା ଓ କାମନାକୁ ପରିପୂରିତ ହେବାରେ ବାଧା ଦେଇଥାଏ । ଏ ସମସ୍ତ ଅବଦମିତ କାମନା ଚାପିହୋଇ ଅଚେତନର କୋଠରୀରେ ସ୍ଥାନ ପାଏ । ମନୁଷ୍ୟର ଚେତନଶୀଳ ଓ ଅବଚେତନରେ ଥିବା ଭାବଧାରା ତୁଳନାରେ ଅବଦମିତ ଅପରିପୂରିତ ଚିନ୍ତା ଓ କାମନାର ମାତ୍ରା ଖୁବ୍ ବେଶି ।

ଅଚେତନର କେବଳ ଆୟତନ ବା ପରିସର ଦୃଷ୍ଟିରୁ ଫ୍ରଏଡ୍ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ । ବ୍ୟବହାର ଓ ଆଚରଣରେ ଏହାର ସୁଦୂରପ୍ରସାରୀ ପ୍ରଭାବ ଯୋଗୁ ଫ୍ରଏଡ ଅଚେତନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ବୈଜ୍ଞାନିକମାନେ ସାଧାରଣତଃ ଭୌତିକ ନିର୍ଦ୍ଧାରଣ (ଫିଜିକାଲ୍ ଡିଟର୍‌ମିନିଜମ୍)ରେ ବିଶ୍ୱାସ କରନ୍ତି । ସେମାନଙ୍କ ମତରେ ଯେକୌଣସି ଘଟଣା ମୂଳରେ କିଛି ନା କିଛି କାରଣ ରହିଛି । କାରଣ ବ୍ୟତୀତ ଘଟଣା ଅସମ୍ଭବ । ଠିକ୍ ସେହିପରି ଫ୍ରଏଡ୍ ମାନସିକ ନିର୍ଦ୍ଧାରଣ (ସାଇକିକ୍ ଡିଟର୍‌ମିନିଜମ୍)ରେ ବିଶ୍ୱାସ କରୁଥିଲେ । ତାଙ୍କ ମତରେ କୌଣସି ଆଚରଣ ବା ବ୍ୟବହାର ଆକସ୍ମିକ ବା କାରଣ-ବିବର୍ଜିତ ନୁହେଁ । ମନୁଷ୍ୟର ପ୍ରତିଟି ବ୍ୟବହାର ଅନ୍ତରାଳରେ ମାନସିକ କାରଣ ରହିଛି । ମାତ୍ର ବହୁଳ ଭାବରେ ଏସବୁ କାରଣକୁ ସଚେତନଶୀଳ ମନ ଦେଖିପାରେ ନାହିଁ । ଏସବୁ କାରଣମାନ ମନର ଅଚେତନ ଅଂଶରେ ରହିଥାଏ ।

**ଲେଖିବା ସମୟରେ ଭୁଲ୍‌ବଶତଃ କିଛି ଲେଖିଦେବା ଶବ୍ଦଟି ସାଧାରଣ ଦୃଷ୍ଟିରୁ ଆକସ୍ମିକ ବୋଲି ମନେ ହେଉଥିଲେ ମଧ୍ୟ ଏହା ପ୍ରକୃତରେ ଆକସ୍ମିକ ନୁହେଁ ।**

### ଅଚେତନ ମନ

ଏ ଦୃଷ୍ଟିରୁ ବିଚାର କଲେ ସ୍ପଷ୍ଟ ହୁଏ ଯେ, ମନୁଷ୍ୟର ବହୁ ବ୍ୟବହାର ଓ କ୍ରିୟାକଳାପ ଅଚେତନ ମନଦ୍ୱାରା ନିୟନ୍ତ୍ରିତ । ଲେଖିବା ସମୟରେ ଭୁଲ୍‌ବଶତଃ କିଛି ଲେଖିଦେବା ବା କହିବା ସମୟରେ ଭୁଲବଶତଃ ଉଚ୍ଚାରିତ ହୋଇଥିବା ଶବ୍ଦଟି ସାଧାରଣ ଦୃଷ୍ଟିରୁ ଆକସ୍ମିକ ବୋଲି ବିଚାର କରାଯାଉଥିଲେ ମଧ୍ୟ ଏହା ପ୍ରକୃତରେ ଆକସ୍ମିକ ନୁହେଁ । ଅଚେତନ ମନରେ ରହିଥିବା କେଉଁ ଏକ କାରଣ ଫଳରେ ଦୈନନ୍ଦିନ ଜୀବନରେ ଏପରି ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହୁଏ ।

ଅଚେତନମନର ପରିପ୍ରକାଶ ବହୁଳ ଭାବରେ ସମାଜର ନୀତି-ନିୟମ ଓ ପାପ ପୁଣ୍ୟର ବିଚାର ଦ୍ୱାରା ନିୟନ୍ତ୍ରିତ ହୁଏ । ତେଣୁ ବ୍ୟବହାରକୁ ଅଚେତନମନ ଗଭୀର ଭାବେ ପ୍ରଭାବିତ କଲେ ମଧ୍ୟ ଏସବୁ ପ୍ରଭାବର ପରିପ୍ରକାଶ ସିଧାସଳଖ (ପ୍ରତ୍ୟକ୍ଷ) ଭାବରେ ନ ଘଟି ପରୋକ୍ଷ ଭାବରେ ଘଟିଥାଏ । ଏ ପରିପ୍ରକାଶର ଏକ ସ୍ୱଚ୍ଛ ମାର୍ଗ ହେଉଛି ସ୍ୱପ୍ନ । ସ୍ୱପ୍ନ ସମୟରେ ମନୁଷ୍ୟର ଅଙ୍ଗପ୍ରତ୍ୟଙ୍ଗ ଶିଥିଳ ହୋଇପଡ଼ିଥିବା ହେତୁ ତା' ମନର ଦାବକ (ସେନ୍‌ସର୍)ର କ୍ରିୟାକଳାପ ମଧ୍ୟ ମନ୍ଥର ହୋଇଯାଇଥାଏ । ଏହାର ସୁଯୋଗ ନେଇ ଅଚେତନ ମନରେ ଥିବା ଅବଦମିତ ଓ ଅଚେତନ ମନରେ ଅପରିପୂରିତ କାମନା ବାସନା ସ୍ୱପ୍ନରେ ଉପର ସ୍ତରକୁ ଆସନ୍ତି । ତଥାପି ଏସବୁ ଅଚେତନ ଚିନ୍ତାଧାରା ଅବିକଳ ନିଜ ରୂପରେ ନ ଆସି ଛଦ୍ମ ରୂପରେ ନିଜକୁ ପ୍ରକାଶ କରନ୍ତି । ଏହା ଫଳରେ ବ୍ୟକ୍ତିର ନିଦ୍ରା ସୁରକ୍ଷିତ ରହିବା ସଙ୍ଗେ ସଙ୍ଗେ ସାମୟିକ ଭାବରେ ବାସନାସବୁର ପରିପୂରଣ ଘଟେ । ସ୍ୱପ୍ନରେ ପ୍ରକାଶ ପାଉଥିବା ବିଭିନ୍ନ ଘଟଣାବଳୀ ମଧ୍ୟରେ ପୂରାପୂରି ସଂଗତି ନ ଥାଏ । ତର୍କ ବା ଯୁକ୍ତି ପ୍ରବାହର ଅଭାବ, ସମୟର କ୍ରମାନ୍ୱୟତାର ଅଭାବ ଏବଂ ବହୁ ପ୍ରକାରର ଅସଂଗତି ସ୍ୱପ୍ନରେ ପରିଲକ୍ଷିତ ହୁଏ । ଅଚେତନମନରେ ରହିଥିବା ଚିନ୍ତାଧାରାରେ ଯେଉଁ ବିଶୃଙ୍ଖଳା ଥାଏ, ତାହା ଏଠାରେ ପ୍ରତିଫଳିତ ହୁଏ । ମୂଳ ଭାବର ଯେଉଁ ସବୁ ରୂପାନ୍ତର ଘଟିଥାଏ, ତାହାର ଅନ୍ତର୍ଦ୍ଦେଶକୁ ଯାଇ ପ୍ରକୃତ ଭାବନା ଓ ମୂଳ ଭାବଧାରାକୁ ଆବିଷ୍କାର କରିବା ସ୍ୱପ୍ନ-ବିଶ୍ଳେଷଣକାରୀଙ୍କ ପେସାଗତ କାର୍ଯ୍ୟ ହୋଇଥାଏ ।

ଅଚେତନ ମନର ଉତ୍ସ ଓ ତାହାର ପରିପ୍ରକାଶ ସଂପର୍କରେ ଆଲୋଚନା କଲାବେଳେ ଏହା ସହଜରେ ଅନୁମେୟ ଯେ ମନୁଷ୍ୟର ଯେଉଁସବୁ ଚିନ୍ତାଧାରା ଅବଦମନ (ରିପ୍ରେସନ୍)ର ଅଧିକ ଶରବ୍ୟ ହୁଏ, ସେଗୁଡ଼ିକ ହେଉଛି-

ନିୟମ ବିରୁଦ୍ଧ ଯୌନ କାମନା ଓ ସମାଜ ବିରୁଦ୍ଧ ନୀତିବିହୀନ ଇଚ୍ଛା। ଏ ଦୃଷ୍ଟିରୁ ଅଚେତନର ଗନ୍ତାଘରରେ ଯୌନ ଇଚ୍ଛା ଓ ବୀଭତ୍ସ କାମନାମାନ ସ୍ଥାନ ପାଇବା ସ୍ୱାଭାବିକ।

ଫ୍ରଏଡୀୟ ଚିନ୍ତାଧାରା ଫଳରେ ମନସମୀକ୍ଷା ବା ମନୋବିଶ୍ଳେଷଣ କ୍ଷେତ୍ରରେ ଯେଉଁ ଆନ୍ଦୋଳନର ସୂତ୍ରପାତ ହେଲା, ତାହା ସ୍ୱାଭାବିକ ଭାବରେ କଳା ଓ ସାହିତ୍ୟକୁ ପ୍ରଭାବିତ କଲା। ମୁଖ୍ୟତଃ ଚେତନଶୀଳ ମନର କ୍ରିୟାକଳାପକୁ ମାନସିକତାର ଏକ ଅସଂପୂର୍ଣ୍ଣ ରୂପ ବୋଲି ବିଚାର କରାଯିବାରୁ ସମ୍ପୂର୍ଣ୍ଣ ମନୁଷ୍ୟର ରୂପରେଖ ପାଇବା ପାଇଁ ଅଚେତନମନ ଉପରେ ନିର୍ଭର କରାଗଲା। ଉଦ୍ଭଟ ଭାବନା, ନୀତିବିହୀନ ଇଚ୍ଛା, ବୀଭତ୍ସ ଚିନ୍ତା ଓ ଯୁକ୍ତିହୀନ କଳ୍ପନାସବୁ କଳା ଓ ସାହିତ୍ୟରେ ରୂପାୟିତ ହୋଇଉଠିଲା।

ଅତିବାସ୍ତବବାଦୀ କଳା ଓ ସାହିତ୍ୟର ଉନ୍ମେଷ ଓ ବିକାଶ ଦିଗରେ ଫ୍ରଏଡ୍ ମୁଖ୍ୟ ପ୍ରଭାବଶାଳୀ ଶକ୍ତି ଥିଲେ ମଧ୍ୟ ଅନ୍ୟ କେତୋଟି ଧାରା ଯେ ଏହି ମନସ୍ତାତ୍ତ୍ୱିକ ଭିତ୍ତିଭୂମିକୁ ସୁଦୃଢ଼ କରି ନାହିଁ, ସେ କଥା ନୁହେଁ। ଫ୍ରଏଡ୍ ଅଚେତନକୁ ଆଧାର କରି ମଣିଷର ସଂପୂର୍ଣ୍ଣତାକୁ ରୂପ ଦେବାକୁ ପ୍ରୟାସ କଲାବେଳେ ଅନ୍ୟ କେତେକ ମନୋବିଜ୍ଞାନୀ ଭିନ୍ନ ଉପାୟରେ ଏହି ଦିଗଟିର ଆଭାସ ଦେଲେ।




### ଫ୍ରଏଡୀୟ ପରବର୍ତ୍ତୀ ଚିନ୍ତାଧାରା

ଫ୍ରଏଡ୍‌ଙ୍କର ସମସାମୟିକ ତଥା ପରବର୍ତ୍ତୀ ମନୋବିଜ୍ଞାନୀମାନେ କେତେକ ଦୃଷ୍ଟିରୁ ଫ୍ରଏଡ୍‌ଙ୍କଠାରୁ ଭିନ୍ନ ମତ ପୋଷଣ କଲେ ମଧ୍ୟ ମନୁଷ୍ୟର ଅନ୍ତଃସ୍ଥଳରେ ଯେ ଗଭୀର ଭାବରେ ଅନ୍ତର୍ଦ୍ୱନ୍ଦ୍ୱ ରହିଛି, ଏହା ସେମାନେ ସ୍ୱୀକାର କରିଥିଲେ।

ଫ୍ରଏଡ୍‌ଙ୍କର ଏକଦା ଶିଷ୍ୟ ତଥା ପରେ ସହଯୋଗୀ ଆଡ୍‌ଲର୍ ମନୁଷ୍ୟର ଅନ୍ତର୍ଦ୍ୱନ୍ଦ୍ୱକୁ ଶରୀରଭିତ୍ତିକ ବିଚାର ନ କରି ବ୍ୟକ୍ତିଗତ ଓ ସମାଜଭିତ୍ତିକ ବୋଲି ବିଚାର କରୁଥିଲେ। ତାଙ୍କ ମତରେ ପ୍ରତି ମନୁଷ୍ୟ ନିଜର ପରିବେଷ୍ଟନୀରେ ଅଧିକରୁ ଅଧିକ ପ୍ରଭୁତ୍ୱ ବା ଆଧିପତ୍ୟ ବିସ୍ତାର କରିବାକୁ ଚାହେଁ। ପର ମୁହୂର୍ତ୍ତରେ ନିଜର କ୍ଷମତାହୀନତା ଓ ପରିସୀମା ପ୍ରତି ସଚେତନ ହୋଇ ସେ ଦ୍ୱନ୍ଦ୍ୱ ଅନୁଭବ କରେ। ସଫଳତାକାମୀ ବ୍ୟକ୍ତିମାନେ ଏପରି ଦ୍ୱନ୍ଦ୍ୱକୁ କିଛି ମାତ୍ରାରେ ସମାହିତ କରିଥିଲେ ମଧ୍ୟ ଅନେକଙ୍କ ଜୀବନରେ ଏପରି ସଂଘର୍ଷ ସବୁବେଳେ ଲାଗି ରହିଥାଏ। ଏ ଦୃଷ୍ଟିରୁ ବିଚାର କଲେ ପ୍ରତି ମନୁଷ୍ୟ କିଛି ମାତ୍ରାରେ ମାନସିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାଏ।

ଫ୍ରଏଡ୍‌ଙ୍କର ଅନ୍ୟତମ ଶିଷ୍ୟ ଓ ପରେ ସହଯୋଗୀ ୟୁଙ୍ଗ୍ ମଧ୍ୟ ମନୁଷ୍ୟ ମନର ମାନସିକ ଦୋଳନ ସୂଚାଇଛନ୍ତି। କେବଳ ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣରୁ ଫ୍ରଏଡ୍ ଓ ୟୁଙ୍ଗ୍‌ଙ୍କ ମଧ୍ୟରେ ପାର୍ଥକ୍ୟ ରହିଛି। ଫ୍ରଏଡ୍ ବିଶ୍ୱାସ କରୁଥିଲେ ଯେ ବ୍ୟକ୍ତି ତା'ର ଦୈନନ୍ଦିନ ଜୀବନରେ ଘାତପ୍ରତିଘାତର ସମ୍ମୁଖୀନ ହୋଇ ବହୁ କାମନାକୁ ଚାପିରଖେ। ଚାପି ହୋଇ ରହିଥିବା କାମନାସବୁ ଅଚେତନ ପ୍ରକୋଷ୍ଠରେ ସ୍ଥାନ ପାଏ। କିନ୍ତୁ ୟୁଙ୍ଗ୍ ବିଶ୍ୱାସ କରୁଥିଲେ ଯେ କେବଳ ବ୍ୟକ୍ତିଗତ ଅନୁଭୂତି ଯୋଗୁ ସବୁ ଭାବନା ଅବଦମିତ ହୋଇ ନ ଥାଏ। ପୁରୁଷାନୁକ୍ରମିକ ଭାବରେ କେତେକ ଚିନ୍ତା ଓ ଭାବଧାରା ଅଚେତନରେ ସ୍ଥାନ ପାଏ। ୟୁଙ୍ଗ୍ ଏହାକୁ ସମ୍ମିଳିତ ଅଚେତନ (କଲେକ୍‌ଟିଭ୍ ଅନ୍‌କନସିଅସ୍) ବୋଲି ଆଖ୍ୟା ଦେଇଥିଲେ। ଏଠାରେ ଲକ୍ଷ୍ୟ କରିବାର କଥା ଯେ ଫ୍ରଏଡ୍‌ଙ୍କ ପରି ୟୁଙ୍ଗ୍ ମଧ୍ୟ ବିଚାର କରୁଥିଲେ ଯେ ମନୁଷ୍ୟର ବହୁ କ୍ରିୟାକଳାପ ତା'ର ସଚେତନ ମନଦ୍ୱାରା ନିୟନ୍ତ୍ରିତ ନ ହୋଇ ଅନ୍ତରାଳରେ ଥିବା ସମ୍ମିଳିତ ଅଚେତନ ଦ୍ୱାରା ପ୍ରଭାବିତ ହୁଏ।

ଫ୍ରଏଡ୍‌ଙ୍କ ପରବର୍ତ୍ତୀ ସମୟରେ ଯେଉଁ ମନସ୍ତାତ୍ତ୍ୱିକ ଆନ୍ଦୋଳନର ବିକାଶ ଘଟିଥିଲା, ତାହାକୁ 'ସଂସ୍କୃତିମୁଖୀ ମନୋବୈଜ୍ଞାନିକ ଆନ୍ଦୋଳନ' କୁହାଯାଇପାରେ। ଏହାର ମୁଖ୍ୟ ପ୍ରବକ୍ତା ଥିଲେ ଏରିକ୍‌ସନ୍। ଶରୀରଭିତ୍ତିକ ଚାହିଦା ଓ ତାହାର ବିପର୍ଯ୍ୟୟ ଉପରେ ଫ୍ରଏଡ୍ ମାତ୍ରାଧିକ ପ୍ରାଧାନ୍ୟ ଦେଇଛନ୍ତି ବୋଲି ଏମାନଙ୍କର ମୁଖ୍ୟ କଟୁକ୍ତି ଥିଲା। ମାତ୍ର ଏମାନେ ମଧ୍ୟ ବ୍ୟକ୍ତିର ପରିସୀମତ୍ୱ ଓ ବାଧା ବନ୍ଧନ ଉପରେ

ଗୁରୁତ୍ୱ ଆରୋପ କରିଥିଲେ। ଅବଶ୍ୟ ବାଧାବନ୍ଧନର ଉତ୍ସକୁ ଶରୀରଭିତ୍ତିକ ବିଚାର କରା ନ ଯାଇ ଏହା ସମାଜ ତଥା ସାଂସ୍କୃତିକ ପରିବେଷ୍ଟନୀରୁ ଜନ୍ମ ନେଇଛି ବୋଲି ପ୍ରଖ୍ୟାପନ କରାଗଲା।

ମନୋବିଜ୍ଞାନୀମାନଙ୍କ ବ୍ୟତୀତ କେତେକ ସମାଜବିଜ୍ଞାନୀ ମନୁଷ୍ୟର ଗୋଷ୍ଠୀଗତ ବ୍ୟବହାରରେ ପ୍ରତିଫଳିତ ଅସହାୟତାବୋଧ ଓ ବିପର୍ଯ୍ୟୟର ବୈଜ୍ଞାନିକ ଚିତ୍ର ଉପସ୍ଥାପନ କଲେ। ବିଶେଷ କରି ସମାଜବିଜ୍ଞାନୀ ଡୁର୍ଖେମ ଗୋଷ୍ଠୀ ମଧ୍ୟରେ ବସବାସ କରୁଥିବା ସାଧାରଣ ମଣିଷ ଜୀବନର ଚିତ୍ର ଦେବାକୁ ଯାଇ ତାହାର କ୍ରିୟାହୀନତା, ଅସହାୟତାବୋଧ ଓ ଅନ୍ୟାନ୍ୟ ସାମାଜିକ ବିପର୍ଯ୍ୟୟ ସମ୍ପର୍କରେ ସୂଚନା ଦେଲେ।

ମୋଟ ଉପରେ ଫ୍ରଏଡ୍‌ଙ୍କୁ କେନ୍ଦ୍ର କରି ଯେଉଁ ଭାବଧାରାର ଉନ୍ମେଷ ଓ ବିକାଶ ହେଲା, ତାହା ସ୍ଥାନ କାଳ ପାତ୍ରରେ କିଛି ପରିବର୍ତ୍ତିତ ରୂପ ଗ୍ରହଣ କଲେ ମଧ୍ୟ ମୁଖ୍ୟତଃ ମନୁଷ୍ୟ ଚରିତ୍ରରେ ଲୁକ୍‌କାୟିତ ଭାବରେ ରହିଥିବା ଅନ୍ତର୍ଦ୍ୱନ୍ଦ୍ୱ, ଅସାମାଜିକତା ଓ ହେତୁ- ବିରୋଧୀ ମନୋଭାବର ପ୍ରମାଣ ମିଳିଗଲା। ପ୍ରକାରାନ୍ତରେ ବିଚାର କଲେ, ଚେତନଶୀଳମନର ରୂପାୟନ ଅସମ୍ପୂର୍ଣ୍ଣ ବୋଲି ବିଚାର କରାଯାଉଥିବାରୁ କଳାକାର ସାହିତ୍ୟିକମାନେ ମନୁଷ୍ୟ ଜୀବନର ବିଶ୍ୱସ୍ତ ଚିତ୍ର ଦେବାକୁ ଯାଇ ଏହିସବୁ ତଥ୍ୟରାଜି ଉପରେ ନିର୍ଭରଶୀଳ ହୋଇ ଉଠିଲେ। ସାହିତ୍ୟର ଏକ ମୁଖ୍ୟ ବିଭବ ରୂପେ କବିତାରେ ଏହି ଅନ୍ତର୍ଦୃଷ୍ଟି ପ୍ରତିଫଳିତ ହେଲା।

> **ମନୁଷ୍ୟ ମନର ଅଚେତନ ଦିଗଟି ଏକ ନିଚ୍ଛକ ବାସ୍ତବତା ଏବଂ ଏହାର ପ୍ରଭାବରୁ ମନୁଷ୍ୟ ନିଜକୁ ସହଜରେ ମୁକ୍ତ କରିପାରିବ ନାହିଁ।**

## ମନସ୍ତାତ୍ତ୍ୱିକ ଧାରା ଓ କବିତା

ଫ୍ରଏଡ୍‌ଙ୍କ ବିପ୍ଳବାତ୍ମକ ଚିନ୍ତାଧାରା ବିଶ୍ୱରେ ଯେଉଁ ଆଲୋଡ଼ନ ସୃଷ୍ଟି କଲା, ତାହା କେବଳ ଇଂରାଜୀ ଓ ଫରାସୀ ସାହିତ୍ୟକୁ ପ୍ରଭାବିତ କରିନଥିଲା। ଆନ୍ଦ୍ରେ ବ୍ରେତୋଁଙ୍କ ପରି ପ୍ରଖ୍ୟାତ ସାହିତ୍ୟିକ ବିଶ୍ୱସାହିତ୍ୟରେ ଅତିବାସ୍ତବବାଦୀ ଚିନ୍ତାଧାରାର କଳାତ୍ମକ ପରିପ୍ରକାଶ କରିବା ପରେ ଭୌଗୋଳିକ ସୀମାରେଖାର ଉର୍ଦ୍ଧ୍ୱରେ ଏହା ବିଭିନ୍ନ ଦେଶରେ ପରିବର୍ତ୍ତନର ସୂତ୍ରପାତ କଲା।

ଓଡ଼ିଶାର କେତେକ ପ୍ରତିଷ୍ଠିତ କବି ସେମାନଙ୍କ ସୃଷ୍ଟିରେ ଏହି ଅତିବାସ୍ତବବାଦୀ ଚିନ୍ତାଧାରାକୁ ସ୍ଥାନ ଦେଲେ। ମନୁଷ୍ୟ ମନର ଅଚେତନ ଦିଗଟି ଏକ ନିଚ୍ଛକ ବାସ୍ତବତା ଏବଂ ଏହାର ପ୍ରଭାବରୁ ମନୁଷ୍ୟ ନିଜକୁ ସହଜରେ ମୁକ୍ତ କରିପାରିବ ନାହିଁ, ସେ ଉପଲବ୍ଧି କବି ସଚ୍ଚି ରାଉତରାୟଙ୍କ କେତେକ କବିତାରେ ଅତି ସ୍ପଷ୍ଟ। 'ପାଣ୍ଡୁଲିପି' କାବ୍ୟଗ୍ରନ୍ଥର "ପଶୁ" କବିତାରେ ମନୁଷ୍ୟ ମନର ଏହି ହେତୁବିରୋଧୀ, ନୀତିବିରୋଧୀ ସ୍ୱରୂପର ଚିତ୍ର ସେ ଉପସ୍ଥାପନ କରିଛନ୍ତି-

ଧ୍ୱଂସର କଥା କୁହ
ସୃଷ୍ଟିର ଛବି ଦେଖି ଦେଖି ବହୁ ହେଲାଣି ଦୁର୍ବିସହ।
ଭାଦ୍ର ଆକାଶେ ହସେ ଯେବେ ଶଶୀ
ବଙ୍କିମ ଲାଜେ ଥରି
ଇଚ୍ଛା ହୁଏ ମୋ ମାରିବାକୁ ହାତେ
ତଣ୍ଟି ତା' ଚିପିଧରି।

x x x

ନିଦ୍ରିତ ମୋର ସକଳ
ଚେତନା ମନର ସତ୍ତା ପାଇ
ଅନାଦି କାଳର ନିଗଡ଼ ପିଙ୍ଗି
ଆଜି ଉଠେ ଗୀତ ଗାଇ।

ସିଗ୍‌ମୁଣ୍ଡ୍ ଫ୍ରଏଡ୍‌ଙ୍କ ତତ୍ତ୍ୱନିଷ୍ଠ ଅଚେତନମନର ବୈଜ୍ଞାନିକ ପରିଭାଷା ଅତି କଳାନୈପୁଣ୍ୟ ସହ କବି ସଚ୍ଚି ରାଉତରାୟଙ୍କ 'ପାଣ୍ଡୁଲିପି'ର ରାକ୍ଷସ କବିତାରେ ରୂପାୟିତ ହୋଇଉଠିଛି।

କଳା ଯାମିନୀର ପାତ୍ରେ ଆଜିରେ ଝଡ଼ର ମଦ୍ୟ ପିଇ,
ବହୁଦିନ ପରେ ଅନ୍ତରେ ମୋର ଦୈତ୍ୟ ଉଠିଛି ଗାଇ।
ସନ୍ଧ୍ୟାରେ ହୃଦେ ଗୁରୁ ଗୁରୁ ନାଦେ ମେଘ ଡମ୍ବରୁ ହାଣି,
ଅନ୍ତରେ ମୋର ରାକ୍ଷସ ଆଜି ଘୋଷେ ତା'ର ଜୟ ବାଣୀ।
ରୁଦ୍ଧମନର କାରାଗାରେ ଯେବେ ନିଷିଦ୍ଧ ଭାବରାଜି
ନୀତିର କୁଠାରେ ପଡ଼ିଥିଲା ଦିନେ ତରୁପରି ତଳେ ଭାଜି।
ମାଂସର ତଳେ ଯେତେ ମୋ' ବାସନା ଧର୍ମବିଧାନ ଭୟେ,
ସମାଜ ହୁକୁମେ ପଡ଼ିଥିଲା ଶୋଇ ଶରୀରର ଦେବାଳୟେ।
ଯେତେ ଅଭିଳାଷ ଯେତେ ମୋର ଆଶା ଏତେଦିନ ଥିଲା ମରି,
ତାହାର କଢ଼ରୁ ସୟତାନ ଆଜି ଆସିଅଛି ଅବତରି।

ମନୁଷ୍ୟର ଅନ୍ତର୍ଜଗତର ନିଃସଙ୍ଗତା ଏବଂ ଅସହାୟତାକୁ ମନୁଷ୍ୟ ଲୁଚାଇବା ପାଇଁ ଚେଷ୍ଟା କରୁଥିଲେ ମଧ୍ୟ ତାହା

ବେଳେବେଳେ ବାହାରେ ପଦାରେ ପଡ଼ିଯାଏ। ଅତିବାସ୍ତବବାଦୀ ଏହି ଚିନ୍ତାଧାରାକୁ କବି ଗୁରୁପ୍ରସାଦ ମହାନ୍ତି ତାଙ୍କର "ଫେରନ୍ତା ବାଟର ପକ୍ଷୀ" କବିତାରେ ରୂପାୟିତ କରିଛନ୍ତି।

ଫେରନ୍ତା ବାଟର ପକ୍ଷୀ
ତୋ' ଆଖିରେ ସୂର୍ଯ୍ୟାସ୍ତର ବିବର୍ଣ୍ଣ ଆକାଶ
ତୋ' ଡେଣାରେ ଆଚ୍ଛନ୍ନତା ସଞ୍ଚାରିତ ରାତିର ଅନ୍ଧାର
ଭୋକ ନାହିଁ, ତୃଷା ନାହିଁ... ଅନ୍ତଃସାରଶୂନ୍ୟ ସବୁ ଶେଷର ସମାପ୍ତି
ଫେରନ୍ତା ବାଟର ପକ୍ଷୀ
ତୋ' ଡେଣାରେ ଫେରିବାର କ୍ଲାନ୍ତି ଛଡ଼ା ଅନ୍ୟ କିଛି ନାହିଁ।

x x x

ଫେରନ୍ତା ବାଟର ପକ୍ଷୀ ତ
ତୋ' ବାଟ ତ ଛାୟାଚ୍ଛନ୍ନ ଆକାଶର
ଆସନ୍ନ ଅନ୍ଧାର
ତୋ'ବାଟ ତ ସମାପ୍ତିର ନିଃସଙ୍ଗତା
ସମାପ୍ତର ନିଃସଙ୍ଗ ନିଃଶ୍ୱାସ।
(କବିତା ସମଗ୍ର, ପୃଷ୍ଠା-୧୦୫)




ନୀତିହୀନ ଚିନ୍ତା ପରି ମୃତ୍ୟୁଚେତନା ମଧ୍ୟ ଅତିବାସ୍ତବବାଦୀ କବିତାରେ ଗୁଞ୍ଜରିତ। ଫ୍ରଏଡ୍‌ଙ୍କ ଦୃଷ୍ଟିରେ ଆନନ୍ଦାନୁଭୂତିପୂର୍ଣ୍ଣ ଜୀବନଯାପନ କରିବା ଏବଂ ପୁଣି ମୃତ୍ୟୁଲାଭ କରି ଶୂନ୍ୟତା ମଧ୍ୟରେ ମିଳାଇ ଯିବାର ଦୁଇଟି ପ୍ରବୃତ୍ତି ମଧ୍ୟରେ ମନୁଷ୍ୟ ଦ୍ୱନ୍ଦ୍ୱ ଅନୁଭବ କରେ। ମୃତ୍ୟୁର ଭାବନା ଦୁଃଖଦାୟକ ହୋଇଥିବାରୁ ମନୁଷ୍ୟ ଏହାକୁ ଅଚେତନ ମନରେ ଚାପିଦେବାର ପ୍ରୟାସ କରେ। କବି ରମାକାନ୍ତ ରଥଙ୍କ କବିତାରେ ଏପରି ମୃତ୍ୟୁଚେତନାର ସ୍ୱର ଶୁଣିବାକୁ ମିଳେ। ବେଳେବେଳେ ଏପରି ନିର୍ବାଣକାମୀ ଭାବନା ଉପର ଭାଗକୁ ଆସି ମନୁଷ୍ୟକୁ ଆନ୍ଦୋଳିତ କରେ। କବି ରମାକାନ୍ତଙ୍କ 'ଅନେକ କୋଠରୀ' ପୁସ୍ତକର 'ଅନନ୍ତ ଶୟନ' କବିତାରେ ଏ ସଂପର୍କରେ ସ୍ୱର ମନୋଜ୍ଞଭାବରେ ଶବ୍ଦାୟିତ।

ତା' ହେଲେ ମୁଁ ଚାଲିଚାଲି ଯାଉଛି ସେ ବାଲିରେ ନିଆଁରେ
ତଣ୍ଟି ମୋର ଶୁଖିଯାଏ, ସତେ ବା ମୁଁ ଗିଳୁଅଛି ଶୁଖିଲା କାଗଜ।
ଆଣ୍ଠୁ ଥୁରୁଥୁରୁ ହୁଏ, ତଳିପାର ଫୋଟକା ସତ୍ତ୍ୱେ ମୁଁ,
କାହାପାଇଁ ଜାଣେ ନାହିଁ, କିନ୍ତୁ ଚାଲେ ତଥାପି ନିଆଁରେ।
ମୁଁ ଆଉ ଫେରିବି ନାହିଁ, ମୋ' ଦେଶକୁ
ଯେଉଁଠାରେ ଯଥେଷ୍ଟ ଧାନର ଖେତରେ ଚରନ୍ତି ଶୁଆ,
ନିଆଁ ରହେ ସର୍ବଦା ଦୂରରେ।

କବି ରମାକାନ୍ତ 'ସୂର୍ଯାସ୍ତରେ ଶବ ସଂସ୍କାର' କବିତାରେ ମଧ୍ୟ ମୃତ୍ୟୁଚେତନା ପ୍ରକଟିତ। ପୁନଶ୍ଚ କବି ଅନେକ କୋଠରୀ ପୁସ୍ତକ 'ଯୀଶୁଖ୍ରୀଷ୍ଟ' କବିତାରେ 'ମୃତ୍ୟୁଚେତନା'ର ଅନ୍ତଃସ୍ୱରଟି କାବ୍ୟିକ ରୀତିରେ ରୂପ ଦେଇଛନ୍ତି।

"କିଏ ଜାଣେ କେତେବେଳେ ଅଲାଜୁକ ଆଶାର ସାୟାହ୍ନ
ମୃତ୍ୟୁ ସଙ୍ଗେ ଅଚାନକ ମୁଁ ଠୋକ୍‌କର ପାଇଯିବି ବୋଲି।

x x x

ମୋ' ସ୍ୱାମୀ ନାହାନ୍ତି ଆଜି, ଆସ
ଥରେ ପ୍ରେମ କରିବା, ଓ
କିଏ ଜାଣେ କାଲି ତମେ ମୃତ୍ୟୁ
ସଙ୍ଗେ ଠୋକ୍‌କର ଖାଇବ।"

**ଅବଦମିତ ଦ୍ୱନ୍ଦ୍ୱ**

ଅଚେତନ ମନର ଅବଦମିତ ଦ୍ୱନ୍ଦ୍ୱ ସହିତ ଅନିଶ୍ଚିତତାର ମାନସିକତା ମଧ୍ୟ ପ୍ରଚ୍ଛନ୍ନଭାବରେ ରହିଥାଏ। କବି ସୌଭାଗ୍ୟ କୁମାର ମିଶ୍ରଙ୍କ 'ଅନ୍ଧ ମହୁମାଛି' ପୁସ୍ତକର ବହୁକବିତାରେ ଏହି ଅନିଶ୍ଚିତତାର ରୂପକଳ୍ପ ପ୍ରକଟିତ ହୋଇଥିଲେ ମଧ୍ୟ ଅନ୍ଧ ମହୁମାଛି କବିତାରେ ଏହାର ରୂପାୟନ ମନୋଜ୍ଞ ଓ ଚେତନାସ୍ପର୍ଶୀ। ସେ ଲେଖିଛନ୍ତି-

ଅନ୍ଧ ମହୁମାଛି।
ଉଡୁଥା, ବୁଲୁଥା, ବୁଲୁଥା,
କିଛି ଦେଖନା, ଦେଖନା, ଦେଖନା
ଯାହା ପାରୁଛୁ ଶୁଣ୍ଢ ପୂରାଇ ଶୋଷିନେ, ଶୋଷିନେ,
ହିସାବ ହେବ ପରେ।
ତୋ' ମୃତ୍ୟୁର ବର୍ଣ୍ଣବୋଧ ବ୍ୟାକରଣ, ମାନସାଙ୍କ
ପୁଣି ଶିଶୁ ପୃଥିବୀ ଶିଖୁଥିଲା ବେଳେ।

ଅତିବାସ୍ତବବାଦୀ ଚିନ୍ତାଧାରାର ଏକାଧିକ ମନସ୍ତାତ୍ତ୍ୱିକ ଉପାଦାନମଧ୍ୟରୁ ଅନ୍ୟତମ ସୂଚକ ହେଉଛି ଅହଂକୈନ୍ଦ୍ରିକ

ମନୋଭାବ ଓ ବିଚ୍ଛିନ୍ନତାବୋଧ। ଫ୍ରଏଡ୍ ଏବଂ ସମସାମୟିକ କ୍ଲାସିକାଲ ମନୋବିଜ୍ଞାନୀମାନେ ମନୁଷ୍ୟର ସ୍ୱାର୍ଥପ୍ରେରିତ ଅହଂକେନ୍ଦ୍ରୀ ମନର ସ୍ୱରୂପ ସ୍ୱୀକାର କରିଥିଲେ। ଏପରି ଭାବନାର ଶରବ୍ୟ ହୋଇ ମନୁଷ୍ୟ ଅନୁଭୂତିଶୂନ୍ୟ ହୁଏ ଏବଂ ସାମାଜିକ ସ୍ତରରେ ଏକପ୍ରକାର ଅଟିଜିମ୍‌ର ଶିକାର ହୁଏ। ଅନ୍ୟର ସୁଖର ଆନନ୍ଦ ଅନୁଭବ କରିବା ଏବଂ ଅନ୍ୟର ଦୁଃଖରେ ସମ୍ବେଦନଶୀଳ ହେବାର ସାମର୍ଥ୍ୟ ହରାଇବସେ। ଏପରି ଆବରଣଯୁକ୍ତ ମନ ଓ ବିଚ୍ଛିନ୍ନତାବୋଧକୁ କବି ଶ୍ରୀକାନ୍ତ ମହାନ୍ତି ତାଙ୍କ 'ନିଦ୍ରିତ କଚ୍ଛପ' କବିତା ପୁସ୍ତକରେ ମନୋଜ୍ଞଭାବରେ ଉପସ୍ଥାପନ କରିଛନ୍ତି। 'ଶୂନ୍ୟକୁ ତିନୋଟି ପାହାଚ' କବିତାର କେତୋଟିଧାଡି ବୁଦ୍ଧିଦୀପ୍ତ ମନରେ ତରଙ୍ଗ ସୃଷ୍ଟିକରେ।

॥ ପାରାମାନେ ॥

ହୁଏତ ଅନେକ ପାରା
ପରସ୍ପର ଲଗାଲଗି ହୋଇ
ତା' ଦେହରେ ଭ୍ରମ ଉପୁଜାନ୍ତି।
ଭିନ୍ନ ଭିନ୍ନ ଯନ୍ତ୍ରଣାରେ
ସେମାନେ ଭିନ୍ନ ଭିନ୍ନ
ପକ୍ଷଛଡ଼ା ଘୁଡୁଘୁଡୁ ଶବ୍ଦ
ନିଃଶ୍ୱାସ ପ୍ରଣାଳୀ ଭିନ୍ନ
ସଂକୋଚନ ପ୍ରସାରଣ
ପରସ୍ପର ପୃଥକ ସଂପୂର୍ଣ୍ଣ
ଯେଉଁଠି ମାରିଲେ ହାତ ଭିନ୍ନ ଶିହରଣ।

ଶୂନ୍ୟତାବୋଧ ଶ୍ରୀକାନ୍ତ ମହାନ୍ତିଙ୍କ 'ନିଦ୍ରିତ କଚ୍ଛପ' ପୁସ୍ତକରେ ମଧ୍ୟ ଅନ୍ୟତ୍ର ଶବ୍ଦାୟିତ। 'ସ୍ୱୀକାରୋକ୍ତି' (୨) କବିତାରେ ସ୍ଥାନ ପାଇଛି-

ଆଜି ସିଏ ଆସି ନାହିଁ...
ସବୁଠି ତା'ର ଅନୁପସ୍ଥିତି
ଶାଗୁଣା ଭଳି ଡେଣା ଝାଡୁଛି।
ପକ୍ଷୀ-ଶାବକକୁ ମୋର
ଝାମ୍ପ ନେଉଛି ସେ
ଅଣ୍ଡା ଖୋଳପା ପରି
ଏ ଦେହଟା ଯାହା ଏକ ଖଟରେ ପଡ଼ିଛି।

'ବାଦୁଡ଼ି' କବିତାରେ ସେ ବାସ୍ତବରୁ ଅତିବାସ୍ତବ ଆଡକୁ ଯାଇଛନ୍ତି, ଯାହାର ଶେଷ ଅପରିହାର୍ଯ୍ୟ । ଶେଷ ପରିଣତି ହେଉଛି ଭାରତୀୟ ପରମ୍ପରାର ବୈରାଗ୍ୟବୋଧ।

"ଶୀର୍ଷାସନେ ରତ ଯୋଗୀ ଓସ୍ତଡାଳେ
ଓସ୍ତପତ୍ର ଥରିବା ଢଙ୍ଗରେ
ସେ ନେତି ନେତି କରେ
ତା' ଡେଣାରେ ତାଳପତ୍ର ଛତ୍ର ଛାୟା ତଳେ।"

ଜୀବନ ପ୍ରତି ଆନୁଗତ୍ୟ ଏବଂ ଅନୁଭୂତିର ସମ୍ପୂର୍ଣ୍ଣତା ପ୍ରତି ପ୍ରତିବଦ୍ଧତା ବହୁ ଆଧୁନିକ କବିଙ୍କୁ ସମ୍ବେଦନଶୀଳ କରିଛି। ବିଷାଦ ଓ ବିକୃତି ଏବଂ ଏକାକୀତ୍ୱ ଓ ନିଃସଙ୍ଗତାକୁ ଅକ୍ଷର ମାଧ୍ୟମରେ ଶିଳ୍ପାୟିତ କରିବା ପାଇଁ ଅନବଦ୍ୟ କବିତାସମ୍ଭାର ସୃଷ୍ଟି କରିଛନ୍ତି। ବିଶିଷ୍ଟ କବି ଭାନୁଜୀ ରାଓଙ୍କ 'ନଈ ଆରପାରି' ପୁସ୍ତକରେ 'ଶେଷ ଦୃଶ୍ୟ' କବିତାଟି ଏହାପରି ଏକ ସ୍ଥାପତ୍ୟଧର୍ମୀ ପରିପ୍ରକାଶ-

ଚିରୁଡ଼ା ଚିରୁଡ଼ା ହୋଇ ଫାଟିଯିବ ସ୍ତନର ଡାଳିମ୍ବ,
ରିକ୍ତ ଆଖି କଥା ଆଉ କହିବନି କେବେ।
ସରିଯିବ ପିଲାବେଳ, ପ୍ରଜାପତି ଡେଣା ଯିବ ଛିଡି,

**ଜୀବନ ପ୍ରତି ଆନୁଗତ୍ୟ ଏବଂ ଅନୁଭୂତିର ସମ୍ପୂର୍ଣ୍ଣତା ପ୍ରତି ପ୍ରତିବଦ୍ଧତା ବହୁ ଆଧୁନିକ କବିଙ୍କୁ ସମ୍ବେଦନଶୀଳ କରିଛି।**

ଯୌବନର ନୀଳ ଟ୍ରେନ ପହଞ୍ଚି
ଶେଷ ଷ୍ଟେସନରେ,
ଜୀବନରେ ପଶାଖେଳ ସେ ବି ଯିବ
ସରି
ଆସିଯିବ ଛଞ୍ଚାଣରେ ତିର୍ଯ୍ୟକ
ଉଡ଼ାଣ।
ଶେଷ ହେବ ରାତି-ଦିନ, ସନ୍ଧ୍ୟାର କାକର-କୁହେଳୀ
ମରିଯିବ ଲାଉଡଙ୍କ, ଶୁଖିଯିବ ଲେଉଟିଆ ଶାଗର ପଟାଳି।

ସାମଗ୍ରିକ ଭାବରେ ବିଚାର କଲେ ଅତିବାସ୍ତବବାଦୀ ଚିନ୍ତାଧାରା ଅନୁଭବର ଏକମାତ୍ର ସ୍ତର ନୁହେଁ। କିନ୍ତୁ ଏ ସ୍ତରଟି ଜୀବନର ଲୁକ୍‌କାୟିତ ସ୍ତର ହୋଇଥିବାରୁ ଏହି ଅଜଣା ଚିତ୍ରକୁ ଖୋଜିବାର ଓ ରୂପାୟନ କରିବାର ମାନସିକତା ସମଗ୍ର ବିଶ୍ୱସାହିତ୍ୟରେ ସକ୍ରିୟ। ଆଧୁନିକ ଓଡ଼ିଆ କବିତା ସମେତ ଓଡ଼ିଆ ସାହିତ୍ୟର ସକଳ ବୈଭବ ମଧ୍ୟରେ ଏପରି କଳାତ୍ମକ ପ୍ରୟାସ ସ୍ପଷ୍ଟ ଓ ପ୍ରଭାବଶୀଳ। ଏପରି ପ୍ରତିବଦ୍ଧତା କେବଳ ଜୀବନ ପ୍ରତି ଆନୁଗତ୍ୟ ପ୍ରକାଶ କରିନଥାଏ, ପରିବର୍ତ୍ତିତ ପରିବେଷ୍ଟନୀ ପ୍ରତି ଉନ୍ମୁକ୍ତ ମାନସିକତାର ମଧ୍ୟ ପରିଚୟ ଦିଏ।

□□

ଲେଖକଙ୍କ ଇ-ମେଲ ଠିକଣା:
fakirmohan@xub.edu.in

ଗଳ୍ପ



# ମୋ ନାଁ ନଈ

ରବି ସ୍ୱାଇଁ

ମୁଁ କ'ଣ ଅହଲ୍ୟା? ଏ ପ୍ରଶ୍ନଟି ଅନେକଥର ମୋ' ମନକୁ ଛୁଇଁଚି । ମୁଁ କିନ୍ତୁ ତା'ର ସଠିକ୍ ଉତ୍ତର ପାଇନି । ଅହଲ୍ୟା ମହର୍ଷି ଗୌତମଙ୍କ ଅଭିଶାପରେ ପଥର ପାଲଟି ଯାଇଥିଲେ । ପଥର ଭିତରେ ତାଙ୍କର ସତ୍ତା ପ୍ରଭୁ ଶ୍ରୀରାମଙ୍କ ସଦୟ ସ୍ପର୍ଶକୁ ଅପେକ୍ଷାକରି ରହିଥିଲା । ମୁଁ ତ ଛୋଟ ନଈଟିଏ । ନଈଟିଏ ବି ନୁହଁ, ଛୋଟ ଶାଖା ନଈଟିଏ । ମହାନଦୀର ଶାଖାନଦୀ ହେଲା ଲୁଣା । ଲୁଣାର ମୁଁ ଝିଅଟିଏ । କ୍ଷୁଦ୍ରତର ଶାଖା ନଈଟିଏ । ମୋର କିଛି ନାଁ ନାହିଁ । ଲୋକମାନଙ୍କ ମୁହଁରେ ମୋ' ନାଁ ନଈ ।

ଅନେକ ଅନେକ ବର୍ଷ ତଳର ଏକ ପ୍ରାକୃତିକ ଦୁର୍ବିପାକରୁ ମୋର ଜନ୍ମ । ସେତେବେଳେ ନଈମାନଙ୍କର ଆଜିପରି ବନ୍ଧବାଡ଼ ନଥିଲା । ବର୍ଷା ହେଲେ ନଈରେ ବଢ଼ି ପାଣି ଆସିବ । କୂଳ ଡେଇଁ ଗାଁ'ଗଣ୍ଡା ବିଲମାଳକୁ ଗ୍ରାସିଯିବ । ହେଲେ ଯୋଉ ଅଞ୍ଚଳରେ ରାଜାଙ୍କ ନଅର କିମ୍ବା ଜମିଦାରଙ୍କ କଚେରି ଥିବ ସେଇପଟେ ବନ୍ଧଟିଏ କରାଯାଇଥିବ । ଆରପଟେ ଭୋ'ମୁକୁଳା । ସେପଟେ ସାରା ବର୍ଷାଦିନ ବଢ଼ି ଲାଗି ରହିଥାଏ । ଲୋକମାନେ କଦଳୀ ଭେଳାରେ ଯିବାଆସିବା କରନ୍ତି । ପୁରୁଷ ଉଚ୍ଚର ମୂଳଦୁଆ ଉପରେ ଠିଆହୋଇଥିବା ମାଟି ଘରମାନ ବଢ଼ି ପାଣିରେ ଭାସୁଥିବା ପରି ଲାଗୁଥାଏ । ତାକୁ ଧୋଇଆ ଅଞ୍ଚଳ ବୋଲି କହନ୍ତି । କାରଣ ବଢ଼ି ପାଣିରେ ସବୁ ଫସଲ ଧୋଇଯାଏ । ଆରପଟକୁ କୁହାଯାଏ ନିଧୋଇଆ ।



ଥରେ ଥରେ ଉପରମୁଣ୍ଡରେ ଖୁବ୍ ଜୋର୍‌ରେ ବର୍ଷା ଲାଗିରହେ । ତେଣୁ ନଈ ଆଉ ନିଜ ଆୟତ୍ତରେ ରହିପାରେନା । ପ୍ରଖର ସୁଅକୁ ସମ୍ଭାଳି ନପାରି ଦୁର୍ବଳ ଥିବା ନଈବନ୍ଧ ଛାଁକୁ ଛାଁ ଭାଙ୍ଗିଯାଏ । ସେପରି କୌଣସି କାରଣରୁ ବନ୍ଧ ଭାଙ୍ଗିଯିବା ସ୍ଥାନରେ ମୁଁ ଜନ୍ମ ହେଇପଡ଼ିଲି । ମୋର ଜନ୍ମ ଅବାଞ୍ଛିତ ହେଲେ ବି ସଂପୂର୍ଣ୍ଣ ପ୍ରାକୃତିକ । ପ୍ରକୃତି ମା' ମୋ' ହାତଧରି ମତେ ବାଟ କଢ଼େଇ ନେଇଥିଲା । ସେତେବେଳେ ତ ଆଜିକାପରି ଏତେ ଗାଁ'ଗଣ୍ଡା, ସହର ବଜାର ନଥିଲା । ମତେ ନେଇ ଲୁଣାର ଆଉ ଏକ ଶାଖାନଈର ହାତ ଧରେଇ ଦେଇଥିଲା ।

ମୁଁ ପ୍ରକୃତିର ଏକ ଅଂଶ ହୋଇଗଲି । ଲୁଣାନଈ ଓ ହାତିଆ ନଈ ଭିତରେ ମୋର ଲୀଳାଖେଳା ଆରମ୍ଭ ହେଇଗଲା । ଆନନ୍ଦରେ ମୁଁ ଗୀତ ଗାଇବାକୁ ଲାଗିଲି । ଗୀତ ଗାଇ ଗାଇ ପବନ ସହ ଖେଳି ଚାଲିଲି । ମୋ' କୂଳରେ କେତେ ରକମର ଗଛଲତା ନାଚିବାକୁ ଲାଗିଲେ । ସେମାନଙ୍କ ଫୁଲପତ୍ରର ସୌନ୍ଦର୍ଯ୍ୟ ମୋ' ହୃଦୟରେ ପ୍ରତିଫଳିତ ହୋଇ ମୋତେ ଉଲ୍ଲସିତ କରିପକାଇଲେ । ସେମାନଙ୍କର ସୁବାସ ମତେ ଶିହରିତ କରିପକାଇଲା । ମୁଁ ଛଳଛଳ ହୋଇଉଠିଲି ।

ମୁଁ ଛୋଟଟେ ଥିଲି । କେବଳ ବହି ଯିବାର ଆନନ୍ଦକୁ ବୁଝିପାରୁଥିଲି । ଟିକିଏ ବୟସ୍କ ହୋଇଗଲା ପରେ ମୋର ନିରୀହ ଆନନ୍ଦ ଫିକା ପଡ଼ିଗଲା । ମୁଁ ବୁଝିପାରିଲି, ମୋର ଜନ୍ମ ଓ ଜୀବନ ବିଫଳ ହୋଇଯାଇଚି । ପ୍ରତ୍ୟେକ ନଈର ସ୍ୱପ୍ନଥାଏ, ସେ ଶେଷରେ ଅସୀମ ସାଗରରେ ଲୀନ ହୋଇଯିବ । ତା'ର ନିର୍ବାଣ ପ୍ରାପ୍ତି ହୋଇଯିବ । ସାରା ଜୀବନର ତପସ୍ୟା ସଫଳ ହୋଇଯିବ । ହେଲେ ମୋର ସେ ସୁଯୋଗ ନାହିଁ । ମୁଁ ମିଶିଲି ହାତିଆ ନଈରେ । ସେ ମିଶିଚି ଆଉ ଏକ ଶାଖା ନଈରେ । ସିଏ ପୁଣି ମିଶିଚି ମହାନଦୀରେ । ମହାନଦୀ ଯାଇ ମିଶିଚି ସମୁଦ୍ରରେ । ସମୁଦ୍ରରେ ମିଶିଲା ବେଳକୁ

ମୋର ପରିଚୟ ହଜି ଯାଇଥିବ ।

ଏଇ ଅବସୋସରେ ମୋର ଜୀବନ ବିଷାଦଗ୍ରସ୍ତ ହୋଇଯାଉଥିବା ସମୟରେ କେତେ ଜୀବଜନ୍ତୁଙ୍କ କୋଳାହଳ ମୁଁ ଶୁଣିପାରିଲି । ମୋ' ମଧୁର ଜଳର ସ୍ୱାଦ ଅନେକ ପଶୁପକ୍ଷୀଙ୍କୁ ମୋ' ପାଖକୁ ଟାଣି ଆଣିଥିଲା । ମୋ' ଜଳପାନ କରି ସେମାନେ ଅଶେଷ ତୃପ୍ତି ଲାଭକଲେ । ତୃଷାର୍ତ୍ତଙ୍କୁ ଜଳଦାନ କରିବାର ଆନନ୍ଦ ମୋ' ପାଇଁ ଏକ ଅପୂର୍ବ ଅଭିଜ୍ଞତା ଥିଲା । ଶେଷରେ ମଣିଷମାନେ ମଧ୍ୟ ଆକର୍ଷିତ ହୋଇ ଆସିଲେ । ମୋ' କୂଳରେ କେତେ ଗାଁ ଗଣ୍ଡା ଗଢ଼ିଉଠିଲା । ମୋ' ଜଳର ସ୍ପର୍ଶରେ ମଟାଳ ଟାଙ୍ଗର ମାଟି ସବୁଜ ଲହରୀରେ ବଦଳିଗଲା । ମୋ' ଜଳରୁ ମାଛଧରି ସେମାନେ ଭୋଜିଭାତ କଲେ । ମୋ' ଉପରେ ନୌକା ଚାଳନାକରି ବ୍ୟବସାୟ ବାଣିଜ୍ୟ କଲେ ।

ମୋତେ କଷ୍ଟ ଲାଗୁଥିଲା, କିନ୍ତୁ ଅନ୍ୟମାନଙ୍କର ଉପକାର ଓ ଆନନ୍ଦ ପାଖରେ ମୋ' କଷ୍ଟ କିଛିନଥିଲା । ମୁଁ ସବୁକିଛି ଆନନ୍ଦ ମନରେ ସହିଯାଉଥିଲି । ଭାବୁଥିଲି, ସମୁଦ୍ରରେ ନ ମିଶିପାରିଲେ ବି ମୋ' ଜୀବନ ଧନ୍ୟ ହୋଇଗଲା । କେତେ ଜୀବଜନ୍ତୁ, ଗଛବୃଛଙ୍କୁ ଆଶ୍ରୟ, ଆହାର, ପାନୀୟ ଯୋଗାଇ ଦେଉଚି । ଏ ଆନନ୍ଦ ତୁଳନାରେ ଅପରିଚିତ ନିର୍ବାଣ ବା କ'ଣ ?

**ମୋ' ସହିତ ମୋ' ସମୟ ମଧ୍ୟ କୋମାକୁ ଚାଲିଗଲା । କେତେ କେତେ ବର୍ଷ, ଦଶନ୍ଧି, ଶତାବ୍ଦୀ ବିତିଯାଇଥିବ ମୁଁ ଜାଣିନି ।**

ସମସ୍ତ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ହେଉଛି ସବୁଠାରୁ ବୁଦ୍ଧିମାନ । କୌଣସି କଥାରେ ସେ ସନ୍ତୁଷ୍ଟ ହୁଏନା । ବୁଦ୍ଧି ଓ କୌଶଳ ପ୍ରୟୋଗକରି ଅଧିକରୁ ଅଧିକ ଲାଭ କରିବାକୁ ଲାଗିଥାଏ । ତା'ର ଲୋଭର ସୀମା ନଥାଏ । ତା' ଆଖିରେ ସବୁକିଛି ଗୋଟିଏ ଗୋଟିଏ ସୁନା ଅଣ୍ଡାଦିଆ କୁକୁଡ଼ା । ସେ ମୋତେ ସେହିପରି ବ୍ୟବହାର କରିବାକୁ ଚାହିଁଲା ।

ମୁଁ ସେମାନଙ୍କୁ ଭଲ ପାଉଥିଲି । ମୋ' ନିଜ ସନ୍ତାନପରି ସ୍ନେହଦେଇ ପାଳନ କରୁଥିଲି । ସେମାନେ କିନ୍ତୁ ମୋତେ ସଂପୂର୍ଣ୍ଣ ଭାବରେ ଅଧିକାର କରିବାକୁ ଲାଗିଲେ । ଧୀରେଧୀରେ ମୋ' ଶରୀରକୁ ସଂକୁଚିତ କରି ନିଜ ଦଖଲକୁ ନେଇଗଲେ । ମୋର ଜୀବନ ପ୍ରବାହ ବାଧାପ୍ରାପ୍ତ ହେଲା । ମୁଁ ଅଧିକ ସଂକୁଚିତ ହେବାକୁ ଲାଗିଲି । ଦିନକୁ ଦିନ ଅଣନିଃଶ୍ୱାସୀ ହେବାକୁ ଲାଗିଲି । ନଦୀମାନଙ୍କର ବନ୍ୟା ନିୟନ୍ତ୍ରଣ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ମୋର ଶକ୍ତି କମି ଆସୁଥିଲା । ମଣିଷମାନଙ୍କ ଲୋଭ ପାଖରେ ମୁଁ ସଂପୂର୍ଣ୍ଣ ଭାବରେ ଅସହାୟ ହୋଇପଡ଼ିଲି । ମୋର ଶୀର୍ଣ୍ଣ ପ୍ରବାହକୁ ଭାଗ ଭାଗକରି ସେମାନେ ବ୍ୟକ୍ତିଗତ ସଂପତ୍ତିରେ ପରିଣତ କରିଦେଲେ । ମୁଁ ଚାଷଜମି, ଫଳବଗିଚା ଓ ମାଛଚାଷ ଗଡ଼ିଆରେ ପରିଣତ ହୋଇଗଲି । ମୋର ସମସ୍ତ ହସଖୁସି, ସ୍ୱପ୍ନ, ସୋହାଗ ମାଟିତଳେ ପୋତି ହୋଇପଡ଼ିଲା । ମୁଁ ଚେତନା ହରେଇ ବସିଲି ଓ ଗଭୀର ଶୀତ ନିଦ୍ରାରେ ହଜିଗଲି ।

ମୋ' ସହିତ ମୋ' ସମୟ ମଧ୍ୟ କୋମାକୁ ଚାଲିଗଲା । କେତେ କେତେ ଦିନ-ରାତି, ଖରା, ବର୍ଷା, ଶୀତ, କେତେ କେତେ ବର୍ଷ, ଦଶନ୍ଧି, ଶତାବ୍ଦୀ ବିତିଯାଇଥିବ ମୁଁ ଜାଣିନି । କେତେବେଳେ ପୁଣିଥରେ ଏକ ଅକଳ୍ପନୀୟ ଜଳପ୍ରଳୟ ଆସି ମୋତେ ଛୁଇଁଦେଇଚି । ତା'ର ଯାଦୁକରୀ ସ୍ପର୍ଶରେ ମୋର ଶୀତନିଦ୍ରା ଭାଙ୍ଗିଯାଇଚି, କିଛି ନ ବୁଝିପାରି ମୋର ନିର୍ବୋଧ ଆଖିରେ ମୁଁ ତାକୁ ଅନେଇ ରହିଚି । ସେ ହସି ହସି କହିଚି - ଉଠ, ତୁ ପୁଣି ଜୀବନ୍ୟାସ ପାଇଚୁ । ଏଥର ବହିଚାଲ । ସମୟ ନାହିଁ । ଶୀଘ୍ର ।

ମୁଁ ଉଠିପଡ଼ିଚି । ମୋତେ କିଛି କରିବାକୁ ପଡ଼ିନି । ମୋ' ଦେହକୁ ଚରି ଯାଇଥିବା ମାଟି, ଗଛବୃଛ, ଘରଦ୍ୱାର ଉଇମାଟି ପରି ଝଡ଼ି ପଡ଼ିଚନ୍ତି । ମୁଁ ସ୍ୱତଃସ୍ଫୂର୍ତ୍ତ ଭାବରେ ବହିଯାଇଚି । ମୋ' ଦେହ ଓ ମନକୁ କୋଉକାଳରୁ ହଜି ଯାଇଥିବା ଶିହରଣ ପୁଣି ଫେରି ଆସିଚି । ଏକ ଅଦୃଷ୍ଟ ଶକ୍ତି କେବଳ ମତେ ବାଟ କଢ଼େଇ ନେଇଯାଇଚି । ହାତିଆ ନଈ ବି ମତେ କୋଳେଇ ନେବାକୁ ଅପେକ୍ଷାକରି ରହିଥିଲା । ଆମେ ଗୋଟିଏ ଜୀବନ ସ୍ରୋତରେ ପରିଣତ ହୋଇଗଲୁ ।

ଅଳ୍ପ କିଛିଦିନ ଭିତରେ ବନ୍ୟା ପ୍ଲାବନ ଅପସରିଗଲା । ମୁଁ ମୋର ନିଜ ରୂପକୁ ଦେଖିପାରିଲି । ମୋ' ଦେହରେ ନବଯୌବନ ଲହଡ଼ି ଭାଙ୍ଗୁଥାଏ । ମୁଁ ପୂର୍ବପରି ଗୀତ ଗାଇ ଗାଇ ନାଚି ନାଚି ବହିଯାଉଥାଏ ।

ଆନନ୍ଦ ଉଲ୍ଲାସ ଭିତରେ ଯେ ଏତେ ଦୁଃଖ ଲୁଚି ରହିଥାଏ, ମୁଁ ଧୀରେଧୀରେ ଆବିଷ୍କାର କରିବାକୁ ଲାଗିଲି । ମୋର ପୁନର୍ବିନ୍ୟାସରେ କେତେ ଗଛଲତା, ଫସଲ କିଆରି,

> **ମୋ' କୂଳର ଗଛମାନେ ଫୁଲ ପତରରେ ସ୍ୱପ୍ନମୟ ହୋଇଗଲେ ।**

ଲୋକମାନଙ୍କ ଘରଦ୍ୱାର ନଷ୍ଟଭ୍ରଷ୍ଟ ହୋଇଯାଇଛି ! ବିଶେଷ ଭାବରେ ବେଘର ହୋଇଯାଇଥିବା ମଣିଷମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଏସବୁ ଦେଖି ମୋର ଆନନ୍ଦ ଉଲ୍ଲାସ ଧିମେଇଗଲା । ମୋର ଜନ୍ମ ଓ ଜୀବନ କେବଳ ଅନ୍ୟମାନଙ୍କୁ ଆନନ୍ଦ ଦେବା ପାଇଁ । ହେଲେ ମୋ' ପାଇଁ ଅନ୍ୟମାନେ ଦୁଃଖ ପାଇବେ ଏହା ମୋର କଳ୍ପନାର ବାହାରେ ଥିଲା ।

ମୁଁ ବିମର୍ଷ ହୋଇପଡୁଥିଲି । ଚଢ଼େଇ ଛୁଆଟିଏ ଖପ୍ ଖପ୍ ଡେଇଁ ଡେଇଁକା ମୋ' କୂଳକୁ ଆସି ଅନେଇ ରହିଲା । ତା' କୁନି ଥଣ୍ଟରେ ଟୋପାଏ ପାଣି ନେଇ ପିଇଦେଲା । ତା'ର ଚିଁ ଚିଁ ଶବ୍ଦରେ ଅନ୍ୟ କେତୋଟି ଚଢ଼େଇ ଦଉଡ଼ି ଆସିଲେ । ମୋ' ପାଣିକି ଡେଇଁପଡ଼ି ପହଁରିବାକୁ ଲାଗିଲେ ଓ ମିଠା ମିଠା ଗୀତରେ ମତେ ଉଛୁଳେଇ ଦେଲେ । ମୋ' କୂଳର ଗଛମାନେ ଫୁଲ ପତରରେ ସ୍ୱପ୍ନମୟ ହୋଇଗଲେ । ସବୁଠାରୁ ଅଧିକ ଦୁଃଖ ଭୋଗିଥିବା ମଣିଷମାନେ ମୋ' ଜଳ ନେଇ ଫସଲ କରିବାକୁ ଆରମ୍ଭ କରିଦେଲେ । ମୋ' କୂଳେ କୂଳେ କେତେ ଜନବସତି, ମଠମନ୍ଦିର ଗଢ଼ିଉଠିଲା । ସମସ୍ତଙ୍କ ଆନନ୍ଦରେ ମୁଁ ପୁଣି ଉଲ୍ଲସିତ ହୋଇଉଠିଲି । ତଥାପି ମୁଁ ନିଜକୁ ଅହଲ୍ୟା ମନେ କରେନା । ମୋ' ନାଁ ନଇ ।

□□

ଲେଖକଙ୍କ ଇ-ମେଲ ଠିକଣା:
rswainpdp@gmail.com



**ପ୍ରକାଶ ପାଇଲା !**

**ଲୋପାମୁଦ୍ରା ମହାନ୍ତିଙ୍କ କଲମରେ, ତାଙ୍କର ପିତା, କଥାସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କର ଏକ ମର୍ମସ୍ପର୍ଶୀ ସ୍ମୃତିଚାରଣ**

# ଲୋକାପୁଅ ସୁରିଆ

**ଲେଖିକା: ଲୋପାମୁଦ୍ରା ମହାନ୍ତି**

ସମସ୍ତ ପୁସ୍ତକ ବିକ୍ରୟ କେନ୍ଦ୍ର ଓ ଆମାଜନରେ ଉପଲବ୍ଧ । ମୂଲ୍ୟ: ଟ.୧୯୯

**ବି.କେ. କ୍ଲାସିକ୍ସ**

**ବି.କେ. ପବ୍ଲିକେଶନ୍ସ ପ୍ରା.ଲିଃ, ଭୁବନେଶ୍ୱର**



**ଧାରା ଶ୍ରୀରାଧା ଟ୍ରଷ୍ଟର ଏକ ଅନବଦ୍ୟ ପ୍ରକାଶନ**

## ଧାରା ଶ୍ରୀରାଧା

**କବି - ମଙ୍ଗଳାପ୍ରସାଦ ପ୍ରଧାନ**

DHARA SHREE RADHA TRUST
Regd. No.: 41081705388
Bhubaneswar, Odisha

ପ୍ରବନ୍ଧ

# ପାଣିନି ଓ ଓଡ଼ିଆ ସନ୍ଧି ବିଚାର



ସିନିରୁଦ୍ଧ ଦାଶ

ପାଣିନିଙ୍କ ଅଷ୍ଟାଧ୍ୟାୟୀ ବିଶ୍ୱପ୍ରସିଦ୍ଧ, କାରଣ ଏଭଳି ଏକ ଶୁଦ୍ଧ ଓ ସମ୍ପୂର୍ଣ୍ଣ ବ୍ୟାକରଣ ପୃଥିବୀର କୌଣସି ଭାଷାରେ ଏପର୍ଯ୍ୟନ୍ତ ଲେଖାଯାଇନାହିଁ। ଏହା ଶୁଦ୍ଧ ଓ ସମ୍ପୂର୍ଣ୍ଣ କାହିଁକି ତାହା ଆମେ ଓଡ଼ିଆ ସନ୍ଧି ବିଚାରକୁ ନେଇ ଆଲୋଚନା ବା ଚର୍ଚ୍ଚା କରିବା ଏହି ପ୍ରବନ୍ଧର ଆଭିମୁଖ୍ୟ।

ଏଠାରେ କେବଳ ଚାରୋଟିସ୍ୱର ସନ୍ଧି (୧.ଦୀର୍ଘ, ୨. ପରରୂପ, ୩. ଗୁଣ ଓ ୪. ବୃଦ୍ଧି) ଉପରେ ଆଲୋକପାତ କରିବା। ଏହାର ଆବଶ୍ୟକତା କ'ଣ? ସେ ବିଷୟରେ ବିଶ୍ଲେଷଣ ମଧ୍ୟ କରିବା ବିଧେୟ।




ଆମେ ଜାଣୁ ଯେ ଆମର ଭାରତୀୟ ଭାଷାମାନଙ୍କରେ ଏହି ଚାରି (୪)ସନ୍ଧିର ପ୍ରୟୋଗ ଦେଖାଯାଏ। ଏତଦବ୍ୟତୀତ ଅଧିକାଂଶ ଭାରତୀୟ ଭାଷାମାନଙ୍କରେ ସ୍ୱର ଓ ବ୍ୟଞ୍ଜନ ସନ୍ଧି ବ୍ୟବହୃତ।ଏଣୁ ବ୍ୟାକରଣରେ ସନ୍ଧି କହିଲେ ଦୁଇଟି ବର୍ଣ୍ଣ ମିଶି ଯେଉଁ ନୂତନ ବର୍ଣ୍ଣ ସୃଷ୍ଟିହୁଏ ତାହାକୁ ସନ୍ଧିଏବଂ ଦୁଇଟି ଅକ୍ଷର ମିଶି ଯେଉଁ ରୂପ ଗ୍ରହଣ କରନ୍ତି ତାହାକୁ ସନ୍ଧ୍ୟକ୍ଷର କୁହାଯାଏ। ଯଥା - ଅ +ଅ = ଆ । ସ୍ୱର ସନ୍ଧି ପୁଣି ଦୁଇ ପ୍ରକାରର, ଯଥା -୧. ସବର୍ଣ୍ଣସ୍ୱର ସନ୍ଧି ଓ ୨. ଅସବର୍ଣ୍ଣସ୍ୱର ସନ୍ଧି। ମୁଖର ଏକ ସ୍ଥାନରୁ ଉଚ୍ଚାରିତ ବର୍ଣ୍ଣମାନଙ୍କୁ ସବର୍ଣ୍ଣ ଆଖ୍ୟା ଦିଆ ଯାଇଛି । ଯଥା– ଅଏବଂ ଆ (କଣ୍ଠ୍ୟ), ଇଏବଂ ଈ ତାଲବ୍ୟ, ଉ ଏବଂ ଊ (ଓଷ୍ଠ୍ୟ), ର ଏବଂ ର (ମୂର୍ଦ୍ଧା) ଲୃ ଏବଂ ଲୃ= ଲୃ (ଦନ୍ତ୍ୟ) ଇତ୍ୟାଦି। ମାତ୍ର ସେହି ସ୍ୱର ଯଦି ମୁଖର ଅନ୍ୟ ସ୍ଥାନରୁ ଉଚ୍ଚାରିତ ତେବେ ତାହାକୁ ଅସବର୍ଣ୍ଣ ସ୍ୱରକୁହାଯାଏ । ଯଥା –(୧) ଅ ଏବଂ ଇ (ଏ) ଅ ଏବଂ ଉ (ଓ) ଅ ଏବଂ ର (ଅର୍)।

(୩.) ଏହି ଅସବର୍ଣ୍ଣ ସ୍ୱର ଅ ଏବଂ ଇ ବା ଅ ଏବଂ ଉ ବର୍ଣ୍ଣମାନଙ୍କର ବ୍ୟବହାରକୁ ନେଇ ସ୍ଥାନ ପରିବର୍ତ୍ତନ ହୋଇଥାଏ ତାହା ଭିନ୍ନ ରୂପ ଗ୍ରହଣ କରିଥାଏ । ଯଥା - ଇ+ ଅ = ୟ; ଉ+ଅ = ବ, ର + ଅ = ର, ଲୃ +ଅ = ଲ, ଯାହା ପାଣିନିଙ୍କ ସମ୍ପ୍ରଦାୟରେ ଯଣାଦେଶ (ଇକୋ ଯଣଚି, ପା.୬.୧.୭୭) ବୋଲି କୁହାଯାଏ। ଉଦାହରଣ ଯଥା – ଅତି+ଅନ୍ତ =ଅତ୍ୟନ୍ତ, ଅତି + ଆବଶ୍ୟକ = ଅତ୍ୟାବଶ୍ୟକ। ଅତି+ଉକ୍ତି=ଅତ୍ୟୁକ୍ତି, ପ୍ରତି + ଏକ = ପ୍ରତ୍ୟେକ, ଚକୃ + ଏ = ଚକ୍ରେ ।

ଏଠାରେ ତିନୋଟି ଶବ୍ଦର ଲକ୍ଷଣ ଜାଣିବା ପାଇଁ ପାଣିନିଙ୍କ ସୂତ୍ର ଉଲ୍ଲେଖଯୋଗ୍ୟ।

**ଦୀର୍ଘସନ୍ଧି**

୧.ଦୀର୍ଘସନ୍ଧି –

୦.୧.୨.ଅ+ଅ = ଆ, ଆ+ଆ=ଆ, ଅ+ଆ=ଆ, ଆ +ଅ =ଆ।

୦.୧.୨.୧. ନର+ଅଧମ = ନରାଧମ, ନ+ ଅସ୍ତି=ନାସ୍ତି।

୦.୧.୨.୨. ବିଦ୍ୟା+ଆଳୟ = ବିଦ୍ୟାଳୟ, ସଦା+ ଆନନ୍ଦ = ସଦାନନ୍ଦ।

୦.୧.୨.୩. ଦେବ+ଆଳୟ =ଦେବାଳୟ। ଚକ୍ର+ ଆକାର =ଚକ୍ରାକାର।

୦.୧.୨.୪. ସୁଧା + ଅଂଶୁ = ସୁଧାଂଶୁ, ମହା + ଅର୍ଘ୍ୟ = ମହାର୍ଘ୍ୟ।

୧.୩.୧. ଇ + ଇ = ଈ ଯତି + ଇନ୍ଦ୍ର = ଯତୀନ୍ଦ୍ର, ପ୍ରତି + ଇତି = ପ୍ରତୀତି।

୧.୩.୨. ଇ+ ଇ = ଈ ମୁନି + ଈଶ୍ୱର = ମୁନୀଶ୍ୱର, କ୍ଷିତି + ଈଶ = କ୍ଷିତୀଶ।

୧.୩.୩. ମହୀ + ଇନ୍ଦ୍ର =ମହୀନ୍ଦ୍ର, ଶଚୀ + ଇନ୍ଦ୍ର = ଶଚୀନ୍ଦ୍ର।

୧.୩.୪. ରଜନୀ + ଈଶ = ରଜନୀଶ, ପୃଥ୍ୱୀ + ଈଶ୍ୱର = ପୃଥ୍ୱୀଶ୍ୱର।

୧.୪.୧. ସୁ + ଉକ୍ତି = ସୂକ୍ତି, କଟୁ + ଉକ୍ତି =କଟୂକ୍ତି, ଲଘୁ + ଊର୍ମି= ଲଘୂର୍ମି।

୧.୪.୨. ବଧୂ + ଉତ୍ତମା = ବଧୂତ୍ତମା।

୧.୫.୧. ପିତୃ + ଋଣ = ପିତୃଣ

ଏହି ସମସ୍ତ ପ୍ରକ୍ରିୟାକୁ ପାଣିନି ଗୋଟିଏ ସୂତ୍ର ମାଧ୍ୟମରେ ବୁଝାଇଛନ୍ତି - ଅକଃ ସବର୍ଣ୍ଣେ ଦୀର୍ଘଃ - ପା. ୬.୧.୧୦୧, ତିନୋଟି ଶବ୍ଦଯୁକ୍ତ ଏହି ସୂତ୍ରଟିରେ ଦୀର୍ଘ ସନ୍ଧିର ଲକ୍ଷଣ ଦିଆଯାଇଛି। ଏହାର ଅର୍ଥ ହେଉଛି ଯେ ସବର୍ଣ୍ଣ ସ୍ୱର ବର୍ଣ୍ଣମାନଙ୍କର ଏକତ୍ର ଅବସ୍ଥାନ ହେଲେ ଦୀର୍ଘ ସନ୍ଧି ହୁଏ। ଏଠାରେ ଅକଃ ଶବ୍ଦ ପାଣିନିଙ୍କ ଶିବସୂତ୍ରସ୍ଥ ଏକ ପ୍ରତ୍ୟାହାର (ଅ,ଇ,ଉ,ଋ,ଌ) ଯେଉଁଥିରେ ପାଞ୍ଚଗୋଟି ମୌଳିକ ସ୍ୱର ରହିଛି । ଭାଷାରେ ବ୍ୟବହୃତ ଏହି ଦୀର୍ଘ ନିୟମକୁ ପାଣିନି 'ଅକଃ' ଭଳି ଏକ ପାରିଭାଷିକ ଶବ୍ଦ (କୋଡ୍ ୱାର୍ଡ) ପ୍ରୟୋଗ କରିଛନ୍ତି।

**ଯେଉଁ ସନ୍ଧିରେ ପରିବର୍ତ୍ତିତ ରୂପ ଅ, ଏ, ଓ ମଧ୍ୟରୁ କୌଣସି ଗୋଟିଏ ରହେ ତାହାକୁ ଗୁଣସନ୍ଧି କୁହାଯାଏ।**

**ପରରୂପ ସନ୍ଧିସବର୍ଣ୍ଣ**

୨. ପରରୂପ ସନ୍ଧିସବର୍ଣ୍ଣ ଦୀର୍ଘ ସନ୍ଧିର ବ୍ୟତିକ୍ରମ ଓଡ଼ିଆରେ କେତେକ ସ୍ଥଳରେ ଦେଖାଯାଏ ଯାହାକୁ ସ୍ୱତନ୍ତ୍ର ବୋଲି କୁହାଯାଉଛି।

୨.୧. କ୍ରିୟାପଦ -

ସେହିପରି ବର୍ତ୍ତମାନ କାଳରେ ତୃତୀୟ ପୁରୁଷ ବହୁବଚନରେ ଉଭୟ ଓଡ଼ିଆ ଓ ସଂସ୍କୃତ ଭାଷାରେ-ଅନ୍ତି ପ୍ରତ୍ୟୟର ବ୍ୟବହାର ହୋଇଥାଏ। ଯଥା - ସଂସ୍କୃତ -ପଠନ୍ତି (ପଠ୍+ଅ+ଅନ୍ତି = ପଠ+ଅନ୍ତି)। ସେହିଭଳି ଓଡ଼ିଆରେ ପଢ଼ନ୍ତି (ପଢ଼ + ଅନ୍ତି) ସମାନ ରୂପେ ବ୍ୟବହୃତ। ପାଣିନିଙ୍କ ମତରେ ଏହାକୁ ପରରୂପ ସନ୍ଧି ବୋଲି ଆଖ୍ୟା ଦିଆଯାଇଛି। ଏଠାରେ ପଠ ଶବ୍ଦ ସ୍ଥିତ 'ଅ' ଏବଂ ଅନ୍ତି ଶବ୍ଦ ସ୍ଥିତ 'ଅ' ଉଭୟ ମିଶି ପରବର୍ତ୍ତୀ ଅକାରରେ ପରିଣତ ହୋଇଛନ୍ତି । ସେହିପରି ଅଛ+ ଅନ୍ତି=ଅଛନ୍ତି।

୨.୨ ସଂଖ୍ୟାବାଚକ ବିଶେଷଣ –

ଏହି ପରରୂପ ସନ୍ଧି ଓଡ଼ିଆରେ ସଂଖ୍ୟାବାଚକ ବିଶେଷଣ ପଦ ସନ୍ଧିରେ ମଧ୍ୟ ଦେଖାଯାଏ। ଯଥା - ଗୋଟା + ଏ = ଗୋଟେ, ଗୋଟି+ ଏ = ଗୋଟେ, ଖଣ୍ଡ +ଏ = ଖଣ୍ଡେ/ ଖଣ୍ଡିଏ, ଦଣ୍ଡ + ଏ = ଦଣ୍ଡେ, ଜଣ+ ଏ= ଜଣେ, ହାତ + ଏ = ହାତେ, ମାସ +ଏ= ମାସେ, ବର୍ଷେ ଇତ୍ୟାଦି। ଏଠାରେ ଜନ+ଏକ ମିଶି 'ଜନୈକ' ଭଳି ରୂପ ନ ହୋଇ ପରରୂପ ହୋଇଅଛି।

୨.୩. ସମସ୍ତପଦ -

ଉଦାହରଣ ସ୍ୱରୂପ- ୧. ଦୁଇ + ଅଣା = ଦିଅଣା, ୨. ତିନି + ଅଣା = ତିନଣା, ୩. ଚାରି+ଅଣା = ଚାରଣା, ୪. ପାଞ୍ଚ + ଅଣା = ପାଞ୍ଚଣା। ଏଠାରେ ଇ + ଅ= ୟ ନହୋଇ ଅ, ଅ+ଅ = ଆ ନ ହୋଇ ଅ ହୋଇଥିବାର ଦେଖାଯାଏ। ଏଣୁ ଏହା ସବର୍ଣ୍ଣ ଦୀର୍ଘ ତଥା ଯଣାଦେଶର ଏକ ବ୍ୟତିକ୍ରମ। ପାଣିନିଙ୍କ ମତରେ ଏହାକୁ ମଧ୍ୟ ପରରୂପ ସନ୍ଧି ବୋଲି ଗ୍ରହଣ କରାଯିବା ଆବଶ୍ୟକ।

୩. ଗୁଣସନ୍ଧି –

ଯେଉଁ ସନ୍ଧିରେ ପରିବର୍ତ୍ତିତ ରୂପ ଅ, ଏ, ଓ ମଧ୍ୟରୁ କୌଣସି ଗୋଟିଏ ରହେ ତାହାକୁ ଗୁଣସନ୍ଧି କୁହାଯାଏ। ଏହି ଗୁଣସନ୍ଧି ଦୁଇଟି ସ୍ଥାନରେ ଦେଖିବାକୁ ମିଳେ। ପ୍ରଥମତଃ ଦୁଇଟି ପଦ ମଧ୍ୟରେ (ସମସ୍ତ ପଦ) ଏବଂ ଧାତୁ ଓ ଏହାର ପ୍ରତ୍ୟୟ ମଧ୍ୟରେ।

୩.୧. ସମସ୍ତ ପଦ –

ଯଥା - ଦେବ + ଇନ୍ଦ୍ର = ଦେବେନ୍ଦ୍ର, ଗଣ +ଈଶ = ଗଣେଶ, ପାଦ + ଉଦକ = ପାଦୋଦକ, ଗଙ୍ଗା + ଉଦକ = ଗଙ୍ଗୋଦକ, ସପ୍ତ + ଋଷି = ସପ୍ତର୍ଷି, ମହା + ଋଷି = ମହର୍ଷି। ଏହି ସମସ୍ତ ଉଦାହରଣ ପାଣିନିଙ୍କ ନିୟମାନୁସାରୀ ବୋଲି ସ୍ପଷ୍ଟ ରୂପେ ପ୍ରମାଣିତ (ଆଦ୍ ଗୁଣଃ - ପା. ୬.୧.୮୭, ଅକାର ବା ଆକାର ପରେ ଋ କାର ଥିଲେ ଋ କାରର ଗୁଣ ଆଦେଶ ହୋଇଥାଏ)

୩.୨.୧. ଏକପଦ ସନ୍ଧି–

ଯେତେବେଳେ କୌଣସି ଏକ ପ୍ରକୃତି (ପ୍ରାତିପଦିକ ବା ଧାତୁ)ରେ ପ୍ରତ୍ୟୟ (ତଦ୍ଧିତ ବା କୃଦନ୍ତ) ଯୋଗହେଲେ

ପ୍ରକୃତ୍ୟନ୍ତ ସ୍ୱର ବର୍ଣ୍ଣର ଅଙ୍ଗ ସଂଜ୍ଞା ହୁଏ ଏବଂ ଏହି ଅଙ୍ଗର ଗୁଣ ବା ବୃଦ୍ଧି ଆଦେଶ ହୋଇଥାଏ। ଏହି ଗୁଣ ବର୍ଣ୍ଣ 'ଏ-କାର' ସ୍ୱର ବର୍ଣ୍ଣ ପରେ ଥିଲେ 'ଏ-କାର' ସ୍ଥାନରେ ଅୟ୍ ଆଦେଶ ହୁଏ। ଅନ୍ୟତ୍ର ଗୁଣ ହୋଇ ରହେ। ଯଥା- ଇ-କାରାନ୍ତ ନୀ (ଧାତୁ) + ଅନ = ନେ + ଅନ = ନୟ୍ + ଅନ = ନୟନ, ମାତ୍ର ନୀ + ତୃଚ୍ = ନେ + ତୃଚ୍ = ନେତୃ। ତେଣୁ ନେତୃ ଶବ୍ଦରୁ ନେତା ଶବ୍ଦ ଉତ୍ପନ୍ନ ହୋଇଛି। (ଇକୋ ଗୁଣବୃଦ୍ଧି - ପା. ୧.୧.୩, ତଦ୍ଧିତେଷ୍ୱଚାମ୍ ଆଦେଃ – ପା. ୭.୨.୧୧୭)

ଉ - କାରାନ୍ତ ଭୂ ଧାତୁର ରୂପ ଭୂ + ଅନ = ଭୋ +ଅନ = ଭବ୍ +ଅନ = ଭବନ। ଏଠାରେ ଓ-କାରର ଅବ୍ ଆଦେଶ ହୁଏ (ଏଚୋଽୟବାୟାବଃ-ପା. ୬.୧.୭୮)।




ର -କାରାନ୍ତ ଧାତୁର ଗୁଣ ହେଲେ, କୃ-ଧାତୁର କର୍ ହୁଏ । ଯଥା- କୃ + ତୃଚ୍ = କର୍ + ତୃଚ୍ = କର୍ତ୍ତୃ। କର୍ତ୍ତୃ ଶବ୍ଦରୁ କର୍ତ୍ତା ଶବ୍ଦ ନିଷ୍ପନ୍ନ ହୋଇଛି। ସେହିପରି ଭୃ-ଧାତୁର ଭର୍ ରୂପ ହୁଏ। ଯଥା - ଯଥା- ଭୃ + ତୃଚ = ଭର୍ +ତୃଚ୍ = ଭର୍ତ୍ତୃ, ଭର୍ତ୍ତା ଶବ୍ଦରମୂଳ ରୂପ ।

୩.୨.୨. କ୍ରିୟାବାଚକ ପ୍ରତ୍ୟୟ– ଧାତୁରେ କ୍ରିୟା ବାଚକ ପ୍ରତ୍ୟୟ (କାଳ, ପୁରୁଷ ଓ ବଚନ ବାଚକ) ଲାଗିଲେ ଭିନ୍ନ ରୂପ ଧାରଣ କରେ, ସଂସ୍କୃତରେ କରୋତି (କ-ର୍-ଉ-ତି) = ଓଡ଼ିଆ-କରୁଛି (କ-ର୍-ଉ-ଛି) କ୍ରିୟାପଦର ବ୍ୟବହାର। ସେହିପରି ଆଜ୍ଞା ବା ଆଦେଶ ଅର୍ଥରେ କର, ଧର, ଭର ଆଦି ରୂପ ଗଠିତ ହୋଇଥାଏ। ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ ଯେ ଇଗନ୍ତ(ଇକ୍-ଅନ୍ତ: ଇ, ଉ,ର, ଲୃ) ଧାତୁମାନଙ୍କରେ ଅନ୍ତରେ ପରିବର୍ତ୍ତନ ଅ ଏବଂ ଓ ତିନି ରୂପରେ ଦେଖାଯାଏ।

**ବୃଦ୍ଧି**

୪.ବୃଦ୍ଧି: ପାଣିନି ବ୍ୟାକରଣରେ ବୃଦ୍ଧି ଶବ୍ଦ ତିନୋଟି ବର୍ଣ୍ଣମାନଙ୍କୁ ବୁଝାଏ।ଯଥା- ଆ,ଐ,ଏବଂ ଔ। ଅଷ୍ଟାଧ୍ୟାୟୀର ପ୍ରଥମ ସୂତ୍ର (ବୃଦ୍ଧିରାଦୈଚ୍ =ବୃଦ୍ଧିଃ ଆତ୍-ଐଚ୍ (ପା.୧.୧.୧.), ଅର୍ଥାତ୍ ବୃଦ୍ଧି ସଜ୍ଞା କେବଳ ଆ,ଐ ଏବଂ ଔ ବର୍ଣ୍ଣମାନଙ୍କର ଦେଖାଯାଏ। ଗୁଣ ଯେପରି ତିନୋଟି ସ୍ଥଳରେ (ଅ, ଏ ଏବଂ ଓ) ହୋଇ ଥାଏ। ଠିକ୍ ସେହିପରି ବୃଦ୍ଧି ମଧ୍ୟ ସେହି ତିନୋଟି ସ୍ଥଳରେ (ଆ,ଐ,ଏବଂ ଔ ) ଦେଖାଯାଏ।

୪.୧ ସମସ୍ତ ପଦ

ଦୁଇଟି ପଦ ସଂଯୋଗରେ ବିଶେଷ କରି ସମାସରେ ବା ସମସ୍ତ ପଦରେ ଦେଖିବାକୁ ମିଳେ। ଯଥା-ଜନ +ଏକ =ଜନୈକ, ବନ+ଔଷଧି = ବନୌଷଧି। ତଥା + ଏବ =ତଥୈବ, ମହା+ ଐଶ୍ୱର୍ଯ୍ୟ = ମହୈଶ୍ୱର୍ଯ୍ୟ, ମହା + ଔଷଧି = ମହୌଷଧି।

୪.୨. ଏକ ପଦରେ ଅର୍ଥାତ୍ ପ୍ରକୃତି ଏବଂ ପ୍ରତ୍ୟୟ ଯୋଗରେ ଯେଉଁ ସନ୍ଧି ହୁଏ ତାହାକୁ ପଦ ସନ୍ଧି ବୋଲି କୁହାଯାଏ। ପାଣିନିଙ୍କ ମତରେ ଦୁଇ ପ୍ରକାରର ପଦ ବ୍ୟବହାର ହୁଏ, ଯଥା - ୧. ସୁବନ୍ତ (ସୁପ୍ + ଅନ୍ତ), ୨.ତିଙ୍ +ଅନ୍ତ = ତିଙନ୍ତ (ସୁପ୍-ତିଙ୍-ଅନ୍ତମ୍-ପଦମ୍) ପା.୧.୪. ୧୪।

୪.୨.୧. ସୁବନ୍ତ ବା ନାମବାଚକ ଶବ୍ଦ ବୃଦ୍ଧି ସ୍ୱର ଐ ଏବଂ ଔ ପରେ ସ୍ୱର ବର୍ଣ୍ଣ ଥିଲେ ଯଥାକ୍ରମେ ଆୟ୍ ଏବଂ ଆବ୍ ଆଦେଶ ହୋଇଥାଏ।

୪.୨.୨. ଯଥା- ନାୟକ। ଏହାର ଉତ୍ପତ୍ତି କ୍ରମ ଏଠାରେ ଦ୍ରଷ୍ଟବ୍ୟ।

ନୀ = ନୈ ପରେ କର୍ତ୍ତା ଅର୍ଥରେ କୃତ୍ ପ୍ରତ୍ୟୟ -ଅକ ଯୋଗ ହେଲେ ଇ-କାରାନ୍ତ ଧାତୁ ନୀ-ର ବୃଦ୍ଧି ଆଦେଶ ହୋଇ ନୈରୂପ ଧାରଣକରେ ଏବଂ ଶେଷରେ ଆୟ ଆଦେଶ ହୁଏ,ଯଥା- ନୀ + ଅକ = ନୈ + ଅକ = ନାୟ୍ + ଅକ = ନାୟକ। ସେହିପରି ଗୀ+ ଅକ =ଗୈ + ଅକ=ଗାୟ୍ + ଅକ = ଗାୟକ।

ଓଡ଼ିଆ ବ୍ୟାକରଣ ପୁସ୍ତକମାନଙ୍କରେ ଏହି କ୍ରମ ଦେଖାଯାଏ ନାହିଁ। କେବଳ ନେ + ଅକ କରି ନାୟକ ଶବ୍ଦର ଉତ୍ପତ୍ତି ବୋଲି କୁହାଯାଇଛି। ଏଠାରେ ମୂଳ ଧାତୁ ନୀ –ର ଅଭାବରୁ ସନ୍ଧି ଅସମ୍ପୂର୍ଣ୍ଣଭଳି ମନେ ହୁଏ। ସେହିପରି ପାବକ ଶବ୍ଦର ଉତ୍ପତ୍ତି ବିନା ମୂଳଧାତୁ ପୌ + ଅକ କରି ପାବକ ଶବ୍ଦର ବିନ୍ୟାସ। ପୂଙ୍ ପାବନ ଅର୍ଥରେ ବ୍ୟବହୃତ ଧାତୁ

ଅଭାବରେ ଅସଙ୍ଗତ ବୋଲି ମନେ ହୁଏ। ଏଣୁ ଓଡ଼ିଆ ଭାଷାର ଧାତୁ ନିର୍ଣ୍ଣୟର ଆବଶ୍ୟକତା ରହିଛି ବୋଲି ବିଚାର କରିବା ଉଚିତ।

୪.୩. ର-କାରାନ୍ତ ଧାତୁଗୁଡ଼ିକର ଗୁଣ ହେଲେ କର୍ (କୃ), ଧର୍ (ଧୃ),ହର୍ (ହୃ) ଆଦି ରୂପ ହୋଇ କରୋତି (କରୁଛି), ଧରତି(ଧରୁଛି), ହରତି (ହରଣ କରୁଛି) ଆଦି କ୍ରିୟାପଦମାନଙ୍କର ସମାନ ବ୍ୟବହାର ଦେଖାଯାଏ। ଏଠାରେ ର-କାରାନ୍ତ ଧାତୁର ଗୁଣ ଆଦେଶ ହୋଇ ଅର୍ ହୋଇଥାଏ। ମାତ୍ର ସେହି ର-କାରାନ୍ତ ଧାତୁର ବୃଦ୍ଧି ହେଲେ କାର୍ ଆଦେଶ ହୁଏ। ମାତ୍ର ଏହି ଧାତୁମାନଙ୍କର ଅଙ୍ଗ ବୃଦ୍ଧି କୃତ୍ ପ୍ରତ୍ୟୟ ଯୋଗରେ ହୋଇଥାଏ, ସେହି ନିଷ୍ପନ୍ନ ଶବ୍ଦକୁ କୃଦନ୍ତ (କୃତ୍ +ଅନ୍ତ) ବୋଲି କୁହାଯାଏ।

ଉଦାହରଣ- ଯଥା- କାରକ. ଧାରକ,ହାରକ ଆଦି।

କାରକ (କୃ + ଅକ=କାର୍ + ଅକ = କାରକ)। ଏଥିରୁ ଆମେ ଜାଣିପାରିବା ଯେ କେତେକ ଇଗନ୍ତ (ଇ-ଉ-ଳୃ-କାରାନ୍ତ) ଧାତୁମାନଙ୍କର ତିନି ପ୍ରକାରର ପରିବର୍ତ୍ତନ ହୁଏ। ଏହି ତିନିରୂପ ଭାଷା ବିଜ୍ଞାନରେ ଗ୍ରେଡ୍ (ରୂପ) ବୋଲି କୁହାଯାଏ।

୧. ପ୍ରତ୍ୟୟ ଯୁକ୍ତହୋଇ ଧାତୁରେ ପରିବର୍ତ୍ତନ ନ ହେଲେ ତାହାକୁ ଶୂନ୍ୟ ଗ୍ରେଡ୍ (ରୂପ) କୁହାଯାଏ। ଯଥା - କୃତ (କୃ + କ୍ତ)।

୨. ସେହିପରି ଧାତୁରେ ଗୁଣ ହୋଇଥିଲେ ତାହାକୁ ଗୁଣ ଗ୍ରେଡ୍ (ରୂପ) ବୋଲି କୁହାଯାଏ। ଯଥା- କର୍ତ୍ତା (କୃ + ତୃଚ୍)।

୩. ଧାତୁରେ ବୃଦ୍ଧି ହୋଇଥିଲେ ତାହାକୁ ବୃଦ୍ଧି ଗ୍ରେଡ୍ ବୋଲି କୁହାଯାଏ। ଯଥା-କାରକ (କୃ + ଅକ)।

ଭାଷାବିଜ୍ଞାନର ଏହି ବିଭାଜନ ପାଣିନିଙ୍କୁ ଅନୁସରଣ କରି କରାଯାଇଛି ବୋଲି ଅନେକ ଭାଷାବିତ୍‌ମାନଙ୍କର ମତ।

ଇ-କାରାନ୍ତ - ଚି + ଅନ = ଚେ + ଅନ = ଚୟ୍ + ଅନ = ଚୟନ। ଚି + ଅକ = ଚୈ + ଅକ= ଚାୟ୍+ ଅକ = ଚାୟକ = (ପରି)ଚାୟକ।

ଈ-କାରନ୍ତ - ନୀ+ଅନ = ନେ+ଅନ = ନୟ୍+ଅନ = ନୟନ । ନୀ+ଅକ =ନୈ+ ଅକ = ନାୟ୍ + ଅକ=ନାୟକ

ଉ-କାରାନ୍ତ -ଶ୍ରୁ=ଶ୍ରୋ = ଶ୍ରବ୍ + ଅନ = ଶ୍ରବଣ।ଶ୍ରୁ + ଅକ=ଶ୍ରୌ + ଅକ = ଶ୍ରାବ୍ + ଅକ = ଶ୍ରାବକ।

ଊ-କାରାନ୍ତ - ଭୂ = ଭୋ + ଅନ = ଭବନ। ଭୂ + ଉକ = ଭୌ + ଉକ = ଭାବ୍ + ଉକ = ଭାବୁକ।

୪.୪. ବୃଦ୍ଧି ସଂଜ୍ଞା ମଧ୍ୟ ନାମବାଚକ ବିଶେଷଣ ତଦ୍ଧିତ ପ୍ରତ୍ୟୟ ଯୋଗରେ ଦେଖାଯାଏ।

ଯଥା- ଦାଶରଥି। ଏହାର ମୂଳ ପ୍ରକୃତି ହେଉଛି ଦଶରଥ ଯାହାର ପୁତ୍ର ଅର୍ଥରେ -ଇଞ୍ ପ୍ରତ୍ୟୟ ଯୋଗ ହୁଏ । ଏହି ତଦ୍ଧିତ ପ୍ରତ୍ୟୟ ଯୋଗରେ ପ୍ରକୃତିର ଆଦି ସ୍ୱର ବୃଦ୍ଧି ଲାଭ କରେ। ଉଦାହରଣ, ଯଥା- ଦଶରଥ + ଇଞ୍ = ଦାଶରଥି। ସେହିପରି ବିଷ୍ଣୁ + ଅଣ୍ = ବୈଷ୍ଣବ, ଶିବ + ଅଣ୍ = ଶୈବ।

ଏଠାରେ ମନେରଖିବା ଉଚିତ ଯେ, ଭାଷାରେ ଶବ୍ଦଗଠନକୁ ନେଇ ଏକ ନିୟମ ରହିଛି, ତାହା ହେଉଛି ଅର୍ଥ ପରିବର୍ତ୍ତନ ମୂଳକ ରୂପ ପରିବର୍ତ୍ତନ। ଏହି ପରିବର୍ତ୍ତନ ପ୍ରକୃତିରେ ହିଁ ଅଧିକ ଦେଖାଯାଏ। ପ୍ରକୃତି ଦୁଇ ପ୍ରକାରର-ଯଥା-୧. ପ୍ରାତିପଦିକ,୨. ଧାତୁ। ପ୍ରାତିପଦିକରୁ ବିଶେଷ୍ୟ ଓ ବିଶେଷଣ ପଦ ଉତ୍ପନ୍ନ ହୋଇଥିଲା ବେଳେ, ଧାତୁରୁ କ୍ରିୟା ପଦ ସବୁ ନିଷ୍ପନ୍ନ ହୋଇଥାନ୍ତି। ଉଦାହରଣ-ଯଥା- ରାମ (ରାମଃ ପ୍ରଥମା ବିଭକ୍ତି ଏକବଚନ-କର୍ତ୍ତା), ରାମକୁ (ରାମାୟ ଚତୁର୍ଥୀ ଏକବଚନ - ନିମିତ୍ତ / ନମସ୍କାର ଅର୍ଥରେ), ରାମଠାରୁ (ରାମାତ୍-ପଞ୍ଚମୀ ଏକବଚନ) ଏହିଭଳି ସାତ ବିଭକ୍ତିରେ ଏକବଚନ, ଦ୍ୱିବଚନ ତଥା ବହୁବଚନ ଭାବରେ ୨୧ ପ୍ରକାରର ରୂପ ଦେଖିବାକୁ ମିଳିଥାଏ।

**ପ୍ରାତିପଦିକରୁ ବିଶେଷ୍ୟ ଓ ବିଶେଷଣ ପଦ ଉତ୍ପନ୍ନ ହୋଇଥିଲା ବେଳେ, ଧାତୁରୁ କ୍ରିୟା ପଦ ସବୁ ନିଷ୍ପନ୍ନ ହୋଇଥାନ୍ତି।**

ସେହିପରି ଧାତୁରେ ଧାତୁ ପ୍ରତ୍ୟୟ ଲାଗିଲେ ଅର୍ଥ ଅନୁସାରେ ପ୍ରକୃତି ପ୍ରତ୍ୟୟ ଉଭୟର ପରିବର୍ତ୍ତନ ହୋଇଥାଏ।

ଏହି ପରିବର୍ତ୍ତନ କ୍ରମରେ ହୁଏ ବୋଲି ପାଣିନି ପ୍ରମାଣ କରି ଦେଖାଇଛନ୍ତି। ଯଥା - ପ୍ରଥମେ ପ୍ରକୃତି(ଧାତୁ)ରେ ପ୍ରତ୍ୟୟ ଯୋଗ ହେଲେ (ନୀ + ଅନ), ତାହାର ଗୁଣ ହୁଏ (ନେ + ଅନ) ଏବଂ ପରେ ଏ-କାରର ଅୟ୍ ଆଦେଶ ହୁଏ ଏବଂ ଶେଷରେ ନୟନ ରୂପ ସିଦ୍ଧ ହୁଏ। ସେହି କ୍ରମରେ ଧାତୁର ବୃଦ୍ଧି ହେବାର ଦେଖାଯାଏ। ଉଦାହରଣ ଯଥା- ନୀ +ଅକ =

ନୈ + ଅକ = ନାୟ୍ + ଅକ =ନାୟକ।

କୃ ଧାତୁର ଗୁଣ ରୂପ କର୍ ହୋଇଥାଏ ଏବଂ ସେଥିରେ ତୃଚ୍ ପ୍ରତ୍ୟୟ ଲାଗିଲେ କର୍ତ୍ତୃ ଶବ୍ଦର ଉତ୍ପତ୍ତି, ବୃଦ୍ଧି ହେଲେ କାର୍ +ଅକ = କାରକ ଶବ୍ଦର ଉତ୍ପତ୍ତି ହୁଏ।

ଏହିପରି ଅନେକ ଧାତୁମାନଙ୍କର ରୂପ ଜାଣିବା ସଙ୍ଗେ ସଙ୍ଗେ ସେମାନଙ୍କର ମୂଳ ଧାତୁ କ'ଣ ଜଣାପଡ଼େ। ତଦ୍ଧିତ ରୂପରେ ତଦ୍ରୂପ ପରୀକ୍ଷା। କାଳବାଚକ ଶବ୍ଦରୁ ଠକ୍ ହୁଏ ଏବଂ ପରେ ଠ-କାରର ଇକ୍ ଆଦେଶ ହୁଏ ଏବଂ କାଳିକ ଶବ୍ଦର ଉତ୍ପତ୍ତି। ସେହିପରି ମାସିକ, ବାର୍ଷିକ ଆଦି ଶବ୍ଦମାନଙ୍କର ଉତ୍ପତ୍ତି।

**ସୂତ୍ରମାନଙ୍କର କ୍ରମ ପ୍ରୟୋଗ ପଦ୍ଧତି ପାଇଁ ଆଜି ପାଣିନିଙ୍କ ବ୍ୟାକରଣ କମ୍ପ୍ୟୁଟର ଉପଯୋଗୀ ହୋଇପାରିଛି।**

ବିଶେଷତଃ ସୂତ୍ରମାନଙ୍କର କ୍ରମ ପ୍ରୟୋଗ ପଦ୍ଧତି ପାଇଁ ଆଜି ପାଣିନିଙ୍କ ବ୍ୟାକରଣ କମ୍ପ୍ୟୁଟର ଉପଯୋଗୀ ହୋଇପାରିଛି। ଏହାକୁ କମ୍ପ୍ୟୁଟର ଭାଷାରେ ଆଲ୍‌ଗୋରିଦିମ୍ ବୋଲି କୁହାଯାଏ। ପାଣିନିଙ୍କ ଅଷ୍ଟାଧ୍ୟାୟୀ ଉପରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ୨୦୨୨ ମସିହାରେ ଗବେଷକ ଋଷିରାଜ ପୋପଟଙ୍କ ଦ୍ୱାରା ଲିଖିତ ଏବଂ ପ୍ରକାଶିତ ପିଏଚ୍. ଡି.ଶୋଧ ପ୍ରବନ୍ଧ "ଇନ୍ ପାଣିନି, ଉଇ ଟ୍ରଷ୍ଟ: ଡିସ୍‌କଭରିଙ୍ଗ ଦି ଆଲ୍‌ଗୋରିଦମ୍ ଫର୍ ରୁଲ୍ କନଫ୍ଲିକ୍ଟ୍ ରିଜୋଲ୍ୟୁସନ୍ ଇନ୍ ଦି ଅଷ୍ଟାଧ୍ୟାୟୀ"ରେ ପ୍ରମାଣିତ।

□□

ଲେଖକଙ୍କ ଇ-ମେଲ ଠିକଣା:
siniruddhad@gmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।
୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।
୩. ଯେକୌଣସି ସଂଖ୍ୟାରେ ଗୋଟିଏ କିମ୍ବା ଦୁଇଟି ମାତ୍ର କବିତା ପ୍ରକାଶ ପାଏ। କବିତାରେ ଆତ୍ମମୁଖୀ, ଅର୍ଥାତ୍ 'ମୁଁ' କିମ୍ବା 'ମୋର' ଭଳି ପ୍ରଥମ ପୁରୁଷ ଏକବଚନଯୁକ୍ତ ଶବ୍ଦ ଥିଲେ ତାହା ପ୍ରକାଶ ପାଏନାହିଁ।
୪. ପତ୍ରିକାରେ କେବଳ ଭାଷା ଓ ସାହିତ୍ୟ ଉପରେ ଆଧାରିତ ପ୍ରବନ୍ଧମାନ ପ୍ରକାଶିତ ହୁଏ। ଅବଶ୍ୟ କେବଳ ରଥଯାତ୍ରା ଓ ଦଶହରା ଅବସରରେ ପ୍ରକାଶିତ ସଂଖ୍ୟାରେ ଏହାର କିଛି ବ୍ୟତିକ୍ରମ ହୋଇଥାଏ।
୫. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।
୬. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।
୭. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ। ଏପରିକି ଫେସ୍‌ବୁକ୍ ଇତ୍ୟାଦିରେ ପ୍ରକାଶିତ ଲେଖା ମଧ୍ୟ ପଠାନ୍ତୁ ନାହିଁ।
୮. କବି ଓ ଲେଖକମାନଙ୍କୁ ଅନୁରୋଧ, ପୂର୍ବରୁ ଆମର ପତ୍ରିକାଟି କେବେ ଥରଟିଏ ହେଲେ ପଢ଼ିନଥିଲେ, ଦୟାକରି କୌଣସି ଲେଖା ପଠାନ୍ତୁ ନାହିଁ।
୯. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।
୧୦. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।
୧୧. ଲେଖକମାନଙ୍କ ପାଖକୁ ମାନଦେୟ ସ୍ୱରୂପ ଛଅ ମାସ ପାଇଁ ପତ୍ରିକା ପଠାଇବାର ବ୍ୟବସ୍ଥା ଅଛି। ମାତ୍ର ସାହିତ୍ୟ ଚର୍ଚ୍ଚା ପରିବାରର ସଦସ୍ୟମାନଙ୍କୁ ଏହି ମାନଦେୟ ପ୍ରେରିତ ହୁଏନାହିଁ।
୧୨. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବାକୁ ନିବେଦନ।
୧୩. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।
୧୪. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସମ୍ପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସମ୍ପାଦନା ମଣ୍ଡଳୀର ରହିଛି।



ଗଳ୍ପ

# ଦେବତା

ବିମଳ ଚନ୍ଦ୍ର ମହାପାତ୍ର

ଜୁନ ମାସର ଉଦୁଉଦିଆ ଦି'ପହର। ସୂର୍ଯ୍ୟ ଦେବତା ତାଙ୍କ ପ୍ରଖର କିରଣର ଫୁଆରା ନିଧଡ଼କ ଖୋଲିଦେଇ ପୃଥିବୀମୁହାଁ କରିଦେଇଥିଲେ। ଶଗଡ଼ ଗୁଳାପରି ସରୁ, ଉଉଳ, ଅବତଳ ଧୂଳିଭର୍ତ୍ତି ରାସ୍ତାରେ ଜିପ୍‌ଟି ଚାଲିଥିଲା। ପନ୍ଦର ବର୍ଷର ବୟୋବୃଦ୍ଧ ସରକାରୀ ଜିପ୍‌ଟି ଚାରିଜଣ ଆରୋହୀଙ୍କୁ ପେଟରେ ଧରି ଗର୍ଭିଣୀ ଗାଈଟି ପରି ଧଇଁ ସଇଁ ହୋଇ ଉଠିପଡ଼ି କଚ୍ଛପ ଗତିରେ ଆଗକୁ ବଢୁଥିଲା ମେଞ୍ଚାଏ ହତାଶାର ଧୂଳି ଉଡ଼େଇ ଉଡ଼େଇ। ଗାଡ଼ି ପେଟ ଭାରି, ଗାଡ଼ି ଭିତରେ ଆମେ ଚାରିଜଣ ଖାଲି ପେଟ, ହାଉଁ ହାଉଁ ଭୋକରେ ପେଟ ଭିତରେ ମୂଷିକ ଦୌଡ଼। ଡ୍ରାଇଭର, ଫର୍ମାସିଷ୍ଟ, ନର୍ସ ଆଉ ମୁଁ। ସକାଳ ସାତଟାରେ ଖିଆ ଜଳଖିଆ ଜଳହୋଇ ବହି ସାରିଥିଲା।



ସେତେବେଳର ଢେଙ୍କାନାଳ ଜିଲ୍ଲା ଓ ବର୍ତ୍ତମାନର ଅନୁଗୁଳ ଜିଲ୍ଲାର ବଇଣ୍ଡା ପରେ ହାଇୱେରୁ ଭିତରକୁ ଅଙ୍କାବଙ୍କା ପ୍ରାୟ ୨୦ କିଲୋମିଟର ଭିତରକୁ ଏକ ନିପଟ ମଫସଲ ଗାଁ'କୁ ସରକାରୀ କାମରେ ବିଡ଼ି ଶ୍ରମିକଙ୍କ ସର୍ବେକ୍ଷଣ ଓ ଚିହ୍ନଟ ତଥା ମୋବାଇଲ ଡାକ୍ତରୀ ସେବା ଦେବା ପାଇଁ ଯାଇଥିଲୁ। ଯମରାଜ ଓ ଇଲେକ୍ସନ ଗାଡ଼ି ଛଡ଼ା ଆଉ କାହାକୁ ଭେଟୁନଥିବା ସରଳ ଗାଉଁଲି ମଣିଷଗୁଡ଼ିକ ସରକାରୀ ଲୋକ ଦେଖି, ସରକାରୀ ସହାୟତା ଯୋଜନା ଗନ୍ଧ ବାରି ଆମକୁ ଘେରିଯାଇ ଏତେ ଦୁଃଖ ବଖାଣିବାକୁ ଲାଗିଲେ ଯେ ସେଇଠି ତିନିଟା ବାଜିଗଲା। ଅବଶ୍ୟ ସେମାନଙ୍କ ସଯତ୍ନେ ପ୍ରସ୍ତୁତ ସ୍ୱଚ୍ଛ ଗୁଣ୍ଡ କ୍ଷୀର ଓ ମାତ୍ରାଧିକ ଚିନିଯୁକ୍ତ ପାଣିଆ ଚା' ତଥା ଗାଁ ଦୋକାନର ସେଲେପା ଟାଇଗର ମାର୍କା ବିସ୍କୁଟ ଦେଢ଼ଟା ବେଳେ ପେଟବିକଳରେ କଷ୍ଟେମଷ୍ଟେ ଆତ୍ମସ୍ଥ କରିଥିଲୁ। କିନ୍ତୁ ତାହା ଜଠରାଗ୍ନିକୁ ଅଧିକ ପ୍ରଜ୍ୱଳିତ କରିଥିଲା ମାତ୍ର। ଜାଲ ଭଳି ବିଛେଇ ହୋଇଥିବା ଗୁଳା ମାଟି ରାସ୍ତାରେ ରାସ୍ତା ଭୁଲି ଶେଷରେ ଏକ ଅନାମଧେୟ ଜାଗାରେ ଥିବା ହାଇୱେରେ ପହଞ୍ଚିଲୁ। ଭୋକରେ ଆଉଟୁପାଉଟୁ ଚାରି ପ୍ରାଣୀ ଚାରିଯୋଡ଼ା ଚକ୍ଷୁରେ ରାସ୍ତା ଆଗକୁ କୌଣସି ଢାବା ଦେଖିବା ପାଇଁ ଆଖି ଦୌଡ଼ାଉ ଥାଉ। ଅଧଘଣ୍ଟା ପରେ ରାସ୍ତାକଡ଼ ଛୋଟ ଗାଁ ମୁଣ୍ଡରେ ଝୁମ୍ପୁଡ଼ି ଘର ଆଗରେ ଖଣ୍ଡେ ଟିଣରେ ଅଙ୍କାବଙ୍କା ହାତଲେଖା "ହୋଟେଲ" ଶବ୍ଦ ଦେଖି କୋଟିନିଧି ପାଇଲା ପରି ଲାଗିଲା। ଗାଡ଼ି ରଖି ଖପଖାପ ଡେଇଁ ଭିତରେ ପଶିଲୁ। ପଚାରିଲୁ: ଖାଇବାକୁ କିଛି ଅଛି?

ବିଚରା ହୋଟେଲ ମାଲିକ କିଛିଟା ଅପ୍ରସ୍ତୁତ ହୋଇ କହିଲା : ଆମର ତ ଗାଉଁଲି ହୋଟେଲ, ଅଳପ ରାନ୍ଧୁ, ଅବେଳ ହେଲାଣି, ସରି ଆସିଲାଣି। ଭାତ, ଡାଲି, ଭଣ୍ଡା (ଅମୃତଭଣ୍ଡା) ତରକାରି ଅଛି, କିରା ଚଳିବ କି? ଭାତ, ଡାଲି, ତରକାରି - ଭୋକିଲା ମଣିଷର ଆଉ କ'ଣ ଦରକାର? ତୁରନ୍ତ କହିଲୁ: ଭାଇ ଦୌଡ଼ିବ, ଜଲଦି ବାଢ଼।

ଦୁଇ ଚାରି ଗୁଣ୍ଡା ବଗଡ଼ା ଭାତ ପେଟରେ ପଡ଼ି ମସ୍ତିଷ୍କକୁ ଶର୍କରା ଉପଲବ୍ଧ ହେବାପରେ ଚାରିଆଡ଼କୁ ଆମ ନିଘାଗଲା। ଆମଛଡ଼ା କେବଳ ଅନ୍ୟ ଦୁଇଟି ଲୋକ ଖାଉଥିଲେ। ସେମାନଙ୍କ ମଧ୍ୟରୁ ଜଣେ କିଛି ଦୂରରେ ଆଉ ଏକ କାଠପଟା ବେଞ୍ଚରେ ମଇଳା କୋତରା ଲୁଗାଖଣ୍ଡେ ପିନ୍ଧି ଫୁଙ୍ଗୁଳା ଦେହରେ ବସି ଭାତରେ ଡାଲି ତରକାରି ଏକାଠି ଗୋଳେଇ ହାତରେ ଗୁଣ୍ଡା ଧରି ଗପାଗପ ଖାଇ ଚାଲିଛି । ପେଜୁଆ କାକର ତଳିତଳିଆ ଭାତ, ଛେରାପାଣିଆ ଡାଲି, ଅମୃତଭଣ୍ଡାରେ କାଁ ଭାଁ ଖଣ୍ଡେ ଅଧେ ଆଳୁ ପଡ଼ିଛି । ସମ୍ଭବତଃ ତଥାକଥିତ ଡାଲି ଓ ତରକାରିର ଗରାଖଙ୍କ ଦ୍ୱାରା ଅଧିକ ଉପଯୋଗର ସମ୍ଭାବନାକୁ ନିୟନ୍ତ୍ରିତ କରିବା ପାଇଁ ଲଙ୍କା ଗୁଣ୍ଡର ହାତ ଖୋଲି ପ୍ରୟୋଗ କରାଯାଇଛି । ଆମେ ଦି' ଚାରି ଗୁଣ୍ଡା

କୌଣସିମତେ ଗଳାଧଃକରଣ କରି ପେଟର ନିଆଁ ଶାନ୍ତ କରିବାପରେ ପାଣି ତେଣ୍ଡିତେଣ୍ଡି ପାଟିରେ ଜଳୁଥିବା ନିଆଁ ଲିଭାଉଲିଭାଉ ଉଠିବାକୁ ବାହାରୁଥିଲୁ, ହେଲେ ସେଇ ଲୋକଟିର ହାବଭାବ ଦେଖି କେଜାଣି କାହିଁକି ଅଟକିଗଲୁ । ତା'ର କିନ୍ତୁ କୁଆଡ଼କୁ ନଜର ନାହିଁ। ଭାତ, ଡାଲି ଆଉ ତରକାରିକୁ ଗୋଳାଇ ଶ୍ରାଦ୍ଧର ପିଣ୍ଡ ପରି ପତ୍ର ମଝିରେ ମାଣ୍ଡୁ ଆକାରରେ ଗଦା କରିଥିଲା ଏବଂ କେଇ ସେକେଣ୍ଡର ଅନ୍ତରରେ କ୍ରିକେଟ ବଲ ଆକାରର ଗୁଣ୍ଡାଗୁଡ଼ିକ ଗୋଟିକ ପରେ ଗୋଟିଏ ମୁହଁରେ ପଶି ଗଳାରେ ଏକ ତରଙ୍ଗ ସୃଷ୍ଟି କରି ଉଭେଇ ଯାଉଥିଲେ । କେଇ ମୁହୂର୍ତ୍ତରେ ପତ୍ରରୁ ମାଣ୍ଡୁଟି ଶେଷ ହେଇଗଲା । ଗୋଟି ଗୋଟି କରି ଆଙ୍ଗୁଠିକୁ ପାଟିରେ ପୂରାଇ ଚାଟୁଚାଟୁ ଅସ୍ପଷ୍ଟ ସ୍ୱରରେ ପୁଣି ଭାତ ମାଗିଲା । ଏଥର ଡେକ୍‌ଚି, ମଗ ପୋଛି ହୋଟେଲବାଲା ଯାହା କିଛି ବା ଥିଲା ସବୁ ତା' ପତ୍ରରେ ଅଜାଡ଼ି ଦେଲା । ନିମିଷକରେ ତାହା ମଧ୍ୟ ସରିଗଲା । ଏଉଡ଼ିଟେ ମାରି ହାତ ଧୋଇ ହୋଟେଲ ମାଲିକ ଟେବୁଲ ପାଖକୁ ଯାଇ ମୁହଁ ତଳକୁ ପୋତି ଠିଆ ହେଲା । ଲଜ୍ଜା, ସଙ୍କୋଚ ଓ ଆତ୍ମଗ୍ଲାନି ଭରା ଧିମା କଣ୍ଠରେ ଥଙ୍ଗେଇ ଥଙ୍ଗେଇ କହିଲା :

**କାନ୍ଦୁଣୁ ମାନ୍ଦୁଣୁ ହେଇ ଲୋକଟି କହିଲା: ଆମର ଥିଲା ଘର ଆଜ୍ଞା । ଘରେ ବହୁତ କ୍ଲେଶ, ବହୁତ ଅଶାନ୍ତି । ସେଥିପାଇଁ ଘର ଛାଡ଼ି ପଳେଇ ଆସିଛି ।**

: ମୋ' ପାଖରେ ପଇସା ନାହିଁ ଆଜ୍ଞା ।

: ଏଠି ସେ ଚାଲ୍‌ବାଜି ଚଳିବନି ।

: ସତରେ, କାଣୀକଉଡ଼ିଟିଏ ନାହିଁ...

: ତେବେ ଗେଫା ମାରିବାକୁ ବସିପଡ଼ିଲୁ କିଆଁ ?

: ତିନି ଦିନ ହେଲା ଖାଇ ନଥିଲି ....

: ସେଇଥିପାଇଁ ଏଠି ଅନ୍ନଛତ୍ର ଦେଖି ଚାଲି ଆସିଲୁ ?

କାନ୍ଦୁଣୁ ମାନ୍ଦୁଣୁ ହେଇ ଲୋକଟି କହିଲା: ଆମର ଥିଲା ଘର ଆଜ୍ଞା । ହେଲେ ଘରେ ବହୁତ କ୍ଲେଶ, ବହୁତ ଅଶାନ୍ତି । ସେଥିପାଇଁ ଘର ଛାଡ଼ି ପଳେଇ ଆସିଛି । ଜଣେ ଟ୍ରକ୍‌ବାଲା ଦୟାକରି ବଇଣ୍ଡା ପର୍ଯ୍ୟନ୍ତ ନେଇ ଆସିଲା, ସେଠୁ ଚାଲି ଚାଲି ଆସୁଛି । ଖାଲିପେଟ, ଖରାବେଳ, ମୁଣ୍ଡ ବୁଲେଇ ଦେଲା, ଚାଲି ପାରିଲିନି ..... ସେଉଠୁ ...

: ହେଲେ, ଏଇଟା କୋଉ ହୋଟେଲରେ ଲେଖା ! କିବା ରୋଜଗାର ! ଆମ ପେଟ ପୂରୁନି । ଦାନ ଧର୍ମ କରିବି କୋଉଠୁ ?

: ଭୋକ ବିକଳରେ ଜୀବନ ଯାଉଥିଲା । ଏଠି ଖାଇ ଦେଲି, ଏବେ ମତେ ମାଡ଼ ମାରିବ ତ ମାର, କାମ କରେଇବ ତ କରାଅ ।

ରାଗିଯାଇ ହୋଟେଲବାଲା କହିଲା: ତୁ'ଟା ମୋର କି କାମ କରିବୁ । କେଇଟା ଲୋକ ଏଠିକୁ ଆସୁଛନ୍ତି ! ଆମ ସ୍ୱାମୀ ସ୍ତିରୀ ଦି ପ୍ରାଣୀଙ୍କୁ ନିଅଁଣ୍ଟ। ପଇସା ଥିଲେ ନୋକ ରଖିନଥାନ୍ତୁ। ଆଉ ତତେ ବାଡ଼େଇଲେ କିସ ମୋ' ପଇସା ମତେ ମିଳିଯିବ ? ମତେ ମୋ' ପଇସା ଦରକାର; ଯୁ'ଠୁଁ ଆଣି ଦଉଚୁ ଦେ। ଉଭୟ ନଛୋଡ଼ବନ୍ଧା। କ୍ରମଶଃ କଥା କଟାକଟି ଚାଲିଲା।

ପାଖରେ ବସିଥିବା ଆମ ଡ୍ରାଇଭର ଫୁସଫୁସ କହିଲା: ଆଜ୍ଞା, ଖାଲି ନାଟକ। ପଇସା ନଦେଇ ମାଗଣା ଖାଇବା ପାଇଁ ଏକେତ ଗୁଣ୍ଡାମି କରି ଢାବାବାଲାଙ୍କୁ ଡରେଇ ଧମକେଇ ଖାଇବେ ନହେଲେ ଏଇଭଳି ବିଚରା ହେବାର ଅଭିନୟ କରିବେ। କେଜାଣି କାହିଁକି ମୋ' ଭିତରେ ଲୋକଟି ପ୍ରତି କିଞ୍ଚିତ ସମବେଦନା ଜାଗୁଥିବା ବେଳେ ଡ୍ରାଇଭର କଥା ଶୁଣି ବିଶ୍ୱାସ ଲାଗିଲା ଯେ ଲୋକଟି ପେଖନା କାଢୁଛି, ମାଗଣାଖିଆ କୋଡ଼ି କେଉଁଠିକାର !

ଏ ମଧ୍ୟରେ ଅନ୍ୟ ଲୋକଟି ଖାଇବା ସାରି ହୋଟେଲ ମାଲିକ ଟେବୁଲ୍ ଆଡ଼କୁ ଗଲା । ଆମେ ମଧ୍ୟ ପ୍ରକୃତିସ୍ଥ ହେଇ ଯିବାକୁ ବାହାରିଲୁ । ଭିତରେ ହାତ ଧୋଇସାରି ପଇସା ଦେବାକୁ ଆସି ଦେଖିଲୁ ସରଗରମ ନାଟକୀୟ ପରିସ୍ଥିତିରେ ଯବନିକା ପଡ଼ିଛି । ନାଟର ଗୋବର୍ଦ୍ଧନ ସେଇ ଲୋକଟି ରାସ୍ତା କଡ଼ ବରଗଛର ଚାନ୍ଦିନୀ ଉପରେ ଲମ୍ବା ହୋଇ ଶୋଇଛି । ଭାତ ନିଦ ଘୋଟି ଆସୁଚି କି ତାକୁ ! ହୋଟେଲବାଲାକୁ ପଇସା ଦେଉ ଦେଉ ପଚାରିଲି

: ଲୋକଟାକୁ ପଇସା ନନେଇ ଛାଡିଦେଲ ନାଁ କ'ଣ ।

: ସତ ହଉ ବା ମିଛ, ଦି'ମୁଠା ଭାତର କଥା ବାବୁ । ପଇସା ନବାକୁ କ'ଣ ମୋ' ମନ କହୁଥିଲା ! ହେଲେ ଅଭାବରୁ ସ୍ୱଭାବ ନଷ୍ଟ ବାବୁ ! ଘରେ ପାଞ୍ଚ ପ୍ରାଣୀ କୁଟୁମ୍ବ, ଗୋଟିଏ ଗୋଟିଏ ପଇସା ମୋ' ପାଇଁ ବଡ଼ । ସେଥିପାଇଁ...

: ତା'ହେଲେ ?

: ତା' ପଇସା ରଘୁ ଦେଇଦେଲା ।

: ରଘୁ କିଏ ?

ହୋଟେଲ ମାଲିକ ଆଙ୍ଗୁଠି ଦେଖାଇ କହିଲା: ହେଇ ଯେ ଯାଉଚି...

ତା' ଆଙ୍ଗୁଠିର ଦିଗକୁ ଚାହିଁ ଦେଖିଲୁ ଚୁପଚାପ ବସି ଖାଉଥିବା ସେଇ ଦ୍ୱିତୀୟ ଲୋକଟି, ଯେ ଆମ ପୂର୍ବରୁ ଉଠିଯାଇଥିଲା । ଆମେ ଚାରିଜଣ ପରସ୍ପର ମୁହଁ ଚହାଁଚୁହିଁ ହେଲୁ । ନିଶବ୍ଦରେ ଆମ ବାର୍ତ୍ତା ଥିଲା : ବୁଢ଼ୁଟା କେଉଁଠିକାର ! ଠକଟାକୁ ମୁହଁବଢ଼ିଆ କଲା !

ରଘୁ ଠିଆହୋଇ ଗାମୁଛାରେ ମୁହଁରୁ ଝାଳ ପୋଛୁଥିଲା ଓ ଯିବାକୁ ବାହାରିଲା । କଥାଟା ମତେ ଟିକେ ଅବୁଝା ଲାଗିଲା। ତରତରରେ ପଇସା ଦେଇ ମୁଁ ତା' ଆଡ଼କୁ ଚାଲିଲି। ଗଛ ମୂଳକୁ ଯାଇ ଛାଇରେ ରଖିଥିବା ରିକ୍ସାର ତାଲା ଖୋଲୁଥିଲା ଲୋକଟି। ଓଃ ! ରଘୁ ତା'ହେଲେ ରିକ୍ସାବାଲା !

ପାଖକୁ ଯାଇ ତାକୁ ପଚାରିଲି:

: ଆରେ ଭାଇ ତୁମେ ଏଇ ଗାଁ ଲୋକ ?

: ଆଜ୍ଞା

: ଏଠି ରିକ୍ସା ବେପାର ଚାଲୁଚି? ଦିନକୁ କେତେ ପଇସା ମିଳୁଛି ?

: କଷ୍ଟେମଷ୍ଟେ, ଯାହିତାହି ଚାଲିଛି ଆଜ୍ଞା। ବାହାରୁ ଚାକିରିଆ କିଏ ପିଲାପିଚିକା, ଜିନିଷ ଧରି ଗାଁ'କୁ ଫେରିଲେ ବସରୁ ଓହ୍ଲାଇ ରିକ୍ସାକରି ଗାଁକୁ ଯାନ୍ତି। ଦିନକୁ କୋଡ଼ିଏ ପଚିଶ ଯାହା ମିଳିଲା ଯେତେବେଳେ।

: ତୁମେ ନିଜେ ଅଭାବୀ ଲୋକ, ତୁମ ଦିନକର ରୋଜଗାରରୁ ତିନି ଭାଗରୁ ଭାଗେ ସେ ଲୋକଟାର ଖାଇବା ପାଇଁ ଦେଇଦେଲ.....

: ଆପଣଙ୍କୁ କିଏ କହିଲା ଆଜ୍ଞା ?

: ହୋଟେଲବାଲା...

ଲୋକଟିର ମୁହଁରେ ଅସନ୍ତୋଷ ଓ ବିରକ୍ତିର ଭାବ ସ୍ପଷ୍ଟ ଦିଶୁଥିଲା । ଏକଥା କେହି ଜାଣୁ ଏହା ଯେପରି ସେ ଚାହୁଁନଥିଲା । ସେଥିପାଇଁ ହୁଏତ ମନେ ମନେ ହୋଟେଲ ମାଲିକ ଉପରେ ବିରକ୍ତ ହେଉଥିଲା ସେ ।

: ଛାଡ଼ନ୍ତୁ ସେକଥା ଆଜ୍ଞା... କଥାକୁ ଟାଳିଦେବାକୁ ଚାହୁଁଥିଲା ସେ ।

: ମତେ ଲାଗୁଚି ସେ ଯେଉଁ ଗପ ଶୁଣାଉଥିଲା ସବୁ ଡ୍ରାମା, ବୁଦ୍ଧୁ ବନେଇବା ପାଇଁ। ସତରେ ଭୋକିଲା ବୋଲି କେମିତି ଜାଣିଲ ? - ମୁଁ ତାକୁ ଚିହ୍ନାଇବାକୁ ଚେଷ୍ଟାକରି ତା'ଠୁ ଜବାବ ଆଦାୟ କରିବାକୁ ଚାହୁଁଥିଲି ।

ରିକ୍ସାବାଲା ଆଖିରେ ଆଖି ମିଶେଇ କିଛିକ୍ଷଣ ସିଧା ମୋ' ମୁହଁକୁ ଚାହିଁଲା, କହିଲା,

: ଆପଣ ତ ବଡ଼ଲୋକ, ବାବୁ। କେବେ ଅଭାବରେ ଭୋକ ଉପାସରେ ରହିନଥିବେ । ତେବେ କେବେ ବ୍ରତ ବା ପୂଜା ପେଇଁ ଓପାସ କରିଛନ୍ତି ?

ମନେ ପକେଇଲି। ନା ତ, ମୁଁ ଈଶ୍ୱର ବିଶ୍ୱାସୀ ଯଦିଓ ତେବେ କର୍ମକାଣ୍ଡ, ବ୍ରତ ଓପାସ କେବେ କରେନି। ମୁଣ୍ଡ ହଲେଇ ମନା କଲି।

**"ଆପଣ ତ ବଡ଼ଲୋକ, ବାବୁ। କେବେ ଅଭାବରେ ଭୋକ ଉପାସରେ ରହିନଥିବେ । ତେବେ କେବେ ବ୍ରତ ବା ପୂଜା ପେଇଁ ଓପାସ କରିଛନ୍ତି ?"**

ସେ କହିଲା: ଓପାସିଆ ଲୋକର ଆଖିର ଭାଷା ନିଆରା ଆଜ୍ଞା! ଯିଏ ଭୋକ ଓପାସ ଅଙ୍ଗେ ନିଭେଇଛି ସେଇ କେବଳ ପଢ଼ିପାରିବ ! ଲୋକଟିର କଥା ମିଛ ହେଇପାରେ, ସାରେ। କିନ୍ତୁ ତା' ଭୋକ କେବେ ମିଛ ନୁହେଁ। ବହୁକୁଟୁମ୍ବୀ ଗରିବ ଘରେ ଜନ୍ମହେଇ କେତେଥର ଭୋକରେ ରହିଛି ପିଲାବେଳେ... ଆପଣ ସେ ସବୁ ବୁଝିପାରିବେନି !

ତରତର ହୋଇ ରିକ୍ସା ସିଟରେ ଚଢ଼ି ସେ କହିଲା: ଷ୍ଟାଣ୍ଡରେ ବସ୍ ଲାଗିଲାଣି ଆଜ୍ଞା, ଦେଖେ କାଳେ କିଏ ରିକ୍ସା ଖୋଜୁଥିବ।

ପେଡ଼ାଲ ମୋଡ଼ି ସିଏ ଚାଲିଗଲା। ଡ୍ରାଇଭର ଜିପ ଷ୍ଟାର୍ଟକଲା। ଲେଉଟାଣି ବାଟରେ ମୁଁ ଭାବୁଥିଲି, ଅଧାଦିନ ଭୋକରେ ଆମର ଅବସ୍ଥା କ'ଣ ହେଲା ! ସାତଟା ଟଙ୍କାର କଥା! ବିନା ସତ୍ୟାସତ୍ୟର ତର୍ଜମାକରି ମୁଁ ସେ ଭୋକିଲା ଲୋକର ଖାଇବା ପଇସା କାହିଁକି ବା ନଦେଲି। ରିକ୍ସାବାଲାର ବିପରୀତ ସେ ପଇସାର ମୂଲ୍ୟ ତ ମୋ' ପାଇଁ କିଛି ବି ନୁହେଁ।

କିଏ ଜଣେ ମହାନ ବ୍ୟକ୍ତି ସତ କହିଥିଲେ- ମଣିଷପଣିଆ ଓ ଆର୍ଥିକ ସମ୍ପନ୍ନତା ପରସ୍ପର ପ୍ରତୀପାନୁପାତିକ। ନିଜକୁ ବହୁତ ଛୋଟ ମନେ କରୁଥିଲି ଗାଉଁଲି ରିକ୍ସାବାଲା ତୁଳନାରେ। କୌଣସି ପ୍ରତ୍ୟାଶା ପ୍ରଦର୍ଶନ ବିନା ସହଜ ଓ ନିର୍ବିକାର ଭାବେ ଅଭାବୀ ଲୋକଟି ଯୋଉ ତ୍ୟାଗ କରିପାରିଲା ତାହା କେବଳ ଯେ ସମ୍ବେଦନା, ସହାନୁଭୂତି ବା ମାନବିକତା ପଦବାଚ୍ୟ ତାହା ନୁହେଁ, ବରଂ ଅତିମାନବିକତା । ହାତଯୋଡ଼ି ପ୍ରଣାମ କଲି। ଷ୍ଟାଫ୍‌ମାନେ ମତେ ପ୍ରଣାମ କରିବା ଦେଖି ରାସ୍ତା କଡ଼କୁ ଚାହିଁ ହୁଏତ ଖୋଜୁଥିଲେ, କାଇଁ କେଉଁଠି ମନ୍ଦିର ତ ଦିଶୁନି! ମୋ' ମୁହଁରେ ସାମାନ୍ୟ ସ୍ମିତହାସ୍ୟ ଦେଖାଦେଇ ଲିଭିଗଲା। ଦେବତ୍ୱ କ'ଣ କେବଳ ମନ୍ଦିର ଭିତରେ ଥାଏ!

**କିଏ ଜଣେ ମହାନ ବ୍ୟକ୍ତି ସତ କହିଥିଲେ- ମଣିଷପଣିଆ ଓ ଆର୍ଥିକ ସମ୍ପନ୍ନତା ପରସ୍ପର ପ୍ରତୀପାନୁପାତିକ।**

□□

ଲେଖକଙ୍କ ଇ-ମେଲ ଠିକଣା:
bimalchandra54@gmail.com

---

## ପାଣିନି ଟ୍ରଷ୍ଟ ଓ ସାହିତ୍ୟ ଚର୍ଚ୍ଚା

### ମୌଳିକ ଓଡ଼ିଆ ବ୍ୟାକରଣ*

'ପାଣିନି ଟ୍ରଷ୍ଟ' ଓ 'ସାହିତ୍ୟ ଚର୍ଚ୍ଚା' ପକ୍ଷରୁ ବିଭିନ୍ନ ଲେଖକ, ଗବେଷକ, ଭାଷାବିତ୍ ଓ ବୈୟାକରଣମାନଙ୍କଠାରୁ ନିରୁତା ଓଡ଼ିଆ ଭାଷାର ମୌଳିକ ବ୍ୟାକରଣ ସମ୍ବଳିତ ପାଣ୍ଡୁଲିପି ଆମନ୍ତ୍ରଣ କରାଯାଉଛି। ସର୍ବଶ୍ରେଷ୍ଠ ବିବେଚିତ ପାଣ୍ଡୁଲିପି ପାଇଁ ଏକ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯିବାର ବ୍ୟବସ୍ଥା ରହିଛି।

ଏହି ପ୍ରସ୍ତାବିତ ବ୍ୟାକରଣ ପ୍ରଣୟନର ସର୍ତ୍ତାବଳୀ ନିମ୍ନବତ୍ :

୧. ଓଡ଼ିଆ ଭାଷାର କେବଳ ମୌଳିକ ଲକ୍ଷଣଗୁଡ଼ିକୁ ଆଧାର କରି ଏହି ବ୍ୟାକରଣ ପ୍ରଣୀତ ହେବା ଆବଶ୍ୟକ।

୨. ସଂସ୍କୃତ ଭାଷାର ବ୍ୟାକରଣ ଅବଲମ୍ବନରେ ରଚିତ ପାରମ୍ପରିକ ଓଡ଼ିଆ ବ୍ୟାକରଣର କୌଣସି ଧାରା ଏଥିରେ ସ୍ଥାନ ପାଇବ ନାହିଁ।

୩. ଏଥିରେ ତତ୍ସମ ଓ ତଦ୍ଭବ ଭଳି ସଂସ୍କୃତ ଜଡ଼ିତ କୌଣସି ଶବ୍ଦର ଚର୍ଚ୍ଚା ବା ବିଶ୍ଳେଷଣ ନ ହୋଇ କେବଳ ନିରୁତା ବା ମୌଳିକ ଓଡ଼ିଆ ଶବ୍ଦ ହିଁ ଆଲୋଚନାର ପରିସରଭୁକ୍ତ ହେବ।

୪. ଓଡ଼ିଆ ଭାଷାର ବାକ୍ୟଗଠନ ବା ଭାଷାଗତ ଶୈଳୀ ଆଦିର ଆଲୋଚନା ସଂସ୍କୃତ, ଇଂରାଜୀ, କିମ୍ବା ଅନ୍ୟ କୌଣସି ଭାଷାର ବ୍ୟାକରଣଗତ ନିୟମ ଉପରେ ଆଧାରିତ ନ ହୋଇ ଖାଣ୍ଟି ଓଡ଼ିଆ ଭାଷାର ମୌଳିକ ନିୟମକୁ ଭିତ୍ତିକରି ଲେଖାଯିବ।

ଆଗ୍ରହୀ ଲେଖକମାନେ ପ୍ରଥମେ ସେମାନଙ୍କ ପ୍ରସ୍ତାବିତ ପାଣ୍ଡୁଲିପିର ଏକ ସଂକ୍ଷିପ୍ତସାର ୧୦୦୦ ଶବ୍ଦ ମଧ୍ୟରେ ଲେଖି ନିମ୍ନଲିଖିତ ଇ-ମେଲ୍ ଠିକଣାକୁ ୧୦ ଡିସେମ୍ବର , ୨୦୨୫ ତାରିଖ ସୁଦ୍ଧା ପଠାଇବା ପାଇଁ ଅନୁରୋଧ। ମୌଳିକ ଓଡ଼ିଆ ଭାଷା କହିଲେ ଲେଖକ କ'ଣ ବୁଝନ୍ତି, ତାହା ମଧ୍ୟ ଏଥିରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଥିବା ଆବଶ୍ୟକ। ଲେଖାଟି ସହିତ ଲେଖକଙ୍କର ନାମ, ଠିକଣା, ମୋବାଇଲ୍ ନମ୍ବର, ଶିକ୍ଷାଗତ ଯୋଗ୍ୟତା, ବ୍ୟାକରଣ ପ୍ରଣୟନ ବା ଅନ୍ୟ ପୁସ୍ତକରଚନା ସମ୍ପର୍କିତ ପୂର୍ବ ଅଭିଜ୍ଞତା କିଛି ଥିଲେ ତାହାର ବିବରଣୀ ମଧ୍ୟ ଲେଖି ଜଣାଇବା ପାଇଁ ଅନୁରୋଧ।

ବିଚାରକ ମଣ୍ଡଳୀଙ୍କ ସ୍ୱୀକୃତି ପାଇବା ପରେ ଲେଖକମାନେ ସେମାନଙ୍କ ପ୍ରସ୍ତାବିତ ପୁସ୍ତକର ରଚନା ଆରମ୍ଭ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ତାହା ଶେଷ କରିବେ। ଏ ସମ୍ପର୍କରେ କୌଣସି ପୂର୍ବ ପ୍ରକାଶିତ ପୁସ୍ତକ ବା ତାହାର ପାଣ୍ଡୁଲିପି ବିବେଚନାକୁ ନିଆଯିବ ନାହିଁ।

ଇ-ମେଲ୍ ଠିକଣା: **info@sahityacharcha.com**

* An initiative of the Panini Educational & Research Trust and the Sahitya Charcha magazine.



ଅନୁଭୂତି

# ଜୀବନସାଥୀ ଇଣ୍ଟରଭ୍ୟୁ

ଭାବଗ୍ରାହୀ ବଳ

କାହାଣୀର ଶିରୋନାମା ପଢ଼ି କେହି କେହି ପାଠକ ହୁଏତ ଭ୍ରୂକୁଞ୍ଚନ କରି କହିପାରନ୍ତି, ବାଃରେ ଆଉ କିଛି ବିଷୟ ମିଳିଲା ନାହିଁ, ଲେଖା ହେଲା କ'ଣ ନା ଜୀବନସାଥୀ ଇଣ୍ଟରଭ୍ୟୁ ! ଜନ୍ମରୁ ମୃତ୍ୟୁ ଯାଏଁ ମଣିଷ କେତେ କ'ଣ ଇଣ୍ଟରଭ୍ୟୁ ନ ଦେଉଚି । ପ୍ରକାର ଭେଦରେ ସେଗୁଡ଼ିକୁ ପୌରାଣିକ, ସାମାଜିକ, ବୈଷୟିକ ଶ୍ରେଣୀରେ ବିଭକ୍ତ କରାଯାଇପାରେ । ଧରନ୍ତୁ, ସାବିତ୍ରୀ - ଯମରାଜ, ରାମ-ସୁଗ୍ରୀବ, କୃଷ୍ଣ-ଅର୍ଜୁନ ପୌରାଣିକ ଇଣ୍ଟରଭ୍ୟୁ ପ୍ରଭୃତି କୌଣସି ଦୃଷ୍ଟିରୁ କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । ସାମାଜିକ ଇଣ୍ଟରଭ୍ୟୁ ମଧ୍ୟରୁ ଆଡମିଶନ (ଶିକ୍ଷା) ପାଇଁ, ଚାକିରି ପାଇଁ, ବିଦେଶ ଯିବାକୁ ଭିସା ବିଷୟରେ ମଧ୍ୟ ଲେଖାଯାଇ ପାରନ୍ତା । ସେହିପରି ବୈଷୟିକ ପର୍ଯ୍ୟାୟରେ ମନ୍ତ୍ରୀ-ଯନ୍ତ୍ରୀ, ଖଣିମାଫିଆ - ନେତା ଓ ଅଫିସର୍ ବା ରାଜନେତା - ଗୁଣ୍ଡା ମଧ୍ୟରୁ ଯେକୌଣସି ଗୋଟିକ ଉପରେ ମଧ୍ୟ ଲେଖାଯିବା ଅଧିକ ସମୀଚୀନ । ତା'ଛଡ଼ା ଜୀବନସାଥୀ ଇଣ୍ଟରଭ୍ୟୁ ଏକ ସଂପୂର୍ଣ୍ଣ ବ୍ୟକ୍ତିଗତ ଓ ଗୋପନୀୟ ବ୍ୟାପାର ।



### ହାଟରେ ବ୍ରହ୍ମଜ୍ଞାନ

ହାଟରେ ବ୍ରହ୍ମଜ୍ଞାନ ପରି ବିଷୟଟିକୁ କ'ଣ ସର୍ବସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇପାରେ ? ଆଜ୍ଞା ଇଣ୍ଟରଭ୍ୟୁ ବିଭିନ୍ନ ପ୍ରକାର ହୋଇପାରେ । ଜୀବନସାଥୀ ଇଣ୍ଟରଭ୍ୟୁକୁ ନେଇ ଯେ କିଛି ଲେଖାଯିବା ଅପ୍ରାସଙ୍ଗିକ କିମ୍ବା ଅନାବଶ୍ୟକ ତାହା ତ କହିହେବନାହିଁ । ଜୀବନରେ ଯାହା ଯେତେ ସବୁ ଘଟିଯାଉଛି ସବୁ ତ ସାହିତ୍ୟର ପରିସର ଭିତରେ । ତା'ଛଡ଼ା ନିହାତି ଗୋପନୀୟତାକୁ ବାଦ୍ ଦେଇ ସମସ୍ତଙ୍କ ଖୁସି ଓ ଜିଜ୍ଞାସା ପାଇଁ ଯେକୌଣସି ବିଷୟରେ ଲେଖାଯିବାରେ ଅସୁବିଧାର ପ୍ରଶ୍ନ ଉଠୁଛି କେଉଁଠୁ ? ଜୀବନସାଥୀ ଇଣ୍ଟରଭ୍ୟୁ ମୋ' ଜୀବନର ଏକ ସ୍ମରଣୀୟ ଅଧ୍ୟାୟର ଉପସ୍ଥାପନା ମାତ୍ର, ଯାହା ବର୍ତ୍ତମାନ ସମୟରେ ବିରଳ । କାରଣ ବିବାହ ଏବେ ଏକ ସାମାଜିକ ଅନୁଷ୍ଠାନରୁ ବ୍ୟକ୍ତିଗତ ଅନୁଷ୍ଠାନରେ ରୂପାନ୍ତରିତ ହେବାକୁ ଯାଉଛି । ଆସନ୍ତୁ ସେ ଦିନର ସେ ଅଭୁଲା ଘଟଣାର ସ୍ମୃତିଚାରଣ କରିବା, ଯାହା ଆଜି କାହାଣୀର ରୂପ ନେଉଛି ।

ଗ୍ରୀଷ୍ମ ଛୁଟି ସରିଆସୁଥାଏ । ପ୍ରାୟ ୪୦/୪୫ ବର୍ଷ ତଳେ ଏଇ ଛୁଟିଟି ବେଶ୍ ଲମ୍ବାଥିଲା । କଟକରୁ ସବା ବଡ଼ଭାଇ ସପରିବାର ଗାଁକୁ ଆସିଥାନ୍ତି । ମଧ୍ୟପ୍ରଦେଶରେ ଚାକିରି କରୁଥିବା ମଝିଆଁଭାଇ (ଡାକ୍ତର) ମଧ୍ୟ ପିଲାମାନଙ୍କୁ ଧରି ଆସିଯାଇଥିଲେ । ଛୁଟିଟିର ସବୁଠୁ ଆକର୍ଷଣୀୟ ଥିଲା ରଜପର୍ବ । ସବୁ ପୁତୁରା-ଝିଆରୀଙ୍କ ସ୍କୁଲ ଛୁଟିଥାଏ । ତେଣୁ ଛୁଆମାନଙ୍କ ଗହଳିରେ ଘର ଆନନ୍ଦମୁଖର । ମୋ' ବାପା-ମାଆଙ୍କ ଖୁସି କହିଲେ ନସରେ । କ୍ରମଶଃ ସେମାନେ ନିଜ ନିଜ କର୍ମସ୍ଥଳୀକୁ ଫେରିବାରେ ଲାଗିଲେ । ଜୁଆର ପରେ ଭଟ୍ଟା ପରି ଘର ଏବେ ପୂରା ଶୁନ୍‌ଶାନ୍ । ଛୁଆମାନେ ଚାଲିଯିବା ପରେ ବାପା-ମାଆଙ୍କ ମନରେ ସରସତା ନଥାଏ, ମୁଁ କେବଳ ଏକୁଟିଆ ପଢ଼ିରହିଥାଏ କଲେଜ ଖୋଲିବା ଅପେକ୍ଷାରେ । ସମୟ ନଷ୍ଟ ନକରି କଲେଜକୁ ଫେରିବା ପ୍ରସ୍ତୁତି କରିଦେଇଥାଏ । ମୋର ପୋଷାକପତ୍ର ସଫା କରିବାଠାରୁ ଆରମ୍ଭକରି ବହିପତ୍ର ତଥା ଅନ୍ୟ ଯାହାସବୁ ସଜାଡ଼ି ରଖିବା

କଥା ଧୀରେଧୀରେ ସାରୁଥାଏ । ଅଧ୍ୟାପକ ଚାକିରି, ତେଣୁ ପଢ଼ାପଢ଼ିରେ ସମୟ ବିତୁଥାଏ । ଦିନ ପ୍ରାୟ ବାରଟା ପାଖାପାଖି । ମାଆ ବ୍ୟସ୍ତହୋଇ ଖାଇବା ବାଢ଼ିଦେଲା । ପହିଲୁ ଗୁଣ୍ଡାଟି ପାଟିକୁ ନେଉ ନେଉ ହଠାତ୍ ହାତରୁ ଖସିପଡ଼ିଲା । ମୁଁ ଆଶ୍ଚର୍ଯ୍ୟ ହୋଇ ମାଆକୁ ଚାହିଁଲା ବେଳକୁ ସେ କହିଲା, କେହି କୁଣିଆଁ ବୋଧେ ଆମଘରକୁ ଆସୁଛନ୍ତି, ନହେଲେ କିଛି ଶୁଭ ଖବର ମିଳିବାକୁ ଯାଉଛି । ମୋର କିନ୍ତୁ ଇଂଲିଶ୍ ପ୍ରୋଭର୍ବ, "ଦେୟାର ଇଜ୍ ମେନି ଏ ସ୍ଲିପ୍ ବିଟ୍‌ୱିନ୍ ଦି କପ୍ ଆଣ୍ଡ ଦି ଲିପ୍" ମନକୁ ଆସିଲା । ଠିକ୍ ଏପରି ସମୟରେ ଦାଣ୍ଡକବାଟ ଠେଲି ଭିତରକୁ ପଶି ଆସିଲା ବଡ଼ ପୁତୁରା । କଲେଜରେ ପଢୁଥାଏ, କିନ୍ତୁ ଏକୁଟିଆ କେବେ କଟକରୁ ଗାଁକୁ ଆସିନଥାଏ । ତେଣୁ ଆଶ୍ଚର୍ଯ୍ୟ ହୋଇ ତାକୁ ପଚାରିଲି, କିରେ ଏକୁଟିଆ ଆସିଛୁ ନା ଆଉ କିଏ ସାଥୀରେ ? ଦୁଇ /ତିନିଦିନ ତଳେ ଯାଇଥିଲା । କ'ଣ ହଠାତ୍ ଆସିଲୁ ? ପଚାରିଲି । ସେ ଅଳ୍ପ ହସି ଚୁପ୍ ରହିଲା । ମୁଁ ତାକୁ ଆଉ ବେଶି କିଛି ନ ପଚାରି ମୋ' ସହିତ ଖାଇବାକୁ ଡାକିଲି । ଖାଇ ସାରିବା ପରେ ମୋତେ ସେ ଚମକାଇଲା ପରି କହିଲା, ଶୀଘ୍ର ବାହାରନ୍ତୁ, ଆମେ ପାଣିକୋଇଲି ଯିବା, ସେଠାରେ ମାଆ ଆଉ ଦାଦା ଅପେକ୍ଷା କରିଛନ୍ତି । ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି, ଦାଦା ପରା ଗାଁରୁ ତାଙ୍କ ଶ୍ୱଶୁର ଘର ବାଲେଶ୍ୱର ଦେଇ ମଧ୍ୟପ୍ରଦେଶ ଯିବାର ଥିଲା । ପୁଣି ମାଆ କାହିଁକି ଏକୁଟିଆ ପାଣିକୋଇଲିରେ ? ଏଥର ସେ ଚାପି ଚାପି କହିଲା, କଟକରୁ ଜଣେ ବିବାହ ପ୍ରସ୍ତାବ ନେଇ ଆସିଛନ୍ତି । ସମସ୍ତେ ମିଶି ଝିଅ ଦେଖିବାକୁ ଯିବେ । ମୁଁ ଆଉ ବିଶେଷ କିଛି କଥା ନହୋଇ ବାହାରି ପଡ଼ିଲି । ଇତିମଧ୍ୟରେ ମାଆ-ବାପା ତାଙ୍କ ନାତି ସହିତ କ'ଣ ସବୁ ପଚରାପଚରି ହୋଇସାରିଥାନ୍ତି ।

**ବଡ଼ଭାଉଜ ଆମର କଥା କହିବାରେ ଧୁରନ୍ଧର । ଯାହା କହନ୍ତି, କହିଜାଣିଲେ କଥା ସୁନ୍ଦର, ସେଥିରେ ତାଙ୍କୁ କେହି ଟପି ଯାଇପାରିବେ ନାହିଁ ।**

**ଭାଉଜଙ୍କ ଭୂମିକା**

ପ୍ରାୟ ଘଣ୍ଟାକ ପରେ ସମସ୍ତେ ପାଣିକୋଇଲି (ଯାଜପୁରରୋଡ୍‌ଠାରୁ ୧୨/୧୩ କିମି ଦୂର ଜାତୀୟ ରାଜପଥରେ ଏକ ଜାଗା) ଛକରେ ଭେଟାଭେଟି ହେଲୁ । ବଡ଼ଭାଉଜ ଆମର କଥା କହିବାରେ ଧୁରନ୍ଧର । ଯାହା କହନ୍ତି, କହିଜାଣିଲେ କଥା ସୁନ୍ଦର, ସେଥିରେ ତାଙ୍କୁ କେହି ଟପି ଯାଇପାରିବେ ନାହିଁ । ମୁଁ ଚିହ୍ନି ନଥିବା ଜଣେ ଭଦ୍ରଲୋକଙ୍କ ସହିତ ସେ ଅପେକ୍ଷାରେ ଥିଲେ । ମୁଁ ସେଠାରେ ପହଞ୍ଚିବାର ଅଳ୍ପ ସମୟ ମଧ୍ୟରେ ଡାକ୍ତରଭାଇ (ମଝିଆ) ଆସି ପହଞ୍ଚିଗଲେ । କେହି କିନ୍ତୁ କହିବା ଆଗରୁ ଭାଉଜ କହିଲେ, "ସମସ୍ତେ ଶୁଣ । ମୋ' ସହିତ ଯିଏ ଅଛନ୍ତି, ସିଏ ରେଭେନ୍ସା କଲେଜର ଇଂରେଜୀ ବିଭାଗର ବରିଷ୍ଠ ଅଧ୍ୟାପକ ଡକ୍ଟର ବିଜୟ ବଳ । ସେ ତାଙ୍କ ଶାଳୀ ପାଇଁ ବିବାହ ପ୍ରସ୍ତାବ ନେଇ ଆମକୁ ଝିଅ ଘରକୁ ନେଇଯାଉଛନ୍ତି ।" ଏ ସଂଯୋଗ କିପରି ଘଟିଲା, ମୁଁ ଜାଣିବାକୁ ଇଚ୍ଛୁକ ଥିଲି । କିନ୍ତୁ ଭାଇ, ଭାଉଜ ଥିବାରୁ ମୁହଁଖୋଲି ପଚାରିପାରୁ ନଥାଏ । ସମସ୍ତଙ୍କୁ ସନ୍ଦେହ ଜାଲରୁ ବାହାର କରିବା ସହିତ ଯାତ୍ରା କଷ୍ଟ ଲାଘବ କରିବା ପାଇଁ ବିଜୟ ନନା କାହାଣୀଟିକୁ ମୂଳରୁ କହିବା ଆରମ୍ଭ କଲେ । ପନ୍ଦର ଦିନ ତଳରକଥା । ଗ୍ରୀଷ୍ମ ଛୁଟିରେ ମୁଁ ଗାଁରେ ଥିଲି । ଉପରବେଳା ଭଲିବଲ ଖେଳାହୁଏ । ଆମ ଗାଁରେ ଜଣେ ପ୍ରାଇମେରୀ ସ୍କୁଲ ଶିକ୍ଷକ ଖେଳିବାକୁ ଆସନ୍ତି । ତାଙ୍କ ଘର ଯାଜପୁରରୋଡ୍ ଅଞ୍ଚଳରେ । (ପରେ ମୁଁ ଜାଣିବାକୁ ପାଇଲି ସେ ମୋର ଜଣେ ଘନିଷ୍ଠ ବନ୍ଧୁଙ୍କର ବନ୍ଧୁ) । କଥା ପ୍ରସଙ୍ଗରେ ବିଜୟ ନନା ଯେତେବେଳେ ତାଙ୍କ ଶାଳୀ ପାଇଁ ଗୋଟିଏ ଉପଯୁକ୍ତ ପାତ୍ରର ସନ୍ଧାନ ପାଇଁ ତାଙ୍କୁ ଅନୁରୋଧ କଲେ, ସେ କହିଲେ, ମୋ' ନଜରରେ ଜଣେ ଭଲ ପାତ୍ର ଅଛନ୍ତି । ତାଙ୍କ ବଡ଼ଭାଇ କଟକ ସେକେଣ୍ଡାରୀ ବୋର୍ଡ ଅଫିସ୍‌ରେ ଡେପୁଟି ସେକ୍ରେଟାରୀ । ଆପଣ ତାଙ୍କୁ ଯୋଗାଯୋଗ କଲେ ଭଲ ହେବ । ପୂର୍ବରୁ ବୋର୍ଡ ଅଫିସ୍ କାମରେ ବିଜୟନନାଙ୍କର ମୋ' ବଡ଼ଭାଇଙ୍କ ସହିତ ସାମାନ୍ୟ ପରିଚୟ ଥିଲା । ଏବେ ସେ କାଳ ବିଳମ୍ବ ନକରି ନନାଙ୍କୁ ଭେଟି ପ୍ରସ୍ତାବଟି ଦେଲେ । ବଡ଼ଭାଇ କହିଲେ, ଏବର୍ଷ ଆଉ ବାହାଘର କରିବା ସମ୍ଭବ ନୁହେଁ । କାରଣ ଗ୍ରୀଷ୍ମଛୁଟି ସରିବା ପ୍ରାୟ । ମଝିଆଭାଇ ଗାଁରୁ ଯାଇ ବାଲେଶ୍ୱରରେ । ସେଠାରୁ ସେ ତାର ଚାକିରି ଜାଗା ମଧ୍ୟପ୍ରଦେଶକୁ ଫେରିଯିବ । ମୁଁ ମଧ୍ୟ ଛୁଟି ସାରି ଫେରିଆସିଛି । ବିଜୟନନା କହିଲେ, ବାହାଘର କଥା ପରେ ଚିନ୍ତା କରିବା । ଏବେ ଜାତକ ମେଳକରି ଝିଅଦେଖା କାମଟା ସାରିଦେବା । ସବୁ ପସନ୍ଦ ହେଲେ ବାହାଘର ଏବେ ସମ୍ଭବ ହେଲେ

କରିବେ, ନ ହେଲେ ଆରବର୍ଷକୁ ରଖିବେ ।

ନନାଙ୍କର ଆଉ କିଛି ମନା କରିବାର ନଥିଲା । ସେ ସଙ୍ଗେସଙ୍ଗେ ଡାକ୍ତର ଭାଇଙ୍କୁ ସବୁକଥା କହି ଡକାଇ ଆଣିଲେ । ଜରୁରୀ କାମରେ ବ୍ୟସ୍ତ ଥିବାରୁ ବଡ଼ଭାଇ ଆମ ସହିତ ଯୋଗ ଦେଇପାରିଲେ ନାହିଁ । ଏଥର ଆମେ ଯାଜପୁର ଟାଉନ ପାର ହୋଇ ଦଶରଥପୁରରେ ପହଞ୍ଚି ସାରିଥାଉ । ପାଖରେ ବୈତରଣୀ ନଦୀ ପାର ହେଲେ ଝିଅଘର ଗାଁ । ନଦୀ ପାର ହେଲାପରେ ବିଲ ଗହୀର ଅତିକ୍ରମ କରି ଝିଅ ଗାଁରେ ପହଞ୍ଚିଲୁ । ପୂର୍ବରୁ ବର୍ଷା ହୋଇଥିବାରୁ ହାତରେ ଯୋତା ଧରି ହିଡ଼େହିଡ଼େ ଯାଇ ଝିଅଘରେ ହାଜର ହେଲୁ । ସମସ୍ତଙ୍କର ଏ ଦୟନୀୟ ଅବସ୍ଥା ଦେଖି ବଡ଼ ପୁତୁରା କହିଲା, ଏଠାରେ ଯଦି ବାହାଘର ହୁଏ, ତେବେ ଏଠାକୁ ଆସିବା ପୂର୍ବରୁ ଅନେକଥର ଭାବିବାକୁ ପଡ଼ିବ ।

**ମୁଖ୍ୟ ପ୍ରସଙ୍ଗ**



ଯାହାହେଉ, ଆସନ୍ତୁ ଏଥର ମୁଖ୍ୟ ପ୍ରସଙ୍ଗ ଉପରେ ନଜର ପକାଇବା । ବେଳ ରତରତ ହେଉଥାଏ । ଗୋଡ଼ହାତ ଧୁଆଧୋଇ ହେବା ପରେ ସମସ୍ତଙ୍କୁ ନେଇ ଗୋଟିଏ ଘରେ ବସାଇଲେ । ଚାଳଘର, ଦୁଇଟି ଖଟ ସାଙ୍ଗକୁ କେତୋଟି ଚେୟାର ମଧ୍ୟ ପକାଯାଇଥିଲା । ଏଥର ଭାଉଜ ତାଙ୍କର ଗୁପ୍ତଚର କାମରେ ଲାଗିଗଲେ । ସେ ଆମ ଗହଣରୁ ଉଠିଯାଇ ଖଣା ଭିତରେ ଥିବା ମହିଳା ମହଲରେ ପ୍ରବେଶ କଲେ । କଥା କହି ନିଜର କରିବାର କଳା ତାଙ୍କୁ ବେଶ୍ ଜଣା । ଭିତରକୁ ଯାଇ କହିଲେ, "ମାଆମାନେ ମୁଁ ତୁମର ବଡ଼ଝିଅ । ମୋ' ଦିଅର ପାଇଁ ଝିଅ ଖୋଜିଖୋଜି ତମ ଘରକୁ ଆସିଛୁ । ମନରେ କିଛି ଭାବିବ ନାହିଁ । କାହିଁ କେଉଁଠି ମୋ' ସୁନାଭଉଣୀ ଲୁଚିଛି, ମୁଁ ଆଗେ ତାକୁ ଟିକେ ଦେଖେ ।" ଜଣେ ବୟସ୍କା ମହିଳା ତାଙ୍କୁ ନେଇ ଝିଅ ସହିତ ଭେଟାଇଦେଲେ । ସେ ଏପରି କଥା କହିଲେ ଯେ, ସମସ୍ତେ ତାଙ୍କୁ ନିଜର ମନେକଲେ । କିଛି ସମୟ ଝିଅ ସହିତ ରହିବା ପରେ ପରିବାରର ଅନ୍ୟ ସ୍ତ୍ରୀ ଲୋକଙ୍କ ସହିତ ଗପିବାରେ ଲାଗିଲେ । କିଛି ଜଳଯୋଗ ପରେ ଆମ ପାଖରେ ବସିଥିବା ପୁତୁରାକୁ କେହି ବାହାରକୁ ଡାକିନେଲେ । ଘର ଭିତରେ ମୋ'ସହିତ ରହିଲେ ବିଜୟନନା ଆଉ ଡାକ୍ତର ଭାଇ । ଏତିକିବେଳେ ଝିଅ ତାଙ୍କର ଜଣେ ଭାଇଙ୍କ ସହିତ ଚା'ବିସ୍କୁଟ ଧରି ପ୍ରବେଶ କଲେ । ତା'ପରେ ମୁଣ୍ଡ ନୁଆଇଁ ସମସ୍ତଙ୍କୁ ନମସ୍କାର ଜଣାଇଲେ । କିନ୍ତୁ ଗୋଟିଏ ମାମୁଲି ପ୍ରଶ୍ନ ଝିଅକୁ ପଚାରିବା ପରେ ଡାକ୍ତର ଭାଇ କକ୍ଷତ୍ୟାଗ କଲେ । କେବଳ ରହିଗଲୁ ଝିଅ ସହିତ ବିଜୟନନା ଓ ମୁଁ । ଏହାପରେ ମୋତେ ବିଜୟନନା ବାରମ୍ବାର କହିଲେ, ଝିଅକୁ କିଛି ପଚାରନ୍ତୁ । କ'ଣ ପଚାରିବି କିଛି ଭାବିନଥିଲି । ହଠାତ୍ ପାଟିରୁ ବାହାରି ପଡ଼ିଲା, "କ'ଣ ପଢ଼ାପଢ଼ି କରିଛ ?" ସେ ମୁହଁକୁ ଟିକେ ତଳକୁ କରି କହିଲେ, "ବି.ଏ. ପାସ୍ କରିଛି।" ତା'ପରେ ଟିକେ ରହିଯାଇ ଚିନ୍ତାକଲି ଯଦି ପ୍ରକୃତରେ ଜଣେ ବି.ଏ. ପାସ୍ କରିଥାଏ, ପଢ଼ିଥିବା କିଛି ବହିର ନାଁ ନିଶ୍ଚୟ କହିପାରିବ । ଏଥର ପଚାରିଲି, ଇଂରେଜୀରେ ସେକ୍ସପିଅରଙ୍କ କିଛି ଡ୍ରାମା ବହି ପଢ଼ା ହେଉଥିଲା କି ? ଟିକେ ଥତମତ ହୋଇ ହଠାତ୍ ସେ କହିଦେଲେ, ମିଡ୍ ନାଇଟ୍ ଡ୍ରିମ୍ । ତାଙ୍କର ଭିଣୋଇ ବାବୁ ବିଜୟନନା ତାକୁ ସଙ୍ଗେ ସଙ୍ଗେ ସଂଶୋଧନ କରି କହିଲେ, ପଢ଼ାପଢ଼ି ବହୁତ ଦିନରୁ ସରିଗଲାଣି ତ ତେଣୁ ସେ ଟିକେ ନର୍ଭସ ହୋଇ କହିଦେଲେ, ଠିକ୍ କଥାଟି ହେଉଛି, 'ଏ ମିଡ୍‌ସମର୍ ନାଇଟ୍‌ସ୍ ଡ୍ରିମ୍' । ତା' ପୂର୍ବରୁ ମୁଁ ଯଥାର୍ଥ ଉତ୍ତର ପାଇଯାଇଥିଲି । କିମଧିକମ୍ । ତେଣୁ ଅଧିକ ପଚାରିବା ଅନାବଶ୍ୟକ ମନେକଲି । ତା'ପରେ ବିଜୟନନା ତାଙ୍କୁ ବାହାରକୁ ନେଇଗଲେ । ଭାଉଜ ଏଥର ଆସି ଆମ ଦଳରେ ଯୋଗ ଦେଲେ । ମୋର ଉଚ୍ଚତା ପ୍ରାୟ ସାଢ଼େ ପାଞ୍ଚଫୁଟ । ତେଣୁ ଝିଅଟି ସେଇ ଭିତରେ ହେଲେ ଠିକ୍ ହେବ । ଉଚ୍ଚତା ବେଶୀ କିମ୍ବା ବହୁତ କମ୍ ହେଲେ ମ୍ୟାଚ୍ କରିବ ନାହିଁ । ତେଣୁ ଅନ୍ଦର ମହଲକୁ ଯାଇ ଭାଉଜ ସେ ସବୁର ସମାଧାନ କରିଦେଇଥିଲେ । ସେ ତାଙ୍କ ଗୁପ୍ତଚର ତଥ୍ୟ ପ୍ରଦାନକରି କହିଲେ, "ଝିଅର ଉଚ୍ଚତା ଠିକ୍ ମ୍ୟାଚ୍ କରିବ । ତା'ଛଡ଼ା ଝିଅ ଛୋଟି କିମ୍ବା ଜାଡ଼ି ନୁହଁ, ମୁଁ ତା'ସହିତ

ଚାଲବୁଲ କରି, କଥା କହି ସବୁ ଖବର ନେଇସାରିଛି । ଆମେ ଯେତେ ଝିଅ ଦେଖିଛେ ସବୁଠାରୁ ଏ ଝିଅ ସୁନ୍ଦର ଓ ଗୁଣର ମଧ୍ୟ ।" ଡାକ୍ତର ଭାଇ ତାଙ୍କ ସହିତ ତାଳ ମିଳାଇ କହିଲେ, ହଁ, "ଏ ଝିଅଟିକୁ କୌଣସି ଦୃଷ୍ଟିରୁ ବାଛିବାର ନାହିଁ । ମାଆ ଭାଷାରେ ଗୋଟିଏ ଚାଉଳରେ ଗଢ଼ା।"

ଏଥର ଆମର ବିଦାୟପର୍ବ । ତାଙ୍କ ଘରର ସମସ୍ତେ ବହୁତ ଖୁସି ମନରେ ଆମକୁ ବିଦାୟ ଦେଲେ । ମୁଁ ପଛକୁ ଫେରି ଦେଖେ ତ ସେମାନଙ୍କ ଭିତରୁ ଜଣେ ଝିଅ ହସ ହସ ମୁହଁରେ ମୋତେ ଚାହିଁ ଧୀରେଧୀରେ ହାତ ହଲାଉଥିଲା । କିଏ ସେହି ଝିଅ ? ଆମେ ଦେଖିବାକୁ ଆସିଥିବା ଝିଅ ନୁହେଁ ତ ? 'ମିଡ୍ ସମର ନାଇଟ୍ସ ଡ୍ରିମ୍'ରେ ପରୀମାନଙ୍କ ମ୍ୟାଜିକର ମୁଁ ଶିକାର ହୋଇନାହିଁ ତ ? ସେମାନେ ମଜା ଦେଖିବା ପାଇଁ ପରସ୍ପରକୁ ଭଲ ପାଉଥିବା ଯୁବକ ଯୁବତୀମାନଙ୍କ ମଧ୍ୟରେ ଅନୁରାଗ ପରିବର୍ତ୍ତେ ବିରାଗର ଭାବନା ଉଦ୍ରେକ କରି ବିଚିତ୍ର ପରିସ୍ଥିତି ସୃଷ୍ଟି କରନ୍ତି ।

**ଜୀବନସାଥୀ ଇଣ୍ଟରଭ୍ୟୁ ଚାଲିଥିବା ସମୟରେ ଗୁରୁଜନଙ୍କ ସମ୍ମୁଖରେ ମୁଁ ସେ ଝିଅକୁ ଭଲକରି ଦେଖିପାରି ନଥିଲି, ଯଦିଓ ଦେଖିବାର ଇଚ୍ଛାଥିଲା ।**

ଅବଶ୍ୟ ପରିଶେଷରେ ପୁନର୍ବାର ତାଙ୍କ ମ୍ୟାଜିକ୍ ଶକ୍ତି ପ୍ରୟୋଗ କରି ମଧୁରେଣ ସମାପୟେତ୍ କରିଥାନ୍ତି । ଜୀବନସାଥୀ ଇଣ୍ଟରଭ୍ୟୁ ଚାଲିଥିବା ସମୟରେ ଗୁରୁଜନଙ୍କ ସମ୍ମୁଖରେ ମୁଁ ସେ ଝିଅକୁ ଭଲକରି ଦେଖିପାରି ନଥିଲି, ଯଦିଓ ଦେଖିବାର ଇଚ୍ଛାଥିଲା । ପ୍ରଶ୍ନ ପଚାରିବା ସମୟରେ ଯାହା ଦେଖିବାକୁ ପାଇଲି ତାହା ମୋତେ ବିସ୍ମିତ କରିଥିଲା । ତାଙ୍କ ମୁହଁରେ ସ୍ମିତହସ ପରିବର୍ତ୍ତେ କୃତ୍ରିମ କ୍ରୋଧ ପ୍ରକାଶ ପାଇଥିଲା । ମୋତେ ବୋଧହେଲା, ସତେ ଯେପରି ସେ କହୁଥିଲେ, ହେ ଯୁବ ଅଧ୍ୟାପକ, ତୁମେ କ'ଣ ଆମ ଘରକୁ ତୁମର କ୍ଲାସରୁମ୍ ଆଉ ମୋତେ ତୁମର ଜଣେ ଛାତ୍ରୀ ବୋଲି ମନେକଲ ? ତୁମର ମାଷ୍ଟର ବୁଦ୍ଧିରେ ମୋର ଜ୍ଞାନ ପରଖିବାକୁ ଯାଇ ମନ ପରଖିବାକୁ ଭୁଲିଗଲ ? କିମ୍ ଅଧିକମ୍ ? ତୁମକୁ କ'ଣ କୁହାଯାଇପାରେ, ଅରସିକେସୁ ରସସ୍ୟ ନିବେଦନଂ ? କହିବା ବାହୁଲ୍ୟ, ଖୁବ୍ କମ୍ ଦିନ ମଧ୍ୟରେ ଆମର ବିବାହ ଅନୁଷ୍ଠିତ ହୋଇଥିଲା ।

□□

ଲେଖକଙ୍କ ଇ-ମେଲ ଠିକଣା:
bal.bhabagrahi@gmail.com




# ଏ ସଂଖ୍ୟାର ମଲାଟ ଚିତ୍ର

ଚଳିତ ସଂଖ୍ୟାର ପ୍ରଚ୍ଛଦପଟରେ ଥିବା ଫଟୋଚିତ୍ରଟିକୁ ଉତ୍ତୋଳନ କରିଛନ୍ତି ବିଶିଷ୍ଟ ସୌଖୀନ ଫଟୋଗ୍ରାଫର ସ୍ୱାତୀ ମହାପାତ୍ର ।

ଚିଲିକା ହ୍ରଦର କୂଳରେ ଥିବା ମଙ୍ଗଳାଯୋଡ଼ିଠାରେ ଉଡ଼ିଯାଉଥିବା ସୂଚିପୁଚ୍ଛ (ପିନ୍ତାଲି) ଶ୍ରେଣୀର ଦୁଇଟି ପ୍ରବାସୀ ପକ୍ଷୀଙ୍କର ଏହି ଫଟୋଚିତ୍ରଟିକୁ ସେ ଗତ ବର୍ଷ ଶୀତ ଋତୁରେ ଉତ୍ତୋଳନ କରିଥିଲେ ଏବଂ ଏଥିପାଇଁ ଗୋଟିଏ ଟାମରନ୍ ଲେନ୍ସ ଯୁକ୍ତ କ୍ୟାନନ୍ ୫-ଡି ମାର୍କ-୪ କ୍ୟାମେରା ବ୍ୟବହାର କରିଥିଲେ ।





# ପାଲି ଭାଷା, ଧମ୍ମପଦ ଓ ବର୍ତ୍ତମାନର ସ୍ଥିତି

ପ୍ରବନ୍ଧ

**ସଂଘମିତ୍ରା ବେହେରା**

ଗୌତମ ବୁଦ୍ଧ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଭାରତ ଭୂଖଣ୍ଡରେ ଜନ୍ମ ଗ୍ରହଣ କରିଥିଲେ। ସେକାଳରେ ଭାଷା କିଭଳି ଥିଲା ଜଣାନାହିଁ। ମାତ୍ର ବୌଦ୍ଧଧର୍ମର ନୀତି ଆଦର୍ଶକୁ ଯେଉଁ ଭାଷା ଋଦ୍ଧିମନ୍ତ କଲା ତାହା ହେଉଛି ପାଲି ଭାଷା। ଲୋକର ଭାଷା। ପାଲି ଭାଷାରେ 'ତିପିଟକ' (ତ୍ରିପିଟକ) ଲିଖିତ। ବୁଦ୍ଧଦେବଙ୍କ ନିର୍ବାଣ ପ୍ରାପ୍ତି ପରେ ପ୍ରଥମ ମହାସଭାରେ ବୁଦ୍ଧଙ୍କ ମୌଖିକ ବାଣୀକୁ ନେଇ ଯେଉଁ ଭାଷାରେ ଲେଖାଗଲା ତାହା ହେଲା ପାଲି ଭାଷା। ପାଲି ଭାଷାକୁ ବୌଦ୍ଧଧର୍ମରେ ଧମ୍ମଲିପି (ଧର୍ମଲିପି) କୁହାଯାଏ। ଅଶୋକ ମଗଧର ଶାସକ ଥିଲେ; ମାତ୍ର କଳିଙ୍ଗ ଜୟ କରି ସେହି ଭୂଖଣ୍ଡରେ ଶାସନ କରିଥିବାରୁ ଏହି ଭାଷାରେ ମଗଧ-ଉତ୍କଳୀୟ ସମନ୍ୱୟ ପ୍ରତିଫଳିତ ହୋଇଥାଏ। ମାତ୍ର ସାଂପ୍ରତିକ ଆଲୋଚନାରୁ ଜଣାଯାଏ ଏହା ପୂର୍ବୀଭାଷା ସମୂହକୁ ଗ୍ରହଣ କରିଛି। ଏଥିରେ ଆଠଟି ସ୍ୱରବର୍ଣ୍ଣ ରହିଛି ଯଥା- ଅ, ଆ, ଇ, ଈ, ଉ, ଊ, ଏ, ଓ ବ୍ୟଞ୍ଜନ ବର୍ଣ୍ଣରେ ୩୩ଟି ବ୍ୟଞ୍ଜନ ରହିଛି




 କ, ଖ, ଗ, ଘ, ଙ

ଚ, ଛ, ଜ, ଝ, ଞ

ଟ,ଠ,ଡ,ଢ,ଣ

ତ,ଥ,ଦ,ଧ,ନ

ପ,ଫ,ବ,ଭ,ମ

ୟ,ର,ଲ,ୱ,ସ,ହ,ଳ, ଂ(ଅନୁସ୍ୱାର)

ପାଲି ଭାଷାରେ

ଦ୍ୱିତ୍ୱ ବ୍ୟଞ୍ଜନ ବହୁଳ ବ୍ୟବହୃତ ଯଥା:- ଧମ୍ମ, ଚକ୍କ, ମିତ୍ତ, ଖୁଦ୍ଦ, ସୁତ୍ତ ଇତ୍ୟାଦି।

ଏହି ଭାଷାରେ ରେଫ୍, ର' କାରର ବ୍ୟବହାର କରାଯାଏନାହିଁ ଅର୍ଥାତ୍ 'ଅର୍ଦ୍ଧ'ର ବ୍ୟବହାର ନାହିଁ।

ସଂଯୁକ୍ତ ଐ, ଔ ସ୍ୱରର ବ୍ୟବହାର ନାହିଁ।

ପାଲି ଭାଷାରେ 'ଶ', 'ଷ'ର ବ୍ୟବହାର ନାହିଁ। ମାତ୍ର 'ସ'ର ବ୍ୟବହାର ରହିଛି।

ଚନ୍ଦ୍ରବିନ୍ଦୁ (ଁ) ଓ ବିସର୍ଗ (ଃ)ର ପ୍ରୟୋଗ ଦେଖାଯାଏନାହିଁ ।

ପୁଂଲିଙ୍ଗ ନାମ ବିଶେଷରେ 'ଓ କାର'ର ପ୍ରୟୋଗ ଯଥା:- ବୁଦ୍ଧୋ, ସୁଦ୍ଧୋଦନୋ, ସ୍ତ୍ରୀ (ଇତ୍ଥୀ/ସ୍ତିରୀ) ଲିଙ୍ଗରେ - ସୁଜାତା, ଗୌତମୀ (ପରିବର୍ତ୍ତନ ନାହିଁ), ନପୁଂସକ ଲିଙ୍ଗରେ - ଫଳଂ, ଜଳଂ, ପାତ୍ତଂ (ପାତ୍ର) (ଅନୁସ୍ୱାର ପାଇଁ 'ଙ୍ଗ' ଉଚ୍ଚାରଣ କରାଯାଏ; ସଂସ୍କୃତର 'ମ' ପରି ଉଚ୍ଚାରଣ ନୁହେଁ)

**ବିଭକ୍ତି ଚିହ୍ନ**

ବିଭକ୍ତି ଚିହ୍ନ -(କାଚ୍ଚାୟନଙ୍କ ବ୍ୟାକରଣ ସୂତ୍ର ଆଧାରରେ)

| ବିଭକ୍ତି | ଏକବଚନ | ବହୁବଚନ |
|---|---|---|
| ୧ମା- | ସି | ଯୋ (ଅ କାରାନ୍ତରେ ସି>ଓ) |
| ୨ୟା- | ଅଂ | ଯୋ |
| ୩ୟା- | ନା | ହି |
| ୪ର୍ଥୀ- | ସ | ନଂ |
| ୫ମୀ- | ସ୍ମା | ହି |
| ୬ଷ୍ଠୀ- | ସ | ନଂ |
| ୭ମୀ- | ସ୍ମିଂ | ସୁ |

ସ୍ତ୍ରୀ ଲିଙ୍ଗ କ୍ଷେତ୍ରରେ କିଛି ପରିବର୍ତ୍ତନ ପରିଲକ୍ଷିତ ହୁଏ।

ଏହିପରି ସ୍ୱର ଓ ବ୍ୟଞ୍ଜନ, ଶବ୍ଦରୂପକୁ ନେଇ ପାଲି ଭାଷା ସମୃଦ୍ଧି ଲାଭ କରିଅଛି। ପାଲି ଭାଷା ଆଜି ଆଉ

ଲୋକଭାଷା ହୋଇ ରହିନାହିଁ, ମାତ୍ର ଅକ୍ଟୋବର ମାସ, ୨୦୨୪ ମସିହାରେ ଏହା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି। ତେଣୁ ଏହାର ପୁନଃ ଆଲୋଚନାର ଆବଶ୍ୟକତା ମନେକରି ସମାଲୋଚକ କୁଞ୍ଜବିହାରୀ ତ୍ରିପାଠୀଙ୍କ 'ଧମ୍ମପଦ' ସଂକଳନ ଗ୍ରନ୍ଥ, 'ଧମ୍ମପଦ' ହିନ୍ଦୀ ଓ ସଂସ୍କୃତ ରେକର୍ଡ, କ୍ଷେତ୍ର ଅଧ୍ୟୟନରେ ସରାକ ବୌଦ୍ଧ ଧର୍ମାବଲମ୍ବୀ, ମହମ୍ମଦପୁର ବୌଦ୍ଧସଂଘ, ସଂଘମିତ୍ରା ଫାଉଣ୍ଡେସନ ଗ୍ରୁପ୍ ଆଧାରିତ ତଥ୍ୟ, କିଛି ଇଂରାଜୀ ଆଲୋଚକଙ୍କ ମତାମତ ବା ଲେଖା ପାଇଁ ପାଲି ଅଧ୍ୟୟନ ଶିକ୍ଷା କେନ୍ଦ୍ରର ରେକର୍ଡ ତଥ୍ୟକୁ ଆଧାର କରି ଏହି ପ୍ରବନ୍ଧରେ ଏହାର ବିଶ୍ଳେଷଣ କରିବାର ପ୍ରୟାସ କରାଯାଇଛି।

**ପାଲି ସର୍ବେକ୍ଷଣର ବିଶେଷତ୍ୱ**

ପାଲି ଭାଷାର ସର୍ବେକ୍ଷଣର ବିଶେଷତ୍ୱ: ସମାଲୋଚକଙ୍କ ଦୃଷ୍ଟିକୋଣରେ ପାଲି ଶବ୍ଦର ଅର୍ଥ 'ପଂକ୍ତି'। ପୁନଶ୍ଚ ଏହି 'ପାଲି'ର 'ପଲ ବା ଦଳ' ଅର୍ଥ ସହିତ ମଧ୍ୟ ସାମଞ୍ଜସ୍ୟ ଅଛି। ବୌଦ୍ଧ ଧର୍ମାବଲମ୍ବୀମାନଙ୍କର ଏକ ନିର୍ଦ୍ଦିଷ୍ଟ ଦଳ ଥିଲା। ସେହି ଦଳରେ ହିଁ ଏହି ଭାଷା ପ୍ରଚଳିତ ଥିଲା। ଅନ୍ୟ ଦୃଷ୍ଟିରୁ ଦେଖିଲେ ବୌଦ୍ଧ ଭିକ୍ଷୁକଙ୍କ ଭାଷାକୁ ସମାଜର ସାଧାରଣ ବର୍ଗର ଭାଷାର ସ୍ୱୀକୃତି ଥିଲା। କେତେକଙ୍କ ମତରେ 'ପାଲି' 'ପଲ୍ଲୀ' ଅର୍ଥରେ ମଧ୍ୟ ସାମଞ୍ଜସ୍ୟ ରକ୍ଷାକରେ। ଓଡ଼ିଶାର ପଶ୍ଚିମାଞ୍ଚଳରେ ପାଲି ପ୍ରୟୋଗରେ କେତେକ ସ୍ଥାନ ରହିଛି ଯେପରି ବରପାଲି, ସିନାପାଲି, ଡୁଙ୍ଗୁରିପାଲି ନାମରେ ଗାଁ'ଗୁଡ଼ିଏ ରହିଛି। ତେଣୁ ଗୌତମ ବୁଦ୍ଧ ପଲ୍ଲୀର ଲୋକ ଭାଷାରେ ଏହି ଧର୍ମ ପ୍ରଚାର କରିଥିବେ। ପୁନଶ୍ଚ ଯେଉଁମାନେ ବୁଦ୍ଧଙ୍କ ପ୍ରତ୍ୟକ୍ଷ ଶିଷ୍ୟ ଭାବେ ଏହି ଭାଷାକୁ ଗ୍ରହଣ କଲେ ସେମାନେ କେହି ରାଜପରିବାରର ନଥିଲେ। ତେଣୁ ସେ ସାଧାରଣ ଲୋକଙ୍କ ଭାଷାରେ ଏହାକୁ ପ୍ରଚାର ଓ ପ୍ରସାରର ଉଦ୍ୟମ କରିଥିଲେ। ଅନ୍ୟ କେତେକଙ୍କ ମତରେ 'ପାଟଳି' ଶବ୍ଦରୁ ପାଲି ଶବ୍ଦର ଉତ୍ପତ୍ତି। ଏକ ସମୟରେ ମୌର୍ଯ୍ୟ ଶାସକଙ୍କ ସମୟରେ ମଗଧର ରାଜଧାନୀ ମଧ୍ୟ ପାଟଳିପୁତ୍ର ଥିଲା। ଏହି ଦୃଷ୍ଟିରୁ ଗ୍ରୀକ୍ ସମାଲୋଚକ ପାଟଳିପୁତ୍ରର ପାଲିବୋଥ୍ରାକୁ ସ୍ୱୀକାର କରିଥା'ନ୍ତି। ଗୌତମ ବୁଦ୍ଧଙ୍କ ନିର୍ବାଣ ପରେପରେ ଏହି ଭାଷାରେ ତିପିଟକ (ତ୍ରିପିଟକ) ପ୍ରକାଶ ପାଇଥିଲା। ସର୍ବପ୍ରଥମ ଲୋକ ଭାଷାରେ ପ୍ରକାଶିତ ଧର୍ମଗ୍ରନ୍ଥ। ଆଲୋଚକ ଅଧ୍ୟାପକ ମାକଡୋନଲଡ ସଂସ୍କୃତ ସାହିତ୍ୟର ଇତିହାସର ପ୍ରଥମ ଅଧ୍ୟାୟରେ ଉଲ୍ଲେଖ କରିଛନ୍ତି – "ଭାରତୀୟମାନେ ହେଉଛନ୍ତି, ଇଣ୍ଡୋ-ୟୁରୋପୀୟ ପରିବାରର ଏକମାତ୍ର ଶ୍ରେଣୀ, ଯାହା ଗୋଟିଏ ମହାନ୍ ଜାତୀୟ ଧର୍ମ ସୃଷ୍ଟି କରିପାରିଛି – ଅର୍ଥାତ୍ ବୌଦ୍ଧଧର୍ମ ନାମରେ ଗୋଟିଏ ବୈଶ୍ୱିକ ଧର୍ମ ମଧ୍ୟ" । (ବିଜ୍ଞପ୍ତି, ଧମ୍ମପଦଂ/କୁଞ୍ଜବିହାରୀ ତ୍ରିପାଠୀ) ଏଠାରେ ସ୍ପଷ୍ଟ ପାଲି ଭାଷା ପ୍ରାଚୀନ ବୌଦ୍ଧମାନଙ୍କର ଧର୍ମସାହିତ୍ୟର ଭାଷା। ରାଇଜ୍ ଡେଭିଡଙ୍କ ମତରେ – "ପ୍ରମାଣିକ ପୁସ୍ତକାଦିରେ ପ୍ରତିଫଳିତ ପାଲି ୬ଷ୍ଠ ଓ ୭ମ ଶତାବ୍ଦୀରେ ପ୍ରଚଳିତ ଥିବା ଦେଶୀୟ କୋଶଳ ଉପରେ ଆଧାରିତ । ଏହାକୁ କିନ୍ତୁ ସେହି ଦେଶୀୟ ଭାଷାର ସାହିତ୍ୟିକ ରୂପ ବୋଲି କହିହେବ ନାହିଁ; କାରଣ ଅନେକ କାଳ ପର୍ଯ୍ୟନ୍ତ ଏହା ଏକ ଲିଖିତ ରୂପ ପରିଗ୍ରହଣ କରିପାରିନଥିଲା । ସେହି ଦେଶୀୟ ଭାଷା ବୁଦ୍ଧଙ୍କର ମାତୃଭାଷା ଥିଲା । ସେ ନେପାଳର ଏକ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ; ଯାହା କୋଶଳ ନାମକ ଏକ ଜିଲ୍ଲାରେ ଥିଲା । ପୁରାତନ ପାଲି ନଥିପତ୍ରରୁ ଜଣାଯାଏ ଯେ ସେ ନିଜକୁ କୋଶଳୀ ଭାବରେ ପରିଚିତ କରାଉଥିଲେ ।" (ଫରଓ୍ୱାର୍ଡ, ଦି ପାଲି ସୋସାଇଟି ଦ୍ୱାରା ସଂକଳିତ 'ପାଲି – ଇଂଲିଶ ଡିକ୍ସିନାରୀ, ଟୋମାସ୍ ଓ୍ୱିଲିୟମ୍ ରିସ୍ ଡାଭିଡସ୍ ଓ ଓ୍ୱିଲିୟମ୍ ଷ୍ଟିଡ୍, ଦି ପାଲି ଟେକ୍ସଟ୍ ସୋସାଇଟି, ଲଣ୍ଡନ, ୧୯୨୧) । ତେଣୁ ପ୍ରାଚୀନ ତଥା ମଗଧର ରାଜା ଅଶୋକଙ୍କ ସମୟରେ କୋଶଳ ଆଜିର ମଧ୍ୟପ୍ରଦେଶ, ବିହାର, ମହାରାଷ୍ଟ୍ର, ଉତ୍ତର ଭାରତର ପ୍ରାୟତଃ ଅଧିକାଂଶ ଅଞ୍ଚଳକୁ ବୁଝାଉଥିଲା। ମୌର୍ଯ୍ୟ ଶାସକ ଅଶୋକ (ଖ୍ରୀଷ୍ଟପୂର୍ବ ୩୦୪-୨୩୨) ଖ୍ରୀଷ୍ଟପୂର୍ବ ୨୬୧ରେ କଳିଙ୍ଗ ଜୟ କରି ଆଉ ମଗଧକୁ ଫେରିନଥିଲେ। ପ୍ରାଚୀନ କଳିଙ୍ଗରୁ ତାଙ୍କର ନୂତନ ବୌଦ୍ଧଧର୍ମ ଗ୍ରହଣ ସହ ଧଉଳି ଓ ଜଉଗଡ଼ର ଅଭିଲେଖ ଉତ୍କୀର୍ଣ୍ଣ କରାଇଥିଲେ। ତାଙ୍କ ସମୟଖଣ୍ଡରେ ଭାରତବର୍ଷରେ ଅନ୍ୟ କୌଣସି ରାଜାଙ୍କ ସଂପର୍କରେ ଜଣାଯାଏ ନାହିଁ। ଏହା ବ୍ୟତୀତ ଅଶୋକଙ୍କ ସମୟର ଅନ୍ୟାନ୍ୟ କେତେକ ଉତ୍କୀର୍ଣ୍ଣ ଶିଳାଲେଖମାନଙ୍କରେ ପାଲି ଭାଷାକୁ ବ୍ରାହ୍ମୀଲିପିରେ ଉଲ୍ଲେଖ

**'ପାଲି', 'ପଲ୍ଲୀ' ଅର୍ଥରେ ମଧ୍ୟ ସାମଞ୍ଜସ୍ୟ ରକ୍ଷାକରେ। ଓଡ଼ିଶାର ପଶ୍ଚିମାଞ୍ଚଳରେ ପାଲି ପ୍ରୟୋଗରେ କେତେକ ସ୍ଥାନ ରହିଛି ।**

କରାଯାଇଥିଲା। ସେ ତାଙ୍କ ଅଭିଲେଖରେ 'ଇୟଂ ଧମ୍ମଂ ଲିପି' ବୋଲି ଉଲ୍ଲେଖ କରାଇଥିଲେ ଅର୍ଥାତ୍ ଏହା ହେଉଛି ଧର୍ମଲିପି।

### ତିପିଟକରେ ପାଲି ଭାଷା

ତିପିଟକ(ତ୍ରିପିଟକ)ରେ ପାଲି ଭାଷା ସଂପର୍କରେ କୌଣସି ପ୍ରସଙ୍ଗ ନାହିଁ। ଅଶୋକଙ୍କ ପରେ ରାଜା କନିଷ୍କ (ପ୍ରାୟ ଖ୍ରୀଷ୍ଟୀୟ ୧୨୭-୧୫୦)ଓ ରାଜା ହର୍ଷବର୍ଦ୍ଧନ (ପ୍ରାୟ ଖ୍ରୀଷ୍ଟୀୟ ୬୦୬-୬୪୭)ମଧ୍ୟ ବୌଦ୍ଧ ଧର୍ମକୁ ପୃଷ୍ଠପୋଷକତା କରିଥିଲେ। ମାତ୍ର ଏମାନଙ୍କ ସମୟରେ ପାଲି ଭାଷାର ବ୍ୟବହାର ଅପେକ୍ଷା ଅନ୍ୟାନ୍ୟ ପ୍ରାକୃତ ଭାଷାର ପରିପ୍ରକାଶ ହୋଇସାରିଥିଲା। ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀରେ ଭାରତକୁ ବାଣିଜ୍ୟ ବ୍ୟବସାୟ କରିବାକୁ ଆସି ବିଭିନ୍ନ ବୈଦେଶିକ ବ୍ୟକ୍ତି ତଥା ସମାଲୋଚକ ଓ ଭାଷାବିତ୍‌ମାନେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭାଷାର ଉତ୍ପତ୍ତି ଓ ବିକାଶକ୍ରମକୁ ଅନୁଧ୍ୟାନ କରିବାକୁ ଲାଗିଲେ। ଏହି ସମୟରେ ଇଣ୍ଡୋ-ଇଉରୋପୀୟ ଭଳି ଏକ ବିଶିଷ୍ଟ ଭାଷା ପରିବାରର ଗବେଷଣା ଉନ୍ମୁକ୍ତ ହୋଇଥିଲା। ଏହାରି ମଧ୍ୟରୁ ପ୍ରାଚୀନ, ମଧ୍ୟ-ଭାରତୀୟ, ଆଧୁନିକ ଭାରତୀୟ ଆର୍ଯ୍ୟଭାଷା ଆଲୋଚନା ପରିସରକୁ ଆସିବା ସହିତ ପାଲି ଭାଷାର ପ୍ରସଙ୍ଗ ଲୋକଲୋଚନକୁ ଆସିଥିଲା। ଫ୍ରେଞ୍ଚ ଗାଣିତିକ ତଥା ସାହିତ୍ୟିକ ସିମନ ଡେ ଲା ଲୁବରେ, ଶ୍ୟାମ ପରିଭ୍ରମଣ କାଳରେ ଏହିପରି ଏକ ଭାଷାକୁ ଉଦ୍ଧାର କରିଥିଲେ। ପରବର୍ତ୍ତୀ ସମୟରେ ବିଂଶ ଶତାବ୍ଦୀରେ ଜର୍ଜ ଗ୍ରୀୟରସନ୍ ଏହି ଭାଷାକୁ ମାଗଧୀ ସହିତ ଘନିଷ୍ଠ ସଂପର୍କ ଥିବାର କହିଥିଲା ବେଳେ ବୌଦ୍ଧଧର୍ମ ସମାଲୋଚକ ରାହୁଲ ସାଂକୃତାୟନ ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ଆଧାରରେ ଏଥିରେ ମାଗଧୀ ପ୍ରାକୃତର ଲକ୍ଷଣ ନାହିଁ ବୋଲି ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ। ପାଲି ଭାଷା ବିଶେଷଜ୍ଞ ରିଜ୍ ଡେଭିଡଙ୍କ ମତରେ ବୁଦ୍ଧଙ୍କ ଜନ୍ମ ପୂର୍ବରୁ ଓ ମୃତ୍ୟୁ ପରେ ପ୍ରାୟ ଦୁଇ ଶତାବ୍ଦୀ ପର୍ଯ୍ୟନ୍ତ ସମଗ୍ର ଭାରତବର୍ଷରେ କୋଶଳ ରାଜ୍ୟଟି ସବୁଠାରୁ ପ୍ରତାପଶାଳୀ ଥିଲା। ସାଂପ୍ରତିକ ଭାରତର ପ୍ରାଚୀନ ଐତିହାସିକ ମାନଚିତ୍ର ଅଧ୍ୟୟନ ଓ ଅନୁସନ୍ଧାନରୁ ଜଣାଯାଏ, ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ କୋଶଳର ବ୍ୟାପ୍ତି ପଶ୍ଚିମରେ ଗୋମତୀ ନଦୀରୁ ଆରମ୍ଭ କରି, ଦକ୍ଷିଣରେ ସାର୍ପିକ ନଦୀ ଏବଂ ପୂର୍ବରେ ସାଦନିରା ନଦୀ ଯାହା ବିଦେହକୁ ଅଲଗା କରୁଥିଲା ଓ ଉତ୍ତରରେ ନେପାଳ ପର୍ଯ୍ୟନ୍ତ ସ୍ଥାନକୁ ବୁଝାଉଥିଲା। ବୁଦ୍ଧଦେବଙ୍କ ଜନ୍ମସ୍ଥାନ ନେପାଳର ଅଧୀନ ହେଲେ ହେଁ ତାଙ୍କ ସମୟରେ ଏହା କୋଶଳ ରାଜ୍ୟର ଅଧୀନରେ ରହିଥିଲା। ଖ୍ରୀଷ୍ଟପୂର୍ବ ଷଷ୍ଠ-ସପ୍ତମ ଶତାବ୍ଦୀ ବେଳକୁ ଏହି ଭାଷା କୋଶଳ ରାଜ୍ୟର ଗୋଟିଏ ସାଧାରଣ କଥିତ ଭାଷା ଥିଲା। ଏହା ଗୌତମ ବୁଦ୍ଧଙ୍କର ମଧ୍ୟ ମାତୃଭାଷା ଥିଲା। ତେଣୁ ବୁଦ୍ଧତ୍ୱ ପ୍ରାପ୍ତି ପରେ ସେହି ଭାଷାରେ ନିଜର ଧର୍ମକୁ ପ୍ରଚାର ଓ ପ୍ରସାର କରିଥିବା ସଂପର୍କରେ ସେ ମତ ଦିଅନ୍ତି। ପାଲି ସେହି କଥିତ ଭାଷାର ସାହିତ୍ୟିକ ରୂପ ନୁହେଁ। ମାତ୍ର ଦୀର୍ଘ ବର୍ଷ ଅନ୍ତେ ବୁଦ୍ଧଙ୍କ ନିର୍ବାଣ ପ୍ରାପ୍ତି ପରେ ତାଙ୍କର ଶିଷ୍ୟମାନେ ଏହି ଭାଷାରେ ଉକ୍ତ ଧର୍ମ ପ୍ରଚାର କରିଥିଲେ (ମତଟି 'ଧମ୍ମପଦ', କୁଞ୍ଜବିହାରୀ ତ୍ରିପାଠୀଙ୍କ ବିଜ୍ଞପ୍ତିରୁ ଗୃହୀତ)। ଏହିପରି ଧର୍ମକୁ ଅଶୋକ ରାଜପୃଷ୍ଠପୋଷକତା ପ୍ରଦାନ କରିବା ସହିତ ବୌଦ୍ଧ ମହାସଂଘରେ ଗୁରୁତ୍ୱ ଦେଇଥିଲେ। କଥିତ ଅଛି ସାଂପ୍ରତିକ ଶ୍ରୀଲଙ୍କା (ପ୍ରାଚୀନ ସିଂହଳ)ରେ ବୌଦ୍ଧ ଧର୍ମ ପ୍ରଚାର କରିବା ପାଇଁ ଆନୁମାନିକ ଖ୍ରୀଷ୍ଟପୂର୍ବ ୨୪୯ ସମୟ ବେଳକୁ ରାଜା ଅଶୋକ ନିଜର କନ୍ୟା ସଙ୍ଘମିତ୍ତା (ସଂଘମିତ୍ରା) ଓ ପୁଅ ମହିନ୍ଦୋ (ମହେନ୍ଦ୍ର)ଙ୍କୁ ପଠାଇଥିଲେ। ସେମାନେ ମୌଖିକ ପରମ୍ପରା କ୍ରମେ ବୌଦ୍ଧ ତିପିଟକକୁ ସେଠାରେ ଆରମ୍ଭ କରିଥିଲେ। ସେହି ସମୟରେ ମୌଖିକ ତିପିଟକକୁ ଯେଉଁ ବୌଦ୍ଧ ସନ୍ନ୍ୟାସୀ ଲିଖିତ ରୂପ ଦେଲେ ସେମାନେ ଥେରାବ୍‌ଦ ନାମରେ ବିବେଚିତ ହେଲେ। ତେଣୁ 'ତିପିଟକ'କୁ ପାଲି ଭାଷାରେ ରଚନା କରିବାରେ ଥେରବାଦ ବୌଦ୍ଧ ଧର୍ମାବଲମ୍ବୀମାନଙ୍କ ଅବଦାନ ଅତୁଳନୀୟ। ଐତିହାସିକଙ୍କ ମତରେ ତତ୍କାଳୀନ ସିଂହଳରେ ରାଜା ଅଭୟ (ଖ୍ରୀଷ୍ଟପୂର୍ବ ୮୯-୭୭ ମଧ୍ୟରେ) ପାଲି ଭାଷାକୁ ସିଂହଳ ଲିପିରେ ଲିପିବଦ୍ଧ କରାଇଥିଲେ। 'ମହାୟାନ ବୌଦ୍ଧଧର୍ମ: ଦର୍ଶନ ଓ ପ୍ରଥାର ବିବରଣୀ' ଗ୍ରନ୍ଥରୁ ଜଣାଯାଏ 'ଥେରାବ୍‌ଦ' ହେଉଛି ବୟୋଜ୍ୟେଷ୍ଠଙ୍କ ଶିକ୍ଷା (ଟିଚିଂ ଅଫ୍ ଦି



ଏଲଡର୍‌ସ୍) ଭାବରେ ମଧ୍ୟ ପରିଚିତ। ଏହି ବାଦ ଅନୁସାରେ ଅର୍‌ହତମାନେ ବୟୋଜ୍ୟେଷ୍ଠଙ୍କ ଶିକ୍ଷା ଗ୍ରହଣ କରିବା ପରେ ନିଜର ଅଭ୍ୟାସ ଓ ଅଭିଜ୍ଞତା ଦ୍ୱାରା ସ୍ୱଭାବର ବିଶୁଦ୍ଧିକରଣ କଲେ ହିଁ ନିର୍ବାଣର ଚରମ ଶୀର୍ଷରେ ପହଞ୍ଚନ୍ତି। (ମହାୟାନ ବୌଦ୍ଧଧର୍ମ: ଦର୍ଶନ ଓ ପ୍ରଥାର ବିବରଣୀ, ଅନୁବାଦ: ବରୀଶ ପାଣିଗ୍ରାହୀ, ମୂଳ ରଚନା: ଡି.ଟି. ସୁଜୁକି, ପୃଷ୍ଠା, ୩୦୧) ପୁନଶ୍ଚ ଏଥିରୁ ଜଣାଯାଏ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ପାଟଳିପୁତ୍ରରେ ବୌଦ୍ଧ ଧର୍ମର ଯେଉଁ ଦ୍ୱିତୀୟ ମହାସମ୍ମିଳନୀ ହୋଇଥିଲା ସେଥିରେ ସ୍ଥବିରବାଦ ବା ଥେରାବଦ୍ଦ ଓ ମହାସଙ୍ଘିଂକ ମଧ୍ୟରେ ଦର୍ଶନକୁ ନେଇ ପ୍ରତିବାଦ ସଙ୍ଗଠିତ ହୋଇଥିଲା। ଏହା ଥିଲା ବୌଦ୍ଧ ଧର୍ମର ପ୍ରଥମ ବିଭାଜନ। ଏହାସତ୍ତ୍ୱେ ସମସ୍ତ ବୌଦ୍ଧଭିକ୍ଷୁ ତିପିଟକ (ତ୍ରିପିଟକ)କୁ ସେମାନଙ୍କର ଧର୍ମଗ୍ରନ୍ଥ ଭାବରେ ସ୍ୱୀକାର କରିଥା'ନ୍ତି। ଓଡ଼ିଶାରେ ସରାକ ବା ଶ୍ରାବକ ଭାବରେ କୌଳିକ ତନ୍ତୀ ବୃତ୍ତିଧାରୀ ବୌଦ୍ଧ ଧର୍ମର କିଛି ଅଧିବାସୀମାନେ ବସବାସ କରିଆସୁଛନ୍ତି। ସେମାନେ 'ଧମ୍ମପଦ'କୁ ନିଜର ଧର୍ମଗ୍ରନ୍ଥ ଭାବରେ ଉପାସନା ନିକଟରେ ରଖିଥାନ୍ତି। ସେମାନେ ପାଲି ଦିବସ, ସଙ୍ଘଂମିତ୍ରା ଦିବସ ପାଳନ କରିଥାଆନ୍ତି। ଆଷାଢ଼ ପୂର୍ଣ୍ଣିମାକୁ ପାଲି ଦିବସ ରୂପେ ପାଳନ କରିଥାଆନ୍ତି। (କ୍ଷେତ୍ର ଅଧ୍ୟୟନରୁ ପ୍ରାପ୍ତ) ସେହିପରି ଶ୍ରୀଲଙ୍କାରେ 'ସଙ୍ଘଂମିତ୍ରା ଦିବସ'କୁ ବୋଧିଦ୍ରୁମର ଆଗମନ ଓ ବୁଦ୍ଧଙ୍କ ଶରଣକୁ ସ୍ମୃତିଚାରଣ କରି ପ୍ରତିଷ୍ଠାତ୍ରୀ ଭିକ୍ଷୁଣୀଙ୍କୁ ଉପାସନା କରାଯାଇଥାଏ।

**ଆନୁମାନିକ ଖ୍ରୀଷ୍ଟୀୟ ୫ମ ଶତାବ୍ଦୀରେ ବୁଦ୍ଧଘୋଷ 'ଧମ୍ମପଦ'ର ଟୀକା ରଚନା କରିଥିଲେ।**

### ଧମ୍ମପଦର ବିଶେଷତ୍ୱ

ତିପିଟକର ଅଂଶବିଶେଷ 'ଧମ୍ମପଦ' ତିପିଟକର ଖୁଦ୍ଦକ ନିକାୟର ଅନ୍ତର୍ଭୁକ୍ତ। ମୂଳ ଗ୍ରନ୍ଥରେ ୪୨୩ଟି ଗାଥା ଓ ୨୬ଟି ବର୍ଗ ରହିଥିଲା। ଏଥିରେ ଯମକ, ଅପମାଦ, ଚିତ୍ତ, ପୁଷ୍ପ, ବାଳ, ପଣ୍ଡିତ, ଅରହତ, ସହସ, ପାପ, ଦଣ୍ଡ, ଜରା, ଆତ୍ମା, ଲୋକ, ବୁଦ୍ଧ ପ୍ରଭୃତି ବର୍ଗ ନାମରେ ଅବସ୍ଥା ଓ ଗୁଣାବଳୀର ବିଶେଷତ୍ୱ ସଂପର୍କରେ ବିଶ୍ଳେଷଣ କରାଯାଇଛି। ଆନୁମାନିକ ଖ୍ରୀଷ୍ଟୀୟ ୫ମ ଶତାବ୍ଦୀରେ ବୁଦ୍ଧଘୋଷ 'ଧମ୍ମପଦ'ର ଟୀକା ରଚନା କରିଥିଲେ। ସେ ମଗଧର ନାଳନ୍ଦାରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ସିଂହଳର ଅନୁରାଧାପୁରରେ ଅଧ୍ୟାପନା କରୁଥିଲେ। ସେହି ସମୟରେ ସେ ସିଂହଳରୁ ଉଦ୍ଧାର କରି ଏହାର ସଂସ୍କୃତାୟନ କରିଥିଲେ। 'ଧମ୍ମପଦଂ'ରୁ କେତେକ ପାଲି ଭାଷାର ପ୍ରୟୋଗ - ବିମାନବତ୍‌ଥୁ (ବିମାନ/ ଆକାଶ କଥା), ପେତବତ୍‌ଥ (ପ୍ରେତକଥା), ଥେର (ଭିକ୍ଷୁକ)ଗାଥା, ଥେରୀ(ଭିକ୍ଷୁଣୀ)ଗାଥା, ପଟ୍‌ଥିତ୍ତି, ମକ୍‌ଖଉ ଜାତକ, କମ୍ମାର, ଦିସ୍‌ସନ୍ତି ଇତ୍ୟାଦି। ଏଥିରେ ବୁଦ୍ଧଙ୍କ ବନ୍ଦନା କରାଯାଇଛି -'ନମୋ ତସ୍‌ସ ଭଗବତୋ ଅରହତୋ ସମ୍ମା ସମ୍ବୁଦ୍ଧସ୍‌ସ' ଗାନ ସମୟରେ ବୌଦ୍ଧସାଧକ ଏହାକୁ ଆରମ୍ଭରେ ୩ଥର ଇଷ୍ଟ ସୁମରଣା ପରି ଗାନ କରିଥାନ୍ତି। ସେହିପରି ମନକୁ ଦର୍ଶାଇବାକୁ ଯାଇ କୁହାଯାଇଛି -

'ମନୋପୁବ୍‌ବଙ୍ଗମା ଧମ୍ମା ମନୋସେଟ୍‌ଠା ମନୋମୟା<br>
ମନସା ଚେ ପଦୁଟ୍‌ଠେନ ଭାସତି ବା କରୋତି ବା<br>
ତତୋ ନଂ ଦୁକ୍‌ଖମନ୍ୱେତି ଚକ୍‌କଂ ବ ବହୁତୋ ପଦଂ।'

ଅର୍ଥାତ୍ ସକଳ ସ୍ୱଭାବ ବା ସଂସ୍କାର ମନର ଅନୁଚର, ମନଦ୍ୱାରା ଚାଳିତ, (ମନ ହେଉଛି ସେମାନଙ୍କ ଶ୍ରେଷ୍ଠ ବା ନିଃନ୍ତା), ମନ ମଧ୍ୟରେ ଏହାଙ୍କର ଅସ୍ତିତ୍ୱ। ଯଦି (ଲୋକ) ଦୂଷିତ ମନରେ କଥା କହେ ବା କାର୍ଯ୍ୟ କରେ, ତାହାହେଲେ ଚକ୍ର, (ଭାର) ବହନ କରୁଥିବା (ଜନ୍ତୁର) ପଦକୁ ଅନୁସରଣ କରିବା ପରି ଏହାକୁ ଦୁଃଖ ଅନୁସରଣ କରେ।' (ଧମ୍ମପଦଂ/ସଂକଳନ, କୁଞ୍ଜବିହାରୀ ତ୍ରିପାଠୀ, ପରିଶିଷ୍ଟ, ପୃ୧)। ପ୍ରଫେସର ଏ. ଏଡମଣ୍ଡଙ୍କ ମତରେ "ଏସିଆ ମହାଦେଶରେ ଯଦି ଏକ ଅମର କ୍ଲାସିକ୍‌ର ସୃଷ୍ଟି କେବେ ହୋଇଥାଏ, ତେବେ ତାହା ହେଉଛି ଧମ୍ମପଦ।" ପୃଥିବୀରେ ବହୁ ଭାଷାରେ ଏହା ଅନୂଦିତ ଯେପରି ଚୀନ, ଜର୍ମାନୀ, ଇଂରାଜୀ, ହିନ୍ଦୀ, ଥାଇଲାଣ୍ଡ (ଶ୍ୟାମ ଭାଷା) ଇତ୍ୟାଦି। 'ଧମ୍ମପଦଂ' ପଦରୁ ଜଣାଯାଏ ଏଥିରେ ନିର୍ବାଣକୁ ଗୁରୁତ୍ୱ ଦିଆଯାଇଛି। ପୁନଶ୍ଚ ସାଧକ ଏହାକୁ ପ୍ରୀତିପୂର୍ଣ୍ଣ ଓ ପ୍ରମାଦପୂର୍ଣ୍ଣ ଭାବରେ ନିଜଠାରେ ଅନୁଭବ କରିଥାଏ। ନିର୍ବାଣକୁ ଏଥିରେ ରାଗ-ଅଗ୍ନିର ବିଲୟ ଓ ଅନ୍ୟତ୍ର ଶୂନ୍ୟ ରୂପରେ ଅଭିହିତ କରାଯାଇଛି। ଏଦୃଷ୍ଟିରୁ ଏହା ସମାଲୋଚକଙ୍କ ଦ୍ୱାରା କେବେ ଅସ୍ତି ଅର୍ଥରେ ଓ କେବେ ନାସ୍ତି ଅର୍ଥରେ ଗ୍ରହଣୀୟ ହୋଇଛି।

## ଓଡ଼ିଶାରେ ପାଲି ଭାଷା

ଓଡ଼ିଆ ଭାଷାକୁ ଇଣ୍ଡୋୟୁରୋପୀୟ ଭାଷାର ଶାଖା ଭାରତୀୟ ଆର୍ଯ୍ୟ ଭାଷାର ଅନ୍ୟତମ ଉପଶାଖା ଭାବେ ଭାଷାବିତ୍‌ମାନେ ଗ୍ରହଣ କରିଥାନ୍ତି। ଭାରତୀୟ ଆର୍ଯ୍ୟଭାଷା ତିନୋଟି ମୁଖ୍ୟ ସ୍ତର ଦେଇ ବିକାଶମୁଖୀ ହୋଇଛି; ଯଥା - ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା / ଖ୍ରୀ.ପୂ. ୧୫୦୦ରୁ ଖ୍ରୀ.ପୂ ୫୦୦ (ବୈଦିକ ସଂସ୍କୃତ ଓ ଲୌକିକ ସଂସ୍କୃତ), ମଧ୍ୟ ଭାରତୀୟ ଆର୍ଯ୍ୟଭାଷା / ଖ୍ରୀ.ପୂ. ୫୦୦ ଖ୍ରୀଷ୍ଟୀୟ ୧୦୦୦ (ପାଲି, ପ୍ରାକୃତ, ଅପଭ୍ରଂଶ) ଓ ଆଧୁନିକ ଭାରତୀୟ ଆର୍ଯ୍ୟଭାଷା / ଖ୍ରୀଷ୍ଟୀୟ ୧୦୦୦ ପରବର୍ତ୍ତୀ। ମଧ୍ୟଭାରତୀୟ ଆର୍ଯ୍ୟଭାଷାର ପ୍ରଥମ ସ୍ତରରେ ଭାଷାବିତମାନେ ପାଲି ଭାଷାର ସମୟଖଣ୍ଡକୁ (ଖ୍ରୀ.ପୂ.୫୦୦ ରୁ ଖ୍ରୀ.ପୂ.୨୦୦) ସ୍ଥିରୀକୃତ କରିଛନ୍ତି। ପୁନଶ୍ଚ ଅନ୍ୟ ଅର୍ଥରେ ଏହା ଏକପ୍ରକାର ପ୍ରାକୃତ ଭାଷା ଅଟେ। ପାଲି ଭାଷାର ସ୍ୱରୂପକୁ ବିଚାର ପାଇଁ ଭାଷାବିତମାନେ ସଂସ୍କୃତ, ପାଲି, ପ୍ରାକୃତ ଓ ଅପଭ୍ରଂଶ ମଧ୍ୟରେ ତୁଳନାତ୍ମକ ରୂପ ଦର୍ଶାଇଥାନ୍ତି ଯଥା:- ଅଲକ୍ତକ (ସଂସ୍କୃତ) > ଅଲତ୍ତକ (ପାଲି) > ଅଲତ୍ତଅ (ପ୍ରାକୃତ) > ଅଲତଅ (ଅପଭ୍ରଂଶ) > ଅଲତା (ଓଡ଼ିଆ)। ସେହିପରି ଅଷ୍ଟ (ସଂସ୍କୃତ) > ଅଟ୍‌ଠ (ପାଲି) > ଅଟ୍‌ଠ (ପ୍ରାକୃତ) > ଆଠ (ଅପଭ୍ରଂଶ) > ଆଠ (ଓଡ଼ିଆ)।



ଓଡ଼ିଶାରେ ପାଲି ଭାଷା ଆଜି କେମିତି ଅଛି:- ଓଡ଼ିଶାରେ ଥିବା ସରାକ ତଥା ଶ୍ରାବକ ତନ୍ତୀମାନେ 'ଧମ୍ମପଦ'କୁ ନେଇ ବୁଦ୍ଧ ମେଳା, ସଂକୀର୍ତ୍ତନ, ଘର ପ୍ରତିଷ୍ଠା, ଶିଶୁର ଜନ୍ମୋତ୍ସବ ଇତ୍ୟାଦି ପାଳନ କରିଥା'ନ୍ତି। ନିଜ ବର୍ଗର ଅବ୍ରାହ୍ମଣ ଦୁଇଜଣ ବ୍ୟକ୍ତି ଏହାକୁ ସମାପନ କରିଥା'ନ୍ତି। ଏମାନଙ୍କ ନିକଟରେ ଶବ୍ଦ ବ୍ୟବହାରର ମୌଳିକତା ମଧ୍ୟ ରହିଛି; ଯେପରି ପନିପରିବା କାଟିବା ପରିବର୍ତ୍ତେ ପନିପରିବା ବନେଇବା କହିଥାନ୍ତି (ଓଡ଼ିଶାର ଉପକୂଳବର୍ତ୍ତୀ ଗାଁ ଗହଳରେ ଏହି ଶବ୍ଦଟି ମଧ୍ୟ ପ୍ରଚଳିତ ଅଛି)। ଯଦ୍ଦ୍ୱାରାକି ଅହିଂସା ବୃତ୍ତିକୁ ଜାଗରଣ କରିଥାଏ ବୋଲି ବିଶ୍ୱାସ କରିଥାନ୍ତି। ସଂକୀର୍ତ୍ତନ ସମୟରେ ଉପାସକ ବ୍ୟକ୍ତି ଧମ୍ମପଦଂ ଗାୟନ ବେଳେ କର୍ତ୍ତା 'ନମୋ ବୁଦ୍ଧୋ ଭଗବାନ/ ସତ୍ୟ ଧମ୍ମ ସଂସ୍ଥାପନ' ବୋଲି ନାମ ଉଚ୍ଚାରଣ କରିଥାନ୍ତି। ପାଲି ଭାଷାର ମାଧ୍ୟମ ଓଡ଼ିଆ ଭାଷା ଓ ଲିପିରେ ଏହା ପ୍ରକାଶିତ। ଏମାନଙ୍କ ନିର୍ମିତ ଶାଢ଼ିରେ ଧମ୍ମଚକ୍ର ଅନୁରୂପ ଚକ୍ର ବୁଣା ହୋଇଥାଏ। ଏମାନଙ୍କ ସମାଜରେ ଅପର ଦୁଇଟି ଥାନ ଯେପରି ଲକିରା ଥାନ ଓ ପ୍ରତାପରୁଦ୍ରଦେବ ଥାନ (ସହଜଯାନର ପ୍ରବକ୍ତା ଲକ୍ଷ୍ମୀଙ୍କରା ଓ ପ୍ରତାପରୁଦ୍ରଦେବଙ୍କ ନାମରେ) ପ୍ରଚଳିତ ରହିଛି।ଆଜି ଓଡ଼ିଶାର ଭୁବନେଶ୍ୱରସ୍ଥିତ ଧଉଳି ଓ ଗଜପତିର ଜିରାଙ୍ଗଠାରେ ବୌଦ୍ଧଧର୍ମର ଜାପାନ ଓ ତିବ୍ବତୀୟ ପାଲି ପ୍ରାର୍ଥନା (ଚାଣ୍ଟିଂ) ଦର୍ଶକମାନଙ୍କୁ ବେଶ ମୋହିତ କରୁଛି।

ପାଲି ଭାଷା ପ୍ରାକୃତ ଅନୁରୂପ ଭାଷା ଭଳି ବୌଦ୍ଧ ଧର୍ମାବଲମ୍ବୀଙ୍କ ଠାରେ ବେଶ୍ ସମୃଦ୍ଧି ଲାଭ କରିଥିଲା। ଅଶୋକଙ୍କ ସମୟରୁ ଧମ୍ମାନାଂପିୟ ରାଜା ଏହାକୁ ମଗଧ-କଳିଙ୍ଗ ତଥା ତତ୍କାଳୀନ ଭାରତଖଣ୍ଡରୁ ଯେପରି ବାହ୍ୟ ପଡ଼ୋଶୀ ଦେଶମାନଙ୍କୁ ପ୍ରସାରିତ କରାଇ ଧର୍ମୀୟ ଆଦର୍ଶ ଓ ବନ୍ଧୁତା ପ୍ରତିଷ୍ଠା କରୁଥିଲେ, ତାହା ବିଶ୍ୱ ଇତିହାସରେ ବିରଳ। ଯେଉଁ ଧର୍ମ ଅଶୋକଙ୍କ ସମୟରେ ସାଧାରଣ ଲୋକ କଥିତ ଭାଷାକୁ ପ୍ରାଧାନ୍ୟ ଦେଇଥିଲା, ରାଜା କନିଷ୍କଙ୍କ ସମୟରେ ତାହା ସଂସ୍କୃତ ଆଶ୍ରିତ ହୋଇଥିବାର ଜଣାଯାଏ। ତେଣୁ ପରବର୍ତ୍ତୀ ସମୟରେ ଏହା ଭାରତବର୍ଷରେ ପାଲିରୁ କ୍ରମଶଃ ସଂସ୍କୃତକୁ ଅନୂଦିତ ହୋଇଥିଲା। ଏ ସଂପର୍କରେ ଖ୍ରୀଷ୍ଟୀୟ ୭ମ ଶତାବ୍ଦୀରେ ଭାରତକୁ ଆସିଥିବା ଚୀନ ପରିବ୍ରାଜକ ହୁଏନସାଂଙ୍କ ବିବରଣୀରୁ ବି ଜଣାଯାଇଥାଏ। ପ୍ରାଚୀନ ପାଲି ଭାଷାକୁ କେନ୍ଦ୍ରକରି କଚ୍ଚାୟନ, ମୋଗଲାୟନ ପ୍ରଭୃତି ବୈୟାକରଣିକମାନେ ଏହାର ବ୍ୟାକରଣ ପ୍ରସ୍ତୁତ କରିଥିଲେ। ଏହି ଧର୍ମ ପାଲି ଭାଷାରେ ସୁଦୂର ଶ୍ରୀଲଙ୍କା (ସିଂହଳ), ବ୍ରହ୍ମଦେଶ (ବର୍ମା), ତିବ୍ବତ, କାମ୍ବୋଡିଆ, ଥାଇଲାଣ୍ଡ, ଲାଓସ ପ୍ରଭୃତି ଦକ୍ଷିଣ-ପୂର୍ବ ଏସିଆକୁ ପ୍ରଭାବିତ କରିଥିଲା। ଏହାବ୍ୟତୀତ ଆଜି ଭାରତର ବିହାର ଓ ଓଡ଼ିଶାର ଅନେକ ବୌଦ୍ଧ କୀର୍ତ୍ତିରାଜି ସ୍ଥାନର ନାମରେ ସାମ୍ୟ ପରିଲକ୍ଷିତ ହୁଏ ଯେପରି ଉଦୟଗିରି, ଧଉଳି, ଶାନ୍ତିସ୍ତୁପ, ରତ୍ନଗିରି ଇତ୍ୟାଦି। ତେଣୁ ଜଣାଯାଏ ଅଶୋକ କଳିଙ୍ଗ ଅଧିକାର କରି ଏହି ଧର୍ମ ଓ ଭାଷାକୁ ସୁଦୃଢ଼ କରିବା ସହିତ ଦେଶ ବାହାରକୁ ପ୍ରସାରିତ କରିଥିଲେ। ରାଜା କନିଷ୍କ ଓ ହର୍ଷବର୍ଦ୍ଧନଙ୍କ ସମୟରେ ଏହାକୁ ସଂରକ୍ଷିତ କରିବାର ସ୍ଥାୟୀ ବ୍ୟବସ୍ଥା କରାଯାଇଥିଲା। ତିପିଟକ

(ତ୍ରିପିଟକ)ର ୩ଟି ଟାଙ୍ଗୁଡା ସଦୃଶ ସୂତ୍ତପିଟକ, ବିନୟ ପିଟକ, ଅଭିଧମ୍ମପିଟକ ପ୍ରଶ୍ନୋତ୍ତର ଶୈଳୀରେ ବୁଦ୍ଧଙ୍କ ବାଣୀ, ନୀତି, ଆଦର୍ଶ, ବୌଦ୍ଧ ଭିକ୍ଷୁଙ୍କ ନିମନ୍ତେ ପ୍ରଜ୍ଞା, କରୁଣା ପ୍ରତ୍ୟେକକୁ ଉଦ୍ଧାର କରିଛି। ଭାରତବର୍ଷରେ ଏହା ଆଜି କ୍ଷୀଣପ୍ରାୟ। ମାତ୍ର ଶ୍ରୀଲଙ୍କା, ଥାଇଲାଣ୍ଡ, ମିୟାଁମାର, ଚୀନ ପ୍ରଭୃତି ବୌଦ୍ଧଧର୍ମ ପ୍ରଭାବିତ ରାଷ୍ଟ୍ରମାନଙ୍କରେ ପ୍ରାର୍ଥନା (ଚାଣ୍ଟିଂ) ମାଧମରେ ଯେଉଁ ଗାନ ବା କଥା ରହିଛି ତାହା ପାଲି ଭାଷାର ଏକ ବିକଶିତ ବା ସମନ୍ୱିତ ନୂତନ ରୂପରେ ଶୁଣିବାକୁ ମିଳିଥାଏ। ପ୍ରତିଟି ଦେଶର ଭାଷା ଅନୁଯାୟୀ ପାଲି ଭାଷା ଅନୂଦିତ ହେବା ସହ ସେହି ଦେଶର ଲିପିରେ ମଧ ପ୍ରକାଶିତ ହେଉଛି।

**ଅଶୋକ କଳିଙ୍ଗ ଅଧିକାର କରି ଏହି ଧର୍ମ ଓ ଭାଷାକୁ ସୁଦୃଢ଼ କରିବା ସହିତ ଦେଶ ବାହାରକୁ ପ୍ରସାରିତ କରିଥିଲେ।**

ସହାୟକ ସୂଚୀ:-

୧) ଧମ୍ମପଦଂ, କୁଞ୍ଜବିହାରୀ ତ୍ରିପାଠୀ, (ଓଡ଼ିଆ ବିଭବରୁ ପ୍ରାପ୍ତ)
୨) ବୌଦ୍ଧ ଧର୍ମ କେ ବିକାଶ ମେଁ ବ୍ରାହ୍ମଣୋଁ କା ଯୋଗଦାନ, ବିଶ୍ୱଜିତ କୁମାର, ଇମ୍ପ୍ରେସନ ପବ୍ଲିକେଶନ, ପାଟଣା, ୨୦୦୬
୩) ପ୍ରାଚୀନ ଭାରତ ଇତିହାସ, ଅଶୋକ କୁମାର ରଥ, ତାରାତାରିଣୀ ପୁସ୍ତକାଳୟ, ବ୍ରହ୍ମପୁର, ୧୯୯୬
୪) ଓଡ଼ିଶାରେ ବୌଦ୍ଧଧର୍ମ ଓ ବୌଦ୍ଧକୀର୍ତ୍ତି, ବିମଳେନ୍ଦୁ ମହାନ୍ତି, ଆମ ଓଡ଼ିଶା, ଭୁବନେଶ୍ୱର, ୨୦୧୪
୫) କଚ୍ଚାୟନ ପାଲି ଗ୍ରାମାର, (ସଂପାଦନ) ଶ୍ରୀ ସତୀଶ ଚନ୍ଦ୍ର ବିଦ୍ୟାଭୂଷଣୋନ୍, କଲିକତା ମହାବୋଧି ସୋସାଇଟି, ୧୯୦୧
(ସୋର୍ସ: ଡିଜିଟାଲ ଲାଇବ୍ରେରୀ ଅଫ୍ ଇଣ୍ଡିଆ)
୬) ମହାୟାନ ବୌଦ୍ଧଧର୍ମ ଦର୍ଶନ ଓ ପ୍ରଥାର ବିବରଣୀ (ଅନୁବାଦ) ବରୀଶ ପାଣିଗ୍ରାହୀ, ମହାବୋଧି ପବ୍ଲିକେଶନସ୍, ଭୁବନେଶ୍ୱର, ୧ମ ସଂସ୍କରଣ, ୨୦୧୩।
୭) ହିଷ୍ଟରିକାଲ୍ ରିଲେସନ୍ ଅଫ୍ ଦି କିଙ୍ଗଡମ୍ ଅଫ୍ ସିଆମ୍, ଡେ ଲା ଲୁବେରେ, ଲଣ୍ଡନ,୧୬୯୩ ।
୮) ଭାଷାଶାସ୍ତ୍ର ପରିଚୟ, ଗୋଲୋକ ବିହାରୀ ଧଳ, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶକ ସଂସ୍ଥା, ଭୁବନେଶ୍ୱର, ପୁନଃ ମୁଦ୍ରଣ,୨୦୦୪।
୯) ଓଡ଼ିଆ ଭାଷାର ଉନ୍ମେଷ ଓ ବିକାଶ, ବାସୁଦେବ ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୫ମ ସଂସ୍କରଣ, ୨୦୦୦।

□□

ଲେଖିକାଙ୍କ ଇ-ମେଲ ଠିକଣା:
sanghamitraoriya@gmail.com




*ପ୍ରକାଶ ପାଇଲା*

## ମଧୁରମ୍ ମଧୁରାଧିପତି

**ଲେଖକ: ବଳଦେବ ମହାରଥୀ**

'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ' ଆନୁକୂଲ୍ୟରେ, ରଥଯାତ୍ରା ଉପଲକ୍ଷେ ପ୍ରକାଶ ପାଇଆସୁଥିବା ଅନନ୍ୟ ସଂକଳନର ପ୍ରଚ୍ଛଦପଟର ଭାବଭୂମିରେ ରହିଛି ଧର୍ମ, ଦର୍ଶନ ଓ ବିଜ୍ଞାନର ଅପୂର୍ବ ସମ୍ମିଶ୍ରଣ । ଏଥିରେ ଆଧ୍ୟାତ୍ମିକତାର ସ୍ୱର ଓ ସଂଳାପ ଯେପରି ଚିତ୍ରକରଙ୍କର ତୂଳୀର ଯାଦୁକରୀ ସ୍ପର୍ଶରେ ଜୀବନ୍ତ ରୂପ ଧାରଣ କରିଛନ୍ତି ।

ପ୍ରକାଶିତ ପୁସ୍ତକଟିରେ ସେହି ପ୍ରଚ୍ଛଦପଟ ଚିତ୍ରଗୁଡ଼ିକ ସହିତ ଜଡ଼ିତ ଅନେକ ଅନୁଭୂତି ଉପସ୍ଥାପନ କରିଛନ୍ତି ଚିତ୍ରଦେବ ଶ୍ରୀ ବଳଦେବ ମହାରଥୀ ।

**ପୃଷ୍ଠା: ୧୬୬ ମୂଲ୍ୟ: ୨୫୦ଟଙ୍କା**

**ପ୍ରକାଶକ: ମହାବୀର ପ୍ରକାଶନ, ପୁରୁଣାବସ୍ଷ୍ଟାଣ୍ଡ, ଭୁବନେଶ୍ୱର**

**ଫୋନ୍: ୯୪୩୭୫୭୪୬୪୯**



ଅନୁବାଦ ଗଳ୍ପ

# କଳା

ମୂଳହିନ୍ଦୀ: ମୁନ୍‌ସି ପ୍ରେମଚାନ୍ଦ     ଅନୁବାଦ: ସଦାନନ୍ଦ ପରିଡ଼ା



ମୋ' ପାଖରେ ପ୍ରାୟ ସବୁକଳା ମହଜୁଦ୍ ଥିଲା । ଗାଇବା, ବାଇବା, ନାଚିବା, ଯୋଗାସନ କରିବା, ଲେଖାଲେଖି କରିବା, ଭାଷଣ ଦେବା, ସଂଗଠନ କରିବା ଇତ୍ୟାଦି । କେବଳ ମଦ୍ୟପାନ କଳାଟା ମୁଁ ଜାଣିନଥିଲି । ମାତ୍ର ମୋ' ସାଙ୍ଗମାନେ ନିର୍ଦ୍ଧୁମ୍ ପିଉଥିଲେ । ଏଇ ଗତ ହୋଲି ଦିନର କଥା । ସେମାନେ ସମସ୍ତେ ମୋତେ ଡାକିନେଲେ, ରଙ୍ଗ ପିଚକାରି ଖେଳ ହେଲା । ମଦ୍ୟପାନ ପର୍ବ ଆରମ୍ଭ ହେଲା, ସେମାନେ ସମସ୍ତେ ପିଇଲେ । ଗୋଟାଏ ପେଗ୍ ପ୍ରସ୍ତୁତକରି ମୋତେ ଦେଲେ । ମୁଁ କହିଲି, 'ମୁଁ କେବେ ପିଇନି' ।



୧ମ ସାଙ୍ଗ: କାହିଁକି ପିଇନୁ? ଏଇଟା ତତେ ଯମରାଜା ପାଖରେ ଉତ୍ତର ଦେବାକୁ ପଡ଼ିବ ।

୨ୟ: ତୋ' ପାଖରେ କିଛି ଯଥାର୍ଥ ଉତ୍ତର ଅଛି ?

୩ୟ: ମଣିଷ ଜନ୍ମ ହେଲେ ହିଁ ପିଇବାକୁ ପଡ଼ିବ ।

୪ର୍ଥ: ଆମେ କ'ଣ ମା' ପେଟରୁ ଶିଖିଥିଲୁ ? ଆରେ ଏତେକଥା ପଚାରୁଚ କ'ଣ ? ତା' ହାତ ଦି'ଟା ମୋଡ଼ିକି ପଛକୁଧର । ଜଣେ ମୋ' ହାତ ଦି'ଟା ଧରି ମୋଡ଼ିଲା । ମୁଁ ନାହିଁ ନାହିଁ କରୁଥିଲି । ସେ ମୋ' ହାତ ମୋଡ଼ିବା ଫଳରେ ମୋତେ କଷ୍ଟ ଦେବାରୁ ମୁଁ ଆଁ କରିଦେଲି । ବାସ୍ ଜଣେ ମୋ' ପାଟିରେ ୨୦୦ ମି.ଲି.ର ଗୋଟାଏ ହ୍ୱିସ୍କି ବୋତଲ ପୂରେଇଦେଲା । ମୁଁ ପ୍ରାଣ ବିକଳରେ ପିଇଦେଲି । କାଳେ ବାନ୍ତି ହେଇଯିବ ସେଇ ଭୟରେ ସେମାନେ ମୋତେ କିଛି ଚାଖଣା ଖୁଆଇଦେଲେ । ମୁଁ ହେଉଡ଼ି ମାରି ପ୍ରକୃତିସ୍ଥ ହେଲି । ମୋ' ମୁଣ୍ଡ କେମିତି କେମିତି ହେଉଥିଲା । କିଛି ସମୟ ପରେ ମୋତେ ଚନ୍ଦ୍ର-ସୂର୍ଯ୍ୟ ଦି'ଟା ଯାକ ଏକାବେଳକେ ଦେଖାଦେଲେ । ଅର୍ଦ୍ଧଚେତନ ଅବସ୍ଥାରେ ମୁଁ ସ୍ୱପ୍ନ ଦେଖିଲି । ମୁଁ ଇନ୍ଦ୍ର ସିଂହାସନରେ ବସିଛି । ରମ୍ଭା-ମେନକାଦି ଅପ୍ସରୀମାନେ ମୋ' ଆଗରେ ନୃତ୍ୟ କରୁଛନ୍ତି । କିନ୍ନରମାନେ ମର୍ଦ୍ଦଳ ବାଦନ ଓ ଗନ୍ଧର୍ବମାନେ ଗାୟନ କରୁଛନ୍ତି । ମୋ' ବେକରେ ପାରିଜାତ ଫୁଲମାଳ ପଡ଼ିଥିଲା । ହୁଏତ ସେଦିନ ମୋତେ ଜୀବନର ସବୁଠୁ ବଡ଼ ଖୁସି ମିଳିଥିଲା । ଆମର ଭୋଜି ଅଛି କହି ଭୟରେ ସେଦିନ ମୁଁ ଆଉ ଘରକୁ ଗଲିନାହିଁ ।

ନୂଆ ନୂଆ ପିଇବା ଅଭ୍ୟାସ କରିବା ଲୋକର ସାଙ୍ଗ ନିହାତି ଦରକାର ପଡ଼େ । ଦିନସାରା କାର୍ଯ୍ୟବ୍ୟସ୍ତ ରହି ସଞ୍ଜବେଳକୁ ମଣିଷ ଥକିପଡ଼େ । ଆଗେ ଗୋଡ଼ ହାତ ଧୋଇ ମୁଁ ସନ୍ଧ୍ୟା ବନ୍ଦନା କରୁଥିଲି । କିନ୍ତୁ ଯେତେବେଳେ ପିଇବା ଚକ୍କର ଆସିଗଲା, ତ ଗୋଟାଏ ବୋତଲ ଖାଲି ନକଲେ ମଜା ଲାଗୁନଥିଲା । ସକାଳୁ ଉଠିବାକୁ ଇଚ୍ଛା ହେଉନଥିଲା । ଦେହମୁଣ୍ଡ ପୀଡ଼ା ଓ ଅଳସ ଅଳସ ଲାଗୁଥିଲା । ମୁଁ ଜାଣିଥିଲି, ନିଶାଖୋର ହେବାଟା ଖରାପ କଥା, ତଥାପି ମୁଁ ନିଶାର ବଶୀଭୂତ ହେଇସାରିଥିଲି । କେବେ କେବେ ଚାକରବାକରଙ୍କୁ ଗାଳିଦେବା, ପିଲାଙ୍କ ଉପରେ ଅଯଥା ଚିଡ଼ିଚିଡ଼ି ହେବା ମୋର ଅଭ୍ୟାସରେ ପରିଣତ ହୋଇଯାଇଥିଲା । ଯଦି କେବେ ଭାଷଣ ଆରମ୍ଭ କରୁଥିଲି, ସେଥିରେ ଆଉ କମା, ପୂର୍ଣ୍ଣଚ୍ଛେଦ ନଥିଲା । ଦିନେ ଏକ ବର୍ଷଣମୁଖର ରାତିରେ ମୁଁ ଅଫିସରେ ରହିଥିଲି । ପାଖରେ ଆମ ଏମ.ଡି. ସାହେବଙ୍କ କ୍ୱାର୍ଟର ଥିଲା । ସେଠାରୁ କିଛି ସୁନ୍ଦର ସଙ୍ଗୀତ ଶୁଣି ମୁଁ ସେ ପାଖକୁ ଗଲି । କାଚ ଝରକା ଫାଙ୍କରେ ମୋତେ କିଛି ସୁନ୍ଦର ଦୃଶ୍ୟ ଅବଲୋକନର ସୌଭାଗ୍ୟ ମିଳିଗଲା । ଦେଖିଲି, ଛୋଟ ପୋଷାକ ପିନ୍ଧା ସୁନ୍ଦରୀଟିଏ ଏକ ଦୁର୍ମୂଲ୍ୟ ଗ୍ଲାସରେ ମଦ୍ୟ ପରଶି ଦେଉଥିଲା । ସାହେବ ରାତ୍ରି ଭୋଜନ ସହ ବିଲାତି ମଦ୍ୟ ସେବନ କରୁଥିଲେ । ମୋ' ପାଟିରୁ ଲାଳ ଗଡ଼ିଲା । ହାୟ ! ମୋ'

ଭାଗ୍ୟରେ ଏମିତି ଗୋଟେ-ଦି'ଟା ପେଗ୍ ଜୁଟନ୍ତା କି ? କୌଣସିମତେ ମନର ଭାବ ଅବଦମିତ ରଖି ମୁଁ ଅଫିସ୍‌କି ଆସିଲି । ସିକ୍ୟୁରିଟି ଗାର୍ଡ ମୋ' ମନକଥା ଜାଣିପାରି ମୋତେ ଭଲମନ୍ଦ ପଚାରିଲା । ମୁଁ କହିଲି, ଆରେ ଭାଇ ! ମୋର ଅଭ୍ୟାସ ହେଇଯାଇଛି ଯେ, ଆଦୌ ନିଦ ହେଉନି । ତମର ତ ସାହେବଙ୍କ ଘରକୁ ଅବାଧ ପ୍ରବେଶ ଅଛି । ଏଇ ୫୦୦ ଟଙ୍କା ନିଅ, ମୋତେ ଗୋଟାଏ ଆଣିଦେବ । ସେ ଥା ଥା ମା ମା ହେଉଥିଲା । ମୁଁ ବାଧ୍ୟକରି ତା' ପକେଟରେ ଟଙ୍କା ଗୁଞ୍ଜିଦେଲି । ପାଖ ଦୋକାନରୁ ରୁଟି ଓ ଚିକେନ୍ କଷାଧରି ଆସିଲି । ସେଇ ଶୁଭ ମୁହୂର୍ତ୍ତକୁ ଅପେକ୍ଷାକଲି । କିଛି ସମୟ ପରେ ସେ ଗୋଟାଏ ବିଲାତି ମଦ ବୋତଲ ଆଣି ମୋତେ ଧରେଇଦେଲା । କହିଲା, 'ସାର୍, ମୋ' ଜୀବନକୁ ବାଜି ଲଗେଇ ଏଇଟା ଆଣିଚି । ବରଫ ଆଉ ସୋଡ଼ା ବି ।' ଶେଷରେ ଚିତ୍‌ପଟାଙ୍ଗ ହେଇ ଶୋଇଗଲି । ସକାଳେ କେତେବେଳ ହେବ କେଜାଣି ବାହାରେ ଗୋଟାଏ କର୍କଶ ଆବାଜ୍ ଶୁଣି ମୋ' ନିଦ ଭାଙ୍ଗିଗଲା । କୌଣସିମତେ ସାର୍ଟର ବଟନ୍ ଦେଇ ମୁଁ ବାହାରକୁ ଆସିଲି । ସାହେବ ସିକ୍ୟୁରିଟିକୁ ଜେରା କରୁଥିଲେ । ମୋ' ଛାତି ଧଡ଼ପଡ଼ ହେବାକୁ ଲାଗିଲା ।

ପ୍ରଶ୍ନ: ତୁ କହ, କେତେଟା ବୋତଲ ଥିଲା ?

ଉତ୍ତର: ମୁଁ ଗଣିନି ସାହେବ ।

ପ୍ରଶ୍ନ: ଦେଖ୍ ମୁଁ ତତେ ଭଲରେ କହୁଛି । ମୋ' ଡ୍ରଇଁରୁମ୍‌ର ସିକ୍ରେଟ୍ ଚାମ୍ବର୍ ଚାବି ତୋ' ଛଡ଼ା ଅନ୍ୟ କେହି ଦେଖିନାହାନ୍ତି । ମୁଁ ତତେ ପୋଲିସରେ ଦେବି । ତୁ କାହାକୁ ବିକିଚୁ କହ ? ନ ହେଲେ ତତେ ମାରୁମାରୁ ମାରିଦେବି । ଏତିକିବେଳେ ସାହେବଙ୍କ ନଜର ମୋ' ଉପରେ ପଡ଼ିଗଲା । ମୁଁ କୃଷ୍ଣ ଭଗବାନଙ୍କୁ ଡାକିଲି, 'ପ୍ରଭୁ, ମୋ' ଇଜ୍ଜତ ଆପଣଙ୍କ ହାତରେ । ମୁଁ ଶୁଣିଚି ତମେ କାଳେ ପତିତମାନଙ୍କୁ ଉଦ୍ଧାରକର । ସିକ୍ୟୁରିଟିର ମୁହଁଟା ବନ୍ଦ କରିଦିଅ ପ୍ରଭୁ । ହେ ଭଗବାନ ! ମୋତେ ରକ୍ଷାକର ।' ସିକ୍ୟୁରିଟି ଛନ୍ନ ଛନ୍ନ ହେଇ ମୋ' ରୁମ୍ ଆଡ଼େ ଚାହିଁଲା । ସାହେବ କହିଲେ, 'ଏ ! ସେଠିକି ଚାଲ । ମୋ ଦୁର୍ଭାଗ୍ୟକୁ କୌଣସି ଠାକୁର ମୋର ସାଥ୍ ଦେଲେନି । ତୋ ଚାକିରି ଖାଇଯିବି । ତତେ ସସ୍‌ପେଣ୍ଡ କରିବି ।' ସାହେବ କହି କହି ମୋ' ପାଖରେ ପହଞ୍ଚିଗଲେ । ମୁଁ ମୋ' ଅଲରା ବାଳ ସଜାଡ଼ିବାର ଅସଫଳ ପ୍ରୟନ୍ କଲି । ସାହେବ ରୁମ୍‌ର ବେଡ୍ ତଳକୁ ଚାହିଁଦେଲେ । ବୋତଲ ଆଉ ଗ୍ଲାସ୍ ଦି'ଟା ସେଇଠି ଅଳସ ଭାଙ୍ଗୁଥିଲେ । ସାହେବ ମୋତେ କଟମଟ କରି ଚାହିଁ ପଚାରିଲେ,

'ତମେ କାଲି ରାତିରେ ଏଇଠି ଥିଲ ?' ମୁଁ ମୁଣ୍ଡ ଟୁଙ୍ଗାରି ହଁ କଲି ।

'ସିକ୍ୟୁରିଟିଠୁ ମଦ ବୋତଲଟେ କିଣିଛ ? ମୁଁ ନିରବ ସମ୍ମତି ଦେଲି ।'

'ତମେ ଜାଣିଛ ଏଇଟା ଚୋରି / ଦି' ନମ୍ବରି କାମ !' ମୁଁ ମୁଣ୍ଡ ଟୁଙ୍ଗାରିଲି ।

'ତୁମକୁ ପୋଲିସରେ ଦେବି । ସସ୍‌ପେଣ୍ଡ ହେବ, ଠିକ୍ ହେବ ତ !' ମୁଁ ହାତଯୋଡ଼ି କ୍ଷମା ମାଗିଲି । ଏତିକିବେଳେ ଅଫିସର, ପିଅନ, ଖଲାସୀ ସବୁ ଆସିଗଲେ । ସାହେବ କହିଲେ, 'ୟାଙ୍କ ଦି'ହାତକୁ ଧର ।' ସେମାନେ ଧରିଲେ । ସାହେବ ସିକ୍ୟୁରିଟିକି ଷ୍ଟାମ୍ପକାଳି ଆଣିବାକୁ କହିଲେ । ସେ ସବୁ କାଳି ଆଣିଲା । ସାହେବ ତୂଳୀ ଧରି ମୋ' ମୁହଁରେ ସବୁଯାକ କାଳି ବୋଳିଦେଲେ । ମୁଁ ସେ ଦୁହିଁଙ୍କ ହାତ ଛଡ଼େଇ ରାସ୍ତାରେ ଦଉଡ଼ିଲି । ସାହେବ ଓ ଆଉ ଦି'ଜଣ ମୋ' ପଛେ ପଛେ ଦୌଡ଼ିଲେ । ହେଲେ ସବୁ ଫେଲ୍ ମାରିଲେ । ଗୋଟାଏ କିଲୋମିଟର ଦୌଡ଼ି ମୁଁ ନଦୀକୂଳରେ ପହଞ୍ଚିଲି । ସ୍କୁଟର ମିରର୍‌ରେ ମୋ' ମୁହଁ ଦେଖିଲି । ମାଙ୍କଡ଼ ମୁହଁଠାରୁ କୌଣସି ଗୁଣରେ କମ୍ ନଥିଲା । ମୁଁ ସରୁବାଲିରେ ମୋ' ମୁହଁ ରଗଡ଼ିଲି । ମୁହଁ ଛିଡ଼ିଗଲା ଓ ଯନ୍ତ୍ରଣା ହେଲା । ମୁଁ ଭାବିଲି, ଏବେ ଯଦି ମୋ' ପାଖକୁ କିଏ ଆସିବ, ତା'ହେଲେ ତାକୁ ପଥର ମାରିପକେଇବି । କିଛି ପରିମାଣରେ ଛାଡ଼ିଲା, ହେଲେ ଏ କଳଙ୍କିତ ମୁହଁ ନେଇ କାହାକୁ ଦେଖେଇବି । ଭଗବାନଙ୍କୁ ପ୍ରାର୍ଥନାକଲି ଯେ, ଅନ୍ତତଃ ଏ ଖବର ମୋ' ସ୍ତ୍ରୀ ପାଖରେ ନ ପହଞ୍ଚୁ । ସେଦିନଠୁ ମୋ' ମଦନିଶା ଏକାବେଳକେ ଛାଡ଼ିଗଲା । ଆଉ ମୁଁ ପ୍ରତିଜ୍ଞା କଲି ଯେ, ଛି, ଛି, ମଦ ପିଇବି ନାହିଁ ।

**ମୁଁ ନଦୀକୂଳରେ ପହଞ୍ଚିଲି । ସ୍କୁଟର ମିରର୍‌ରେ ମୋ' ମୁହଁ ଦେଖିଲି । ତାହା ମାଙ୍କଡ଼ ମୁହଁଠାରୁ କୌଣସି ଗୁଣରେ କମ୍ ନଥିଲା ।**

□□

ଅନୁବାଦକଙ୍କ ଇ-ମେଲ ଠିକଣା:
parida.sadananda55@gmail.com

**ସାକ୍ଷାତକାର**

# ବର୍ଷୀୟାନ୍ ପ୍ରାବନ୍ଧିକ ଆଦିକନ୍ଦ ସାହୁଙ୍କ ସହ ବାର୍ତ୍ତାଲାପ

**ସୁବିଦିତ ପ୍ରାବନ୍ଧିକ ଓ ସାହିତ୍ୟ ସମାଲୋଚକ ଆଦିକନ୍ଦ ସାହୁଙ୍କ ବୟସ ବର୍ତ୍ତମାନ ୮୦ ବର୍ଷ। ଅସ୍ତିତ୍ୱବାଦୀ ଚେତନା ଓ ସୌନ୍ଦର୍ଯ୍ୟତତ୍ତ୍ୱର ସେ ଜଣେ ମହାନ୍ ଭାଷ୍ୟକାର। ୧୯୭୨ ମସିହାର ଗଙ୍ଗାଧର ମେହେର କଲେଜରେ ଓଡ଼ିଆ ବିଭାଗର ଜଣେ ଅଧ୍ୟାପକ ଭାବରେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିବା ପରେ ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଯୋଗ ଦେଇଥିଲେ ଏବଂ ସେଠାରେ ଜଣେ ପ୍ରଫେସର ତଥା ବିଭାଗାଧକ୍ଷ ଭାବରେ ଥାଇ ୨୦୦୬ ମସିହାରେ ଅବସର ଗ୍ରହଣ କରିଥିଲେ। ତିରିଶରୁ ଅଧିକ ଗ୍ରନ୍ଥ ରଚନା କରିବା ସହିତ ବିଭିନ୍ନ ପତ୍ରପତ୍ରିକାରେ ଉଚ୍ଚକୋଟୀର ରଚନାମାନ ଲେଖି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ଭୁବନେଶ୍ୱରରେ ତା'ଙ୍କ ସହିତ ବାର୍ତ୍ତାଲାପ କରିଥିଲେ 'ସାହିତ୍ୟଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।**



**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କୁ ଭେଟିବାର ପ୍ରଥମ ସୁଯୋଗ ପାଇଥିଲୁ ଆଜିକୁ ପ୍ରାୟ ତିନିବର୍ଷ ତଳେ ବାରଙ୍ଗ ଉପକଣ୍ଠରେ ହେଉଥିବା ଏକ ବଣଭୋଜିରେ, ଯେଉଁଠି ଉପସ୍ଥିତ ଥିଲେ ତିରିଶି ଜଣ ପାଖାପାଖି ଓଡ଼ିଆ ସାହିତ୍ୟିକ। ସେଠାରେ ଆଳାପ କ୍ରମେ ଆପଣ ଓଡ଼ିଶା ସାହିତ୍ୟ ଏକାଡେମୀର ପୁରସ୍କାର ଚୟନ ପ୍ରକ୍ରିୟା ବିଷୟରେ କହିବା ବେଳେ ଏତେ ଭାବାବେଗଗ୍ରସ୍ତ ହୋଇଗଲେ ଯେ ଆପଣଙ୍କର ସମଗ୍ର ଶରୀର କମ୍ପିବାକୁ ଲାଗିଲା।

**ଆଦିକନ୍ଦ ସାହୁ:** ହଁ, ମୋର ମନେଅଛି ସେ କଥା।

**ସାହିତ୍ୟ ଚର୍ଚ୍ଚା:** ଆପଣ ସେତେବେଳେ ଭାରି କ୍ଷୁବ୍ଧ ଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଜାରି ହୋଇଥିବା ଗୋଟିଏ ବିଜ୍ଞପ୍ତି ପଢ଼ି, ଯେଉଁଥିରେ କୁହାଯାଇଥିଲା ଯେ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ହେବାପାଇଁ ଲେଖକମାନେ ନିଜେ ମଧ ଦରଖାସ୍ତ କରିପାରିବେ। ଆପଣ ଏହାକୁ ଲେଖକମାନଙ୍କର ସ୍ୱାଭିମାନ ଉପରେ ଏକ ଆଘାତ ବୋଲି ମତଦେଇ କହିଲେ, 'ମୁଁ ଚାହେ, ମୋତେ କେବେ ବି ଏକାଡେମୀ ପୁରସ୍କାର ନ ମିଳୁ। ମୁଁ ଏଭଳି ଗୋଟିଏ ପୁରସ୍କାର ପାଇଁ ଜୀବନରେ କେବେ ବି ଆବେଦନ କରିନାହିଁ, କି କରିବି ନାହିଁ ମଧ।' ଏହା ପ୍ରବଳ ଉତ୍ତେଜନାର ସହିତ କହିବାବେଳେ ଆପଣ ସେଠାରେ ହଠାତ୍ ଅଚେତ ହୋଇଗଲେ। ଅବସ୍ଥା ଏପରି ହେଲା ଯେ ଆପଣଙ୍କୁ ଏକ ଗାଡ଼ିରେ ନେଇ ତୁରନ୍ତ ଏକ ହାସପାତାଳରେ ଭର୍ତ୍ତି କରିବାକୁ ପଡ଼ିଲା।

**ଆଦିକନ୍ଦ ସାହୁ:** ମୋତେ ଆଜି ଆସି ଅଶି ବର୍ଷ ହେଲାଣି; ଜୀବନସାରା ମୁଁ ସ୍ୱାଭିମାନର ସହିତ ବଞ୍ଚିଛି।

**ସାହିତ୍ୟ ଚର୍ଚ୍ଚା:** ଏଥିରୁ ସ୍ପଷ୍ଟ ଯେ ଆପଣ ଜୀବନରେ

କେବେ ବି କୌଣସି ଆଖିଦୃଶିଆ ପୁରସ୍କାର ପାଇନଥିବେ।

**ଆଦିକନ୍ଦ ସାହୁ:** ସେଇଟା ମୋର ଗୌରବ ହେବ। ନ ପାଇବାଟା ହେଉଛି ମୋର ସଫଳତା। ରାଜଦ୍ୱାରରେ ଯାଇ ଭିକାରିଙ୍କ ଭଳି ଜଣେ ହାତ ପାତିବ ଏହା କହି ଯେ 'ଆଜ୍ଞା, ମୋ'ର ଦରଖାସ୍ତଟି ରଖିବା ହେଉ; ମୋତେ ପୁରସ୍କାର ଟିକିଏ ମିଳୁ' ଏହା ଲେଖକମାନଙ୍କୁ ଶୋଭାପାଏନା।

**ସାହିତ୍ୟ ଚର୍ଚ୍ଚା:** ଆପଣ ତ ଉଭୟ କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡେମୀର କାର୍ଯ୍ୟକାରୀ ପରିଷଦର ସଦସ୍ୟ ଥିଲେ ବହୁ ବର୍ଷ କାଳ। ଏପରିକି ଉଭୟ ଏକାଡେମୀର ପୁରସ୍କାର କମିଟିରେ ଜଣେ ବିଚାରକ ଭାବରେ ମଧ୍ୟ ଦାୟିତ୍ୱ ନିର୍ବାହ କରିଛନ୍ତି କିଛି ବର୍ଷ। ବହୁ ଲେଖକଙ୍କୁ ସାହିତ୍ୟ ଏକାଡେମୀରୁ ପୁରସ୍କାର ମିଳିବାରେ ମୁଖ୍ୟ ଭୂମିକା ତୁଲାଇଛନ୍ତି, ତଥାପି ଆପଣ 'କିଙ୍ଗ୍-ମେକର' ହୋଇ ରହିଗଲେ ସିନା ଜଣେ 'କିଙ୍ଗ୍' ହୋଇପାରିଲେନି !

**ଲେଖକର ଜୀବନ ଗୋଟିଏ ପ୍ରକାର, ଲେଖା ଆଉ ଗୋଟିଏ ପ୍ରକାର - ଏହି ଯେଉଁ ପାରାଡକ୍ସ, ଏହା ଆଦୌ ସ୍ପୃହଣୀୟ ନୁହେଁ।**

**ଆଦିକନ୍ଦ ସାହୁ:** କଥାଟା ସେହିଭଳି ସତ। ସେତେବେଳର ଅନେକ ବିଶିଷ୍ଟ ଲେଖକ ପୁରସ୍କାର ପାଇଛନ୍ତି ମୋ' ସୁପାରିସରେ।

**ସାହିତ୍ୟ ଚର୍ଚ୍ଚା:** ଚଳିତ ବର୍ଷ ଆପଣଙ୍କର ଗୋଟିଏ ସ୍ମୃତିଚାରଣ ପୁସ୍ତକ ବାହାରିଛି, ଯାହାର ନାମ ହେଲା, 'ଭାବର ଆବେଶେ - ମୋ ସ୍ମୃତିର ଅଥଳ ପାରାବାର'। ସେଥିରେ ନିଜ ଜୀବନର ବହୁ କଥା ଆପଣ ଖୋଲାଖୋଲି ସ୍ୱୀକାରୋକ୍ତି ଭାବରେ ପ୍ରକାଶ କରିଛନ୍ତି। ସେ ବହିର ଗୋଟିଏ ଅଧ୍ୟାୟରେ ଆପଣ କହିଛନ୍ତି, 'ଥରେ ସାହିତ୍ୟ ଏକାଡେମୀର ସଭାପତିଙ୍କ ସହିତ ମୋ'ର ଦେଖାହୋଇଥିଲା। ସେ ଅତି ସ୍ପଷ୍ଟ ଭାବରେ କହିଲେ, ଏକାଡେମୀର ପିଅନ ଓ କିରାଣୀଙ୍କୁ ଧରି କେତେଜଣ ପୁରସ୍କାର ଯୋଗାଡ଼ କରିନେଉଛନ୍ତି।' ଏହା କ'ଣ ସତ କଥା ?

**ଆଦିକନ୍ଦ ସାହୁ:** ହଁ, ଓଡ଼ିଶା ସାହିତ୍ୟ ଏକାଡେମୀର ତତ୍କାଳୀନ ସଭାପତି ସ୍ୱର୍ଗତ ହରିହର ମିଶ୍ର ମୋତେ କହିଥିଲେ ଏ କଥା। ଥରେ ନୁହେଁ, ଦୁଇଥର।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କଠାରୁ ଏସବୁ ଶୁଣି ଆମର ମନେହୁଏ, ଗତ ଆଠବର୍ଷ ହେଲା ଓଡ଼ିଶା ସାହିତ୍ୟ ଏକାଡେମୀ ଯେ କୌଣସି ପୁରସ୍କାର ଦେଉନାହିଁ, ତାହା ଗୋଟିଏ ଦୃଷ୍ଟିରୁ ଭଲ। ବୋଧହୁଏ ଆମ ଏକାଡେମୀ ଭାବୁଛି ଯେ ମୂଳୁଁ ମାଇଲେ ଯିବ ସରି। ନା ପୁରସ୍କାର ରହିବ, ନା ସାହିତ୍ୟଜଗତରେ ଏ ପ୍ରକାର ଅବକ୍ଷୟ ଘଟିବ।

**ଆଦିକନ୍ଦ ସାହୁ:** ପୁରସ୍କାର ନ ଦେବା ତ ଗୋଟିଏ ଭିନ୍ନ କଥା। କିନ୍ତୁ ଏହାକୁ ନେଇ ହଟଚମଟ ସ୍ପୃହଣୀୟ ନୁହେଁ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ବୟସ ତ ବର୍ତ୍ତମାନ ଅଶି ବର୍ଷ। ଆମେ ଯାହା ଜାଣୁ, ଆପଣ ଲେଖାଲେଖି ଆରମ୍ଭ କରିଛନ୍ତି ସପ୍ତମ ଶ୍ରେଣୀରେ ପଢ଼ିବା ବେଳୁ। ଆପଣଙ୍କ ଏବର ମୁଖ୍ୟ ପରିଚୟ ତ ଜଣେ ପ୍ରାବନ୍ଧିକ ଓ ସମାଲୋଚକ ଭାବରେ। ଆମେ ଯେଉଁ କେତେଜଣ ଲେଖକଙ୍କର ସାକ୍ଷାତକାର ନେଇଛୁ, ପ୍ରାୟ ସମସ୍ତେ କହିଛନ୍ତି ଯେ ସେମାନଙ୍କ ଜୀବନର ପ୍ରଥମ ଲେଖାଟି ଥିଲା ଗୋଟିଏ କବିତା। କିନ୍ତୁ ଏହାର ବିପରୀତ ସେଇ କଅଁଳ ବୟସରେ ଆପଣଙ୍କର ପ୍ରଥମ ଲେଖାଟି ଥିଲା ଗୋଟିଏ ପ୍ରବନ୍ଧ। ଏହା କ'ଣ ତୁଳସୀ ଦୁଇ ପତ୍ରରୁ ବାସିବାର ଗୋଟିଏ ଲକ୍ଷଣ ଥିଲା ?

**ଆଦିକନ୍ଦ ସାହୁ:** ମୁଁ ପ୍ରଥମେ ପ୍ରବନ୍ଧ ହିଁ ଲେଖିଥିଲି, ଯାହାର ଶୀର୍ଷକ ଥିଲା, 'ମୋ ପ୍ରିୟ ବାପୁଜୀ'। ଏହା ପରେ ସେଇ ବୟସରେ ମଧ୍ୟ ଲେଖିଥିଲି ଗଣକବି ବାଞ୍ଛାନିଧି ମହାନ୍ତିଙ୍କ ବିଷୟରେ, ଯିଏ କହିଥିଲେ, 'କହ କେଉଁ ଜାତି ପାଇଛି ମୁକତି, କରି ହୁରି ହାରି ଗୁହାରି।'

**ସାହିତ୍ୟ ଚର୍ଚ୍ଚା:** ଆମେ ବେଶ୍ ଚକିତ ହୋଇଛୁ ଆପଣଙ୍କର ସଦ୍ୟ ପ୍ରକାଶିତ ସ୍ମୃତିଚାରଣଟି ପଢ଼ି, ଯେଉଁ ବହିଟିର କଥା ଆମେ ଟିକିଏ ଆଗରୁ କହିଥିଲୁ। ଏତେ ସାହସର ସହିତ ଆପଣ ଏଥିରେ ନିଜ ଜୀବନର ଅନେକ ସତ କଥା ଲେଖିଛନ୍ତି ଯେ ଆମର ମନେ ପଡ଼ିଗଲା, କିଛିଦିନ ତଳେ ଆପଣ ଆମକୁ କଥା ପ୍ରସଙ୍ଗରେ କହିଥିଲେ, "ଲେଖକ ସାମଗ୍ରିକ ସତ୍ତାଟିଏ ହେବା ଉଚିତ; ଯେଉଁ ଆଦର୍ଶ ଓ ଭାବନା ସେ ନିଜର ରଚନାରେ ପ୍ରକାଶ କରେ, ତା'ର ବାସ୍ତବ ଜୀବନରେ ମଧ୍ୟ ତାହା ପ୍ରତିଫଳିତ ହେବା ଦରକାର।"

**ଆଦିକନ୍ଦ ସାହୁ:** ନିହାତି ସତ। ଲେଖକର ଜୀବନ ଗୋଟିଏ ପ୍ରକାର, ଲେଖା ଆଉ ଗୋଟିଏ ପ୍ରକାର - ଏହି ଯେଉଁ ପାରାଡକ୍ସ, ଏହା ଆଦୌ ସ୍ପୃହଣୀୟ ନୁହେଁ। ସେଭଳି

ଲେଖକ କେବେହେଲେ ଶକ୍ତିଶାଳୀ ଲେଖା ଲେଖିପାରିବ ନାହିଁ। ଟଲଷ୍ଟୟ, କାମ୍ୟୁ, କାଫକା, ସାର୍ତ, ସେକ୍ସପିଅର, ମିଲଟନ୍, ଏପରିକି ଆମର ବାଲ୍ମିକୀ ଓ ବ୍ୟାସ ଏମାନଙ୍କ ଜୀବନକୁ ଲକ୍ଷ୍ୟ କଲେ ଆମେ ଏ କଥା ଜାଣିପାରିବା।

**ସାହିତ୍ୟ ଚର୍ଚ୍ଚା:** ଆପଣ ତ ଏହି ନୀତିର କଥା କେବଳ କହୁନାହାନ୍ତି, ଆପଣଙ୍କ 'ଭାବର ଆବେଶ' ବହିଟି ପଢ଼ିଲେ ମନେହୁଏ ଯେ ଆପଣ ଏହି ନୀତି ଅନୁସାରେ ନିଜର ଜୀବନ ଜିଇଛନ୍ତି ମଧ୍ୟ। ଆପଣ ନିଜ ଜୀବନର ବହୁ ସ୍ୱୀକାରୋକ୍ତି ବିନା ସଙ୍କୋଚରେ ଏଥିରେ ଭରିଦେଇଛନ୍ତି।

**ଆଦିକନ୍ଦ ସାହୁ:** ପୂରାପୂରି। ମା' ଗୁହାଳ କାଢ଼ିଥିବ, ହାତର ଯେଉଁ ଅଂଶରେ ଗୋବର ଲାଗିନଥିବ ସେତକ ସାହାଯ୍ୟରେ ସେ ଆମପାଇଁ ପଖାଳ ବାଢ଼ିଦିଏ। ମୁଁ କେଉଁ ଦୂରସ୍ଥ ଚମ୍ପାବନର କଥା ଲେଖିନାହିଁ; ଲେଖିଛି ମା'ଦେହର ସେଇ ଝାଳଗନ୍ଧ କଥା।




**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଲେଖକୀୟ ତଥା ବ୍ୟକ୍ତିଗତ ଜୀବନକୁ ନେଇ ବିଭିନ୍ନ କଥା ଚର୍ଚ୍ଚିତ ହୁଏ, ବିଶେଷତଃ ଆପଣଙ୍କର ରୋମାଣ୍ଟିକ ଜୀବନ ବିଷୟରେ। ସେହି କଥାଗୁଡ଼ିକ ମଧ୍ୟ ଆପଣ ଏ ବହି ଭିତରେ ଖୁନ୍ଦିଦେଇଛନ୍ତି।

**ଆଦିକନ୍ଦ ସାହୁ:** ନିଶ୍ଚୟ। ପ୍ରତ୍ୟେକ ମଣିଷର, ସଂକ୍ଷିପ୍ତ ହେଉ ବା ବିସ୍ତୀର୍ଣ୍ଣ, ଗୋଟିଏ ପ୍ରେମଜୀବନ ଥାଏ। ପ୍ରେମକୁ ଛାଡ଼ି ଜୀବନ ନାହିଁ ବୋଲି ମୁଁ ବିଶ୍ୱାସ କରେ।

**ସାହିତ୍ୟ ଚର୍ଚ୍ଚା:** ଆପଣ ଏଥିରେ ଯାହା ଲେଖିଛନ୍ତି, ସେଭଳି ସାହସ ବହୁ ଲେଖକଙ୍କ ପାଖରେ ନ ଥାଏ। ଉଦାହରଣ ସ୍ୱରୂପ, ଆପଣ ଆପଣଙ୍କ ସହଧର୍ମିଣୀ ଚନ୍ଦ୍ରାଙ୍କ ସହିତ କିଶୋର ବୟସରେ ଚାଲିଥିବା ବିବାହ-ପୂର୍ବ ପ୍ରେମର କଥା ନିଖୁଣ ଭାବରେ ଲେଖିଛନ୍ତି। ଠାଏ ମଧ୍ୟ କହିଛନ୍ତି, "ମୋ' ଭଳି ରୋମାଣ୍ଟିକ ମଣିଷ ପାଖରେ ଚନ୍ଦ୍ରା ମୋତେ ଜଣେ ଅଣରୋମାଣ୍ଟିକ ଜୀବନସାଥୀ ଭଳି ଲାଗୁଥିଲା।" ମ୍ୟାଡାମ୍ ଏହାକୁ ପଢ଼ିଛନ୍ତି କି ?

**ଆଦିକନ୍ଦ ସାହୁ:** (ହସି)। ମ୍ୟାଡାମ୍ ପଢ଼ିଛନ୍ତି; କଳିକଜିଆ ହୋଇଛି। ମତପାର୍ଥକ୍ୟ ଓ ବୁଝାମଣା - ଏମିତି ଭାବରେ ଆମ ଜୀବନଟା ଗଢ଼ିଆସିଛି।

**ସାହିତ୍ୟ ଚର୍ଚ୍ଚା:** ଆପଣ ନିଜର ବାଲ୍ୟ ଜୀବନଠାରୁ ନେଇ ଆଜିର ପରିଣତ ବୟସ ପର୍ଯ୍ୟନ୍ତ ନିଜ ଜୀବନର କିଛି କିଛି ପ୍ରେମ ପ୍ରକରଣ ଏଥିରେ ବର୍ଣ୍ଣନା କରିଛନ୍ତି। ଏହା ଆପଣଙ୍କ ସାହିତ୍ୟର ଗୋଟାଏ ଅଂଶ ଭାବରେ ସାର୍ବଜନୀନ ହୋଇସାରିଛି। ଏଣୁ ଏ ବିଷୟରେ ବୋଧହୁଏ କଥା ହୋଇପାରିବା।

**ଆଦିକନ୍ଦ ସାହୁ:** ନିଶ୍ଚୟ, କାହିଁକି କଥା ହୋଇପାରିବା ନାହିଁ ସେ ବିଷୟରେ ?

**ସାହିତ୍ୟ ଚର୍ଚ୍ଚା:** ଆପଣ ଲେଖିଛନ୍ତି ଯେ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ଆପଣ ନିଜର ଜଣେ ସହପାଠିନୀକୁ ଥରେ ଗୋଟିଏ ପ୍ରେମପତ୍ର ଦେଇଥିଲେ। ସେଇଟି ପାଇବା ପରେ ସେ ଆପଣଙ୍କୁ ଧମକ ଦେଇଥିଲା ଯେ ସେହି ଚିଠି ସେ ନିଜର ବାପାଙ୍କୁ ଦେଖାଇଦେବ। କିନ୍ତୁ ଆପଣ କବିସୁଲଭ ସମ୍ବେଦନଶୀଳତା ହେତୁ ଭୁଲିନାହାନ୍ତି ଯେ ଏହି କଥା କହିଲାବେଳେ ଶେଷକୁ ସେ ଅଳ୍ପ ହସିଦେଇଥିଲା ।

**ଆଦିକନ୍ଦ ସାହୁ:** ନାରୀର କହିବା ଅପେକ୍ଷା, ତା'ର ବଡି-ଲାଙ୍ଗୁଏଜ୍‌ଟା ବେଶି ଏକ୍ସପ୍ରେସିଭ୍ ଆଉ ରିଲିଭେଣ୍ଟ। ଯିଏ ବଡି-ଲାଙ୍ଗୁଏଜ୍‌କୁ ବୁଝିପାରିବନି, ସେ ନାରୀକୁ ବୁଝିପାରିବନି। ସେମାନଙ୍କର ଅନେକ ନା'ର ଅର୍ଥ ହେଉଛି ହଁ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ସାହିତ୍ୟ ସାଧନାର ମୁଖ୍ୟ ଦିଗ ହେଉଛି ସମାଲୋଚନା ସାହିତ୍ୟ। ଆପଣ ଏହି ବିଭାଗର ଛଅଗୋଟି ବିଷୟକୁ ନେଇ ସଂପୂର୍ଣ୍ଣ ସିରିଜ୍‌ର ବହି ଲେଖିଛନ୍ତି।

**ଆଦିକନ୍ଦ ସାହୁ:** ଆପଣ ଛଅଗୋଟି 'ଗୌରବ' ବହିର କଥା କହୁଛନ୍ତି !

**ସାହିତ୍ୟ ଚର୍ଚ୍ଚା:** ହଁ, ଶିରୋନାମାରେ ଗୌରବ ଶବ୍ଦଟି ଧାରଣ କରିଥିବା ଆପଣଙ୍କ ସେହି ଛଅଗୋଟି ବହିର କଥା କହୁଛୁ, ଯଥା: ଗଦ୍ୟ ଗୌରବ, ପଦ୍ୟ ଗୌରବ, କଳା ଗୌରବ, ସୃଜନ ଗୌରବ, ଭାବ ଗୌରବ ଓ ରଚନା ଗୌରବ। ଏଗୁଡ଼ିକ

ଲେଖିବା ପାଇଁ ଆପଣ କାହିଁକି ଚିନ୍ତାକଲେ ?

**ଆଦିକନ୍ଦ ସାହୁ:** 'ଅର୍ଥ ଗୌରବମ୍' - ସଂସ୍କୃତର ଏହି ଧାଡ଼ିଟି ଦ୍ୱାରା ମୁଁ ପ୍ରଭାବିତ ହୋଇଥିଲି। ଏହି ଡିକ୍ସନ୍‌ଟାକୁ ମୁଁ ବୁଝିବାକୁ ଚେଷ୍ଟା କଲି। ଏହା ବୁଝାଏ, 'ଟୁ ଟ୍ରେସ୍ ଆଉଟ୍ ଦି ରିଅଲ୍ ଏକ୍ସଲେନ୍ସ୍ ହ୍ୱେଆର୍ ଇଟ୍ ଲାଇଜ୍।' ସାହିତ୍ୟର ବିଭିନ୍ନ ଉପାଦାନ ଅଛି; ସେଇଟାକୁ ଚିହ୍ନଟ କରିବା ଥିଲା ମୋର ଉଦ୍ଦେଶ୍ୟ। ଏହି ଶବ୍ଦର ପରିଭାଷାକୁ ମୁଁ ଚମତ୍କାରିତା ବା ଗୌରବ ଅର୍ଥରେ ବୁଝିଲି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ପ୍ରବନ୍ଧ-ସାହିତ୍ୟର ରାଜଭାଗ ବ୍ୟୟିତ ହୋଇଛି ଏକ୍ଜିଷ୍ଟେନ୍‌ସିଆଲିଜମ୍ ବା ଅସ୍ତିତ୍ୱବାଦ ଓ ସୌନ୍ଦର୍ଯ୍ୟତତ୍ତ୍ୱର ଅଧ୍ୟୟନରେ। ଆପଣ ସାରସ୍ୱତ ସାଧନାର ଏହି ଦିଗଟିକୁ କାହିଁକି ପାଥେୟ କରିନେଲେ ?

**ଆଦିକନ୍ଦ ସାହୁ:** ମୁଁ ଭାବେ ଯେ ଗଦ୍ୟ ଓ ପଦ୍ୟ ନିର୍ବିଶେଷରେ ଯେତେ ସାହିତ୍ୟ ଆଜି ପର୍ଯ୍ୟନ୍ତ ସୃଷ୍ଟି ହୋଇଛି, ଆଧୁନିକ ଓ ପ୍ରାଚୀନ ନିର୍ବିଶେଷରେ ମଧ୍ୟ, ସବୁଗୁଡ଼ିକ ପ୍ରକୃତରେ ଗୋଟିଏ ସୌନ୍ଦର୍ଯ୍ୟତାତ୍ତ୍ୱିକ ଚମତ୍କାରିତା ଖୋଜି ଚାଲିଛି।

**ସାହିତ୍ୟ ଚର୍ଚ୍ଚା:** ଆପଣ 'ସାହିତ୍ୟରେ ଅସ୍ତିତ୍ୱବାଦ, ସୌନ୍ଦର୍ଯ୍ୟ ଓ ସୃଜନଦର୍ଶନ' ନାମରେ ଏକ ଉପଯୋଗୀ ଗ୍ରନ୍ଥ ଲେଖିଛନ୍ତି, ଯାହା ଓଡ଼ିଆ ସମାଲୋଚନା ସାହିତ୍ୟର ଏକ ବଡ଼ ଅଭାବ ପୂରଣ କରିଛି।

**ଆଦିକନ୍ଦ ସାହୁ:** ଏସ୍ଥେଟିକ୍ସ୍ ହେଉଛି ଯେ କୌଣସି ସାହିତ୍ୟକୃତିର ନିର୍ଯ୍ୟାସ। ଏହାକୁ ଆମେ ଅଣଦେଖା କରିପାରିବା ନାହିଁ।

**ଏସ୍ଥେଟିକ୍ସ୍ ହେଉଛି ଯେ କୌଣସି ସାହିତ୍ୟକୃତିର ନିର୍ଯ୍ୟାସ। ଏହାକୁ ଆମେ ଅଣଦେଖା କରିପାରିବା ନାହିଁ।**

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ରଚନାମାନ ସୋରେନ୍ କିରକେଗାର୍ଡଙ୍କ ଦର୍ଶନ ଦ୍ୱାରା ବହୁଳ ଭାବରେ ପ୍ରଭାବିତ। ସିଏ ସତ୍ୟର 'ସବଜେକ୍‌ଟିଭିଟି' କଥା ଯାହା କହିଛନ୍ତି ସେଥିରେ ବୋଧହୁଏ ଆପଣ ଏକମତ !

**ଆଦିକନ୍ଦ ସାହୁ:** ହଁ, ସତ୍ୟ ହେଉଛି ସଦା ଆତ୍ମନିଷ୍ଠ; ଅର୍ଥାତ୍ ଏହା ପ୍ରତ୍ୟେକଟି ମଣିଷ ପାଇଁ ଭିନ୍ନଭିନ୍ନ। ମୁଁ ଉପଲବ୍ଧି କରିଛି ଯେ ସତ୍ୟଟା ସାର୍ବଜନୀନ ନୁହେଁ, ବରଂ ପର୍ସନାଲ୍।

**ସାହିତ୍ୟ ଚର୍ଚ୍ଚା:** ଆପଣ ତ ଓଡ଼ିଆ ସମାଲୋଚନା ସାହିତ୍ୟକୁ ସମୃଦ୍ଧ କରିଛନ୍ତି, କିନ୍ତୁ ତା'ବୋଲି କବିତା ଓ ଗଳ୍ପ ବିଭାଗକୁ ଯେ ଅଛୁଆଁକରି ରଖିଛନ୍ତି, ସେ କଥା ନୁହେଁ।

**ଆଦିକନ୍ଦ ସାହୁ:** ମୁଁ କବିତା ଲେଖିଛି। ମୋ'ର ତିନୋଟି ଗଳ୍ପ ସଂକଳନ ମଧ୍ୟ ଅଛି।

**ସାହିତ୍ୟ ଚର୍ଚ୍ଚା:** 'କ୍ଷେତ ପାରିବାର ବେଳ' ହେଉଛି ଆପଣଙ୍କର ଏକ ବହୁଚର୍ଚ୍ଚିତ ଗଳ୍ପ ସଂକଳନ। ଆପଣ ଜଣେ ପ୍ରାବନ୍ଧିକ ହୋଇଥିବା ସତ୍ତ୍ୱେ ଜଣେ କବିଭାବର ମଣିଷ। ଜଣେ କବି ଯେତେବେଳେ ଗପ ଲେଖେ, ତା'ର ବାସ୍ତବ ଜୀବନର କିଛି ପ୍ରତିଫଳନ ମଧ୍ୟ ସେଥିରେ ଘଟିଥାଏ କି ?

**ଆଦିକନ୍ଦ ସାହୁ:** ନିଶ୍ଚୟ ଘଟିଥାଏ।

**ସାହିତ୍ୟ ଚର୍ଚ୍ଚା:** 'ଭାବର ଆବେଶ' ବହିରେ ଆପଣ ନିଜ ବ୍ୟକ୍ତିଗତ ଜୀବନର ଅନେକ କଥା ଲେଖିଛନ୍ତି। ସେଥିରେ ଆପଣଙ୍କ ଗଳ୍ପର କେଉଁ ଚରିତ୍ର ଆପଣଙ୍କ ବାସ୍ତବ ଜୀବନର କେଉଁ ମଣିଷଙ୍କ ଉପରେ ଆଧାରିତ ସେମାନଙ୍କର ନାମ ମଧ୍ୟ ଲେଖିଛନ୍ତି। କିନ୍ତୁ ଆମେ ପତ୍ରିକାର ନୀତି ଦୃଷ୍ଟିରୁ ଏଠାରେ ସେମିତି କିଛି ନାମ ନ ନେଇ ପଚାରିବୁ, ଆପଣ ଦୂର ଅତୀତରେ ଜଣେ ପାରିବାରିକ ଦୂର ସମ୍ପର୍କୀୟାଙ୍କ ପ୍ରତି ଆକର୍ଷିତ ହୋଇପଡ଼ିଥିଲେ। ଆପଣ ଲେଖିଛନ୍ତି, 'ପୂଜା ଛୁଟିରେ ଘରକୁ ଆସିଥିବା ବେଳେ ତା' ସହିତ ବର୍ଷାରେ ଭିଜି କାଦୁଅ ରାସ୍ତାରେ ଗୋଟିଏ ଛତା ତଳେ ରୋମାଞ୍ଚିତ ହେଉଥିଲି।'

**ଆଦିକନ୍ଦ ସାହୁ:** ସେଥିପାଇଁ ମୁଁ କହେ, ସୁନାରେ ଖାଦ ନ ମିଶିଲେ ଗହଣା ହୋଇପାରିବ ନାହିଁ। ତେଣୁ ମୋ' ଗପରେ ବାସ୍ତବତା ମଧ୍ୟ ବହୁ ଭାବରେ ମିଶିଛି।

**ସାହିତ୍ୟ ଚର୍ଚ୍ଚା:** ସେହି ବହିରେ ଆପଣ ନିଜ ସ୍ନାତକୋତ୍ତର ଛାତ୍ର ଜୀବନର ଜଣେ ସହପାଠିନୀଙ୍କ ସହିତ ଥିବା ସଂପର୍କର କଥା ଲେଖିଛନ୍ତି, ତଥା ଉତ୍ତର-ଜୀବନର ଆଉ ଜଣେ ପ୍ରେୟସୀଙ୍କ ନାମ ମଧ୍ୟ ନେଇଛନ୍ତି। କେବେ ଭାବିନାହାନ୍ତି କି, ଏହା ଆପଣଙ୍କୁ ଓ ଅନ୍ୟମାନଙ୍କୁ ଅସୁବିଧାରେ ପକାଇପାରେ ?

**ଆଦିକନ୍ଦ ସାହୁ:** ହୋଇପାରେ। କିନ୍ତୁ ମୁଁ ଯଦି ଲେଖିଛି, ଏଥିରେ ସେମାନଙ୍କର ସହମତି ଅଛି। ନଥିଲେ ଏକଥା ଲେଖିହେବ ନାହିଁ। ଲେଖିବା ମଧ୍ୟ ଅନ୍ୟାୟ।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ମୁକ୍ତ ଆଲୋଚନାଟି ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ ଜଣାଉଛୁ।



ଧାରାବାହିକ ବ୍ୟଙ୍ଗ

# ବ୍ରାଞ୍ଚ ବାଆଜି

ଅଜୟ କୁମାର ମିଶ୍ର

ଅଖାଡୁଆ ପ୍ରକାର ଘଟଣା, ଅଥାନ ବଥ, ଅଥାନ ଘାଆ । ଦେଖି ତ ହବନି, ଦେଖାଇହବ କେମନ୍ତେ ! ଦେଖିବାକୁ ଆଖିର ବଳ ପାଇବନି । ଖାଲି ଛଟରପଟର । ଏ ନିଉଛୁଣା ବଥ କି ଘାଆକୁ କ'ଣ ଥାନ ଅଭାବ ଯେ, ଅଜାଗାରେ ଉଠୁଥିବ । ସତରେ ଅଥାନ ତ ଗୋଟାଏ ଥାନ ନା । ସଂସାର ଭିତରେ କେତେ ସାଧୁଆ ଲୋକ ଥାନଛଡ଼ା ହେଇ ଅଥାନକୁ ଆବୋରନ୍ତି । ଥାନଟା ସମାଜ ଭିତରେ, ଅଥାନଟା ସମାଜ ଚଳ-ପ୍ରଚଳଠାରୁ ଢେର୍ ଦୂରରେ, ଏଣୁ ଏଠି ଉହାଡ଼ ମିଳେ, ଆଖି ପଡ଼ିବା ଥାନରୁ ଏମନ୍ତ ଥାନଗୁଡ଼ା ପୂରା ଅଲଗା । ରାଇଜ ଭିତରେ କ'ଣ କିଛି ସାଧିହୁଏ ? ରାଜାଘର ଛୁଆ ଗଉତମ ତ ପୁଣି ରାଜଉଆସ ଭୋଗଭାଗ୍ୟ ଛାଡ଼ି ନଈକୂଳିଆ ଛାଇତଳିଆ ଥାନରେ କ'ଣ କେତେ ଜପତପ କରି ବାଆଜି ହେଇଗଲେ ନା ନାହିଁ ?




## ନିରାପଦ ଜେଗା

ଖାଲି ବୁଦ୍ଧ ବାଆଜି ନୁହେଁ, ଏମିତି ବହୁ ବାଆଜି ନିରୋଳା ଥାନକୁ ଆଗେ ବାଛନ୍ତି, ତପ, ଜପ, ବାଞ୍ଛ ପାଇଁ ଏ ଅଥାନ ଜେଗାଗୁଡ଼ାକ ବହୁ ନିରାପଦ । ଆମ ସହର ବଜାର ଜେଗା ତ ସବୁବେଳେ ହାଉହାଉ, ଘୋଓ ଘାଆ - ସବୁଠି ରୋଳା । ଗାଡ଼ିମଟର ଘାଏଁ ଘାଏଁ, ଗାଡ଼ି ବିଗୁଲ୍‌ଗୁଡ଼ାକ ପେଏଁଏଁ, ପେଏଁଏଁ, ରଖୁଆଳ ପୁଲିସିର ତୁଣ୍ଡବଇଁଶୀଟା ସୁଉରୁ ସୁଉରୁ ସୁରୁରୁ, ଡିଜେ ମାହାପ୍ରୁଙ୍କର ଘୋଓଓ, ଘାଇଁଘାଇଁ, ଯାତରା ବୋବାଳିଆଙ୍କର କାନଫଟା - ଇରେ ଆଇଲାଲୋ, ଧଇଲା ଲୋଓ, ମାଇଲା ଲୋଓ, ଖାଇଲା ଲୋଓ - ଖାଲି ଘାଇଲା ଘାଇଲା ବାଘ ଲୋଓ - ଆସନ୍ତୁ ଟିକେଟ୍ ସଇଲା ଲୋଓ - ଏମିତି ଶବଦ ଭିତରେ ତପୁଆ ତପ କରୁକରୁ ତମ୍ପ ଭଳିଆ ଫଁ ଫଁ, ନାକପୁଡ଼ା ସଅଁ ସଅଁ । ତେଣୁ ଅଥାନ ଉଣ୍ଡୁଳାଉଣ୍ଡୁଳିକରି ବଥ ବି ଉଦୟ ହେବା ଭଳିଆ, ରୋଳା ନ ଥିବା ନିରୋଳା ଥାନଟି ଜପତପ ପାଇଁ ଶତକଡ଼ା ଛ'କୋଡ଼ି ଥୟ । ଏଣୁ, ଅତଏବ, ସୁତରାଂ, ଜପୁଆ ତପୁଆମାନେ ଛାଇତଳିଆ, ନଈକୂଳିଆ, ବରମୂଳିଆ ନିମ୍ବମୂଳିଆ ଥାନ ବାଛିନେଇ, ଗୋଟାଗୋଟି କେଇଖଣ୍ଡ ପଥର ଥୋଇ ଦେଇ ଠା' ଥିରକରି ନିଅନ୍ତି ।

ଠା' ଥିର ହେବାପରେ ବଖୁରିକିଆ ଚାଳିଆ ଖଣ୍ଡେ କରାନ୍ତି, ନିମ, ଓସ୍ତ, ବରଗଛ ଫାଳେ ଅଧେ ଲଗାନ୍ତି । ଉଁଚ ବାଉଁଶଖଣ୍ଡେ ପୋତେଇ ନାଲିଆ ବାନାଟେ ବାନ୍ଧନ୍ତି । ଆସ୍ତେ ଆସ୍ତେ ଅମେଇସିଆ ହୁଏ । ସମସ୍ତେ ଦେଖି ବି ଦେଖନ୍ତିନି, ସରକାରେ ବି ଆଖିଫୁଟା । ଧ୍ରୁତରାଷ୍ଟ୍ରିଆ ଆଖି, ଖାଲି ଯାହା ଶୁଣନ୍ତି । ଲୋକଙ୍କୁ ଦେଖି ଜପୁଆମାନେ ଫଟୋ ଭଳିଆ ପୂରା ଥାମ୍ ହେଇ ବସି, ମାଳି ଗଡ଼ଉଥାନ୍ତି । ଆଖପାଖୁଆ ମଧୁରଭଗତିଆ କେଇଜଣ ସେଇଠି ପଇଁତରା ମାରୁମାରୁ ବାଆଜିଙ୍କ ଭକତ ଭକତାଣୀ ପାଲଟନ୍ତି । ଲୋକ ତୁଣ୍ଡରେ ମାସକ ତଳୁ ଏଠି ଆଖେଡ଼ା ଜମେଇଥିବା ବିଚରା ବଇଦା ଶ୍ରୀବୈଦେଶ୍ୱର ବାବା ପାଲଟେ, ଖିଅରବାଆର ନ ହେଇ ଦାଢ଼ିନିଶ, ବାଳ ବଢ଼ାଏ । ବେମାରିଆ ବେମାରିଆଣୀଏ ଭିଡ଼ ଜମାନ୍ତି, ବଡ଼ ବଡ଼ ଡାକତର ଯାହାକୁ ଦେଖି ହାତ ଟେକିଦିଏ, ବାବା ପାଖରେ ସେମାନେ ଭଲ ହେଇଯାନ୍ତି । ଛୋଟା ମଦନା ପବନ ସିଂ ଭଳିଆ ଦଉଡ଼େ, ଗାଆଁ ନାବେନୀ ଏଠି ଲାବଣ୍ୟବତୀ ପାଲଟେ । ଏମିତି କାନକୁ କାନ କଥା ଖିଅଗୁଡ଼ାକୁ ବୁଢ଼ିଆଣୀ ଜାଲଠୁଁ ଛାଆଁକୁ ଛାଆଁ ସୂକ୍ଷ୍ମ ହେଇଯାଏ । ଜାଲ ହେଇଚି ମାନେ ଭକ୍ତ ଭକ୍ତାଣୀ ମାଛିଏ ତ ପଡ଼ିବେ ନା, ପଡ଼ନ୍ତି ନିଇତି ଏମିତି କେତେକେତେ ।

## ଏକାଛାଞ୍ଚରେ ଗଢ଼ା

ସବୁ ବାଆଜି ତ ଏକାଛାଞ୍ଚରେ ଗଢ଼ା । ବଖୁରିକିଆ ଚାଳିଆଟା ମାସ କେଇଟାରେ ନୂଆଘର ଜନ୍ମକରେ, ଆସ୍ତେ ସେଇଠି ପକ୍କାଘର ହୁଏ । ସବୁ ପ୍ରକାରର ବ୍ୟବସ୍ଥା ଭିତରେ ରୋଷଘର, ଗାଧୁଆଘର, ବଇଠକୀ ଘର – ଏମିତି କନିଷ୍ଠ ଉଆସଟିଏ ହୁଏ । ବାବା କିନ୍ତୁ ଦିନସାରା ସେଇ ବଖୁରିକିଆ ଘରେ ସାଧୁଥାନ୍ତି । ତାଙ୍କ ପାଖକୁ ଯିବାରେ ବାରଣ ଅଛି । ସୂର୍ଯ୍ୟ ମାହାପ୍ରୁ ମାଆ କାନିକୁ ପଳେଇଲେ, ବାବା ଚାଳଘର ଛାଡ଼ି, ବଇଠକିରେ ବିଜେ କରନ୍ତି । ସେଇଠି ତାଙ୍କ ଗଦି, ସେଇଠି ତାଙ୍କ ଗାଦି । ସଂଜ ପହରୁ ସେଇଠି ଧାଡ଼ିଲାଗେ । ତାଙ୍କ ଭଗତେ ପ୍ରଚାର କରନ୍ତି, ଏ ବାବା ପୂରା ଅଲଗା । ଅନ୍ୟମାନେ ତ୍ରିକାଳଦର୍ଶୀ, ଯେ ହେଲେ ଚଉକାଳଦର୍ଶୀ । ଯାଙ୍କେ ଏକସଟ୍ରା ମହାକାଳଦର୍ଶୀ ।ମୁହଁ ଦେଖୁ ଦେଖୁ ପ୍ରାଣୀଙ୍କ ଆରତ ବରତ, କରତ, ହାଲତ ଠଉର କରିପାରନ୍ତି ।

ଏଣିକି ବାବା ବୈଦେଶ୍ୱରଙ୍କ ପାଖରେ ତିନି ଚାରିଜଣ କଟାଳିଆ ଜଗନ୍ତି । ତାଙ୍କୁ ଦେଖାକରିବାକୁ ଆସୁଥିବା ଲୋକଙ୍କୁ କଟାଳ କରନ୍ତି, ବାବା ଦର୍ଶନରେ ଆଡ଼ ପକାନ୍ତି । ଅବଶ୍ୟ ଟିକେ ଆଢୁଆଳକୁ ଯାଇ ଫେରିଆସିବା ପରେ ଲୋକଙ୍କୁ ଦର୍ଶନର ସୁଯୋଗ ଦିଅନ୍ତି । ଏଇ କଟାଳିଆଙ୍କ କଟାଳ କାଇଦା ଯେ ବୁଝେ, ତା'ପାଇଁ ଧାଡ଼ି ନିୟମ ନ ଥାଏ । ଶୂନ୍ୟରୁ ଦର୍ଶନର ଡାକରା ଆସେ । କଟାଳିଆଙ୍କୁ ସନ୍ତୋଷ୍ଟ କଲେ ବାବା ବି ଗୋଟାପଣେ ସନ୍ତୋଷ୍ଟ । ଏମାନେ ବାଆଜିଆ ମାହାଦେବଙ୍କ ବାସୁଆ ପ୍ରକାର । ଲୋକଙ୍କ ଆତୁରିଆ ଭାବ, ବେଶପୋଷାକ ଠଉର କରି, ଏମାନେ ତାଙ୍କ ପାକିଟି କଳି ନେବାରେ ଜଣେ ପୋଖତ ମନୋବିଜ୍ଞାନୀ । ଏମାନଙ୍କ ପ୍ରଚାରରେ ବାବା ବୈଦେଶ୍ୱରଙ୍କ ବାନା ଉଡ଼ିଲା । ଆସ୍ତେ ଆସ୍ତେ ଆଶ୍ରମରୁ ଟିକେ ଦୂରରେ ପାନ-ଗୁଆ ଭଣ୍ଡାର, ମାଳ, ଧୂପ, ଦୀପ, ଭୋଗ ଭଣ୍ଡାର ଭିଆଇଲେ ଏଇ କଟାଳିଆଙ୍କ ଭାଇ-ବିରାଦରମାନେ ।

**ଲୋକଙ୍କ ଆତୁରିଆ ଭାବ, ବେଶପୋଷାକ ଠଉର କରି, ଏମାନେ ତାଙ୍କ ପାକିଟି କଳିନେବାରେ ଜଣେ ପୋଖତ ମନୋବିଜ୍ଞାନୀ ।**

ତପ ଫପ ଏବେ ଛୁ । ତମ୍ପ ପଣ ବଢ଼ିଲା । ଦୂର ବଦଳିଆ କର୍ମଚାରୀଏ, ନେତା-ନେତୁରାଏ, ଅଭିଆଡ଼ିଏ ଓ ବାବେନାଏ, ପବନାଏ, ବେକାରିଆଙ୍କ ବାପେ ମାଏ – ଫେଲମରା ବେପାରୀଏ – ଏମିତି ନାନା କିସମର, ନାନା ଭଙ୍ଗିଚାର ଲୋକେ ସେଠି ରୁଣ୍ଡ ହେବାରେ ଲାଗିଲେ । ଟୁଙ୍ଗୀପାଖ ପୋତା ଗଛର ଛାଇ ବଢୁ ନ ବଢୁଣୁ ବାବାଙ୍କ ଛଇ ବଢ଼ିଲା । ଯା' ଭିତରେ ହୁଣ୍ଡି ଗର୍ଭବତୀ ହେଇ ଦି' ତିନି ସପ୍ତାହରେ ଗର୍ଭ ଖଲାସ ହେଲାଣି । ବଡ଼ବଡ଼ିଆଙ୍କ ମହାଗମନ ହେଲାଣି । ଡେରି ରାତିଯାଏଁ ଚଳପ୍ରଚଳ ହେଲାଣି । କିଏ କିଏ ବି ବାବାଙ୍କୁ ଠାକୁର ଭଳିଆ ମାନି ନିଜ ତରଫରୁ ପ୍ରଚାର କଲେଣି । ଏଣିକି ପ୍ରବେଶ ଦୁଆରରେ ଏଣ୍ଟ୍ରି ଫି' ଲାଗୁ ହେଲାଣି । ବର୍ଷକ ଭିତରେ କେତେଥର ପାରାୟଣ, ମହାଯଜ୍ଞମାନ ଭିଆଣ ହେଲାଣି । ଯଜ୍ଞ ପରେ ନାମଯଜ୍ଞ ଓ ତା'ପରେ ଯାତ୍ରାଦଳ ଆସି ମାନସିକ ଯାତ୍ରା କଲେଣି । ଏମନ୍ତ ନିରୋଳା ଥାନ ଆସ୍ତେ ଆସ୍ତେ ରୋଳାମୟ ହେଲାଣି । ସବୁ ବାଆଦେ ବଖୁରିକିଆ ଚାଳଘର କିନ୍ତୁ ଅଛି, ବାଆଜି ବି ସେଠି ଲୋକ ଥିବା ବେଳେ ଘଣ୍ଟେ ଅଧେ ବସାଉଠା କରନ୍ତି ।

ପିଲାଦିନରୁ ଯାତ୍ରା ଦେଖିବାରେ ମହାଗୁରୁ ଘଣ୍ଟୁ ଶୁଂଘି ଶୁଂଘି ଯାଇ ସେ ଯାତ୍ରା ଦେଖିବାକୁ ସେଇଠି ଢୁକିଲା । ଜୀବନରେ କେବେ ବି ଟିକେଟ୍ କିଣି ଯାତ୍ରା ଦେଖି ନ ଥିବା ଘଣ୍ଟୁ ବେଶଘର ପାଖ ଯାତ୍ରାବାଲାଙ୍କ ଫାଟକ ଦେଇ ଭିତରେ ପଶିଗଲା । ଗୋଟାଏ କିଏ ତାକୁ ପଚାରିଲା ତମେ କିଏ ହୋ? ଠୋ ଫଟାସ୍ ଉତ୍ତର ଦେଲା – 'ତମେ କାଇଁ ମତେ ଚିହ୍ନିବ, ମୁଁ 'ମା' ମାହେଶ୍ୱରୀ ଯାତ୍ରା କମିଟି ସେକ୍ରେଟାରୀ, ତମ ଦଳ ମେନେଜରଙ୍କୁ ଏଠି ଦେଖାକରିବାକୁ ଆଇଚି ।' ନିର୍ଭୟ ଓ ନିର୍ଦ୍ୱନ୍ଦ୍ୱରେ ଘଣ୍ଟୁ ପ୍ରବେଶିଲେ, ରାତିସାରା ଯାତ୍ରା ଭିତରେ ଗଳିଗଲା ।

## ବାଇନାକୁଲରିଆ ଆଖି

ଘଣ୍ଟୁର ସେ ବାଇନାକୁଲରିଆ ଆଖି ଦିଇଟା ସରକସ୍ ଲାଇଟ୍ ଭଳିଆ ଚାରିଆଡ଼େ ଘୂରୁଥାଏ । ଆଖି ଆଗରେ ନାନା ଦୃଶ୍ୟପଡ଼େ । କାନରେ ପଇଲା, ଏ ଯାତ୍ରା ଏଠି କେବଳ ବାବାଙ୍କ କୃପାରୁ ଚାଲିଚି । ଯେଉଁ ଯାତ୍ରାଦଳ ଏଠି ମାନସିକ ଯାତ୍ରା କରନ୍ତି, ବର୍ଷସାରା ସେମାନେ ଢେର କମାନ୍ତି । ଏଠି ଯଜ୍ଞ ବେଳେ ବହୁ ନାଟଦଳ ଯାତ୍ରା କରିବାକୁ ଆସନ୍ତି । ସେମାନଙ୍କୁ ପୁଲିସି ପରମିଟ୍ କଲେ ବି ବାବା କିନ୍ତୁ ପରମିଟ୍

ଦିଅନ୍ତିନି । ତେଣୁ ବାବାଙ୍କ ଦୁଆରେ ବହୁ ପାର୍ଟି ମାଲିକ ପରେହି ହିଁ ପଡ଼ନ୍ତି । ଏତିକି କାନରେ ପଡୁ ପଡୁ ଘଣ୍ଟୁ କି ଆଉ ଥୟପଡ଼େ । ବୁଝିନେଲା ଯେ, ଯାତ୍ରା ପେଣ୍ଡାଲଠାରୁ ଅଧା କିମି ଦୂରରେ ବାବାଙ୍କ ମଠ । ଆଖି ତା'ର ଯାତ୍ରା ଦେଖୁଥାଏ, ମନ କିନ୍ତୁ ବାବାଙ୍କ ଆଶ୍ରମର ଗୋଟାପଣ ରୂପ ଦେଖିବାକୁ ଛକପକ । ଯାତ୍ରାନ୍ତେ ତମ୍ବୁ ଘେରରୁ ଘଣ୍ଟୁଙ୍କ ପ୍ରସ୍ଥାନ ଓ ଆଶ୍ରମାନୁସନ୍ଧାନ ପାଇଁ ଅନ୍ୱେଷଣ ଆରମ୍ଭ ।

ଦିନ ଆଠଟା ସରିକି ବାବା ବଖୁରିଆ ଆସ୍ଥାନକୁ ବିଜେ ହେଲେ । ଧାଡ଼ିବନ୍ଧା ଲୋକେ ଦର୍ଶନକରି ନେତ୍ର ପଖାଳିବାକୁ ଉଛନ୍ନ । କଟାଳିଆର କଟାଳ । ଘଣ୍ଟୁର କମ୍ପୁଟରିଆ ମଗଜଟା ସାଏଁ ସାଏଁ କାମକଲା । କଟାଳିଆଙ୍କ କାନରେ କି ଗୁରୁମନ୍ତ୍ର ଫୁଙ୍କିଲା କେଜାଣି, କଟାଳିଆ ତାକୁ ଆଖିପିଛୁଳାକେ ଛାମୁଛାଡ଼୍ କରାଇ ଭିତରକୁ ଠେଲିଦେଲା । ଅଶୋକ ବଣରେ ପବନାବେଟା ଠାବକଲା ଠାଣିରେ ଘଣ୍ଟୁ ଆଶ୍ରମର କାଣ୍ଡକାରଖାନା, ଆଡଦୀର୍ଘ, ଠାଣିମାଣି ସବୁ ଉପରେ ତାର କ୍ୟାମେରିଆ ଆଖି ବୁଲେଇଦେଇ ଶେଷରେ ବାଆଜି ଉପରେ ଫୋକସ କଲା । ଜାଣିଲା ଏଇଟା ଗୋଟାଏ ନକଲି ବାଆଜି । ବୁଆ କିଆରିରେ ରୁଆ ଗଛ ପିଲ ମେଲିଲା ଭଳିଆ । ଏଠି ପିଲ ଦେଇଚି, କଢ଼ା ବି ପକେଇଛି ।



**ଛତରା ବଇଦା**

ଆଖିକୁ ଜୁମ୍ କରିଦେଇ, ବାଆଜିକୁ ସ୍କାନ୍ କରିନେଲା । ଶେଷ ସିଦ୍ଧାନ୍ତ ହେଲା, ଏ ତାଙ୍କ ଗାଆଁ ପାଖ ଛତରା ବଇଦା । ଦାଢ଼ି, ନିଶ ଆଉ ଜଟତଳେ ପଶି, ନେଳିଆ ବିଲୁଆ ଭଳିଆ ଏଠି ବାବା ବୈଦେଶ୍ୱର ଷ୍ଟାମ୍ପ୍ ମରେଇଛି । ହଉ ଦେଖିବା ଯା କାରନାମା । ବାଆଜିକି ସମସ୍ତେ ପାଦଛୁଇଁ ମୁଣ୍ଡିଆ ମାରନ୍ତି, କିଏ କିଏ କାଦୁଆ ଥାନରେ କୁମ୍ଭୀର ଲୋଟିବା ଭଳିଆ ଲୋଟି ପଡ଼ନ୍ତି । ଘଣ୍ଟୁ କିନ୍ତୁ ଏ ପୂରା ବଇଦା ବୋଲି ଜାଣିଲା । ଏଇଟା ସେଇ ବଇଦା, ତା' ରୂପ ସବୁ ତ ବଇଦା । ନିଦାଢ଼ିଆ ହେଲେ ଏ ପୂରା ବଇଦା ନିଶ୍ଚେ । ଧାଏଁକରି ଯାଇ, ବାବା ବୈଦ୍ୟନାଥଙ୍କ ସାମନାରେ ହାଜର । ହୋ କିନା କହିଲା, ହଇରେ ବଇଦା ! ଏତେ ନାଟ ତତେ ଆସେଚି ? ଘଣ୍ଟୁ ମୁହଁରୁ ବଇଦା ଡାକ ଶୁଣି, ବାବା ବୈଦେଶ୍ୱର ସାଙ୍ଗେ ସାଙ୍ଗେ ଚହଲିଗଲେ । ତାଙ୍କ ଆଖିରେ ଅକାଳ ମେଘ ଘୋଟିବା ଭଳିଆ, ଭୟର ମେଘ ଘୋଟିଗଲା । ବହଲେଇବାକୁ ଚେଷ୍ଟାକଲେ ବି ଘଣ୍ଟୁର ଅଣୁବୀକ୍ଷଣିଆ ଆଖିରେ ଆତଙ୍କର ଜୀବାଣୁଗୁଡ଼ାକ ବାରି ହେଇଗଲା ।

ଶୁଖିଲା ବାଟରେ ଗାଡ଼ି ଉପରେ ଡଙ୍ଗା ଲଦାହୁଏ, ପାଣିଆ ବାଟରେ ଡଙ୍ଗା ଉପରେ ଗାଡ଼ି ବି ଲଦା ହେଇ ନଈ ପାରହୁଏ । ମୁଣ୍ଡିଆ, ପ୍ରଣାମ, ସାଷ୍ଟାଙ୍ଗ ଅମଳ କରୁଥିବା ବାବା ବୈଦେଶ୍ୱର ଭୟ ଜଡ଼ସଡ଼ ହେଇ ଘଣ୍ଟୁକୁ କୁଣ୍ଢେଇ ପକେଇଲେ । ଏଣିକି ଡଙ୍ଗା ଉପରେ ଗାଡ଼ି କି ଗାଡ଼ି ଉପରେ ଡଙ୍ଗାଲଦା ଭଳିଆ ଅବସ୍ଥା । ଘଣ୍ଟୁ କହିଲା, ହଇରେ ବଇଦା । ତତେ କେତେ ଖୋଜିଲେଣି ମୁଁ, ତୋ ସଠାସମ୍ବନ୍ଧ ନ ପାଇ ମୁଁ ଆକ୍ତାମାକ୍ତା । ତୁ ବାଲିଯାତ୍ରାର 'ହସଘର' କାଣ୍ଡପରେ ପରେ କୁଆଡ଼େ ମିଳେଇଗଲୁରେ ! ସତରେ ମାନିଲି ତୋ ମଗଜକୁ । ବାବା ବୈଦ୍ୟନାଥଙ୍କ ସେ ତମ୍ବାଳିଆ ଚେହେରାରୁ ଜ୍ୟୋତି ହଜିଲା ହଜିଲା ଭଳିଆ । ତମକୁ ଜଣେଇବାକୁ ଫୁରୁସତ ନ ଥିଲା । ବାଲିଯାତ୍ରା ଶେଷଦିନ କଟକ ଛେଚାଖାଇ ନଈ ପାରିହେଇ ବଞ୍ଚିଗଲି ଘଣ୍ଟୁଆଇ । ବୋଧେ ତମର କଲ୍ୟାଣ ଥିଲା । ଯାହା ତ ହେଲାଣି, ଏ କଥାଟା ଫୁଟିଆରା ହେଲେ ମୁଁ ତଳିତଳାନ୍ତ ହେଇଯିବି ।

ଘଣ୍ଟୁ ତାକୁ ଅଭୟ ଦେଲା । ମନେ ପକାଇଦେଲା ବାଲିଯାତ୍ରାର 'ହସଘର' କଥା । ସବୁଠୁ ଚତୁରପଣରେ ଘୋଘୋ ଭିତରେ 'ହସଘର' ଷ୍ଟଲଟେ କରି ବହୁ ରୋଜଗାର କରି, ଶେଷଦିନ ଧରାପଡ଼ି ଛେଚଣ କୁଟଣ ବେଳକୁ ନଈକି ଡେଇଁ ପାର ହୋଇଯିବା କଥା ମାନିଲା ବଇଦା । ଘଣ୍ଟୁକୁ ମନେଇମାନେଇ ଆଗକୁ କେମିତି କ'ଣ କରିବ ପରାମର୍ଶ ମାଗିଲା ଅତି ନିଉନ ହେଇ । ଘଣ୍ଟୁକୁ ମାନିଗଲେ ସେ ସୁରକ୍ଷା ଦିଏ, ନ ମାନିଲେ ସେ ପୂରା ତଳାକାଟ କରେ, ରାସ୍ତାରେ ଭିକ ମଗାଇଦିଏ । କିନ୍ତୁ କିଛି ନ ପାଇ ଘଣ୍ଟୁ କେବେ ବି କାହାକୁ ମାଗଣାରେ ରେଫାଏ ବି ପରାମର୍ଶ ଦିଏନାଇଁ । ହାତ କଥା ନାଥେ ଜାଣନ୍ତି ନ୍ୟାୟରେ, ଘଣ୍ଟୁକଥା ବଇଦା ଜାଣେ । ଘଣ୍ଟୁ ପାଇଁ ମାସିକିଆ ବଟି ଘୋଷଣା କରିବା

ପରେ ଘଣ୍ଟୁ ଏଥର ମୁହଁ ଖୋଲିଲା ।

## ପାଠ ଅଳପ, ଶାଠ ବେଶି

ଘଣ୍ଟୁର ପାଠ ଅଳପ, ଶାଠ ବେଶି । ସେ ସମାଜ ବହିଟାକୁ ଦୋରବସ୍ତ କରିବାରେ ଲାଗିଛି । ବିଚାର ତା'ର ଅଲଗା । ଏ ସମାଜରେ ଦଦରା, ଛାଟୁଆଁ, ଦୁଃଖା, ଦରମଲା, ଡାଲାବଜା, ଖାସ୍‌ଡିଲା ଅନେକ ହୁଗୁଳା ଲୋକ-ଲୋକୀ, ବାଆଜିର ଗରାଖ ହୁଅନ୍ତି । ବାଆଜିକୁ ପରଖ ନ କରି କେବଳ କରୁଣା ବାଲି କଣାଏ ପାଇଁ ଧାଉଡ଼ି କରନ୍ତି । ତେଣୁ ଏଠି ବାଆଜି ସଂଖ୍ୟା ଅଧିକ । ବାଆଜି ବି ବଡ଼ବଡ଼ିଆଙ୍କୁ ଢାଲ କରି ଅଥାନକୁ ଥାନକରି, ବଖୁରିଆ ଘର ଥାଇ, ମିନି ଉଆସଟେ ବସାଇ ବହୁ କାଣ୍ଡକାରଖାନା ଘଟାନ୍ତି । ଅନେକ ସମୟରେ ମୂଳ ଆଶ୍ରମର ବ୍ରାଞ୍ଚ ଆଶ୍ରମ କରାଇ ସେଠି, କେଇଟାକୁ ବାଆଜି ଭେକରେ ସଜେଇ ବ୍ରାଞ୍ଚବାବା ବନେଇ, ପରସେଣ୍ଟେଜ୍ ପାଆନ୍ତି ।

**ବାଆଜିକୁ ପରଖ ନ କରି କେବଳ କରୁଣା ବାଲି କଣାଏ ପାଇଁ ସମସ୍ତେ ଧାଉଡ଼ି କରନ୍ତି । ତେଣୁ ଏଠି ବାଆଜି ସଂଖ୍ୟା ଅଧିକ ।**

ଘଣ୍ଟୁ ଏଥର ଏଇ ବ୍ରାଞ୍ଚବାବା ସ୍କିମଟା ବଇଦାକୁ ଶୁଣେଇଲା । ଆତୁରିଆ ବଇଦା ମନକୁ ଏଇଟା ପାଇ କିଛି ବହକା ହେଲା । ଦିହେଁ ମିଶି କେତେ ପ୍ରକାର ଯୋଜନା କଲେ । ନୂଆ ପ୍ରୋଜେକ୍ଟ ହେବ । ସରକାରୀ ଦରମାଖିଆମାନେ ସରକାରଙ୍କ ଲୋକହିତକର କାମର ପ୍ରୋଜେକ୍ଟ କି ସ୍କିମ୍ ତିଆରିରେ ଏତେ ବି ଆନ୍ତରିକତା ଦେଖାନ୍ତିନି ବୋଧେ । ଘଣ୍ଟୁ ଯୋଜନାରେ ଏଇବର୍ଷ ଦି, ତିନିଟା ଅଥାନ ଖୋଜାହେବ, ସେଇଠି ଏଇ ମୂଳ ଆଶ୍ରମ ଢ଼ାଞ୍ଚାରେ ବଖୁରିକିଆ ତିଆରି ହେବ । ଏଇ ମୂଳ ଆଶ୍ରମରୁ ବ୍ରାଞ୍ଚବାବାମାନେ ଦୈନିକ ସକାଳେ ଯାଇ ଆସ୍ଥାନ ଜମେଇବେ । ବଡ଼ ଡାକ୍ତରଖାନାକୁ ରୋଗୀ ରେଫର୍ ହେବା ଭଳିଆ, ଚୁଟୁକାଚୁଟୁକୀ କାମ ବ୍ରାଞ୍ଚରେ ତୁଟାଇବେ । ବଡ଼ବଡ଼ିଆ କେସ୍‌ମାନ ମୂଳ ଆଶ୍ରମକୁ ରେଫର୍ କରିବେ । ଦୈନିକ ପ୍ରଣାମୀ ଧନର ୫୦% ମୂଳ ବ୍ରାଞ୍ଚକୁ ଦେବେ, ସନ୍ଦେହ ହେଲେ ସେମାନଙ୍କୁ ସେଠୁ ନିଲମ୍ବନ କରାଇ ନୂଆ ବାବା ପୋଷ୍ଟିଂ କରାଯିବ ।

ବ୍ରାଞ୍ଚ ସ୍କିମ୍ ଅନୁଯାଇ ସେମିତି କେଇଟା ଛାଇତଳିଆ, ଅଧାଜଙ୍ଗଲିଆ ଥାନରେ ବ୍ରାଞ୍ଚ ଆଶ୍ରମ ଖୋଲାହେଲା, ବ୍ରାଞ୍ଚ ବାବାଏ ପୋଷ୍ଟିଂ ହେଲେ । ଦିନ କେଇଟାରେ ସେଠି ବି ମୂଳ ଆଶ୍ରମ ଭଳିଆ କାଣ୍ଡକାରଖାନାମାନ ଘଟିଲା । ବଇଦା ଏବେ କୋରଡପତିରୁ ମଲଟି କୋରଡପତି । ହଠାତ୍ କ'ଣ ମନେକରି, ଘଣ୍ଟୁର ମାସିକିଆ ବନ୍ଦ କରିଦେଲା । ଘଣ୍ଟୁ ତ ଶୀତଳମାରୁ । ବ୍ରାଞ୍ଚବାବାଙ୍କୁ ପୋଲିସ୍‌ରେ ଧରାଇବାର ଧମକ ଦେଇ ସେଠୁ ତାଙ୍କୁ ଉଭାନ କରାଇଦେଲା । ବଇଦା କିଛି ଜାଣିବା ଆଗରୁ ମହାପୁଲିସିଆମାନେ ଆସି ତଲାସ୍ ନାଟକ କଲେ । ଘଣ୍ଟୁ ଇଙ୍ଗିତରେ ବହୁ ଚ୍ୟାନେଲିଆ, ଖବରକାଗଜୁଆ ଖବର ସଂଗ୍ରହ କରୁଥିଲେ । ଆଶ୍ରମ ଉପରେ ବୁଲଡୋଜର ଚଢ଼ିବା ବେଳକୁ ଭକ୍ତମାନେ ରାସ୍ତାରେ ଲୋଟୁଥିଲେ । ବୈଦ୍ୟନାଥଙ୍କ କଣ୍ଠଉ ମଥାରେ ଥୋଇ କେତେଜଣ ଭକ୍ତିରେ ଆଖିରୁ ଗଙ୍ଗା-ଯମୁନା ବୁହାଉଥିଲେ । ବଇଦା ଭାବୁଥିଲା, ଘଣ୍ଟୁର ବଟି ବନ୍ଦକରି କରିବାରୁ ମୋ' ଘଣ୍ଟି ବାଜିଲା ଜାଣ ।

ଏମନ୍ତ ଅଭାବିତ ଅଘଟଣରେ ବାବା ଶ୍ରୀବୈଦ୍ୟେଶ୍ୱର ଘଣ୍ଟୁଙ୍କ କାନଫୁଙ୍କାରେ ଅତି ଆତୁରିଆ ହେଇ ବାରବାର ଡକାପକାଇଲେ ବି ସେପଟରୁ ଶୁଣାଯାଉଥିଲା 'ନଟ୍ ରିଚେବଲ୍' ।

□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com

*ଲେଖକ -ବନ୍ଧୁମାନଙ୍କୁ ଅନୁରୋଧ*




'ସାହିତ୍ୟ ଚର୍ଚ୍ଚା'ରେ ପ୍ରକାଶନ ପାଇଁ ପଠାଇବାକୁ ଥିବା ଲେଖା କେବଳ ଆମର ଇ-ମେଲ୍ ଠିକଣା **info@sahityacharcha.com**

**କିମ୍ବା ହ୍ୱାଟସ୍‌ଆପ୍ ନଂ. ୯୩୬୮୭୭୨୫୦୬ କୁ ପଠାନ୍ତୁ ।**

**ବିଶେଷ ସୂଚନା ପାଇଁ ଦେଖନ୍ତୁ:**

www.sahityacharcha.com/submit-articles



ଗଳ୍ପ

# ପାପଗର୍ଭ

ଜୟନ୍ତୀ ସାହୁ

ରାସପୂର୍ଣ୍ଣମୀର ଗହଳଚହଳରେ ସାରା ବିଶ୍ୱନାଥପୁର ଗାଁ'ଟା ଉତ୍ସବମୁଖର ହୋଇଉଠିଛି । ଠାବେ ଠାବେ କାର୍ତ୍ତିକେଶ୍ୱର ମେଢ଼ର ନାହିଁନଥିବା ପ୍ରତିଯୋଗିତା ସାଙ୍ଗକୁ ଅସ୍ଥାୟୀ ଦୋକାନୀମାନଙ୍କର ଅସମ୍ଭବ ଭିଡ଼ । ତା' ସାଙ୍ଗକୁ ପୁଣି ବାଜା, ବାଣ ଆକାଶ ଥରାଇଦେଉଛି । କୁନି କୁନି ପିଲାମାନେ ନୂଆ ନୂଆ ଡ୍ରେସ୍ ପିନ୍ଧି ବେଲୁନ୍ ଧରି ମେଢ଼ ବୁଲିବାରେ ବ୍ୟସ୍ତ । ଘରେ ଘରେ ପାଖ ଗାଁରୁ ଏ ଗାଁକୁ ମେଢ଼ ଦେଖି ଆସିଥିବା କୁଣିଆଙ୍କ ଆଖଡ଼ା । ମନେ ହେଉଛି, ଗାଁ'ଯାକର ଲୋକଙ୍କୁ ଆଜି ଯେମିତି ଟିକିଏ ବି ଫୁରୁସତ୍ ନାହିଁ । ଖୁସିରେ ସମସ୍ତେ ମସ୍‌ଗୁଲ ହୋଇ କାର୍ତ୍ତିକ ପୂର୍ଣ୍ଣମୀକୁ ଉପଭୋଗ କରିବାରେ ବ୍ୟସ୍ତ ରହିଛନ୍ତି । ବଡ଼ି ସକାଳୁ ତ ଡଙ୍ଗାଭସା ପର୍ବ ସରିଯାଇଛି । ଏଣିକି ଯାହା ମେଢ଼ ଦେଖି ମଉଜ କରିବା ଓ ଅତିଥି ସତ୍କାର କରିବା କଥା ।



ଏମିତି ପାର୍ବଣମୁଖର ଗାଁରେ ଦିନ ବାରଟା ସରିକି ଗୋଟିଏ ହାଉଳି ପଡ଼ିଲା । ଏତେବଡ଼ ହାଉଳିରେ ତହୁଁବଳି ତହୁଁବଳି ଉଚ୍ଚ ସ୍ୱରରେ ଗର୍ଜୁଥିବା ମାଇକ୍ରୋଫୋନ୍ ଯନ୍ତ୍ର ସବୁ ହଠାତ୍ ନିରବ ହୋଇଗଲେ । ନିରବ ହୋଇଗଲା ମଧ୍ୟ ତମାମ୍ ଗାଁର ତୁମୁଳ କୋଳାହଳ । ଏଥର କଥା ବ୍ୟାପିଯାଉଛି କାନରୁ କାନକୁ । ଏ ଗାଁ ଗୋହିରୀ ହିଡ଼ ଡେଇଁ ଆର ଗାଁ ସେପାରି କିଆ ଗୋହିରୀ ପର୍ଯ୍ୟନ୍ତ ସମସ୍ତଙ୍କ ପାଟିରେ ସେଇ ଗୋଟିଏ କଥା । ରାହାସଧାଈର କୁଆଡ଼େ ପତ୍ତା ମିଳୁନି । ଚାରିଆଡ଼ ଖୋଜା ସରିଲାଣି, ଏମିତିକି ସମସ୍ତଙ୍କ କୂଅ, ପୋଖରୀ, ଗଡ଼ିଆ ମଧ୍ୟ ଦେଖାସରିଲାଣି । ଅଥଚ ରାହାସଧାଈକୁ କେହି କୁଆଡ଼େ ପାଉନାହାନ୍ତି । ପାଖପଡ଼ୋଶୀଏ କହୁଛନ୍ତି, ରାତିରେ ବୁଢ଼ୀ ଭାତ ଆଉ ହବିଷ ଡାଲ୍‌ମା ଖାଇ ଶୋଇଥିଲା । ଅଥଚ ଆଜି ସକାଳୁ ଉଠି ଦେଖିଲା ବେଳକୁ ତା' କବାଟ ମେଲାପଡ଼ିଛି । ଗାଁ ମୁଣ୍ଡ ପୋଖରୀକୁ ସକାଳ ନିତ୍ୟକର୍ମ ସାରିବାକୁ ଯାଇଥିବ ବୋଲି ସମସ୍ତେ ଭାବୁଥିଲେ । ଅଥଚ ଦିନ ଆସି ବାରଟା ହେଲାଣି, ଅଖିଆଅପିଆ ବାସିପାଇଟି ପକେଇ ବୁଢ଼ୀ ଆଉ କୁଆଡ଼େଗଲା, ଗାଁ ସାରା ଭାଳେଣି ପଡ଼ିଛି । ରାହାସଧାଈ କଥା ଶୁଣି ପାଖଆଖ ତିନି ଚାରିଖଣ୍ଡ ଗାଁ ଲୋକେ ବି ଆସି ବିଶ୍ୱନାଥପୁର ଗାଁରେ ଜମା ହୋଇଗଲେଣି । ରାହାସଧାଈକୁ ଏ ଖଣ୍ଡମଣ୍ଡଳରେ ନ ଚିହ୍ନେ ବା କିଏ? ସମସ୍ତେ ସିନା ତା' ନାଁ ଶୁଣି ଉପରେ ତାକୁ ନାକ ଟେକନ୍ତି, କିନ୍ତୁ ଭିତରେ ଭାରି ଆଦର କରନ୍ତି । ରାତି ଅଧିଆ ନେହୁରା ହୁଅନ୍ତି । ଯେତେବେଳେ ସାରା ଗାଁ ବହଳ ନିଦରେ ଶୋଇପଡ଼େ, ଗୋହିରୀ ସେପଟ କିଆବୁଦା ତଳୁ ବିଲୁଆ ଦଳ ଯେତେବେଳେ ହୁକେ ହୋ ରଡ଼ିରେ ମେଦିନୀ କମ୍ପାଉଥାନ୍ତି, ଠିକ୍ ସେତିକିବେଳେ ରାହାସଧାଈର କବାଟରେ କାହାର ନା କାହାର କରାଘାତ ଶୁଭେ । ରାହାସଧାଈ ବି ରାତିଅଧିଆ ଏ ଧୀର ପାଦପାତକୁ କାନ ଡେରିଥାଏ କି କ'ଣ କେଜାଣି, ତା'ପରେ ପରେ କବାଟ ଖୋଲିଯାଏ ଓ ପରେ ଖାଲି ବାହାରପଟୁ କବାଟ ବନ୍ଦ କରିଦେଇ ସେ ଲୋକ ସଙ୍ଗେ ରାହାସଧାଈ ଅନ୍ଧାର ଭିତରେ କୁଆଡ଼େ ଚାଲିଯାଏ । ପୁଣି ସିନ୍ଦୂରା ଫାଟିଲା ବେଳକୁ ରାହାସଧାଈ ଘରେ ପହଞ୍ଚି ତା'ଘର ପଛପଟ ଗଡ଼ିଆରେ ପ୍ରାତଃସ୍ନାନ ସାରି ବାସି ପାଇଟି ଆରମ୍ଭ କରିଦିଏ । ପାଖଆଖ ଏ ପାଞ୍ଚଖଣ୍ଡ ଗାଁର ଯେତେ ଝିଅ-ବୋହୂଙ୍କ ଭିତିରି ଗୁମର ରାହାସକୁ ଜଣା । ସମସ୍ତଙ୍କ କଥା ସମସ୍ତଙ୍କୁ ଲୁଚାଇ ସେ ତା

ଧାଈକାମ ସାରିଥାଏ । ଏ ଇଲାକାରେ ତା'ର କାହାକୁ ଡରନାହିଁ । କାହାକୁ ବି ଖାତିର୍ ନାହିଁ । କେହି କଳିକଜିଆ କରିବା ପାଇଁ ପାହୁଣ୍ଡେ ତା' ପାଖକୁ ଆଗେଇ ଆସିଲେ, ରାହାସଧାଈ ତା'ର ସେହି ଉଚ୍ଚ ବାରଣ୍ଡାରେ ଠିଆହୋଇ କାନି ଅଗରେ ବାନ୍ଧି ରଖିଥିବା ପାନଖଣ୍ଡକୁ କଳରେ ଜାକି ଡାକଛାଡ଼େ, ହଇରେ ହେ ହରିଆ, ମାଧିଆ, ତମର କାଳ ପୂରିଲାଣି କିରେ ? ମୋ'ସଙ୍ଗେ ସେଥିପାଇଁ କଳି କରିବା ପାଇଁ ଆଗଭର ହେଉଛ । ଯଦି ମୁଁ ପାଟି ଖୋଲିବି ତମେ ଏ ଖଣ୍ଡମଣ୍ଡଳରେ ମୁହଁ ଟେକି ବାଟ ଚାଲିପାରିବ ତ ? ଗଲ  ମୋ' ଦୁଆରୁ ନା ତମମାନଙ୍କର ଗୁମର ସବୁ ଖୋଲିବି ? ଏତିକି କଥାରେ ହିଁ ନିଆଁରେ ପାଣି ପଡ଼ିଲା ଭଳି ଥମ୍‌କରି ନିଭିଯାଏ କଳି । ଜିତାପଟ ନେଇଥିବା କୁକୁର ପାଖରୁ ହାରିଯାଇଥିବା କୁକୁରଟି ଲାଙ୍ଗୁଡ଼ ଜାକି ଅନ୍ୟତ୍ର ପଳାଇଗଲା ଭଳି ରାହାସଧାଈ ପାଖରୁ ଏତେ ସ୍ୱର୍ଦ୍ଧିତ ପୁରୁଷାକାର ଦେଖାଇ ହେଉଥିବା ପୁରୁଷଗୁଡ଼ା ତଳକୁ ମୁହଁପୋତି ସ୍ୱ ସ୍ୱ ସ୍ଥାନକୁ ପ୍ରସ୍ଥାନ କରନ୍ତି । ସାମ୍‌ନାରେ ସିନା ରାହାସଧାଈକୁ କେହି କିଛି କହିବାକୁ ଡରିଯାଆନ୍ତି, କିନ୍ତୁ ପଛରେ ତା' ନାଁରେ ନାରୀମହଲଠାରୁ ପୁରୁଷମହଲ ଯାଏଁ ଭାରି ଆଳାପ ଆଲୋଚନା ହୁଏ । ପୋଖରୀ ତୁଠରେ, ତାସଖେଳ ପାଖରେ, କ୍ଲବ୍‌ଘରେ ଏମିତିକି ଗାଁ ଭାଗବତ ଟୁଙ୍ଗିରେ ମଧ୍ୟ ସେଇକଥା ବେଳ ଅବେଳରେ ପଡୁଥାଏ । ପୋଖରୀ ତୁଠରେ ଗାଧୋଇସାରି ଲୁଗା ଚିପୁଡୁ ଚିପୁଡୁ ପାକୁଆ ପାଟିରେ ସନେଇ ମା' କହେ, ବେଳକାଳ କ'ଣ ହେଲା, ଏ ରାଣ୍ଡି ବ୍ରାହ୍ମଣୀଟା ହବିଷ, ଉପାସ ନକରି ଏ ପାପକର୍ମରେ ଯାହା ଦିନ କାଟୁଛି । ତାକୁ କେମିତି ମୁକତି ମିଳିବ କେଜାଣି ? ଭାଗବତ ଟୁଙ୍ଗିରେ ଭାଗବତ ପଢ଼ାସାରି ପୁରୋହିତେ କହନ୍ତି, ଏଥର କଳିକାଳ ଶେଷ ହେବ । ତେଣୁ ଚତୁର୍ଦ୍ଦିଗରେ ମହାପାପ କାୟାବିସ୍ତାର କରି ମାଡ଼ି ଚାଲିଛି । ନ ହେଲେ ଶାସିନୀ ବ୍ରାହ୍ମଣ କୁଳର ବିଧବା ବୋହୂହୋଇ ରାହାସଧାଈ ଭ୍ରୂଣହତ୍ୟା ଭଳି ମହାପାପରେ ଲିପ୍ତ ରହନ୍ତା କେମିତି ? ମୁଁ କେତେଥର ତା' ପାଖକୁ ଯାଇ ଗୀତା, ପୁରାଣ ପଢ଼ି ବୁଝାଇଲିଣି, ଏ କାମ ତୁ ଆଉ କରନା । ଯିଏ ତୋ'ଘରକୁ ଏ କାମ ଶୀଘ୍ର ଏକାନ୍ତରେ ଶେଷ କରିବାକୁ ଆସୁଛନ୍ତି, ତାଙ୍କୁ ସିଧାସିଧା ପାପ ଅର୍ଜିବାକୁ ମନା କରିଦେ । ସିଏ ତାଙ୍କର ଡାକ୍ତର ପାଖକୁ ଯାଆନ୍ତୁ କିମ୍ୱା ଆଉ କେଉଁଠିକୁ ଯାଆନ୍ତୁ, ତୁ କାହିଁକି ସେଥିରେ ହାତଦେଇ ପାପରେ ଲଟପଟ ହେଉଛୁ । କିନ୍ତୁ ସିଏ ଓଲଟି ମତେ ଜବାବଦେଲା ଯେ, ଏହାଦ୍ୱାରା ପାପ ନକରି ପୁଣ୍ୟ ଅର୍ଜନ କରୁଛି ଗୋସେଇଁ । ଖାଲି ପୁଣ୍ୟ ତ ନୁହେଁ, ମହାପୁଣ୍ୟ । କୁଆଁରୀ ଝିଅଟିଏ ଯଦି ଅଡୁଆ ପରିସ୍ଥିତିରେ ପଡ଼ି ଅତୁଠକୁ ଯାଇ ଶିଉଳିରେ ଗୋଡ଼ ଖସେଇ ଦେଇଛି, ତେବେ ତାକୁ ପଙ୍କରୁ ଉଠାଇ ପରିଷ୍କାର କରି ପୁଣି ସମାଜରେ ସଳଖି ଠିଆ କରିବାଟା ପାପ ନା ଏ ଉଦ୍ଧାର କରିବା ବିଦ୍ୟା ହାସଲକରି, ବୁଡ଼ି ଯାଉଥିବା ଅବଳାଟିକୁ ଦେଖି ନ ଦେଖିଲା ଭଳି ଚୁପ୍‌ଚାପ୍ ରହି ତାକୁ ଅପନିନ୍ଦାରେ ପରୋକ୍ଷ ଭାବେ ବୁଡ଼ାଇ ମାରିବା ପାପ ? ମୋ' ମତରେ ଏ ଜନ୍ମରେ ଧାଈଶିକ୍ଷାକୁ ହାସଲକରି ମୁଁ ଜନ୍ମଜନ୍ମାନ୍ତର ଯାଏଁ ବି ପୁଣ୍ୟ ସଞ୍ଚୟ କରୁଛି ଗୋସେଇଁ । ବରଂ ସେଇମାନେ ମହାପାପୀ, ଯେଉଁମାନେ ମିଥ୍ୟା ପ୍ରଲୋଭନ ଦେଖାଇ ଇନ୍ଦ୍ରିୟ ଲାଳସା ଚରିତାର୍ଥପୂର୍ବକ ସ୍ୱଳ୍ପବୁଦ୍ଧିସଂପନ୍ନା ନିରୀହା ଝିଅଟିର ସର୍ବନାଶ କରି ସୂର୍ଯ୍ୟାଲୋକର ସୁସଭ୍ୟ ମଣିଷ ବୋଲି ନିଜକୁ ବିଜ୍ଞାପିତ କରୁଛନ୍ତି । ସେଇ ପାପୀମାନଙ୍କୁ ହିଁ ଶାସ୍ତି ଦରକାର । ପୁଣି ତମର ଏ ସାରଗର୍ଭକ ଶାସ୍ତ୍ରବାଣୀ ବି ଦରକାର । ରାହାସଧାଈର ଏ ଅକାଟ୍ୟ ଯୁକ୍ତିକୁ ଘୋର ନାପସନ୍ଦ କରି ନାକଟେକି ଥରକୁଥର ବାହୁଡ଼ି ଯାଆନ୍ତି କୁଳପୁରୋହିତେ । ମନେ ମନେ କୁହନ୍ତି, ଆପଣା କଳା କର୍ମ ପାଇଁ ତ ପିଲାମୁହଁ ନ ଦେଖି ବନ୍ଧ୍ୟା ହୋଇ ରହିଲୁ, ଶେଷରେ ବିଧବା ହୋଇ ବି ତୋ' ମୁଣ୍ଡରେ ଏଯାବତ୍ ଭଲବୁଦ୍ଧି ଜୁଟୁନି । ହଉ, ତୋ' ଧର୍ମ ତୋର, ତୋ' କର୍ମ ବି ତୋର ।

**ଭାଗବତ ଟୁଙ୍ଗିରେ ପୁରୋହିତେ କହନ୍ତି, ଏଥର କଳିକାଳ ଶେଷ ହେବ । ତେଣୁ ଚତୁର୍ଦ୍ଦିଗରେ ମହାପାପ କାୟାବିସ୍ତାର କରି ମାଡ଼ି ଚାଲିଛି ।**

ହଁ, ରାହାସଧାଈ ନିଖୋଜ ଖବର ସାଙ୍ଗକୁ ପୁଣି ଗୋଟାଏ ହାଉଳି ପଡ଼ିଲା ଯେ, କ୍ଲବ୍ ପିଣ୍ଡାରେ ରହୁଥିବା ପାଗଳୀଟାର ବି କାହିଁ କାଲିଠାରୁ ଦେଖାନାହିଁ । ସେ ବି କୁଆଡ଼େଗଲା, କିଛି ହେଲେ ଜାଣିହେଉନାହିଁ । ବିଚାରୀ ସାତ ମାସର ଗର୍ଭ ଭାରାରେ ଭାରି କଷ୍ଟ ପାଉଥିଲା । ତାହାରି ପାଇଁ ତିନି ତିନିଥର ଗାଁରେ ନିଶାପ ବସିଲା । ତା'ର ଏ ପାପଗର୍ଭ ପାଇଁ ଦାୟୀ କିଏ ବୋଲି ଗାଁର ସବୁ ପୁରୁଷଙ୍କୁ ମହାପ୍ରସାଦ

ଛୁଆଁଇ ନିୟମ କରାଗଲା । ଅଥଚ କେହି ଦୋଷୀ ବୋଲି ଜଣାପଡ଼ିଲେ ନାହିଁ । ଏମିତି ସମସ୍ତେ ଦୁହିଁଙ୍କୁ ଖୋଜାଖୋଜି କରିବା ସମୟରେ ଆର ଗାଁର ଦୁଇଜଣ ଗାଈଆଳ ପିଲା ଧଇଁସଇଁ ହୋଇ ଦଉଡ଼ିଦଉଡ଼ି ଆସି ବିଶ୍ୱନାଥପୁର ଗାଁରେ ଖବରଦେଲେ ଯେ, ଡୁଗୁରି ପାହାଡ଼ ଖୋଲରେ ଦୁଇଟା ସ୍ତ୍ରୀ ଲୋକର ଶବ ପଡ଼ିଛି । ଦୁହିଁଙ୍କ ହାତ, ପାଦ ଓ ପାଟି ଲୁଗାରେ ବନ୍ଧା ହୋଇଛି । ପାଟିରୁ ନାକରୁ ରକ୍ତ ବାହାରି ଶୁଖିଯାଇଛି । ଏଥର ଗାଁର ସମସ୍ତ ସ୍ତ୍ରୀ, ପୁରୁଷ, ପିଲା, ଛୁଆ, ବୁଢ଼ାବୁଢ଼ୀଙ୍କ ଧାଡ଼ି ସେଇ ଡୁଗୁରି ପାହାଡ଼ ପାଖକୁ ଛୁଟିଲା । ଶବଦୁଇଟି ରାହାସଧାଈ ଓ ସେଇ ପଚିଶି ବର୍ଷୀୟା ଗର୍ଭବତୀ ପାଗଳୀର ବୋଲି କାହାକୁ ଅଚିହ୍ନା ରହିଲା ନାହିଁ । ରାହାସଧାଈର ପାଖ ପଡ଼ିଶାଏ କହିଲେ, ସବୁ ରାତି ଭଳି କାଲି ରାତିରେ ବି ରାହାସଧାଈର କବାଟରେ କରାଘାତ ହୋଇଥିଲା । କିଛି ଚାପା କଣ୍ଠର ଆଓ୍ୱାଜ ମଧ୍ୟ ଘରଭିତରୁ ଶୁଣାଯାଉଥିଲା । ଗାଁ ସରପଞ୍ଚ ତଥା ଗାଁର ମୁଖିଆ ମୁଖିଆ ଲୋକମାନେ ମତଦେଲେ ଯେ, ପାପଗର୍ଭ ପାଇଁ ଦାୟୀ ଥିବା ଏ ଗାଁର କେତେଜଣ ଦୁର୍ବୃତ୍ତ କାଲି ରାତିରେ ପାଗଳୀଟାକୁ ଜୋରଜବରଦସ୍ତ ନିଶ୍ଚୟ ରାହାସଧାଈ ପାଖକୁ ନେଇଛନ୍ତି । ଗର୍ଭନଷ୍ଟର ନିର୍ଦ୍ଧାରିତ ସମୟ ଗଡ଼ିଯାଇଥିବାରୁ ପାଗଳୀଟିର ଜୀବନ ପ୍ରତି ବିପଦ ଆଶଙ୍କା କରି ସ୍ପଷ୍ଟବାଦୀ ବୁଢ଼ୀ ବୋଧେ ରୋକ୍‌ଠୋକ୍ ଏ କାମରେ ହାତଦେବ ନାହିଁ ବୋଲି ମନା କରିଥିବ । ସେଇଠୁ ଚିହ୍ନାଲୋକ ସବୁ ବୁଢ଼ୀ ଆଖିରେ ଧରାପଡ଼ି ଯାଇଥିବାରୁ ବୁଢ଼ୀ ଓ ପାଗଳୀର ଏ ଅନ୍ତିମ ପରିଣତି ହୋଇଛି । ତା'ପରର ମତ ଏଇଭଳି ଥିଲା ଯେ, ଭ୍ରୂଣହତ୍ୟାଜନିତ ମହାପାପରେ ଭାଗୀ ହୋଇ ବି ଦେଖ ରାହାସଧାଈ ଏ ପବିତ୍ର ରାସପୂର୍ଣ୍ଣିମୀରେ ଚାଲିଗଲା ! ଏତେବଡ଼ ପୁଣ୍ୟତିଥିରେ ମରିଥିବାରୁ ନର୍କରେ ଘାଣ୍ଟି ନହୋଇ ଏକାଥରେ ସ୍ୱର୍ଗକୁ ଯାଇଥିବ । ଭାଗବତରେ ପରା ଅଛି, "ପ୍ରାଣୀର ଭଲମନ୍ଦ ବାଣୀ, ମରଣକାଳେ ତାହା ଜାଣି" । ପୁଣି କେହି କେହି କହିଲେ, ଏକଥା ନିରାଟ ସତ୍ୟ ଯେ, ଗର୍ଭନଷ୍ଟର ନିର୍ଦ୍ଧାରିତ ସମୟସୀମା ଅତିକ୍ରମି ଯାଇଥିଲେ, ମାତୃଜୀବନ ପ୍ରତି ବିପଦ ଆଶଙ୍କା କରି ଧାଈରାହାସ ସମସ୍ତ ପ୍ରଲୋଭନକୁ ଏଡ଼େଇଦେଇ କେବେ ବି ଗର୍ଭପାତ ପାଇଁ ମନବଳାଏନି । ତେଣୁ ଆଜି ସମସ୍ତଙ୍କ ପାଟିରେ ସେଇ ଗୋଟିଏକଥା, ଏତେବଡ଼ ପବିତ୍ର ରାସପୂର୍ଣ୍ଣିମୀ ତିଥିରେ ରାହାସଧାଈ ମରିଗଲା ନାହିଁ, ନର୍କପୁରୀରୁ ତରିଗଲା । ଶେଷରେ ପୁରୋହିତ ମହାଶୟ କହିଲେ, ଏଇ ପୁଣ୍ୟତିଥିରେ ଦେହାବସାନ ହୋଇଥିବାରୁ ତା'ର ସମସ୍ତ ପାପ ଆପଣାଛାଏଁ ଖଣ୍ଡନ ହୋଇଗଲା । ଆହା, କେତେ ପୁଣ୍ୟବତୀ ଥିଲା ସତେ ? ଜୀବନ ଶେଷରେ ରାସପୂର୍ଣ୍ଣିମୀ ତିଥିକୁ ସାର୍ଥକ କରିଗଲା ।

> **ଭ୍ରୂଣହତ୍ୟାଜନିତ ମହାପାପରେ ଭାଗୀ ହୋଇ ବି ଦେଖ ରାହାସଧାଈ ଏ ପବିତ୍ର ରାସପୂର୍ଣ୍ଣିମୀରେ ଚାଲିଗଲା !**

□□

ଲେଖିକାଙ୍କ ଇ-ମେଲ ଠିକଣା:
chinmayasamal97@gmail.com



**ପଢ଼ନ୍ତୁ ! ବୈଷ୍ଣବ ଚରଣ ସାମଲଙ୍କ**

**ରମ୍ୟରଚନା ସମଗ୍ର**

ପୃଷ୍ଠାସଂଖ୍ୟା : ୧୪୨୮, ମୂଲ୍ୟ : ଟ.୧୩୫୦

**ଧାରା ଶ୍ରୀରାଧା ଟ୍ରଷ୍ଟ, ଭୁବନେଶ୍ୱର**

ପ୍ରବନ୍ଧ

# ଶାସ୍ତ୍ରୀୟ ଓଡ଼ିଆ ଭାଷାରେ ଯୁକ୍ତବର୍ଣ୍ଣର ବିଧି



ହିମାଦ୍ରି ତନୟା ମିଶ୍ର

ମଣିଷ ନିଜର ଭାବ, ଚିନ୍ତା ଓ ଅନୁଭୂତି ବ୍ୟକ୍ତ କରିବା ପାଇଁ ଭାଷା ହିଁ ଶ୍ରେଷ୍ଠ ମାଧ୍ୟମ। ଏହି ଭାଷା ମାଧ୍ୟମରେ ଅନେକ ନୂତନ ସାହିତ୍ୟ ସୃଜନ କର୍ମ ଗଢ଼ିଉଠିଥାଏ। ଭାଷାରେ ଲେଖକର ବିଶେଷତ୍ୱ ଯେପରି ଗୋଟିଏ ଉପାଦାନ, ଭାଷାର ସ୍ୱାତନ୍ତ୍ୟ ଓ ସଜୀବତା ସେହିପରି ଆବଶ୍ୟକ। ଭାଷାର ସ୍ୱାତନ୍ତ୍ୟ ବଢାଇବାକୁ ଯାଇ ସାର୍ବଜନୀନତା ପ୍ରତି ଦୃଷ୍ଟି ନ ଦେଲେ ଭାଷା ଗ୍ରାମ୍ୟ ହୁଏ ଓ ସାର୍ବଜନୀନତା ଦେଖିବାରେ ଆତ୍ମବିସ୍ମୃତ ହେଲେ ଭାଷା କୃତ୍ରିମ ହୁଏ। ଭାଷାତତ୍ତ୍ୱ ବିଚାର ସମୟରେ ଏଥିପ୍ରତି ଟିକେ ଅଧିକ ଦୃଷ୍ଟି ଦେବାକୁ ପଡ଼ିଥାଏ। ସ୍ୱାତନ୍ତ୍ୟରେ ଭାଷାଭାଷୀ ଲୋକଙ୍କର ସାହିତ୍ୟ ଓ ସଭ୍ୟତା ଯେପରି ପୁଷ୍ଟ ହୁଏ, ସାର୍ବଜନୀନତାରେ ସେହିପରି ଭାଷାର ଶକ୍ତି ଓ ଜୀବନ ସଂରକ୍ଷିତ। ବହୁବର୍ଷ ପୂର୍ବେ ଭାରତର ଆର୍ଯ୍ୟ ଜାତି ନିଜର ଶିକ୍ଷା ସଭ୍ୟତାଦି ଅକ୍ଷୁର୍ଣ୍ଣ ଭାବରେ ସଂରକ୍ଷଣ କରିବା ଉଦ୍ଦେଶ୍ୟରେ ସଂସ୍କୃତ ଭାଷାକୁ ଲୋକାଭିମୁଖୀ କରାଇଥିଲେ। ସେହିଦିନଠାରୁ ସମସ୍ତ ପ୍ରାଦେଶିକ ଭାଷାର ମୂଳ ଭାଷା ସଂସ୍କୃତ, ଏହି ଧାରଣା ଚଳିଆସିଛି, ଯାହାକି ଯୁକ୍ତିଯୁକ୍ତ ନୁହେଁ। ଅଦ୍ୟାବଧି ଓଡିଆ ଭାଷା ୨୦୧୪ ମସିହାରେ ଶାସ୍ତ୍ରୀୟ ମାନ୍ୟତା ପାଇ ସାରିଥିଲେ ମଧ୍ୟ ଏଯାବତ୍ ବିଦ୍ୟାଳୟ ହେଉ ଅବା ମହାବିଦ୍ୟାଳୟ ସ୍ତରରେ ଲେଖାଯାଇଥିବା ପୁସ୍ତକରେ ସେଇଭଳି ନିର୍ଭୁଲ ଭାବରେ ପରିବର୍ତ୍ତନ ହୋଇପାରି ନାହିଁ। ପ୍ରାକୃତ ବ୍ୟାକରଣକାର ସେହି ଧାରଣାର ବଶବର୍ତ୍ତୀ ହୋଇ କହିଥିଲେ 'ପ୍ରକୃତବସ୍ତୁ ସଂସ୍କୃତେର୍ବିକୃତିଃ ପ୍ରାକୃତିର୍ମତା' ଅର୍ଥାତ୍ ପ୍ରାକୃତ ବା ଚଳିତ ଭାଷାକୁ ସଂସ୍କୃତ ଭାଷାର ବିକୃତି ମାତ୍ର। ପ୍ରାକୃତ ବା ଚଳିତ ଓ ଜୀବନ୍ତ ଭାଷାର ବର୍ଣ୍ଣ ଶବ୍ଦ ବ୍ୟାକରଣାଦି ଜଡ଼ ସଂସ୍କୃତର କୃତ୍ରିମ ଛାଞ୍ଚରେ ବ୍ୟକ୍ତ କରିବାର ପ୍ରୟାସ ସର୍ବତ୍ର ବିସ୍ତାର କରିଆସିଛି। ବଙ୍ଗ ଦେଶର ପଣ୍ଡିତ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଅନୁକରଣରେ ଏ ଦେଶରେ ଆଧୁନିକ ସାହିତ୍ୟର ପ୍ରବର୍ତ୍ତକ କବିବର ରାଧାନାଥ ରାୟ ଓ ଭକ୍ତକବି ମଧୁସୂଦନ ରାଓ ଶିକ୍ଷା ବିଭାଗର କର୍ତ୍ତା ରୂପେ ପ୍ରଥମେ ଏ କୃତ୍ରିମ ପନ୍ଥା ଫିଟାଇ ଦେଇଥିଲେ ଓ ଏହାରି ଆଦର୍ଶରେ ଆଜି ବି ଓଡ଼ିଆ ଭାଷା ଓ ସାହିତ୍ୟ ରାଜ୍ୟ ବହୁ ପରିମାଣରେ ପ୍ରଭାବିତ ହୋଇ ରହିଛି।

| | | | | | | | | | |
|---|---|---|---|---|---|---|---|---|---|
| କ୍କ kka | କ୍ଟ kṭa | କ୍ତ kta | କ୍ର kra | କ୍ଳ kḷa | କ୍ଷ kṣa | କ୍ଷ୍ଣ kṣṇa | କ୍ସ ksa | ଗ୍ଦ gda | ଗ୍ଧ gdha |
| ଙ୍କ ṅka | ଙ୍କୁ ṅku | ଙ୍କ୍ତ୍ର ṅktra | ଙ୍ଖ ṅkha | ଙ୍ଗ ṅga | ଙ୍ଘ ṅgha | ଚ୍ଚ cca | ଚ୍ଛ ccha | ଜ୍ଜ jja | ଜ୍ଝ jjha |
| ଜ୍ଞ jña | ଜ୍ଞା jñā | ଞ୍ଚ ñca | ଞ୍ଚି ñci | ଞ୍ଛ ñcha | ଞ୍ଜ ñja | ଣ୍ଟ ṇṭa | ଣ୍ଠ ṇṭha | ଞ୍ଝ ñjha | ଟ୍ଟ ṭṭa |
| ଣ୍ଡ ṇḍa | ଣ୍ଢ ṇḍha | ଣ୍ଣ ṇṇa | ତ୍କ tka | ତ୍ତ tta | ତ୍ତା ttā | ତ୍ତି tti | ତ୍ର tra | ତ୍ଥ ttha | ତ୍ନ tna |
| ତ୍ପ tpa | ତ୍ମ tma | ତ୍ସ tsa | ଦ୍ଦ dda | ଦ୍ଧ ddha | ଦ୍ବ dba | ଦ୍ଭ dbha | ଦ୍ୟ dya | ନ୍ତ nta | ନ୍ତି nti |
| ନ୍ତୁ ntu | ନ୍ଥ ntha | ନ୍ତ୍ର ntra | ନ୍ଦ nda | ନ୍ଧ ndha | ନ୍ଧି ndhi | ନ୍ନ nna | ନ୍ମ nma | ପ୍ତ pta | ପ୍ପ ppa |
| ପ୍ସ psa | ବ୍ଜ bja | ବ୍ଦ bda | ବ୍ବ bba | ମ୍ପ mpa | ମ୍ଫ mpha | ମ୍ବ mba | ମ୍ଭ mbha | ମ୍ମ mma | ଲ୍ପ lpa |
| ଲ୍ଫ lpha | ଲ୍ଭ lbha | ଲ୍ଲ lla | ଶ୍ଚ śca | ଶ୍ଛ ścha | ଷ୍କ ṣka | ଷ୍ଟ ṣṭa | ଷ୍ଠ ṣṭha | ଷ୍ଣ ṣṇa | ଷ୍ପ ṣpa |
| ଷ୍ଫ ṣpha | ସ୍କ ska | ସ୍ଖ skha | ସ୍ତ sta | ସ୍ତୁ stu | ସ୍ତ୍ର stra | ସ୍ଥ stha | ସ୍ନ sna | ସ୍ପ spa | ସ୍ଫ spha |
| ହ୍ନ hna | ହ୍ଣ hṇa | ହ୍ମ hma | ହ୍ଲ hla | ହ୍ବ hba | | | | | |

## ଆବଶ୍ୟକ ଅନୁସାରେ ବର୍ଣ୍ଣ

ପ୍ରତ୍ୟେକ ଜାତି ନିଜ ନିଜ ଭାଷାଗତ ଧ୍ୱନିର ବ୍ୟାପକତା ଅନୁସାରେ ଯେତେ ଗୋଟି ବର୍ଣ୍ଣ ଆବଶ୍ୟକ ପଡ଼େ ସେତିକି ମାତ୍ର ବର୍ଣ୍ଣ ସୃଷ୍ଟି କରିଥାନ୍ତି। ସମଗ୍ର ଜାତିର ହୃଦ୍ୟ ଭାବବ୍ୟଞ୍ଜକ ଭାଷାଗତ ଧ୍ୱନି ଏକପକ୍ଷ ନୁହେଁ, ଯାବତୀୟ ଭାଷାର ବର୍ଣ୍ଣ ସଂଖ୍ୟା ସମାନ ମଧ୍ୟ ନୁହେଁ । କିନ୍ତୁ ଅଧିକାଂଶ ଦେଶୀୟ ଭାଷାରେ ଭାରତର ଆଦିମ ଭାଷା ସଂସ୍କୃତିରେ ନିର୍ଦ୍ଦିଷ୍ଟ ବର୍ଣ୍ଣ ସମୂହର ଅନୁକରଣ ବିଦ୍ୟମାନ। ପ୍ରତ୍ୟେକ ଓଡିଆ ଅକ୍ଷରର ଆକୃତି ଦେବନାଗରୀ ଅକ୍ଷରର ସାଦୃଶ୍ୟରେ ମିଳାଇଲେ ଏହା

ସ୍ପଷ୍ଟ ହେବ। ଯଥା - ଅ ଠାରୁ ହ, ଂ (ଅନୁସ୍ୱାର), ଁ (ଚନ୍ଦ୍ରବିନ୍ଦୁ) ପର୍ଯ୍ୟନ୍ତ । ଏହି ବର୍ଣ୍ଣ ସବୁ ଦୁଇ ପ୍ରକାର – ସ୍ୱର ଓ ବ୍ୟଞ୍ଜନ। ଅ ଠାରୁ ଓ କାର ପର୍ଯ୍ୟନ୍ତ ସ୍ୱର ଓ କ ଠାରୁ କ୍ଷ ହେଉଛି ବ୍ୟଞ୍ଜନ। ସ୍ୱରର ବର୍ଣ୍ଣ ହେଉଛି ୨ ପ୍ରକାର – ହ୍ରସ୍ୱ ଓ ଦୀର୍ଘ। ଯଥା - ଅ, ଇ, ଉ ତିନୋଟି ହ୍ରସ୍ୱ ସ୍ୱର ବର୍ଣ୍ଣ ଓ ଆ, ଈ, ଏ, ଓ – ଚାରୋଟି ଦୀର୍ଘ ସ୍ୱର ବର୍ଣ୍ଣ। ଋ ୠ ଏହି ସ୍ୱର ବର୍ଣ୍ଣ କୌଣସି ପ୍ରାକୃତ ଭାଷାରେ ବ୍ୟବହୃତ ନ ଥିବାରୁ ବିଶୁଦ୍ଧ ଓଡିଆ ଭାଷାର ପ୍ରାୟ ଶବ୍ଦରେ ଗ୍ରାହ୍ୟ ହୋଇପାରେ ନାହିଁ। ଐ, ଔ ଏହି ୨ଟି ସ୍ୱର ମଧ୍ୟ ତଦନୁରୂପ । ପ୍ରାକୃତ ଭାଷାରେ ଐ ସ୍ଥଳରେ ଅଇ ଓ ଔ ସ୍ଥଳରେ ଅଉ ବ୍ୟବହୃତ ହୋଇଥାଏ। ଉଦାହରଣ ସ୍ୱରୂପ - ପୌରବଃ - ପଉରବୋ, କୌରବଃ – କଉରବୋ, ଭୈରବଃ – ଭଇରବୋ ଇତି ପ୍ରାକୃତ ପ୍ରକାଶେ ବରରୁଚିଃ। ପାଲି ଓ ପ୍ରାକୃତ ଓଡ଼ିଆ ଭାଷା ଅପେକ୍ଷା ଦୁଇଗୋଟି ବର୍ଣ୍ଣ ମାତ୍ର ଅଧିକ। ସେଥିରେ ତତ୍ ସମ୍ବନ୍ଧୀୟ ସର୍ତ୍ତାନୁସାରେ ଦୀର୍ଘ ଊ କାର, ଅବର୍ଗୀୟ ବ କାର ଓ ଲ କାର ପରି ଅତିରିକ୍ତ ବର୍ଣ୍ଣ ଗ୍ରାହ୍ୟ ହୋଇଅଛି। ତେଣୁ ବିଶୁଦ୍ଧ ଓଡ଼ିଆ ଭାଷାରେ ଅ, ଆ, ଇ, ଈ, ଉ, ଏ, ଓ ସାତୋଟି ସ୍ୱର ବର୍ଣ୍ଣ ଥିଲା। ସଂସ୍କୃତ ଶବ୍ଦମାନଙ୍କ ବ୍ୟବହାର ଫଳରେ ଊ, ଋ, ୡ, ଐ, ଔ ଏହି ୫ ଗୋଟି ସ୍ୱର ସ୍ଥାନିତ ହେଲା। ଯେଉଁ ବର୍ଣ୍ଣମାନେ ସ୍ୱର ବର୍ଣ୍ଣ ସାହାଯ୍ୟ ବିନା ସୁସ୍ପଷ୍ଟ ଓ ସ୍ୱତନ୍ତ୍ର ରୂପେ ଉଚ୍ଚାରିତ ହୋଇପାରନ୍ତି ନାହିଁ ସେମାନଙ୍କ ନାମ ବ୍ୟଞ୍ଜନ ବର୍ଣ୍ଣ। ବିଶୁଦ୍ଧ ଓଡ଼ିଆ ଭାଷାରେ ବ୍ୟଞ୍ଜନଗୁଡ଼ିକଙ୍କ ସଂଖ୍ୟା ୩୨ ଅଟେ। ଯଥା – କ, ଖ, ଗ, ଘ, ଙ, ଚ, ଛ, ଜ, ଝ, ଞ, ଟ,ଠ, ଡ, ଢ, ଣ, ତ, ଥ, ଦ, ଧ, ନ, ପ, ଫ, ବ, ଭ, ମ, ଯ, ର, ଲ, ସ, ହ, ଂ, ଁ । ଏଥିରେ କ ଠାରୁ ମ ଯାଏ ଅବର୍ଗ୍ୟ, ଯ ଠାରୁ ହ ଯାଏ ଅବର୍ଗୀୟ ଏବଂ ଂ, ଁ ଏ ଉଭୟ ଆଶ୍ରିତ ବର୍ଣ୍ଣ।

## ଉଷ୍ମ ବର୍ଣ୍ଣ

ସ, ହ (ଶ ଓ ଷ) ଏ ବର୍ଣ୍ଣଗୁଡ଼ିକ ଉଷ୍ମବର୍ଣ୍ଣ ଅଟନ୍ତି। ଏ ଉଭୟ ଆଶ୍ରିତ ବର୍ଣ୍ଣ । ଅପେକ୍ଷାକୃତ ଟିକେ ଅଧିକ ବହିର୍ଗତ ହୋଇଥାଏ। ଙ ଓ ଞ ଏ ଦୁଇଟି ସଂଯୁକ୍ତାକ୍ଷର ବର୍ଣ୍ଣ। ଣ' ଫଳା ଶବ୍ଦର ଆଦ୍ୟରେ କେବେ ରହେ ନାହିଁ। ଲ' ଫଳା ଶବ୍ଦର ଆଦ୍ୟରେ ମଧ୍ୟ ରହେ ନାହିଁ। ଏହା ବଦଳରେ ଲ' ଫଳାର ଧ୍ୱନିରେ ଉଚ୍ଚାରିତ ହୋଇଥାଏ। ଓଡ଼ିଆ ଭାଷାରେ ମଧ୍ୟ ତଦନୁରୂପ ଓ କାର ଚଳିବାରେ କୌଣସି ଦ୍ୱିଧା ନ ଥିବାରୁ ଶ' ଫଳା ଓ ଷ' ଫଳା ଗ୍ରାହ୍ୟ ନୁହେଁ। କିନ୍ତୁ ଏଥିରେ ସଂସ୍କୃତ ଶବ୍ଦଗୁଡ଼ିକର ବହୁଳ ବ୍ୟବହାର ଥିବାରୁ ସଂସ୍କୃତ ଶବ୍ଦ ଦେବା ସ୍ଥଳରେ ଶ ଓ ଷ ବର୍ଣ୍ଣ ଦ୍ୱୟକୁ ଓ କାର୍‌ରେ ପରିଣତ ନ କରି ସ୍ୱରୂପରେ ଲେଖାଯାଇଛି। ଅନ୍ୟ ଏକ ପ୍ରସଙ୍ଗକୁ ଗଲେ ସଂସ୍କୃତ ମତେ ଁ, ଃ, ଏ ଦୁଇଟି ଅଯୋଗବାହ ବର୍ଣ୍ଣ ଅଟେ। ଏହାର ପ୍ରମୁଖ କାରଣ ବ୍ୟାକରଣର ସୃଷ୍ଟି କର୍ତ୍ତା ଆମର ପୂଜ୍ୟ ପାଣିନି ସମସ୍ତ ବର୍ଣ୍ଣଗୁଡ଼ିକର ସଂଜ୍ଞା ଦେବା ଭିତରେ ଏ ଉଭୟ ବର୍ଣ୍ଣର ଯୋଗ କରିନାହାନ୍ତି। ଏ ହେତୁରୁ ଅଯୋଗ ଅର୍ଥାତ୍ ଏହା ଯୋଗ ହୋଇ ନ ଥିଲେ ସୁଦ୍ଧା ଏହା କାର୍ଯ୍ୟ ନିର୍ବାହ କରନ୍ତି ତେଣୁ ବାହ ଅଟନ୍ତି । ଏଥିପାଇଁ ଏହା ଅଯୋଗବାହ ନାମ ଧାରଣ କରିଛି। ବିସର୍ଗର ବ୍ୟବହାର ନାହିଁ ମାତ୍ର ପ୍ରାକୃତାନୁସରଣରେ ଅନୁସ୍ୱାରର ଅର୍ଦ୍ଧ ମାତ୍ରା ଚନ୍ଦ୍ରବିନ୍ଦୁର ବ୍ୟବହାର ରହିଛି। ଅନ୍ୟ ବର୍ଣ୍ଣକୁ ସଦା ଆଶ୍ରୟ କରୁଥିବାରୁ ଆଶ୍ରିତ ବର୍ଣ୍ଣ ନାମରେ ନାମିତ ହୋଇଛି। ବର୍ଗୀୟ ବର୍ଣ୍ଣଗୁଡ଼ିକରେ ପ୍ରଯୋଜ୍ୟ ଯୁକ୍ତ ସ୍ୱରଗୁଡ଼ିକ ମଧ୍ୟରେ ଅ କାରର କୌଣସି ଚିହ୍ନ ନ ଥିବାରୁ ତାହା ଅନ୍ତର୍ନିହିତ ଥାଏ। ଯଥା - ଫଳା କହିଲେ ଫ, ଅ, ଳ, ଆ - ଏହିପରି ୪ ବର୍ଣ୍ଣକୁ ଧରି ଉଚ୍ଚାରିତ ହୁଏ। ଯେଉଁ ବ୍ୟଞ୍ଜନବର୍ଣ୍ଣ ଉଚ୍ଚାରଣରେ 'ଅ' ନଥାଏ, ସେହି ବର୍ଣ୍ଣରେ 'ହଳନ୍ତ' ଯୋଗ ହୋଇଥିବା ମନେକରାଯାଏ। ହଳନ୍ତ - ଅଯୋଗବାହ ପରି ଏକ ଚିହ୍ନ ( ୍ )। ପ୍ରାକୃତ ପରି ବିଶୁଦ୍ଧ ଓଡ଼ିଆ ଭାଷାରେ ହଳନ୍ତ ବ୍ୟବହାର ନାହିଁ। ଏହା ସ୍ୱରାନ୍ତ ହୋଇଯାଏ। ଏହି ହଳନ୍ତ ବର୍ଣ୍ଣଗୁଡ଼ିକ ପରବର୍ତ୍ତୀ ବର୍ଣ୍ଣ ସହିତ ମିଳିତ ହୋଇ ଯୁକ୍ତାକ୍ଷରରେ ପରିଣତ ହୁଅନ୍ତି। ଯୁକ୍ତାକ୍ଷରର ରୀତି ସର୍ବତ୍ର ସମାନ ନୁହେଁ। କେତେକ ବ୍ୟଞ୍ଜନ ଯୁକ୍ତ ସ୍ୱରଗୁଡ଼ିକ ପରି ଭିନ୍ନାକୃତି କି ରୂପ ଧାରଣ କରନ୍ତି। କେତେକ ଓ ସ୍ୱରୂପରେ ରହନ୍ତି। ଅନ୍ୟ କେତେକ ସ୍ଥଳରେ କେତେକ ବ୍ୟଞ୍ଜନ ବର୍ଣ୍ଣ ଦ୍ୱୟର ଏକାତ୍ମ ପରିଣତି ମଧ୍ୟ ହୋଇଥାଏ।

**ଏହି ହଳନ୍ତ ବର୍ଣ୍ଣଗୁଡ଼ିକ ପରବର୍ତ୍ତୀ ବର୍ଣ୍ଣ ସହିତ ମିଳିତ ହୋଇ ଯୁକ୍ତାକ୍ଷରରେ ପରିଣତ ହୁଅନ୍ତି।**

ଯ, ର, ଲ (ଅବର୍ଗୀୟ), ବ, ନ, ମ ଏହି ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକ ଅନ୍ୟ ବ୍ୟଞ୍ଜନ ବର୍ଣ୍ଣରେ ଯୁକ୍ତ ହେଲେ ଭିନ୍ନ ଭିନ୍ନ ଭାବରେ ପ୍ରକାଶିତ ହୋଇଥାନ୍ତି। ସେତେବେଳେ ଏଗୁଡ଼ିକ ମାତ୍ରା ବା ଫଳା ହୁଏ କିନ୍ତୁ ବିଶୁଦ୍ଧ ଓଡ଼ିଆ ଭାଷାରେ ପ୍ରାକୃତ

ପରି ଅବର୍ଗୀୟ ବ କାରର ବ୍ୟବହାର ନ ରହିଥିବାରୁ ବ କାର ଯୁକ୍ତ ବର୍ଣ୍ଣ ହୋଇ ରହେ ନାହିଁ। ଯ କାରାଦିରେ ମାତ୍ରାଗୁଡ଼ିକର ଆକୃତି ମୂଳ ରୂପର ଏକାଂଶାନୁକରଣରେ ଗଠିତ ହୋଇଛି। ସଂସ୍କୃତରେ ମଧ୍ୟ ଏଗୁଡ଼ିକର ଆକୃତି ଏହିପରି ରହିଛି। ଓଡିଆ ବର୍ଣ୍ଣଗୁଡ଼ିକ ସଂସ୍କୃତ ବର୍ଣ୍ଣଗୁଡ଼ିକ ରୂପର ଅନୁକରଣରେ ସୃଷ୍ଟ ହୋଇଅଛି ଓ ମାତ୍ରାଗୁଡ଼ିକ ଅବିକଳ ବ୍ୟବହୃତ ହୋଇଅଛି। ଉଦାହରଣ - ଯ - ୍ୟ (ଅମନାତ୍ୟ, ନିତ୍ୟାନି, ଅହ୍ୟ), ର – ୍ର (ବ୍ରତ, ଇନ୍ଦ୍ରିୟ, ଛାତ୍ର, ପ୍ରଘଟ),ଲ- ୍ଲ (ଓହ୍ଲାଇବା, ଗେହ୍ଲା, କୋହ୍ଲ), ଳ – ୍ଳ (ଅମ୍ଲଜାନ, ଅମ୍ଲ), ର – ର୍ (ଉପସର୍ଗ, ସର୍ଗ, ଦୁର୍ଗା), ନ - ୍ନ (ଜହ୍ନ, ସ୍ୱପ୍ନ), ମ - ୍ମ (ଗହ୍ମା, ବ୍ରହ୍ମା) ଇତ୍ୟାଦି। ପ୍ରାକୃତରେ ନ କାର, ମ କାର ଓ ଯ କାରର ମାତ୍ରା ଯୋଗରେ ଯୁକ୍ତବର୍ଣ୍ଣର ବ୍ୟବହାର ନାହିଁ। ଏପରି ସ୍ଥଳରେ ପୂର୍ବୋକ୍ତ ମାତ୍ରାର ଲୋପ ସହିତ ତତ୍‌ପୂର୍ବ ବର୍ଣ୍ଣର ଦ୍ୱିତ୍ୱ ହୁଏ। ଏହିପରି ଭାବରେ ଫଳା ଯୋଗରେ ଓଡ଼ିଆରେ ଅଭାବ ସଂଯୁକ୍ତ ବର୍ଣ୍ଣ ହେବାର କ୍ରମ ରହିଛି। ଏହା ସହିତ ଅନ୍ୟାନ୍ୟ ଯୁକ୍ତାକ୍ଷରଗୁଡ଼ିକରେ ଅଭାବ ଓ ସଦ୍‌ଭାବର କ୍ରମ ଦେଖାଯାଏ। ବିଶୁଦ୍ଧ ଓଡ଼ିଆ ଭାଷାରେ କ୍ଷ କାର ପ୍ରାୟତଃ ନାହିଁ। କୌଣସି ପ୍ରାକୃତରେ ମଧ୍ୟ ଏହି ସଂଯୁକ୍ତାକ୍ଷରଟି ନାହିଁ। ପ୍ରାକୃତରେ କେତେକ ସ୍ଥଳରେ କ୍ଷ କାରର ଖ କାର ହେଉଥିବାରୁ କ୍ଷ କାରଟି 'କ୍‌ଖ' ରୂପେ ପରିଣତ ହୋଇଥାଏ। କେତେକ ସ୍ଥଳରେ କ୍ଷ ଟା ଛ ମଧ୍ୟ ହୋଇଥାଏ। ଓଡ଼ିଆର ସମଧିକ ତଦ୍‌ଭବ ଓ ଅପଭ୍ରଷ୍ଟ ଶବ୍ଦରେ ମୂଳ ଶବ୍ଦଗତ କ୍ଷ କାର ଖ କାରରେ ପରିଣତ ହୁଏ। ବିଶୁଦ୍ଧ ଓଡ଼ିଆ ଭାଷାଗତ ତକ୍ଷଣାଦି ଗଣରେ ଅର୍ଥାତ୍ ତକ୍ଷଣ ପ୍ରଭୃତି ଅତି ଅଳ୍ପ ସଂଖ୍ୟକ ସଂସ୍କୃତ ଶବ୍ଦରେ ମାତ୍ର ହୋଇଥାଏ। ଯଦି ଏପରି ଉଚ୍ଚାରଣ ଭାଷାର ସ୍ୱଭାବ ସିଦ୍ଧ ହେଲା ତେବେ ଏପରି ସ୍ଥଳରେ କ୍ଷ ଲେଖିବାର କୌଣସି ପ୍ରୟୋଜନ ମନେହୁଏ ନାହିଁ। ଅନେକ ଖିରି, ଆଖି ପ୍ରଭୃତି ତଦ୍‌ଭବ ଶବ୍ଦଗୁଡ଼ିକର ଅପରିବର୍ତ୍ତନୀୟ ଖ କାରକୁ ବୃଥାରେ କ୍ଷ କାର କରି ଭ୍ରମବଶତଃ ଲେଖିଦେଇଥାନ୍ତି। ମାତ୍ର ଖ୍ୟ ଉଚ୍ଚାରଣ କରି କ୍ଷ ଲେଖିବା ବିଧି ଅସଙ୍ଗତ ଅଟେ। ଓଡ଼ିଆରେ ମୂଳ ଶବ୍ଦଗତ ଉଦାହରଣ - କ୍ଷ' ର ଖ' ରୂପ – ଯଥା - ଇକ୍ଷୁ - ଆଖୁ, ଅକ୍ଷି - ଆଖି, କ୍ଷାର – ଖାର, କ୍ଷୀର – ଖିର, କ୍ଷୁର – ଖୁର, ସାକ୍ଷୀ – ସାଖି, ଲକ୍ଷ – ଲାଖ ଇତ୍ୟାଦି।

**ଜ୍ଞ ବର୍ଣ୍ଣଟି ଓଡ଼ିଆ ତଦ୍‌ଭବ ଶବ୍ଦ ସୃଷ୍ଟିରେ ଗଁ୍ୟ ରେ ପରିଣତ ହୁଏ।**

ପ୍ରାକୃତରେ ଯୁକ୍ତାକ୍ଷରଗୁଡ଼ିକର ବ୍ୟବହାର ସମଧିକ ନ ଥିଲେ ମଧ୍ୟ ପ୍ରାୟତଃ ବର୍ଗୀୟ ୫ମ ବର୍ଣ୍ଣରେ ଯୁକ୍ତାକ୍ଷରମାନ ବ୍ୟବହୃତ ହୋଇଥାଏ। କିନ୍ତୁ ଏପରି ଯୁକ୍ତାକ୍ଷରଗୁଡ଼ିକର ୫ମ ବର୍ଣ୍ଣ ପରିବର୍ତ୍ତେ ଅନୁସ୍ୱାର ଯୋଗ ହୁଏ। ବିଶୁଦ୍ଧ ଓଡ଼ିଆ ଭାଷାରେ ମଧ୍ୟ ଏପରି ଯୁକ୍ତ ବର୍ଣ୍ଣଗୁଡ଼ିକର ବ୍ୟବହାର ରହିଛି। ଙ କାର ସଂସ୍କୃତରେ ସ୍ୱବର୍ଗୀୟ ଓ ବାଙ୍ମୟ ପ୍ରଭୃତି ସ୍ଥଳରେ ଅନ୍ୟ ବର୍ଗୀୟ ବର୍ଣ୍ଣ ସଙ୍ଗେ କେବଳ ଯୁକ୍ତ ହୁଏ। ଅର୍ଥାତ୍ ଓଡ଼ିଆରେ ଙ କାର ଯୁକ୍ତ ସଂଯୁକ୍ତାକ୍ଷର ଙ୍କ, ଙ୍ଖ, ଙ୍ଗ, ଙ୍ଘ (ଆଙ୍କୁଡି, ସଙ୍ଖା, ଅଡ଼ଙ୍ଗ, ସିଂଘାଂ...)। ଞ କାରଟି ଛ କାର ଛଡ଼ା ଅନ୍ୟାନ୍ୟ ସ୍ୱବର୍ଗୀୟ ବର୍ଣ୍ଣରେ ଯୁକ୍ତ ହୋଇଥାଏ କିନ୍ତୁ ଏପରି ସଂଯୁକ୍ତ ବର୍ଣ୍ଣର ଉଚ୍ଚାରଣରେ ଞ କାରର ତୁଲ୍ୟ ଧ୍ୱନି ହୁଏ ନାହିଁ। ଅନୁସ୍ୱାର ଧ୍ୱନି ଶ୍ରୁତ ହୋଇଥାଏ। ନ କାର ଓ ମ କାର ଛଡ଼ା ଅନ୍ୟ ପଞ୍ଚମ ବର୍ଣ୍ଣର ଧ୍ୱନି ଅନୁସ୍ୱାର ପରି ହୋଇଥାଏ। (ଯଥା – କଞ୍ଚା, କାଞ୍ଛି, ଖଣ୍ଟ, ବଙ୍କା...ପ୍ରଭୃତି) ଓଡିଆ ଞ କାର ଉକ୍ତ ସଂଯୁକ୍ତ ବର୍ଣ୍ଣ - ଞ୍ଚ,ଞ୍ଜ, ଞ୍ଝ ଇତ୍ୟାଦି (ଅଣଞ୍ଚାଶ, ଖଞ୍ଜଣି, ବାଞ୍ଛା ଆଦି ଅତି ଅଳ୍ପ ଶବ୍ଦ ରହିଛି)।

**ଜ୍ଞର ଉଚ୍ଚାରଣ**

ଜ କାର ଓ ଞ କାରର ସଂଯୋଗରେ ଜ୍ଞ ; ତ କାର ଓ ଶ କାରର ସଂଯୋଗରେ ଚ୍ଛ ତଥା ତ ଫଳା ଓ ଓ କାରର ସଂଯୋଗରେ ତ୍ମ ହୁଏ। ଏହାବ୍ୟତୀତ ତ ସହିତ ସ କାର ମିଶିଲେ ତ୍ସ ହୁଏ। ଦ କାର ସହିତ ଧ ମିଶିଲେ ଦ୍ଧ ହୁଏ। କିନ୍ତୁ ଏପରି ସଂଯୁକ୍ତ ବର୍ଣ୍ଣମାନ ଓଡ଼ିଆ ଭାଷାରେ ନାହିଁ। ଜ୍ଞ ଉଚ୍ଚାରଣ ବେଦାଦି କ୍ରିୟାରେ ବ୍ୟବହୃତ ହୋଇଥାଏ। ଯଥା - ଯଜ୍ଞ – ଏହି ଶବ୍ଦଟିକୁ ଯଜଞ କରି ପ୍ରକୃତ ଉଚ୍ଚାରଣ କରିବାକୁ ହୁଏ। ଏହି ଜ୍ଞ ବର୍ଣ୍ଣଟି ଓଡ଼ିଆ ତଦ୍‌ଭବ ଶବ୍ଦ ସୃଷ୍ଟିରେ ଗଁ୍ୟ ରେ ପରିଣତ ହୁଏ। ଜ୍ଞାନ - ଗାଁ୍ୟନ ବା ଗିଆଁନ। ଯଜ୍ଞ - ଯଗଁ୍ୟ ଭାବରେ ଉଚ୍ଚାରିତ ହେବା ବିଧେୟ। ଣ କାର, ନ କାର, ମ କାର – ଏହି ପଞ୍ଚମ ବର୍ଣ୍ଣତ୍ରୟ ସୁଦ୍ଧା ସ୍ୱବର୍ଗୀୟ ବର୍ଣ୍ଣଗୁଡ଼ିକ ସଙ୍ଗେ କେବଳ ଯୁକ୍ତାକ୍ଷରରେ ରହିଥାନ୍ତି। ଯଥା - ଅଣ୍ଟା, ଆଣ୍ଟ, ଆଣ୍ଠୁ, କଣ୍ଠ, ଅଣ୍ଡାଳିବା, ଏରୁଣ୍ଡି, କୁଣ୍ଢାଇବା, ମେଣ୍ଢା, ଏନ୍ତୁଡ଼ି, ଅପନ୍ତରା, କାନ୍ଥ, ପେନ୍ଥା, ଖନ୍ଦା, ଚାନ୍ଦା, ଅନ୍ଧୁଣୀ, ଅନ୍ଧାର, କାନ୍ଧ, ତମ୍ପା, ସ୍ତମ୍ଭ, ଆମ୍ବ, ଖମ୍ବ, ଅସମ୍ଭାଳ, କିମ୍ପା, ଝୁମ୍ପା, ପିମ୍ପୁଡି, ଗୁମ୍ଫା, ଡାମ୍ଫଣ ଇତ୍ୟାଦି। ଯେଉଁ ସ୍ଥଳରେ ଅନୁନାସିକ ବର୍ଣ୍ଣ ଙ

କାରାଦିର ଲୋପ ସତ୍ତ୍ୱେ ଅନୁସ୍ୱାର ଯୋଗର ସୂତ୍ରପାତ ହୁଏ ଅଥଚ ସ୍ୱର ନାସିକା ସହିତ ଉଚ୍ଚାରିତ ହୁଏ, ସେପରି ସ୍ଥଳରେ କୋମଳ ଉଚ୍ଚାରଣ ଲାଗି ଚନ୍ଦ୍ରବିନ୍ଦୁ ବସାଯାଏ। ଯଥା - ପେଙ୍କାଳି - ପେଁକାଳି - ପେଂକାଳି, ବିଞ୍ଚଣା - ବିଁଚଣା - ବିଂଚଣା, ଚାନ୍ଦ - ଚାଁନ୍ଦ - ଚାଂନ୍ଦ। ଓଡ଼ିଆରେ ପ୍ରାକୃତ ପରି ସଂସ୍କୃତର ମଧ୍ୟ ଅନୁକୃତ ଥିବାରୁ ଅତି ଅଳ୍ପ ସଂସ୍କୃତ ଶବ୍ଦରେ ଓ କେତେକ ବୈଦେଶିକ ଶବ୍ଦରେ କିମ୍ବା ବୈଦେଶିକ ଶବ୍ଦାନୁକୃତ ଶବ୍ଦରେ ସ୍ତ ପ୍ରଭୃତି ବିଶେଷତଃ ଓ କାର ଯାହାର ଆଦ୍ୟରେ ଥାଏ ଏପରି କେତେକ ସଂଯୁକ୍ତ ବର୍ଣ୍ଣ ରହିଥାଏ। ଶବ୍ଦ ସଂଖ୍ୟା ଅତ୍ୟଳ୍ପ। ଯଥା - ଅନାସ୍ତ, କାକୁସ୍ତ(କାକୁ + ସ୍ଥ – ଏହାର ଅନୁକୃତ)। ସ୍ଥ କାରଟି ଅଶ୍ୱତ୍ଥ ଶବ୍ଦରୁ ଜାତ ଓ ସୁସ୍ଥ ଶବ୍ଦରେ ଲେଖାଯାଇପାରେ। ସେହିପରି ଅଉଷ୍ଟି (ଅରିଷ୍ଟ), ଦ୍ରପିଷ୍ଟ(ଦର୍ପିଷ୍ଠ), ଯୁଧିଷ୍ଠିର ଶବ୍ଦରେ ଷ୍ଠ କାର ବ୍ୟବହୃତ ହୋଇଥାଏ। ସ୍କ କାରରେ ଅସ୍କରା (ଅବସ୍କର ଶବ୍ଦ), ଟସ୍କର(ତସ୍କର ଶବ୍ଦର ଅନୁକୃତ) ହୋଇଛି। ଶ୍ଚ କାରରେ ପ୍ରାୟଶ୍ଚିତ, ସ୍ପ – ଇସ୍ପାତ, ଗ୍ଧ - ଦୁଗ୍ଧ(ଦୁଗ୍ଧ), ବ୍ଜ –ଲବ୍ଜ, ପ୍ତ, କ୍ତ – ରପ୍ତାନି ଓ ଶକ୍ତ ଆଦି ସଂଯୁକ୍ତ ବର୍ଣ୍ଣର ଉଦାହରଣ ଆମେ ନେଇପାରିବା। ସେହିପରି କ୍ର – ଉକ୍ରଟ, ଉକ୍ରଳ ମଧ୍ୟ ସଂଯୁକ୍ତ ବର୍ଣ୍ଣ ଅଟେ। ପ୍ସ (ଝାପ୍ସା) ଏହା ମଧ୍ୟ ଏକ ସଂଯୁକ୍ତ ବର୍ଣ୍ଣ। ସ୍ତ୍ର (ଇସ୍ତ୍ରି) ମଧ୍ୟ ଏକ ସଂଯୁକ୍ତାକ୍ଷର ବର୍ଣ୍ଣ।

**କେଉଁଠାରେ ଓଡ଼ିଆ ଭାଷା ସଂସ୍କୃତାନୁସାରୀ ଓ କେଉଁଠାରେ ପ୍ରାକୃତାନୁସାରୀ, ବୁଝିବା ଜରୁରି।**

## ଲଘୁ ଓ ଗୁରୁ ନିୟମ

ବର୍ଣ୍ଣ ସବୁ ଲଘୁ ଓ ଗୁରୁ ନିୟମରେ ଦୁଇ ପ୍ରକାର; ଯେଉଁ ବ୍ୟଞ୍ଜନ ବର୍ଣ୍ଣରେ ଅନୁସ୍ୱାର କିମ୍ବା ଦୀର୍ଘ ସ୍ୱର ଯୁକ୍ତ ଥାଏ, ଯେଉଁ ବର୍ଣ୍ଣ ସଂଯୁକ୍ତାକ୍ଷର ଓ ଦ୍ୱିତ୍ୱାକ୍ଷରର ପୂର୍ବେ ଥାଏ, ଏସବୁ ଗୁରୁ ବର୍ଣ୍ଣ ଓ ହ୍ରସ୍ୱ ସ୍ୱର। କେବଳ ହ୍ରସ୍ୱସ୍ୱର ବା ଚନ୍ଦ୍ରବିନ୍ଦୁ ସହ ହ୍ରସ୍ୱ ସ୍ୱରରେ ଯୁକ୍ତ ବ୍ୟଞ୍ଜନମାନ ଲଘୁ ବର୍ଣ୍ଣ ନାମରେ ଜଣାଯାଏ। ବିଶୁଦ୍ଧ ଓଡ଼ିଆ ଭାଷା ସମ୍ପର୍କରେ ଏଠାରେ ଯାହା ବି ଆପଣମାନେ ପଢ଼ିଲେ, ସେଗୁଡ଼ିକ ପଣ୍ଡିତ ଗୋପୀନାଥ ଶର୍ମାଙ୍କ ମତ ରହିଥିଲା। ଏହାକୁ ଜାଣିବା ଦ୍ୱାରା ଅନେକ ଲେଖକମାନଙ୍କର ଓଡ଼ିଆର ଯୁକ୍ତାକ୍ଷର ବିଧି ସମ୍ପର୍କରେ ଚକ୍ଷୁ ଉନ୍ମୀଳନ ହେବ ହିଁ ହେବ। ଯେଉଁମାନେ ସଂସ୍କୃତ ଛାଞ୍ଚରେ ଓଡ଼ିଆ ଭାଷାକୁ ଗଢ଼ିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କର କିଞ୍ଚିତ୍ ଭ୍ରମ ନିଶ୍ଚୟ ଦୂର ହେବ। କେଉଁଠାରେ ଓଡ଼ିଆ ଭାଷା ସଂସ୍କୃତାନୁସାରୀ ଓ କେଉଁଠାରେ ପ୍ରାକୃତାନୁସାରୀ ବୁଝିବା ଜରୁରି। ଏହାଦ୍ୱାରା ଭାଷା ରାଜ୍ୟରେ ଆଗାମୀ ଦିନରେ ଅରାଜକତା ଆଦୌ ଆସିବ ନାହିଁ। ଓଡ଼ିଆ ଏକ ପ୍ରାଚୀନ ଭାଷା। ସାରଳା ଦାସ, ଜଗନ୍ନାଥ ଦାସ, ବଳରାମ ଦାସ, ଦୀନକୃଷ୍ଣ ଦାସ, ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ, ଗୋପାଳକୃଷ୍ଣ, ବନମାଳୀ ପ୍ରଭୃତି ମହାନ କବିମାନେ ଏହି ଭାଷାକୁ ଯେଉଁ ସ୍ୱତନ୍ତ୍ର ରୂପ ଦେଇଛନ୍ତି ତାହା ସ୍ଥିର କରିବାର ସମୟ ଆସିଛି। ଫଳରେ ଆଗାମୀ ଦିନରେ ଓଡ଼ିଆ ଭାଷାକୁ ନେଇ କୌଣସି ଗୋଳମାଳ ରହିବ ନାହିଁ। ଯେତେଦିନ ପର୍ଯ୍ୟନ୍ତ ଆଧୁନିକ ଓଡ଼ିଆ ସାହିତ୍ୟ ପ୍ରାଚୀନ ସାହିତ୍ୟକୁ ଭିତ୍ତି ରୂପେ ନେଇନାହିଁ ସେତେଦିନ ଯାଏ ଓଡ଼ିଆ ଭାଷାର ମୌଳିକତା ଓ ଓଡ଼ିଆ ସାହିତ୍ୟର ଉନ୍ନତି ଆଶା କରିବା ବିଡ଼ମ୍ବନାର ବିଷୟହୋଇ ରହିଥିବ। ଆଜିର ଛୋଟ ପ୍ରୟାସ ଆଗାମୀ ଦିନରେ ବିଶୁଦ୍ଧ ଓଡ଼ିଆ ଭାଷାର ବ୍ୟାକରଣ ସର୍ଜନା ଦିଗରେ ନିଜସ୍ୱ ଦୃଷ୍ଟିଭଙ୍ଗୀରେ ସ୍ୱତନ୍ତ୍ରତା ଲାଭ କରିବ।

### ସହାୟକ ସୂଚୀ


୧. ଓଡ଼ିଆ ଭାଷା ବ୍ୟାକରଣ, ଚନ୍ଦ୍ରଶେଖର ମିଶ୍ର, ୧୯୩୩, ଟ୍ରେଡିଙ୍ଗ କୋ. ବାଲୁବଜାର, ଚାନ୍ଦିନୀଚୌକ, କଟକ।

୨. ପ୍ରାୟୋଗିକ ଭାଷା ବିଜ୍ଞାନର ଦିଗ ବିଦିଗ, ଦେବୀ ପ୍ରସନ୍ନ ପଟ୍ଟନାୟକ, ଅନୁବାଦ, ଶରତ ଚନ୍ଦ୍ର ପ୍ରଧାନ, ୧୯୮୦, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର।

୩. ଓଡ଼ିଆ ଭାଷା ଚର୍ଚ୍ଚାର ପରମ୍ପରା, ଗଗନେନ୍ଦ୍ର ନାଥ ଦାସ, ୧୯୮୩, ଓଡ଼ିଆ ଗବେଷଣା ପରିଷଦ, ସାରସ୍ୱତ ନିଳୟ, ଶ୍ରୀ ଅରବିନ୍ଦ ନଗର, ମଧୁପାଟଣା, କଟକ।

୪. ଓଡ଼ିଆ ଭାଷାତତ୍ତ୍ୱ, ପଣ୍ଡିତ ଗୋପୀନାଥ ନନ୍ଦଶର୍ମା, ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର, ୧୯୯୫, ବିନୋଦ ବିହାରୀ, କଟକ।

୫. ଓଡ଼ିଆ ଭାଷା ପ୍ରସଙ୍ଗ, ବିଜୟ ପ୍ରସାଦ ମହାପାତ୍ର, ଗ୍ରନ୍ଥ ମନ୍ଦିର, ୨୦୦୬, ବିନୋଦ ବିହାରୀ, କଟକ - ୨।

୬. ଓଡ଼ିଆ ଭାଷା ଓ ଭାଷା ବିଜ୍ଞାନ, ଦେବୀ ପ୍ରସନ୍ନ ପଟ୍ଟନାୟକ, ୨୦୦୭, ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ।

୭. ଭାଷା ଜିଜ୍ଞାସା, ସନ୍ତୋଷ କୁମାର ମହାନ୍ତି, ୨୦୧୪, ଏଥେନା ବୁକ୍ସ, ଭୁବନେଶ୍ୱର।


□□


ଲେଖିକାଙ୍କ ଇ-ମେଲ ଠିକଣା:
himadritanaya83@gmail.com

ଗଳ୍ପ

# ନୀରବତା

ଆରତୀ ସାହୁ



କଲେଜରେ ସମସ୍ତେ କହୁଥିଲେ ଉର୍ମିର ହସଟା କୁଆଡ଼େ ମୋନାଲିସାର ହସ । ଚୁପଚାପ୍ ଦାନ୍ତଚିପା ହସ। ନୀରବ ହସ। ଅଯଥା ହେଁ ହେଁ ଫେଁ ଫେଁ ହେବାର ଅଭ୍ୟାସ ତା'ର ନଥିଲା । କଥା ବି ଅଳପ।

ସାଇକେଲରେ କଲେଜ୍ ଯାଉଥିଲାବେଳେ ଗୋଟେ ଟୋକା ସବୁବେଳେ କମେଣ୍ଟ ମାରୁଥିଲା ତାକୁ ।

ଅଳପ କଥା ଅଳପ ହସ
ସଭିଙ୍କୁ ତେବେ କରିବ ବଶ।



ତାକୁ ଭଲ ଲାଗୁଥିଲା ଆଉ ଚିଡ଼ା ବି ଲାଗୁଥିଲା, କିନ୍ତୁ ଚୁପ୍ ରହୁଥିଲା। କହିବ କହିବ, ପୁଣି ପ୍ରତିକ୍ରିୟା ନ ପାଇ ବଳେ ଚୁପ୍ ହେବ। କିନ୍ତୁ ସତରେ କଣ ସେଇଆ ହୁଏ ?

କହୁଥିଲା କାମବାଲୀ ବନାନୀ

– ଭାଉଜ, ଜାଣିନ ତୁମେ, ମୁଁ ବି ଭାରି ଶାନ୍ତଶିଷ୍ଟ ଥିଲି ଗୋ। କିନ୍ତୁ ଏଇ ଦୁନିଆଁ ମୋତେ ବଦଳେଇ ଦେଲା। ସୁଧାର ଗାଇକୁ ବେଶି ଦୁହିଁବେ, ଇଏ ଦୁନିଆଁର ଦସ୍ତୁର । ନେଦା ଗଛରେ ଭାଲୁ ଚଢ଼ନ୍ ।

ଗୋଟାଏ ଆଞ୍ଚଳିକ ଢଗ ଯୋଡ଼ି ଦେଇଥିଲା ସିଏ।

ଉର୍ମିର କାମବାଲୀ ବନାନୀ , ଏମିତି ସବୁ କଥା କହି ସେ ସବୁଦିନ ତା'ର ମୁଣ୍ଡଟାକୁ ଗୋଳମାଳ କରିଦିଏ। ତା' ଉପରେ ସେ ବିରକ୍ତ ହୁଏ ମନେ ମନେ, କିନ୍ତୁ ପଛରେ ତା'ରି କଥା ସବୁ ଗୁଣିହୁଏ। ସତକଥା ତ କହୁଛି ସେ। ନମ୍ର ଘାସ ଉପରେ ସମସ୍ତେ ଚଢ଼ି ଯାଆନ୍ତି।

ହେଲେ ତା' ମାଆପରା ଶିଖେଇ ଥିଲା, କାନେ କାନେ ଶୁଆପରି ପଢ଼େଇଥିଲା । ତୁ ଆମର ଏମିତି ଶାନ୍ତଶିଷ୍ଟ ହେଇ ରହିବୁ ମାଆ । କୌଣସି କଥାକୁ ରେଣ୍ଟିହେଲେ ତାହା ବଢ଼ିବ ସିନା ଛିଡ଼ିବ ନାହିଁ। କୁହନ୍ତି ନା ରେଂଘଣାକୁ ପାଂଘଣା ନାଇଁ ପାରେ ବୋଲି। ତେଣୁ ଯୁଆଡୁ ଯାହା ଶୁଣ୍ ନା କାହିଁକି ମଉନ ହେଇ ସହିଯିବୁ। ବଳେ କହିଲାବାଲା ଥକିଯାଇ ଚୁପ୍ ହେବ। ମଉନ ରହିବାଟା ଏକ କଳା ମାଆ, ସେଇଟାକୁ ଯଦି ଅକ୍ତିଆର କରିଦେବୁ ତ ଅଧା ଯୁଦ୍ଧ ସେଇଠି ଜିତିଯିବୁ। ଜୀବନ ଜିଇଁବା ବି ସହଜ ହେବ।

ତା'ରି କଥାରେ ନୀରବ ରହି ରହି ମଉନାବତୀ ସାଜିଥିଲା ସିଏ। କେହି କିଛି କହିଲେ ଚୁଁ ବୋଲି କହୁ ନଥିଲା। ବାପଘରେ ସିନା ବାପା ମାଆ ଭାଇ ଢାଲ ସାଜୁଥିଲେ ତା' ସପକ୍ଷରେ, ଏଠି ଆଉ କିଏ ସେ ଅଛି ଯେ ତା' ଭାଗର ଯୁଦ୍ଧ ଲଢ଼ିବେ !

ଶାଶୁଘରେ ଲୋକ ଯିଏ ଯାହା ଉଲୁଗୁଣା ଦେଲା କି କଥା ଅକଥା କହିଲା, ସେ ନୀରବରେ ସବୁ ସହିଲା। ଅରିନ୍ଦମ ବୋଧେ ସେଇ ଗୀତର ଧାରେ ଧାରେ ଖୁସି ଥିଲେ ଯେ 'ରୂପ ହେଇଥିବ ଲାବଣ୍ୟବତୀ, ଗୁଣରେ ଲାଜୁକି ମଉନାବତୀ' । କିନ୍ତୁ ତାଙ୍କ ରାତି ସବୁରେ ମଧୁ ତ ବରଷୁ ନଥିଲା ନିଶ୍ଚିତ ଭାବେ । ଏକଥା ତାକୁ ମାଲୁମ୍ ନ ଥିବ ତ ଆଉ କାହାକୁ ଥିବ। କାରଣ ସେ ଥିଲା ଘରେ ଏକମାତ୍ର ସୁକୁମାରୀ ଝିଅ, କୁଟା ଖଣ୍ଡିକୁ ଦି'ଖଣ୍ଡ କରିନଥିଲା। ଏଠାରେ କିନ୍ତୁ ରାବଣ ବଉଁଶର ତିମାର୍‌ଦାରୀ କରି କରି ଥକି ଯାଉଥିଲା। ବିଛଣାରେ ପଡ଼ିଲେ ନିଢାଲ୍ । ସକାଳୁ ଉଠି ପୁଣି ହରଡ଼ଘଣାରେ ପେଲି ହୁଅ। ତା'ପରେ ଦଶକଥା ଶୁଣ। ନିଜର ସୁଖ ସଉକ ସବୁ ଛାଡ଼ି ହେଇଗଲା। କିନ୍ତୁ ମାଆ ଶିଖେଇଛି, ମଉନ ରହିବୁ।

ଏଇ ବନାନୀଟା ଆସି ତାକୁ ବିଦ୍‌କେଇ ଦେଲା।

ଆହା ! ଭାଉଜ, ତୁମେ ଏଡ଼େ ସୁନ୍ଦର ଗୀତ ଗାଉଛ ନା ? ଏହେ ! ହାରମୋନିୟମ୍‌ଟା ଏମିତି ଧୂଳିଧୂସର ହେଇପଡ଼ିଛି । ଗାଇଲ ଗାଇଲ ଗୋଟେ ଓଡ଼ିଶୀ ଗୀତ । 'କୃଷ୍ଣଙ୍କ ବଂଶୀର ଧ୍ୱନି ଶୁଣି' ଆହା କି ସୁନ୍ଦର ଗାଉଥିଲ । ମୁଁ ଶୁଣି ଦେଇଛି ଯେ । ଗାଆ ନା ।

ବନାନୀ ଯାଇ ଟେକି ଆଣିଲା ହାର୍ମୋନିୟମ୍ । ଝାଡ଼ି ଝୁଡ଼ି ପକେଇଲା । ବେସୁରା ପେଁ ପେଁ କଲା । ଭସ୍ ଭସ୍ ପବନ ବାହାରି ଯାଉଥିଲା ସେଥିରୁ । ତାର ବୋଲ୍ଟ ଠିକ୍ ଠାକ୍ ଆଣ୍ଟିହେଇ ନଥିଲା ।

- ତୋର କିଛି କାମ ନାଇଁ କି ? ସେଦିନୁ କହିଲିଣି ବାରିଆଡ଼ର ଆଉଟ୍ ହାଉସ୍‌ଟା ଝାଡ଼ିଝୁଡ଼ି ଦେ ବୋଲି , ସେତକ ତ ହେଉନି । ଆଉ ଦୁନିଆଁଦାରି କଥା କହିବାକୁ ଆଗ ବସି ପଡ଼ୁଛୁ । ଗଲୁ ଏଠୁ ।

ବନାନୀ ଚାଲିଗଲା ପରେ ଖରାବେଳେ ତା'ର ମନ ଆଉଟିପାଉଟି ହେଲା । ଯୋଉ ମନଟାକୁ ଶୋଇ ପକେଇଥିଲା ଥାପୁଡ଼େଇ ଦେଇ, ସେ ହଠାତ୍ ଭିଡ଼ି ମୋଡ଼ି ହେଇ ଚେଇଁ ଉଠିଲା । ସତରେ ସେ କ'ଣ ବାହା ହେଲା ବୋଲି ମୁଣ୍ଡ ବିକି ଦେଲା ? ନିଜର ଇଚ୍ଛା, ସଉକ, ଶଧ, ଅଭ୍ୟାସ ସବୁକୁ ଭସେଇ ଦେଇ ଆଇଲା ତାଙ୍କ କଣ୍ଟେଇ ନଈରେ । ସବୁ ପାଠ, ସବୁ ଶିକ୍ଷା ଧୋଇଗଲା ? ଟ୍ରଙ୍କ୍‌ର ସବା ତଳେ ଗୁମୁରୁଥିବା ସାର୍ଟିଫିକେଟ ଫାଇଲ୍‌କୁ କାଢ଼ି ଆଣିଲା । କେତେ ସୁନ୍ଦର ଗୀତ ଗାଉଥିଲା ସେ ସତରେ । ସ୍କୁଲ, କଲେଜ୍, ଜିଲ୍ଲା କଲେକ୍ଟର ଅଫିସ୍ ସବୁଠି ଗାଇ ସେ ଉଚ୍ଚ ପ୍ରଶଂସା ପାଇଛି । ମାନପତ୍ର, ଉପଢ଼ୌକନ ଇତ୍ୟାଦି ପାଇଛି ବହୁବାର । ଓଡ଼ିଶୀ ସଙ୍ଗୀତରେ ସାତବର୍ଷ ପୂରା କରି ଡିଗ୍ରୀ ନେଇଛି । କିନ୍ତୁ ସବୁ ବେକାର । କାହିଁ, ଏଠାରେ କେହିହେଲେ ତ ପଚାରି ନାହାନ୍ତି ସାର୍ଟିଫିକେଟ ବାବଦରେ । ସ୍ୱାମୀ ଅରିନ୍ଦମ ମଧ୍ୟ ଜାଣିବାକୁ ଚାହିଁ ନାହାନ୍ତି ଏତେସବୁ ସାର୍ଟିଫିକେଟ କୋଉଥିପାଇଁ ।

ବନାନୀ ଯାଇ ଟେକି ଆଣିଲା ହାର୍ମୋନିୟମ୍ । ଝାଡ଼ି ଝୁଡ଼ି ପକେଇଲା । ବେସୁରା ପେଁ ପେଁ କଲା ।

କେତେଥର ବାଥ୍‌ରୁମ୍‌ରେ ସେ ଗୁଣୁଗୁଣୁ ହେଇ ନିଜେ ମୁଗ୍ଧ ହେଇଛି । ଅରିନ୍ଦମ କିନ୍ତୁ ନିର୍ବିକାର । ଓଲଟି କେବେ ଟିକେ ଜୋର୍ ଗଳାରେ ଗାଇଲେ ବିରକ୍ତି ଦେଖାନ୍ତି । ଶାଶୂ, ଶ୍ୱଶୁର ଆଉ ଦିଅର ମଧ୍ୟ ତାଙ୍କୁ ବଳି । ସେମାନଙ୍କ ଆଗରେ ତ ଜୋରରେ ହସି ମଧ୍ୟ ପାରିବ ନାଇଁ ମଣିଷ । ସେ ଜାଣି ପାରେନା ଏ ଘରର ମଣିଷ ସବୁ କେଉଁ ଧାତୁରେ ଗଢ଼ା । ଲାଳିତ୍ୟ ଛୁଇଁ ଯାଇନାହିଁ ଏଙ୍କୁ ସବୁ । ଖାଲି ଚିରାଚରିତ କର୍ତ୍ତବ୍ୟରେ ବଞ୍ଚିଛନ୍ତି । ଆଉ ସିଏ ବି ସେଇ ରଙ୍ଗରେ କେମିତି ଢଳିଯାଇ ପାରିଲା ? ମାଆ ଶିଖେଇଛି ପରା ନୀରବ ରହିବାକୁ ।

କିନ୍ତୁ ବନାନୀର ରୋଜ୍ ରୋଜ୍ ଆଗ୍ରହ ପାଇଁ ସେ ଆଉ କିଛି ଭାବିବା ଆରମ୍ଭ କରିଥିଲା ।

- ଭାଉଜ, ଏମିତି ନିଜର ଶଧ ସଉକ ଛାଡ଼ି କ'ଣ ବଞ୍ଚିହେବ । ମୋ' ମଦୁଆ ଗୁସିଆଁ ଏମିତି ଦବେଇ ରଖିଥିଲା ମୋତେ । ନିଜେ ଯାହା ରୋଜଗାର କରୁଥିଲା ନିଶାପାଣିରେ ଉଡ଼ଉଥିଲା, ଆଉ ମୋତେ ଘରୁ ଗୋଡ଼ କାଢ଼ିତେ ଦେଉ ନଥିଲା । ମୁଁ ସେମିତି ନୀରବ ରହିଥିଲେ ମୋ' ଛୁଆ ମରି ମାଟି ହେଇ ଯାଆନ୍ତେଣି । ମୁଁ ତେଣୁ ତୁଣ୍ଡ ଖୋଲିଲି ଆଉ ଗୋଡ଼ ବି କାଢ଼ିଲି ପଦାକୁ ।

ସେଦିନ ଗୋଟେ କାଗଜ ଆଣି ଦେଲା ବନାନୀ । ସେଇଟା ଗୋଟିଏ ବିଜ୍ଞାପନ ଥିଲା ଗୋଟେ ଗୀତ ରିଆଲିଟି ଶୋ' ପାଇଁ ଅଡିସନ୍‌ର । ସେଇ ସହରରେ ହେଉଥିଲା ।

ସେଦିନ ଥିଲା ରବିବାର । ସମସ୍ତଙ୍କୁ ଖୁଆଇ ପିଆଇ ସାରି ଉର୍ମି ନିଜେ ସାଜୁ ସିଙ୍ଗାର ହେଇ ବାହାରି ପଡ଼ିଲା । ଅରିନ୍ଦମ ଆଶ୍ଚର୍ଯ୍ୟ ହେଇ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁଲେ ।

ଉର୍ମି ବଡ଼ ଆତ୍ମବିଶ୍ୱାସରେ ଦୃଢ଼ ସ୍ୱରରେ କହିଲା,

- ଆଜି ଇଣ୍ଡିଆନ୍ ଆଇଡଲ୍ ପାଇଁ ଗୀତ ଅଡିସନ୍ ଅଛି ଏଇ ପାଖ କମ୍ୟୁନିଟି ହଲ୍‌ରେ । ବନାନୀକୁ କହିଛି ଚାହା କରିଦେବ ।

ଅରିନ୍ଦମ କିଛି କହିପାରିଲା ନାହିଁ । ଶାଶୂ ମଧ୍ୟ ସବୁ ଶୁଣୁଥିଲେ । ସେ ମଧ୍ୟ ତାର ଦୃଢ଼ତା ଆଗରେ ଉଁ ଚୁଁ ହେଇ ପାରିଲେ ନାହିଁ ।

ଉର୍ମି ଘରୁ ବାହାରି ମୋନାଲିସାର ହସ ଧାରେ ଓଠରେ ଧରି ଅଟୋ ନେଇ ଚାଲି ଯାଇଥିଲା । ବନାନୀ ଉତ୍‌ଫୁଲ୍ଲ ହୋଇ ଅନାଇ ରହିଥିଲା ରାସ୍ତାରେ ଉଡୁଥିବା ଧୂଳିକୁ । ନୀରବ ରହିବା ଭଲ, କିନ୍ତୁ ନିଜର ଅଧିକାର ଓ ଇଚ୍ଛା ବିରୁଦ୍ଧରେ କଦାପି ନୁହେଁ ।

□□

ଲେଖିକାଙ୍କ ଇ-ମେଲ ଠିକଣା:
sahooarati10@gmail.com

ଏକାଙ୍କିକା

# ଆମ ନାଟକ



**ଅଳକା ନନ୍ଦ**

(ପର୍ଦ୍ଦା ଖୋଲିଲା ବେଳକୁ ଷ୍ଟେଜ୍ ଉପରେ ୪/୫ ଜଣ ମହିଳା କାର୍ଯ୍ୟରତ। ଛୋଟ ଟେବୁଲ ଉପରେ ମିନି ଠିଆହେଇ ଷ୍ଟେଜ୍ ଉପରେ ଗୋଟେ ବ୍ୟାନର ଲଗେଇବାରେ ବ୍ୟସ୍ତ। ବ୍ୟାନରର ଅଲଗା ପଟଟି ନୀଳିମା ଧରି ମିନିକୁ ସେଫ୍ଟିପିନ ବଢ଼ଉଥାଏ । ରୁନା ଏବଂ ନୀରଜା ଦୂରରୁ ବ୍ୟାନରଟା ସିଧା କି ନାହିଁ ହାତରେ ଦେଖାଉଥିଲା। ଦୁଇଜଣ ମହିଳା ଷ୍ଟେଜ୍‌ର ଗୋଟେ କଣରେ ଜଗନ୍ନାଥଙ୍କୁ ସଜଉଥିଲେ । ଦୁଇ ଜଣ ମହିଳା ସୋଫା ସେଟ ଆଣି ରଖୁଥିଲେ। ଭିତରୁ ଶାଢ଼ି ସଜାଡ଼ି ସଜାଡ଼ି ପ୍ରବେଶ।)

ନୀରଜା– ଆରେ ବେଳ ଜଣାପଡୁଛି ତମକୁ ? (ବ୍ୟସ୍ତ ହୋଇ, ଘଡ଼ି ଦେଖି) ଚାରିଟା ବାଜିବ। କିଛି କାମ ସରିନି। ଆରେ ମନି ସେ ଫୁଲମାଳଗୁଡ଼ା ଟାଙ୍ଗ। ଆରେ ରୁନା, ଫୁଲ ତୋଡ଼ା ଜଲି ଆଣିଚି ? ?

> **"ଗୀତା ଅପା, ଦେଖିଲ ମୋ' ଶାଢ଼ିଟା ସୁନ୍ଦର ହେଇନି ? ଚିଫ୍‌ଗେଷ୍ଟଙ୍କୁ ଫୁଲ ଦେବି ଟି !"**

ରୁନା (ହସି)– ଜଲି ? ଜଲି ଆଜି କ'ଣ ଆସିବ ? ସେ ପରା ତା' ବର ସାଙ୍ଗେ ଟିଉସନ ଯାଉଚି। ତା' ପୁଅର ନର୍ସରୀରେ ନାଁ ଲେଖା ହବ ତ ? ଏବେପରା ମା' ବାପାଙ୍କର ବି ରିଟିନ ଟେଷ୍ଟ ହଉଚି। ତେଣୁ ଜଲି ଓ ତା' ବର ଟିଉସନ ନଉଛନ୍ତି।

ନୀରଜା– ଓ ମାଇଁ ଗଡ୍, ଏଇଲେ ଚିଫ୍ ଗେଷ୍ଟ୍‌ଙ୍କୁ କିଏ ଆଣିବାକୁ ଯିବ ? ବଡ଼ ହଇରାଣ ହେଲା ମଣିଷ। (ଷ୍ଟେଜ୍‌ରେ ଏପଟ ସେପଟ ହେବା।)

ମାଧୁରୀ (ବାଳ ସଜାଡୁ ସଜାଡୁ ପ୍ରବେଶ)– କାହାକୁ ଆଣିବାର ଅଛି ? ମୁଁ ଯାଇପାରିବି। ହେଲେ ମତେ ଗୋଟେ ଯାନ ଦରକାର। ଆଫ୍‌ଟର୍ ଅଲ ଚିଫ୍‌ଗେଷ୍ଟଙ୍କୁ ଆଣିବାକୁ ଅଛି।

ନୀରଜା– ତା' ହେଲେ ମାଧୁରୀ ତୋର ଦାୟିତ୍ୱ ରହିଲା, ଚିଫ୍‌ଗେଷ୍ଟ୍‌ଙ୍କୁ ଆଣିବୁ ତୁ। ଠିକ୍ ପାଞ୍ଚଟା ବେଳେ ବାହାରି ଯିବୁ। ରାସ୍ତାରେ ଟ୍ରାଫିକରେ କାଳେ ଫସିଯିବୁ।

ଚନ୍ଦ୍ରିକା– ଆରେ ପିଲାମାନେ କୁଆଡ଼େ ଗଲ ? ଆସ, ମେକ୍‌ଅପ୍ ହବ।

(ଭିତରୁ ତିନି ଜଣ ପିଲାଙ୍କ ପ୍ରବେଶ। କୁନି, ରମେଶ ଚାରୁ)

ଆଚ୍ଛା ତମର ପାର୍ଟ ମୁଖସ୍ଥ ଅଛି ତ ?

ଚାରୁ– ହଁ ଗୁରୁମା, ଶୁଣନ୍ତୁ। ରମେଶ, ଓଡ଼ିଶାର ଜାତୀୟ ପଶୁ କିଏ କହିଲୁ ?

ରମେଶ– ସମ୍ବର।

କୁନି–(ହସି) ହେଁ ସମ୍ବର... ସମ୍ବର ତ ଦୋସା, ଇଡ୍‌ଲି ସାଙ୍ଗରେ ଖାଆନ୍ତି।

ଚନ୍ଦ୍ରିକା– ଓହୋ ଚାଲ ଚାଲ (ପିଲାମାନଙ୍କୁ ଧରି ପ୍ରସ୍ଥାନ)

ମୀନା– (ଶାଢ଼ି ସଜାଡ଼ି ସଜାଡ଼ି)ଗୀତା ଅପା, ଦେଖିଲ ମୋ' ଶାଢ଼ିଟା ସୁନ୍ଦର ହେଇନି ? ଚିଫ୍‌ଗେଷ୍ଟଙ୍କୁ ଫୁଲ ଦେବି ଟି !

ଗୀତା–ହଁ ହଁ ବାବା। ବଢ଼ିଆ ହେଇଚି ଶାଢ଼ି। ଯା, ଗ୍ରୀନ ରୁମରେ ମେକଅପ୍‌ରେ ସାହାଯ୍ୟ କର।

ମୀନା– ହେ ଗୀତା ଅପା, ଆଗ ଟିକେ ଆମ ପୋଜିସନଟା ଦେଖି ଦିଅ। ପ୍ଲିଜ ପ୍ଲିଜ... ଟିକେ ମାଇକ ଟେଷ୍ଟ ବି କରିଦିଅନା... ଆରେ ସବୁ ଆସ ଟିକେ ନିଜ ନିଜ ଭଏସ ଟେଷ୍ଟ କରିଦବା। ହେ ମାଳତୀ ଟିକେ ମାଇକ ଆଗେ କିଛି କହିଲୁ....

ମାଳତୀ– (ପର୍ସରୁ ଗୋଟେ କାଗଜ କାଢ଼ି) ପାଟି ପାକୁପାକୁ କରିବା।

ମୀନା– ଆଲୋ, ମାଳତୀ, ପାଟି ପାକୁପାକୁ କାଇଁ କରୁଚୁ ? କଥା କହ।

ମାଳତୀ– ଆଚ୍ଛା ପିଲେ କହିଲ ? ଅପାଠୁଆ କାହାକୁ କହନ୍ତି ?

କୁନି- (ବାହାରକୁ ଆସି) ଅପାଠୁଆ।

ଗୀତା- ଅଗାଧୁଆ ?

କୁନି- ଯେ ଗାଧେଇନି।

ମୀନା- ଅବଳା କାହାକୁ କହନ୍ତି ?

କୁନି- ଯେ ବଳା ପିନ୍ଧିନି...

ମୀନା- (କୁନି ଓଠକୁ ଧରି) ନାଇଁ ମାମା, ନାରୀକୁ ଅବଳା କହନ୍ତି। ଚାଲ ଚାଲ ମେକଅପ୍ ହବୁ।

ସୁକାନ୍ତି- କିନ୍ତୁ। ଆମେ ତ ପୁରୁଷମାନଙ୍କ ସାଙ୍ଗେ କାନ୍ଧରେ କାନ୍ଧ ମିଶେଇ ଚାଲୁଚୁ। ଘରେ ତାଙ୍କୁ ଆମ କଥା ମାନିବାକୁ ବାଧ୍ୟ କରୁଚୁ । ଆମେ ଅବଳା କାଇଁ ହବୁ ? ଆମେ ହେଲୁ ବଳା... (ହାତର ମସଲ ଦେଖାଇବା)

ମୀନା- ବାସ୍ ! ଆରମ୍ଭ ହେଇଗଲା ଫାଜିଲାମି । ମହାଭାରତ ନାଟକର ଟିକେ ପୋଜିସନ ଦେଖିନିଅ...



ସରିତା- (ବାଳ ସଜାଡ଼ି ସଜାଡ଼ି ପ୍ରବେଶ) ଆସିଗଲି। ଆସିଗଲି। ସରି... ସରି... ପାର୍ଲରରେ ଟିକେ ଡେରି ହେଇଗଲା। ଓଃ ଆଜି ସେ ପାର୍ଲରରେ ଅସମ୍ଭବ ଭିଡ଼। (ପର୍ସରୁ ପାଣି ବୋତଲ କାଢ଼ି ପିଇବା) ମୀନା ମୋ' ନୂଆ ହେୟାର ଷ୍ଟାଇଲଟା କେମିତି ହେଇଚି ? (ଷ୍ଟେଜ୍‌ରେ ଥିବା ସମସ୍ତଙ୍କ ମୁହଁ ଶୁଖିଯିବା)

ମୀନା- ଆଲୋ ବାଳ ଆଜି କାଟିବାକୁ ଥିଲା ? ତୁ ପରା ଦ୍ରୌପଦୀ ହେଇଚୁ ? କାଲି କାଟିଥିଲେ ହେଇ ନ ଥାନ୍ତା ?

ସରିତା- ଜାଣିଚି ଜାଣିଚି..... ହେଲେ ସୁଧା ଯେତେବେଳେ ଦୁର୍ଯ୍ୟୋଧନ ରୂପରେ ମୋ' ବାଳକୁ ଟାଣି ଟାଣି ଘୋଷାଡ଼ି ନେଇଯାଏ କେତେ କାଟେ ଜାଣିଚୁ ? ତେଣୁ କାଟି ଦେଲି। ଆଜି କେତେ ଟାଣିବ ଟାଣୁ।

ମୀନା- (ମୁଣ୍ଡରେ ହାତ ଦେଇ) ହେ ଭଗବାନ... ଏଇଲେ ନାଟକ ହବ କେମିତି ? (ବସିପଡ଼ି) ମୋ' ନିଃଶ୍ୱାସ ବନ୍ଦ ହେଇ ଯାଉଚି (ଧଇଁସଇଁ ହେବା)

ସରିତା- ହେଁ ? (ପାଖକୁ ଯାଇ) ନିଃଶ୍ୱାସ ନେଇପାରୁନ ? ତା' ହେଲେ ନିଅନି। ତମ ପାଇଁ ମୁଁ ନେଇଯିବି ? କ'ଣ କହୁଚ ?

ଡଲି- ଆରେ ତମେ ଏଠି ଫାଜିଲାମି କରୁଚ, ସେପଟେ ମୁଁ ଏକା ହଇରାଣ ହଉଚି। ପିଲାଗୁଡ଼ା ଟିଫିନ୍ ଖାଇବାକୁ ମତେ କେଳେଇ ପକେଇଲେଣି। ଟିଫିନ ଇନଚାର୍ଜ କିଏ ଅଛି ?

ମୀନା- ଲୀନାକୁ ଦିଆ ହେଇଥିଲା...

ସରିତା- ଲୀନାର ଶ୍ୱଶୁର ଚାଲିଗଲେ। ସେ ତ ଆଜି ସକାଳ ଫ୍ଲାଇଟରେ ଓଡ଼ିଶା ଗଲାଣି। କାହାକୁ ଜଣେଇ ଯାଇ ନି। ମୁଁ ଫୋନ କଲାରୁ ଏବେ ଜାଣି ଜାଣିଲି।

ଡଲି- ହେ ଭଗବାନ... ସବୁ ଅଘଟଣ ହଉଚି ଆଜି... ଆରେ କିଏ ଜମାଟୋରୁ ଖାଇବା ଅର୍ଡର କର... (ଠାକୁରଙ୍କୁ ଚାହିଁ) ଆରେ ଠାକୁରଙ୍କ କାମ ସାର... କିଏ କୁଆଡ଼େ ଗଲ ? ଫଙ୍କସନ ଆରମ୍ଭ କର... ଆରେ ରମା... ଫୁଲମାଳଗୁଡ଼ା ଟାଙ୍ଗ... (ଫୋନ ବାଜିବା) ହାଲୋ....କିଏ ?.....ଟିକେ ଜୋରରେ କହ... କିଛି ଶୁଭୁନି... ଓ ମାଇ ଗଡ୍... ଫ୍ରାକ୍‌ଚର ? ହଉ... ତୁ ବିଶ୍ରାମ କର। ମୁଁ ଦେଖୁଚି...କ'ଣ କରିପାରିବି....

କେତକୀ- (ଚଷମାକୁ ଆଖି ଉପରକୁ କରି କରି, ଲଇଁଲଇଁ କିଛି ଖୋଜି ଖୋଜି ପ୍ରବେଶ)

ମୀନା- ମାଉସୀ, କ'ଣ ଖୋଜୁଚ ?

କେତକୀ- ଆଲୋ ସେ କାଗଜଟା ଖୋଜୁଚି ଲୋ.....

ମୀନା- କି କାଗଜଟା ?

କେତକୀ- ଆଲୋ ସେଇ କାଗଜଟା ମ... ।

ମୀନା- କି କାଗଜ କହିଲେ ସିନା ବୁଝିବି...

କେତକୀ- (ଚିଡ଼ି ଯାଇ) ଧେତ୍ ତେରି କା... ବୁଝିପାରୁନ ? ମୁଁ କଣ କରୁଚି ? ମୋର ଦାୟିତ୍ୱ କ'ଣ ଆଜି ?

ମୀନା- ସେକ୍ରେଟେରୀ ରିପୋର୍ଟ ପଢ଼ିବା।

କେତକୀ- ସେଇ କଥା କହୁଚି ପରା..... ମନେ କ'ଣ ପଡୁଚି ନିଆଁଲଗା.....ସେଇ କାଗଜଟା ଖୋଜୁଚି ପରା...

ମୀନା- ଏ ଭିଡ଼ରେ କୁଆଡେ ହଜି ଯାଇଥିବ... ଆଉ ଥରେ ଲେଖି ପକା...

କେତକୀ- (ଧୀର ଗଳାରେ)ସେଇଟା ପରା ମୋ' ବର ଲେଖିଦେଇଥିଲେ। ମୁଁ କଣ ସେମିତି ଲେଖି ପାରିବି ?

ମୀନା- ହଉ ତମେ ଖୋଜୁଥାଅ। ମୁଁ ଯାଉଚି ମେକଅପ୍ ହବାକୁ। (ପ୍ରସ୍ଥାନ)

ମାଧୁରୀ- ଆରେ କିଏ କୁଆଡ଼େ ଗଲ ? ଚିଫ୍ ଗେଷ୍ଟ ଆସିଗଲେଣି...

ମୀନା- କାହାନ୍ତି ? କାହାନ୍ତି ? ହେଲେ ଏତେ ଜଲଦି ?

ମାଧୁରୀ- ମତେ କୁହା ହେଇଥିଲା ପାଞ୍ଚଟା ବେଳେ ଯିବାକୁ। ମୁଁ ପଳେଇଲି। ଆଉ ଆଜି ଜମାରୁ ଟ୍ରାଫିକ ନ ଥିଲା ତେଣୁ ଜଲଦି ପହଞ୍ଚିଗଲୁ।

ମୀନା- ବୋକୀଟା.... ଆମର ସାଢ଼େ ଛଟାରେ ତାଙ୍କୁ ଅଭ୍ୟର୍ଥନାର ଆୟୋଜନ କରାଯାଇଥିଲା, ଶଂଖ, ହୁଳହୁଳି, ଫୁଲ ସହିତ। ଆଉ ତୁ ତାଙ୍କୁ ଆଣି ଭିତରେ ବସେଇଦେଲୁ ? ସବୁ ପ୍ଲାନ ମାଟିରେ ମିଶିଗଲା।

ମାଧୁରୀ- ମତେ ତ କୁହା ହେଇନି। ମୁଁ କେମିତି ଜାଣିବି ? ମୁଁ ତ ତାଙ୍କୁ ହଲରେ ବସେଇ ଦେଇ ଆସିଚି। ସେ ମାଗୁଛନ୍ତି କପେ ଚାହା।

ମୀନା- ହେଇରେ... ମଲା ମଣିଷ ... ଟିଫିନ, ଚାହା, କିଛି ପହଞ୍ଚିନି... ଏଇଲେ କୋଉଠୁ ଆଣିବା ଚାହା ? ମାଧୁରୀ ତୁ ଯାଇ ଚିଫ୍‌ଗେଷ୍ଟଙ୍କ ସାଙ୍ଗେ କଥାବାର୍ତ୍ତା କରି ତାଙ୍କୁ ବ୍ୟସ୍ତରଖ। ମୁଁ କିଛି ବ୍ୟବସ୍ଥା କରୁଛି।

**"ମହାଭାରତରର କେହି ଚରିତ୍ର ଏପର୍ଯ୍ୟନ୍ତ ପହଞ୍ଚି ନାହାନ୍ତି। ଚିଫ୍‌ଗେଷ୍ଟ କିନ୍ତୁ ହଲ ଭିତରେ।"**

ସୁକାନ୍ତି- (ଧଇଁସଇଁ ହେଇ ପ୍ରବେଶ) ମୀନା, ମହାଭାରତରର କେହି ଚରିତ୍ର ଏପର୍ଯ୍ୟନ୍ତ ପହଞ୍ଚି ନାହାନ୍ତି। ଚିଫ୍‌ଗେଷ୍ଟ କିନ୍ତୁ ହଲ ଭିତରେ।

ମୀନା- ଏଁ? ତା ହେଲେ କ'ଣ ହବ? ଛାଡ଼... ନାଟକ ଡ୍ରପ କର। ଗୀତ ନାଚ ଯାହା ରେଡିଅଛି କର, ଆରେ ପର୍ଦ୍ଦା ଖୋଲ.....ନୀରଜା.......(ମାଇକ ଧରେଇ....) ଏଥର ଆନାଉନ୍ସ କର...

ପର୍ଦ୍ଦା ଖୋଲିଲା। (ନୀରଜା। ମାଇକ ନେଇ )

ନୀରଜା- ନମସ୍କାର... ଆଜିର ଏଇ ସାଂସ୍କୃତିକ ସନ୍ଧ୍ୟାକୁ ଅଳଙ୍କୃତ କରିଥିବା ସବୁ ସୁଧିବୃନ୍ଦ, ତଥା ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରୁଛୁ। ଆଜିର ମୁଖ୍ୟ କାର୍ଯ୍ୟକ୍ରମ ଥିଲା ମହାଭାରତ। କିନ୍ତୁ ଘରର ବିଭିନ୍ନ ପାରିବାରିକ ସମସ୍ୟା ଯୋଗୁ ନାଟକର ମୁଖ୍ୟ ଚରିତ୍ରମାନେ ପହଞ୍ଚିବାରେ ଅକ୍ଷମ ହେବାରୁ ଆମେ ଏ ନାଟକଟି ମଞ୍ଚସ୍ଥ କରିବାରେ ଅସଫଳ ହେଲୁ। ନିଜର ଗୃହଜଞ୍ଜାଳରୁ କିଛି ସମୟ କାଢ଼ି, ଆପଣମାନଙ୍କ ସମ୍ମୁଖରେ ନାଟକଟି ପରିବେଷଣ କରିବାକୁ ବହୁତ ଚେଷ୍ଟା କରିଥିଲୁ। କିନ୍ତୁ ବିଭିନ୍ନ ବାଧାବିଘ୍ନ ପାଇଁ ମଞ୍ଚସ୍ଥ କରିପାରିଲୁନି ବୋଲି ଆମକୁ କ୍ଷମା କରିଦେବେ।

ଟୁନି- (ନୀରଜା ହାତରୁ ମାଇକ ଛଡ଼େଇ ନେଇ, କାନ ପାଖରେ)ଏ କ'ଣ କରୁଚୁ ? ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧନା କରାହେଇନି। ଆସିଲା ବେଳେ ଅଭିନନ୍ଦନ ବି ହେଇନି। ମାଧୁରୀ ତାଙ୍କୁ ସିଧା ହଲକୁ ନେଇଆସିଲା। ତାଙ୍କୁ ମଞ୍ଚ ଉପରକୁ ଡାକି ସମ୍ମାନ, ସମ୍ବର୍ଦ୍ଧନା ତ କର।

ନୀରଜା- ଠିକ୍ ଠିକ୍। ନାଟକଟା ନ ହେବାରୁ ନର୍ଭସ ହେଇ ସବୁ ଭୁଲିଗଲି। (ମାଇକ ନେଇ)। ମୁଁ ଆମ ସମ୍ପାଦିକା କେତକୀ ନାନୀଙ୍କୁ ଅନୁରୋଧ କରୁଚି ସେ ମୁଖ୍ୟ ଅତିଥିଙ୍କୁ ମଞ୍ଚ ଉପରକୁ ସସମ୍ମାନ ନେଇ ଆସନ୍ତୁ।

ନୀରଜା- (ମୁଖ୍ୟ ଅତିଥିଙ୍କୁ ଚାହିଁ) ମୁଁ ଆମ ସଂସ୍ଥା 'ନାରାୟଣୀ' ତରଫରୁ ମୁଖ୍ୟ ଅତିଥିଙ୍କୁ ଅନୁରୋଧ କରୁଚି ସେ ତାଙ୍କର ଦୁଇ ପଦ କଥା ଦ୍ୱାରା ଆମ ସଦସ୍ୟାମାନଙ୍କୁ ପ୍ରୋତ୍ସାହନ ଦିଅନ୍ତୁ।

ମୁଖ୍ୟ ଅତିଥି- (ମାଇକ୍ ନେଇ) ନାରାୟଣୀର ନିମନ୍ତ୍ରଣ ପାଇ ମୁଁ ଆଜି ନିଜକୁ ଧନ୍ୟ ମନେ କରୁଚି। ଦିନଥିଲା ଯେତେବେଳେ ଗୋଟେ ମଞ୍ଚ ଉପରକୁ ଆସିବାର ଅଧିକାର ଗୋଟେ ନାରୀର ନ ଥିଲା । ତାର ସାହସ, ବୁଦ୍ଧି, କଳାତ୍ମକତା ସବୁ ସେଇ ଓଢ଼ଣା ଭିତରେ ହଜି ଯାଉଥିଲା। ମଞ୍ଚ ଉପରକୁ ଯିବାର ଅଧିକାର କେବଳ ପୁରୁଷର ଥିଲା। ନାଟକ ମଞ୍ଚସ୍ଥ ହେଉଥିଲା। କିନ୍ତୁ ନାରୀ ଚରିତ୍ରକୁ ସବୁ ପୁରୁଷମାନେ ନାରୀ ବେଶ ସାଜି ମଞ୍ଚସ୍ଥ କରୁଥିଲେ। କିନ୍ତୁ ଆଜି ସମୟର ଚକ୍ର ଘୂରିଯାଇଚି; ଆଜି ନାରୀ ପୁରୁଷ ସାଜି ପୁରୁଷର ଚରିତ୍ରକୁ ମଞ୍ଚସ୍ଥ କରିପାରୁଚି। ଏଠାରେ ଆଜି ମୁହଁରେ ନିଶ ଲଗାଇ ଯୁଧିଷ୍ଠିର ଓ ଦୁଃଶାସନ ପରି ପୁରୁଷର ଭୂମିକାରେ ଓହ୍ଲାଇବାକୁ ଆପଣମାନେ ତିଆର । ଏହାହିଁ ଏ ଯୁଗର ସବୁଠୁ ବଡ଼ ଉପଲବ୍ଧି । (ପରଦା ପତନ)

□□

ଲେଖିକାଙ୍କ ଇ-ମେଲ ଠିକଣା:
alkananda@yahoo.com



କବିତା

# ଚରିତ୍ର ବିକ୍ରିହେବ

ବନସ୍ମିତା ପତି



କାହିଁ କେଉଁ କାଳୁ
ଜମି ଯାଇଛି ଚରିତ୍ରଟା
ପାଲଟି ଯାଇଛି ଫସିଲ୍‌ରେ
ଆଉ ଉପରେ ପରସ୍ତ ପରସ୍ତ ଲାଭା ପଥର
ଯାହାକୁ ଛୁଇଁଲେ ଶକ୍ତ ନିହାଣ
ଭାଙ୍ଗିଯିବ ପଥରର ଆବରଣ
ଆଉ ଉନ୍ମୁକ୍ତ ହେବ ଚରିତ୍ର ।

ଉନ୍ମୁକ୍ତ ଚରିତ୍ରଟି ନାଚିବ ନଗ୍ନ
ଦେବୀ ହୋଇ ବସିବ ମନ୍ଦିର ସିଂହାସନେ
ପାହାଡ଼ରେ ଡରେଇବ ଭୂତ ହୋଇ
ପଥହୁଡ଼ା ବାଟୋଇମାନଙ୍କୁ,
ଖାଇଯିବ ବଳି ପଡ଼ିଥିବା ଶାବକର ମୁଣ୍ଡ
ପୁଣି ପିନ୍ଧିବ ଶୁଭ୍ର ବସ୍ତ୍ର
ଆଉ ପୂରଣ କରିବ ମନୋବାଂଛା
ଦେବ ଆଶୀର୍ବାଦ ।

ଚରିତ୍ର ପିନ୍ଧିବ ପାଟଲୁଗା
ନାଇବ ସିନ୍ଦୂର ଦାଉଦାଉ ନାଲି
ପାଦରେ ପାହୁଡ଼ ପିନ୍ଧି
ମନାସିବ ଯେତକ ମଙ୍ଗଳ ସଂସାରର ।

ଚରିତ୍ରଟି ପୁଣି ଯେହେତୁ ଚରିତ୍ର
ସ୍ଖଳିତ ହେବ, ଦଳିତ ହେବ
ନିଲାମ ହେବ ଅନେକବାର
ଆଉ ଅଲୋଡ଼ା ଏକ ପଇସିଟେ ପରି
ସମୟାନ୍ତରରେ ଜମିଯିବ
ପୁଣିଥରେ ପାଲଟିବ ଫସିଲ୍‌ରେ ।

ନିଅ,
ମନ ଦେଇ କିଣିନିଅ ଚରିତ୍ରକୁ
ଭୋଗ କର, ରାଗ କର, ସଜାଅ ମନ୍ଦିରେ
ବିଛଣାରେ ବିଞ୍ଛିଦିଅ ଫୁଲ ପରି
ଯେତେକାଳ ନ ଭୋଗିଛ ଆତ୍ମାର ପୂର୍ଣ୍ଣତା
ସେତେକାଳ ବାନ୍ଧ ଚରିତ୍ରକୁ
ନିଜ ନିଜ ଝୋଟି ଚିତା ଅଗଣାରେ ।

□□

କବୟିତ୍ରୀଙ୍କ ଇ-ମେଲ ଠିକଣା:
banasmita.pati@gmail.com

ଗଳ୍ପ

# ଦୁଇଟି ଅଣୁ ଗଳ୍ପ



ଗାର୍ଗୀ ମିଶ୍ର

## ବେକାର ଜିନିଷ

'ଶୋଇ ଉଠିଲା ପରେ ଚା' ଟିକେ କି ଜଳଖିଆ ଟିକେ ମିଳୁନି । ସକାଳୁ ସକାଳୁ ମାଡାମଙ୍କୁ ପାଠପଢ଼ା ମଡ଼ଉଛି, ନାଇଁ ?'

ଗରଗର ହେଉଥିଲା ସୋମେଶ...

'ବୁଢ଼ୀ କାଳକୁ ୟୁ-ଟ୍ୟୁବ୍ ଚ୍ୟାନେଲ ଖୋଲି ପାମ୍ପଡ଼ ଆଚାର ବାହାନାରେ ପବ୍ଲିକଙ୍କୁ ରୂପ ଯୌବନ ଦେଖାହେଉଛି । ବୋପାଘରେ ପଇସା ଦେଖିନଥିଲା ତ, ନୂଆ ନୂଆ ନୋଟ ଦେଖିଲାକୁ ଖଜବଜ ହେଉଛି ହାତ, ପଚରାଉଚୁରା କିଛି ନାହିଁ, ଆଡ଼ମିଶନ ନେଇ ପିଏଚଡି କରାହେଉଛି, ଜୁଇକୁ ଯିବ ବୋଧେ ଏଇ ଡିଗ୍ରୀ ତୋ' ସାଙ୍ଗରେ । ଆଜିଠାରୁ ଛାଡ଼ ସେ ବେକାର ଜିନିଷ, ବୁଝିଲୁ ?'

ରୋମା ଲୁଗାପଟା ବ୍ୟାଗରେ ସଜାଡ଼ି ବାହାରି ପଡ଼ିଲା, ଝଗଡ଼ାପ୍ରିୟ ସ୍ୱାମୀଙ୍କୁ ଶେଷ କଥା ପଦକ କହିଦେଲା..

'ଓକେ, ଆଜିଠାରୁ ଛାଡ଼ିଲି.... ସେଇ ବେକାର ଜିନିଷ... ଅର୍ଥାତ ତୁମକୁ, ବାୟ ।'



## ଖୁଚୁରା



ପୁଣ୍ୟର ମାସ, କାର୍ତ୍ତିକ ମାସ । ଖୁଚୁରା ପଇସା ପାଖରେ ଥାଉ କହି ସୁଜାତା ପାଞ୍ଚଟଙ୍କିଆ ଓ ଦଶ ଟାଙ୍କିଆ, କଏନରୁ କିଛି ସ୍ୱାମୀ ଆନନ୍ଦଙ୍କ ପର୍ସରେ ରଖିଦେଲେ ।

'ପଞ୍ଚୁକରେ ଗରିବଗୁରୁବାଙ୍କୁ ଦାନକଲେ କିଛି ପୁଣ୍ୟ ତ ମିଳିବ !'

ଆନନ୍ଦବାବୁ ଭିକାରିମାନଙ୍କୁ କିନ୍ତୁ ପର୍ସରୁ ଟଙ୍କାଟେବି ଦେଲେନି । ସ୍ତ୍ରୀଙ୍କ ମନ ଖରାପ ହୋଇଗଲା । ରେଷ୍ଟୁରାଣ୍ଟରେ ଖିଆପିଆ ପରେ ଆନନ୍ଦବାବୁ ୱେଟରକୁ କିନ୍ତୁ ବିଲ୍ ସହ କିଛି ଖୁଚୁରା ପଇସା ଟିପ୍ ଦେଲେ । ଆଉକିଛି ଖୁଚୁରା ତେଜରାତି ଦୋକାନୀକୁ ମଧ୍ୟ ଦେଲେ ।

ସୁଜାତା ଅଭିଯୋଗଭରା ସ୍ୱରରେ କହିଲେ, 'ଭିକାରିମାନଙ୍କୁ ନ ଦେଇ ଅଯଥାରେ ଏମାନଙ୍କୁ ପଇସା ଦେଇଦେଲ ? ଏ କେଉଁ ନ୍ୟାୟ ମୁଁ ବୁଝିପାରିଲିନି ।'

'ବେକାରୀ ସମସ୍ୟା ଖୁବ ବଢ଼ିଲାଣି ସୁଜାତା । ଭିକାରିମାନେ କୃତ୍ରିମ ଦୁଃଖ ଦେଖାଇ ତୁମଠୁ ପଇସା ନେଇ କୋଠା ବାଡ଼େଇ ସାରିଲେଣି । ପିଲାମାନେ ରେଷ୍ଟୁରାଣ୍ଟ ବା ତେଜରାତି ଦୋକାନ ଖୋଲି ନିଜ ବଳରେ ନିଜେ ଠିଆହୋଇ ପରିବାର ଚଳେଇବାକୁ ଚେଷ୍ଟା କରୁଛନ୍ତି । ବରଂ ଏମାନଙ୍କୁ ସ୍ୱାବଲମ୍ବୀ ହେବାରେ ଟିକେ ସାହାଯ୍ୟ କରିବା ଆମ ସାମାଜିକ ଦାୟିତ୍ୱ, ନୁହେଁକି ?

□□

ଲେଖିକାଙ୍କ ଇ-ମେଲ ଠିକଣା:
gargikmishra@gmail.com



ଶିଶୁ ଗଳ୍ପ

# ଫୁଲରେ ଫୁଲ

**କୁଞ୍ଜ ବିହାରୀ ସାହୁ**

**ଶୀ**ତ ଦିନ ଆସିଲାଣି ବୋଲି ବଗିଚାରେ ଫୁଲମାନଙ୍କର ମଉଜ ଆରମ୍ଭ ହେଇଗଲା । କିଏ କିଏ ବର୍ଷେ ପରେ ଦେଖାହେଇଗଲେ ତ ସେଥିପାଇଁ ଆସରଟା ଜମିଗଲା । ଯେମିତିକି ଗେଣ୍ଡୁ, ଜିନିଆ, ସେବତୀ, ଡାହ୍ଲିଆ ଫୁଲଙ୍କର ମନ କୁଣ୍ଢେମୋଟ । ଏମାନଙ୍କୁ ଦେଖି ରଙ୍ଗରଙ୍ଗିଆ ମନ୍ଦାର ଫୁଲ ବି ହସିଦେଲା । ସତରେ ଏମିତିକା ପାଗରେ କେତେ ମଜା ମଉଜ ହେବ, ହସଖୁସି ହେବ ଗୁଲିଖଟି ହେବ। ଚାହୁଁଚାହୁଁ ଗପସପ ଆରମ୍ଭ ହେଇଗଲା । ସକାଳୁ ସକାଳୁ ସିରିସରି ପବନ ବୋହୁଥିଲା ଆଉ ହାଲକା ହାଲକା ସୂର୍ଯ୍ୟ କିରଣ ବି ଛାତ ଉପରେ ପଡୁଥିଲା ।



ରଙ୍ଗରଙ୍ଗିଆ ଗେଣ୍ଡୁ ଫୁଲ କହିଲା- ଜାଣିଛି ସଙ୍ଗାତ, ଏ ଶୀତଟା କିଲିବିଲି କଲାଣି । ପବନରେ ଏତେ ଧୂଳି କଣା ରହିଗଲାଣି ଯେ ସକାଳେ ରାତିରେ କୁହୁଡ଼ି ପଡୁଛି । ମୁହଁଯାକ ଓଦା ହେଇଯାଉଛି ।

ମନ୍ଦାର ଫୁଲ ମୁରୁକି ମୁରୁକି ହସିଲା । କହିଲା - ହଁ ଲୋ ସଙ୍ଗାତ, ମୋର ବି ସେହି ଦଶା । ରାତିସାରା କାକରରେ ମୋ' ଦେହ ମୁହଁ ଫୁଲିଯାଉଛି।

କାଲୁଆ ପବନ ସଭିଙ୍କର କଥାକୁ କାନଡେରି ଶୁଣିଲା। ଚଟାପଟ କହିଦେଲା - ଓହୋ ବୁଝିଗଲି ବୁଝିଗଲି, ମୋ' ପାଇଁ ଏତେ ଚିନ୍ତା କରୁଛ । ଟିକେ ଭାବିଲ ରାସ୍ତାଘାଟ ଯୁଆଡ଼େ ଚାହିଁବ ଖାଲି ଧୂଳି ଆଉ ଧୂଳି । ମୋ' ଦେହରେ ମିଶି ଯାଉଛି । ମୁଁ ତ ଅଣନିଃଶ୍ୱାସୀ ହେଇଯାଉଛି । ମୋର କଅଣ ବା ଭୁଲ୍ ଅଛି । ଥଣ୍ଡା ପାଗରେ ମୋ' ଦେହରେ ଲାଗିଥିବା ଜଳକଣା ବାଷ୍ପ ହୋଇଯାଉଛି। ତୁମେମାନେ ମିଛରେ ଶୀତକୁ କାହିଁକି ଅନ୍ୟଥା ଭାବୁଛ । କୁହୁଡ଼ି ହେଉଛି ବୋଲି ଡରୁଛ, ଶୀତକୁ ଏଣୁତେଣୁ କହୁଛ। ଶୀତୁଆ ପାଗରେ ତୁମେ ନିଜ ଘରକୁ ଦେଖ, କେମିତି ରଙ୍ଗରଙ୍ଗିଆ ଦିଶୁଛି । ମୁଁ ଅଛି ବୋଲି ତ ତୁମେ ଖୁସି ମନଉଛ । ବଗିଚାରେ ହସି ହସି ମୁହଁ ଦେଖଉଛ । ବାସନାରେ ମହକିଯାଉଛ । ହଁ, ଯେତେବେଳେ ଟାଣୁଆ ଖରା ଆସିଯିବ, ଝାଞ୍ଜି ପବନରେ ଛଟପଟ ହେଇଯିବ। ବର୍ଷା ହେଲେ ତୁମର ଚେର ପଚିଯିବ ଯେ ସେତେବେଳେ ମୋତେ ଝୁରିହେଉଥିବ । ତୁମେ ପରା ଛଅଟି ଋତୁ ବିଷୟରେ ପଢ଼ିଛ । ଭୁଲିଗଲ କି ? ଶୀତଦିନେ ଥଣ୍ଡା ଲାଗିବ । ପ୍ରକୃତିର ନିୟମକୁ କିଏ ଭାଙ୍ଗିପାରିବ ! ଶୀତ ଦିନର ମଜା ପରା ସବୁଠୁ ବଢ଼ିଆ ।

ଗେଣ୍ଡୁଫୁଲ ଓ ମନ୍ଦାର ଫୁଲ ବୁଝିଗଲେ । ସତକଥା କହୁଛି ଏ ଥଣ୍ଡା ପବନ । ଆମେ ଏ ଶୀତକୁ ସହି ସହି ଅନ୍ୟକୁ ଖୁସି ଦେଉଛୁ । ଏଇଟା ତ ସବୁଠୁ ବଡ଼କଥା । ଆମ ପାଇଁ ବଗିଚା ଗୋଟାକ ରଙ୍ଗିନ ଦିଶୁଛି । ସଭିଏଁ ଆମକୁ ଭଲପାଉଛନ୍ତି । ବଗିଚାରେ ଓ ଘରର ଛାତ ଉପରେ ସଜେଇ ରଖିଛନ୍ତି । ପବନକୁ ଧନ୍ୟବାଦ ଦେଲେ ।

ଫୁଲକୁଣ୍ଡରେ ସେବତୀ ଫୁଲ ଖିଲିଖିଲି ହସିଲା । ତା' ମୁରୁକୁନ୍ଦିଆ ହସରେ ଫୁଲମାନେ ଫିକକିନା ହସିଦେଲେ। ସାବାସି ଦେଲେ ସେବତୀ ଫୁଲକୁ । ମହକୁଥିବା ମୁହଁକୁ ଖୁବ୍ ପ୍ରଶଂସା କଲେ । ପାଖରେ ଥିବା ଡେଙ୍ଗାଗୋଡ଼ିଆ ଜିନିଆ ଫୁଲ ତା କଅଁଳିଆ ମୁହଁଟିକୁ ସିରିସିରି ପବନରେ ବୁଲେଇ ବୁଲେଇ କହିଦେଲା - ହଁ ହଁ ସଙ୍ଗାତ, ଆମେ ଏକାଠି ଅଛୁ।

ଆମ ଭିତରେ ବଢ଼ିଆ ମେଳ ଅଛି।

ଟିକେ ଅଭିମାନରେ ମୁହଁ ଶୁଖେଇଦେଲା ଡାହ୍ଲିଆ ଫୁଲ। ଗେଣ୍ଡୁ, ମନ୍ଦାର, ସେବତୀ ଓ ଜିନିଆ ଜାଣିପାରିଲେ। ପାଖକୁ ଯାଇ ବୁଝେଇଲେ - ଆଲୋ ଭଉଣୀ, ତୁ ତ ସବୁଠୁ ସୁନ୍ଦର ଦିଶୁଛୁ, ଏ ଶୀତ ଦିନରେ ତୁ ଫୁଟିଛୁ। ତୋ' ବଡ଼ ମୁହଁଟା ବି ବହୁତ ସୁନ୍ଦର ଦିଶୁଛି। ଅଭିମାନ କିଆଁ କରୁଛୁ । ଆମେ ତ ସଭିଏଁ ସମାନ । କିଏ କେଉଁ ପ୍ରକାର ହେଲେ ବି ଏ ଶୀତଦିନରେ ଆମେ ଏକାଠି ହୋଇପାରିଛେ, ସତରେ ଭଲ କଥା । ଆମେ ହସିଲେ ବଗିଚା ହସେ, ଆମ ଖୁସିରେ ବଗିଚା ବାସେ ।



ସକାଳୁ ସକାଳୁ ଜେଜିମା ସାଥିରେ ସୁରଭି ଛାତ ଉପରକୁ ଗଲା। ଗଛ ମୂଳରେ ପାଣି ଢାଳିଲା। ଫୁଲମାନଙ୍କୁ ଆଉଁଶି ଦେଲା । ଫୁଲମାନେ ଆଉ ଟିକେ ସତେଜ ଦେଖାଗଲେ । ଜେଜିମା କହିଲେ - ଯା ନାତୁଣୀ, ଫୁଲମାନଙ୍କର କଥା ଶୁଣ।

- ଜେଜିମା, ଫୁଲମାନେ କଅଣ ମୋ' ସହ କଥା ହେବେ ! ସେମାନଙ୍କର ତ ପାଟି ନାହିଁ କି ଜିଭ ନାହିଁ !

- ହଁ ଠିକ୍ ଯେ, ସେମାନେ ତ ନିର୍ଜୀବ ନୁହନ୍ତି । ତୁ ପରା ସବୁଦିନ ସକାଳ ସଞ୍ଜରେ ଫୁଲଗଛର ଯତ୍ନ ନେଉଛୁ । ସେବା କରୁଛୁ । ଦେଖୁନୁ, ସେମାନେ କେମିତି ପାଖୁଡ଼ା ମେଲି ଖିଲିଖିଲି ହସୁଛନ୍ତି । ଶୀତ କାକରରେ ଖୁସି ମନଉଛନ୍ତି । ଆମ ବଗିଚାର ପରିବେଶକୁ ଚମକାଇ ଦେଉଛନ୍ତି ।

ଜେଜିମାର କଥା ନ ସରୁଣୁ ସୁରଭି ଆଉଥରେ ସବୁ ଫୁଟିଲା ଫୁଲକୁ ଗେଲକରି ଆଉଁଶିଦେଲା । ଶୁଣିଲା -

ଏଇଠି ବସ
ମୁରୁକି ହସ
ତୁମରି ହସରେ
ଢାଳିବୁ ବାସ ।

ସୁରଭି ଚଟାପଟ କହିଦେଲା - ଜେଜିମା, ଜେଜିମା ଶୁଣ ଶୁଣ ଫୁଲଗୁଡ଼ିକ ମୋ' ହାତ ପରଷାରେ ଗୀତ ଗାଉଛନ୍ତି ।

ଜେଜିମା କହିଲେ - ଦେଖିଲୁ ତ ନାତୁଣୀ, ଏ ଶୀତର କାଲୁଆ ପବନରେ ତୁ ସିନା ଥରି ଥରି ଘରେ ରହୁଛୁ, ହେଲେ ଏ ସୁନ୍ଦରୀ ଫୁଲଗୁଡ଼ିକ ହସ-ଖୁସିରେ ଫୁଟି ମଉଜ କରୁଛନ୍ତି । ନିଜେ ହସି ଆମକୁ ହସାଉଛନ୍ତି । ତୁ ବି ଗୀତଟିଏ ଗାଆ ।

ସୁରଭି ଖନେଇ ଖନେଇ ଗୀତ ଗାଇଲା -

ଫୁଲରେ ଫୁଲ
ଦିଶୁ ଡଉଲ ।
ମୋଅରି ମିତ
ଡରେନା ଶୀତ ।
ଭଲରେ ଥା
ବଗିଚା ଗୋଟାକ ମହକି ଯା...

ଜେଜିମା ଖୁସିରେ ନାତୁଣୀକୁ କୁଣ୍ଢେଇ ପକେଇଲେ।

□□

ଲେଖକଙ୍କ ଇ-ମେଲ ଠିକଣା:
kunjasahu63@gmail.com

Search **Sahitya Charcha**
on Play Store

ଆପଣଙ୍କ **ଆଣ୍ଡ୍ରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'**ର
**ଆପ୍** ବର୍ତ୍ତମାନ **'ପ୍ଲେଷ୍ଟୋର୍'**ରେ ଉପଲବ୍ଧ ଅଛି।




**ପୁସ୍ତକ ସମୀକ୍ଷା**

# ରମାକାନ୍ତ ଭାଇନା

ଲେଖକ : ଶ୍ରୀନିବାସ ଉଦ୍‌ଗାତା
ପ୍ରକାଶକ: ପଥିକ ପ୍ରକାଶନୀ, ଭୁବନେଶ୍ୱର
ପୃଷ୍ଠା: ୮୦, ମୂଲ୍ୟ: ଟ. ୯୦/-

ପୁସ୍ତକଟିର ସମ୍ପୂର୍ଣ୍ଣ ଶିରୋନାମା ହେଲା, 'ଶୁଭଂ ଭବତୁ ଶୁଭାନି ଭବନ୍ତୁ - ରମାକାନ୍ତ ଭାଇନା'। ଚଳିତ ବର୍ଷ ମାର୍ଚ୍ଚ ମାସରେ ଅଗ୍ରଗଣ୍ୟ କବି ରମାକାନ୍ତ ରଥଙ୍କ ମହାପ୍ରୟାଣ ପରେ ବର୍ଷୀୟାନ୍ ସୁସାହିତ୍ୟିକ ଶ୍ରୀନିବାସ ଉଦ୍‌ଗାତାଙ୍କ କଲମରୁ ରୂପ ନେଇଥିବା ଏହି କବିଙ୍କର ସାରସ୍ୱତ ଓ ବ୍ୟକ୍ତିଗତ ଜୀବନକୁ ବୁଝିବା ପାଇଁ ଏକ ଉପଯୋଗୀ ମାଧ୍ୟମର ଭୂମିକା ତୁଲାଇଛି। ଛାତ୍ରଜୀବନଠାରୁ ନେଇ ପରିଣତ ବୟସରେ ଉପନୀତ ହେବା ପର୍ଯ୍ୟନ୍ତ ବିବିଧ ସମୟକ୍ରମରେ ଲେଖକ ପାଇଥିବା ରମାକାନ୍ତଙ୍କର ଅଭୁଲା ସାନ୍ନିଧ୍ୟକୁ ଏକ ଜୀବନ୍ତ ରୂପ ଦେବାକୁ ଚେଷ୍ଟା କରିଛନ୍ତି ଏହି ପୁସ୍ତକରେ।

ସମଗ୍ର ପୁସ୍ତକଟିରେ ସେ ରମାକାନ୍ତଙ୍କୁ 'ଭାଇନା' ବୋଲି ସମ୍ବୋଧିତ କରିଛନ୍ତି। ସେ ଠାଏ ମଧ୍ୟ ଲେଖିଛନ୍ତି, 'ଭାଇନା, ଆପଣଙ୍କର ଅନୁପମ ଶାନ୍ତ ପ୍ରଶାନ୍ତ ସଖ୍ୟ ସନ୍ନିଧି ମୋତେ ସବୁବେଳେ ଏକ ସତ୍‌ପୁରୁଷ, ଉଦାର, ସିଦ୍ଧ ତପସ୍ୱୀ ଯୋଗୀର ସାନ୍ନିଧ୍ୟ ଭଳି ମନେ ହେଉଥିଲା।' (ପୃ- ୧୬)

କହିବା ବାହୁଲ୍ୟ, ଶ୍ରୀନିବାସ ଉଦ୍‌ଗାତା ଓ ରମାକାନ୍ତ ରଥଙ୍କର ସାରସ୍ୱତ ଯାତ୍ରା ପରସ୍ପର ସହିତ ନିବିଡ଼ ସମ୍ପର୍କରେ ବାନ୍ଧିହୋଇଥିଲା। ଉଭୟ ନିଜ ସର୍ଜନାତ୍ମକ ଜୀବନର ବିଭିନ୍ନ ମୋଡ଼ରେ ହାତ ଧରାଧରି ହୋଇ ଆଗକୁ ବଢ଼ିଥିଲେ। ଏପରିକି ଏକଦା ରମାକାନ୍ତ ନିଜର ଏହି ସାହିତ୍ୟିକବନ୍ଧୁଙ୍କୁ କହିଥିଲେ, 'ଶ୍ରୀନିବାସ, ତୁମଠାରୁ ଅନେକ କିଛି ଶିଖିବାର ଅଛି।'

ଆଲୋଚ୍ୟ ପୁସ୍ତକଟିରେ ଲେଖକ ଯେ କେବଳ ରମାକାନ୍ତ ରଥଙ୍କ ସ୍ମୃତି ବିଜଡ଼ିତ ଅନୁଭୂତି ହିଁ ବାଣ୍ଟିଛନ୍ତି ତାହା କହିହେବ ନାହିଁ। ଏହି ପ୍ରସଙ୍ଗରେ ଅନ୍ୟ କେତେଜଣ ସାହିତ୍ୟଧର୍ମୀ ବ୍ୟକ୍ତିତ୍ୱଙ୍କ ସହିତ ତାଙ୍କର ସାନ୍ନିଧ୍ୟ ମଧ୍ୟ ଚର୍ଚ୍ଚାକୁ ଆସିଛି। ବିଶେଷତଃ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ଥିବା ସମୟର ବିଭିନ୍ନ ଘଟଣାବଳୀ ଏଥିରେ ବିଶଦ ଭାବରେ ବର୍ଣ୍ଣିତ ହୋଇଛି। ଏହି କ୍ରମରେ କେତେକ ରୋଚକ ତଥ୍ୟ ମଧ୍ୟ ପାଠକମାନଙ୍କ ଦୃଷ୍ଟିକୁ ଆସିଛି। ରମାକାନ୍ତଙ୍କ 'ଶ୍ରୀରାଧା' ସରସ୍ୱତୀ ସମ୍ମାନ ସକାଶେ ତାଲିକାଭୁକ୍ତ ହେବାପରେ ଭାରତୀୟ ପ୍ରଶାସନ ସେବାର କିଛି ଜଣ ଅଧିକାରୀ ଷଡ଼୍‌ଯନ୍ତ୍ର କରି ଏହି କାବ୍ୟ ଧର୍ମବୀର ଭାରତୀଙ୍କ 'କନୁପ୍ରିୟା'ର ଅନୁକରଣରେ ଲେଖାଯାଇଛି ବୋଲି କହି ସେହି ପୁରସ୍କାରର କର୍ତ୍ତୃପକ୍ଷଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରିଥିଲେ।

ଏହି ସଂସ୍କରଣରେ ରମାକାନ୍ତଙ୍କୁ ନେଇ ଲେଖକଙ୍କର ଏକପାଖିଆ ଭାବାବେଗର ଆଭାସ ଦେଖିବାକୁ ମିଳେ। କିନ୍ତୁ ସେହି ଭାବାବେଗକୁ ନେଇ ଗଢ଼ିଉଠିଥିବା ଅନୁଭୂତିକୁ ଏକ ରଚନାର ରୂପ ଦେବାପାଇଁ ଯେଉଁ ବସ୍ତୁନିଷ୍ଠତା ବା ସନ୍ତୁଳନର ଆବଶ୍ୟକ, ତାହାର ହୁଏତ କିଛି ଅଭାବ ରହିଯାଇଛି ଏଥିରେ। ରମାକାନ୍ତଙ୍କ ପରଲୋକ ଗମନ ତାଙ୍କର ହୃଦୟତନ୍ତ୍ରୀକୁ ଦୋହଲାଇଦେଇଛି, ଯାହାର ପରିଣାମରେ ସେ ନିଜର ସ୍ମୃତିର ଫରୁଆକୁ ଖୋଲିଦେଇଛନ୍ତି ବିନା କୌଣସି ପ୍ରସ୍ତୁତିରେ। ବୋଧହୁଏ ଲେଖକ ତାଙ୍କ ରଚନାର ଏହି ଦିଗଟି ପ୍ରତି ସଚେତନ ଅଛନ୍ତି; କାରଣ ସେ ଠାଏ ସ୍ୱଗତୋକ୍ତି କରିଛନ୍ତି, 'ଆପଣଙ୍କର ସ୍ମୃତି ସମର୍ପିତ ଏ ଯେ ଆଲେଖ ଲେଖିଚାଲିଛି, ତାହା କେଉଁ ବର୍ଗର? ତାକୁ କ'ଣ ବୋଲି କହିବି, ଯାହା ଗ୍ରନ୍ଥାକାରରେ ପ୍ରକାଶିତ ହେବାବେଳେ ଆପଣା ବର୍ଗର ପରିଚୟ ଦେବ?' ସେ ପାଠକମାନଙ୍କୁ ଅନୁରୋଧ ମଧ୍ୟ କରିଛନ୍ତି, 'ଦୋଷ ନ ଧରି ପଢ଼ିବେ, ପ୍ରମାଦ ଦେଖିଲେ ଉଦାର ପଣରେ ଆପେ ସୁଧାରି ଦେବେ ବୋଲି ମୋର ବିନୀତ ଅନୁରୋଧ କରୁଛି।' ଏଣୁ ବହିଟିରେ ଆମର ଦୃଷ୍ଟିକୁ ଆସିଥିବା ଆଉ ଅଳ୍ପ କିଛି ପ୍ରମାଦର ଚର୍ଚ୍ଚା କରିବାରୁ ଆମେ ଏଠାରେ ବିରତ ହେଲୁ।

**ନିହାର ଶତପଥୀ**

# ସାହିତ୍ୟ ସମାଚାର

## ପୁରୀରେ ଅଥର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ବାର୍ଷିକ ଲେଖକ ସମ୍ମିଳନୀ




ଭାରତୀୟ ଲେଖକମାନଙ୍କର ପ୍ରମୁଖ ସଂଗଠନ 'ଅଥର୍ସ ଗିଲ୍ଡ ଅଫ ଇଣ୍ଡିଆ' ପକ୍ଷରୁ ନଭେମ୍ବର ୧୫ ତାରିଖରେ ପୁରୀର ଶ୍ରୀସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ବାର୍ଷିକ ଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଦିନିଆ ସାହିତ୍ୟ ଉତ୍ସବରେ ଦେଶର ଛବିଶଟି ଭାଷାରୁ ଦେଢ଼ଶତାଧିକ ଲେଖକ, ସଂପାଦକ, ଅନୁବାଦକ, ଗବେଷକ, ସାହିତ୍ୟ କର୍ମୀ ଓ ସଂଗଠକ ଯୋଗ ଦେଇଥିଲେ। ଏହି ସମ୍ମିଳନୀର ମୁଖ୍ୟ ଆଲୋଚ୍ୟ ବିଷୟ ଥିଲା, 'ଲେଖକଙ୍କ ଅଧିକାର'। ଏହି କାର୍ଯ୍ୟକ୍ରମଟି 'ଇଣ୍ଡିଆନ ରିପ୍ରୋଗ୍ରାଫି ପ୍ରୋଟେକ୍ସନ ଅର୍ଗାନାଇଜେସନ' ଓ 'ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ'ଙ୍କ ସହଯୋଗିତାରେ ଅନୁଷ୍ଠିତ ହୋଇଥିଲା ।

ଅଥର୍ସ ଗିଲ୍ଡ ଅଫ ଇଣ୍ଡିଆର ମହାସଚିବ ଶିବଶଙ୍କର ଅବସ୍ଥି, ସ୍ଥାନୀୟ ସଂଗଠକ ତଥା ଉତ୍ତର ପୂର୍ବାଞ୍ଚଳ ପରିଷଦର ପୂର୍ବତନ ନିର୍ଦ୍ଦେଶକ ଓ କବି ମାନସ ରଂଜନ ମହାପାତ୍ର ଏବଂ ଦୂରଦର୍ଶନର ପୂର୍ବତନ ଉପ ମହାନିର୍ଦ୍ଦେଶକ ଉଦୟନାଥ ନାୟକଙ୍କ ପରିଚାଳନାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଥର୍ସ ଗିଲ୍ଡ ଅଫ ଇଣ୍ଡିଆର ଉପାଧ୍ୟକ୍ଷ ମୁକେଶ କୁମାର ଅଗ୍ରୱାଲ, କାର୍ଯ୍ୟକାରୀ ସମିତିର ସଭ୍ୟ ଡକ୍ଟର ଅଶୋକ ଜ୍ୟୋତି, ହରିସିଂ ପାଲ୍ ତଥା ସ୍ଥାନୀୟ ଲେଖକ ତଥା ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ର ଓ ବିଶିଷ୍ଟ କବି, ଆଲୋଚକ ଭଗବାନ ଜୟସିଂ ତଥା ଲେଖକ ବୀରେନ୍ଦ୍ର ମହାନ୍ତିଙ୍କ ସମେତ ସ୍ଥାନୀୟ ଲେଖକମାନେ ମଧ୍ୟ ଏହି ଉତ୍ସବରେ ଯୋଗ ଦେଇଥିଲେ ।

## ସମ୍ପାଦନା, ବନାନଶୁଦ୍ଧି ଓ ପ୍ରୁଫ୍-ସଂଶୋଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଓଡ଼ିଶା ସରକାରଙ୍କ 'ଓଡ଼ିଆ ଭାଷା ପ୍ରତିଷ୍ଠାନ' ଆନୁକୂଲ୍ୟରେ ନଭେମ୍ବର ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ଏକ ସମ୍ପାଦନା, ବନାନଶୁଦ୍ଧି ଓ ପ୍ରୁଫ୍-ସଂଶୋଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ସଂସ୍କୃତି ଭବନରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଶତାଧିକ ପ୍ରଶିକ୍ଷାର୍ଥୀ ଯୋଗଦାନ କରିଥିଲେ ।

କାର୍ଯ୍ୟକ୍ରମର ପ୍ରଥମ ଦିବସ ପ୍ରଥମ ଅଧିବେଶନରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ ଉଦ୍‌ଘାଟକ ଭାବରେ, ଉପ ନିର୍ଦ୍ଦେଶକ ଦେବଯାନୀ ଭୂୟାଁ ବକ୍ତା ଭାବରେ ତଥା ବିଶିଷ୍ଟ ଲେଖକ ବୈଷ୍ଣବ ଚରଣ ମହାନ୍ତି ଓ ଓଡ଼ିଆ ଭର୍ଚୁଆଲ୍ ଏକାଡେମୀର ସ୍ମୃତି ରଞ୍ଜନ ମିଶ୍ର ପ୍ରଶିକ୍ଷକ ଭାବରେ ଯୋଗଦେଇଥିଲେ। ପ୍ରଥମ ଅଧିବେଶନରେ ପ୍ରୁଫ୍ ସଂଶୋଧନର ବିବର୍ତ୍ତନ ଧାରା ଓ ଚିହ୍ନ ପ୍ରୟୋଗ ବିଷୟରେ ବୈଷ୍ଣବ ଚରଣ ମହାନ୍ତିଙ୍କ ଦ୍ୱାରା ପ୍ରଦତ୍ତ ପ୍ରଶିକ୍ଷଣ ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା ଆଦୃତ ହୋଇଥିଲା। ଏହି ଦୁଇଦିନିଆ କାର୍ଯ୍ୟକ୍ରମର ଅନ୍ୟାନ୍ୟ ଅଧିବେଶନଗୁଡ଼ିକରେ କାହ୍ନୁ ଚରଣ ପାଢ଼ୀଙ୍କ ଦ୍ୱାରା 'ସମ୍ପାଦନାର ନିୟମ ଓ ପଦ୍ଧତି' ଓ କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ଦ୍ୱାରା 'ଓଡ଼ିଆ ଭାଷାରେ ନିର୍ଭୁଲ ଲେଖାର ମୂଳ ସୂତ୍ର' ବିଷୟରେ ପ୍ରଶିକ୍ଷଣ ଦିଆଯିବାର କାର୍ଯ୍ୟକ୍ରମ ମଧ୍ୟ ରହିଥିଲା । ନିକଟ ଭବିଷ୍ୟତରେ ଏହିଭଳି ଆହୁରି କେତେକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ମଧ୍ୟ ଜଣାପଡିଛି ।

# ଶେଷ ପୃଷ୍ଠା



## ଏକୁଶ୍କୁଣ୍ଟି*

ଇଂରାଜୀ ନବବର୍ଷାରମ୍ଭର କେତେ ପାଦ ପଛରେ ଏବେ ଆମେ ରହିଛେ। ଏଇ ବର୍ଷ ଏମିତି ଆସିଥିଲା ଆମର ଆଶା ଓ ବିଶ୍ୱାସକୁ ନେଇ। ସିଏ ଆମକୁ କିଛି ଦେଲା କି ଆମେ ଇତିହାସର ପୃଷ୍ଠାରେ କିଛି ଲେଖିପାରିଲେ, ତାହା ଆତ୍ମସମୀକ୍ଷାର କଥା। ହେଲେ ସେଇ ସବୁ ବିଫଳତାକୁ ଏବେ ସଫଳତା କରିବାର ବେଳ। ନବବର୍ଷର ପ୍ରତ୍ୟେକ ଦିନ ଏକୁଶ୍କୁଣ୍ଟି ପୁଣ୍ୟାହ ହେଉ ପାଠକକୁଳ, ଲେଖକକୁଳ, ପ୍ରକାଶକକୁଳ ଓ ସର୍ବୋପରି ଆଦର୍ଶ ସମୀକ୍ଷକକୁଳ!

ଇଂରାଜୀ ନୂତନବର୍ଷ ଦ୍ୱାରଦେଶରେ ଠିଆ ହୋଇଥିବା ବେଳେ, ଗତବର୍ଷର ସମସ୍ତ ଘଟଣା ଆଖିଆଗରେ ନାଚି ଯାଉଛି। ଯେପରି ସମାଜ, ସମୟ ଓ ମନୁଷ୍ୟ ଏକ ଅଦୃଶ୍ୟ ଚକାଭଉଁରୀରେ ଘୂରି ବୁଲୁଥାଏ, ସେପରି ଆମର ଓଡ଼ିଆ ସାହିତ୍ୟ ମଧ୍ୟ ଏହି ସମୟଚକ୍ରର ଦ୍ୱନ୍ଦ୍ୱ, ଭ୍ରମ ଓ ସଂଶୟରେ ଦୋଳାୟମାନ ହେଉଛି।

ମନରେ ସ୍ୱତଃ ପ୍ରଶ୍ନ ଉଙ୍କିମାରୁଛି ଯେ,ଏଇ ଦଶନ୍ଧିରେ, ଆମେ କ'ଣ ସତରେ କୌଣସି ଆଦର୍ଶ ସୁଦୃଶ୍ୟ, ସୁସଂହତ ସାହିତ୍ୟ ସୃଷ୍ଟି କରିପାରିଲୁ କି ?

ଅନୁଧ୍ୟାନର ବିଷୟ ଯେ, ସାମ୍ପ୍ରତିକ ସାହିତ୍ୟ ସଂସାରରେ ବହୁତ ବିଚିତ୍ର କଥା ଦେଖିବାକୁ ମିଳୁଛି। ଯେପରିକି ଆମର ଅନେକ ଲେଖକ ରହୁଛନ୍ତି ଓଡ଼ିଶାରେ, ହେଲେ ପୁସ୍ତକ ବିଦେଶରେ ଛପାଇବାରେ ବାଇ ଓ ଗୌରବାନ୍ୱିତ! ତେଣେ ବିଦେଶରେ ବସବାସ କରୁଥିବା ଆଉ ପଦେଅଧେ ଗାରେଇ ଦେଇଥିବା ଓଡ଼ିଆଙ୍କୁ ଓଡ଼ିଶାରେ ଦେଖିଲେ ଟିଭି, ସମ୍ବାଦପତ୍ର, ସାହିତ୍ୟ ଅନୁଷ୍ଠାନ ସମଗ୍ର ବାଉଳିଚାଉଳି ହୋଇ ସେମାନଙ୍କୁ ସାହିତ୍ୟର ମହାରଥୀ ଓ ଓଡ଼ିଆ ସାହିତ୍ୟର ଭବିଷ୍ୟତ ବୋଲି ଭବିଷ୍ୟବାଣୀ କରି ଚାଲିଛନ୍ତି।

ଆହୁରି ଦେଖିବାକୁ ମିଳୁଛି ଯେ ଆମ ରାଜ୍ୟ ବାହାରେ ଅନଧିଗତ ଲେଖକଙ୍କୁ ବିଶ୍ୱବିଖ୍ୟାତ ବୋଲି ମଞ୍ଚ ତଥା ସଞ୍ଚାର ମାଧ୍ୟମରେ ପରିଚୟ ଦିଆଯାଉଛି। ଆପଣା ଜାତିଭାଇ ଜାଣିନଥିବା ଲେଖକଙ୍କ ଉପରେ ଏବେ ଅନ୍ତର୍ଜାତୀୟ ମୋହର। ନ ଦେଖିଲା ଓଉ ଛ'ଫଡ଼ା ପରି ନ ଜାଣିବା ଲୋକଙ୍କୁ ଏବେ ସାହିତ୍ୟ ମଞ୍ଚରେ ଶ୍ରଦ୍ଧା ଓ ସମ୍ମାନର ଅଭାବ କିଛି ନାହିଁ। ଆଦର୍ଶ ସାହିତ୍ୟ ଲେଖିବା ଲୋକ ଅନାଥ ଭଳି ରହିଥିବା ବେଳେ, ବେଳେବେଳେ ଭାବ, ବୋଧ ଓ ଅର୍ଥଶୂନ୍ୟ ଲେଖା ଲେଖୁଥିବା ଅଧ୍ୟାପକ, ପ୍ରଶାସନିକ ଅଧିକାରୀ, ପ୍ରକାଶକ ଓ ସମ୍ବାଦପତ୍ରର ହର୍ତ୍ତାକର୍ତ୍ତାଙ୍କୁ ହିଁ ସାହିତ୍ୟିକ ବୋଲି ବୁଝାଯାଉଛି।

ଏବେ ଖୋଜା ଚାଲିଛି ଓଡ଼ିଆ ସାହିତ୍ୟ କେଉଁଠି! ଓଡ଼ିଆ ପାଠକ କାହିଁ! ଆମର ନିରପେକ୍ଷ ସମାଲୋଚକ କେଉଁଠି!

ଏଣେ, ଏହି ପ୍ରଶ୍ନସମୂହ ଅନ୍ତରକୁ ଦୁହିଁ ଦେଉଥିବା ବେଳେ ତେଣେ ଆଶାର ଅଙ୍କୁର ମଧ୍ୟ ରହିଛି। ଏହି ଦଶକରେ ଆମର ସାହିତ୍ୟକୃତି ଆଖିଦୃଶିଆ ହୋଇପାରିନାହିଁ। ହେଲେ, ଆମ ସାହିତ୍ୟିକଙ୍କ ମଞ୍ଚ ଆବୁଡ଼ା, ସମ୍ମାନକ୍ରୟ ଓ ଆତ୍ମପ୍ରଚାରରେ କିଛି ହ୍ରାସ ହୋଇନାହିଁ। ଏହା ସଫଳତା ନୁହେଁ ବରଂଚ ଏକ ସତର୍କ ସଙ୍କେତ ଓଡ଼ିଆ ସାହିତ୍ୟ ସଂସାର ପାଇଁ।

ଏଣୁ କହିବି ସାହିତ୍ୟିକଙ୍କୁ; ଚାଲନ୍ତୁ ପ୍ରଥମେ ପାଠକ, ତା'ପରେ ସମୀକ୍ଷକ ଏବଂ ପରିଶେଷରେ ସାମର୍ଥ୍ୟବୋଧରେ ଲେଖକ ହେବା।

ଓଡ଼ିଆ ସାହିତ୍ୟକୁ ନୂତନ ଦିଗ ଦେବାକୁ ଯଦି ଆମେ ସତରେ ଚାହୁଁ, ତେବେ ଆମେ ଆମର ମୁହଁରୁ ଭ୍ରମର ପରଦାକୁ ହଟାଇ ସତ୍ୟକୁ ଦେଖିବା ପାଇଁ, ବୁଝିବା ପାଇଁ ଓ ଲେଖିବା ପାଇଁ ଅଗ୍ରସର ହେବା।

**- ପ୍ରଭୂ**

***ଏକୁଶ୍କୁଣ୍ଟି:** ନିରବଚ୍ଛିନ୍ନ ଭାବରେ

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com




ଓଡ଼ିଆ ଖାଦ୍ୟ ପରମ୍ପରାର ବିନମ୍ର ପ୍ରହରୀ



ଓଡ଼ିଆଣୀ
ODIANEE

ଏକ ପ୍ରୟାସ ମାତ୍ର

ଜାତୀୟ ରାଜପଥ -୧୬, ପାଣିକୋଇଲି, ଜିଲ୍ଲା: ଯାଜପୁର

ମୋବାଇଲ: ୯୪୩୭୦୭୮୩୬୧

# ରେଳପଥ ନିଯୁକ୍ତି
# ଦଲାଲ/ଠକମାନଙ୍କ ପ୍ରତି ସତର୍କ ରୁହନ୍ତୁ

## ସାର୍ବଜନିକ ବିଜ୍ଞପ୍ତି

- ଟଙ୍କା ବଦଳରେ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ଠକମାନଙ୍କ ପ୍ରତି ସତର୍କ ରୁହନ୍ତୁ
- ଠକମାନେ ରେଳପଥ ଅଧିକାରୀଙ୍କ ଜାଲ୍ ଦସ୍ତଖତ ଏବଂ ମୋହର ସହିତ ନକଲି କଲ୍ ଲେଟର ବ୍ୟବହାର କରୁଛନ୍ତି
- ଅପରାଧରେ ଅଂଶୀଦାର ହୁଅନ୍ତୁ ନାହିଁ
- ଏଥିପାଇଁ ଆପଣଙ୍କ ବିରୁଦ୍ଧରେ ମକଦ୍ଦମା ଚାଲିବା ସହିତ ଆପଣଙ୍କୁ ଜେଲ ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିପାରେ

**ପୂର୍ବ ତଟ ରେଳପଥରେ ରେଳପଥ ନିଯୁକ୍ତି ସମ୍ବନ୍ଧରେ ସଠିକ୍ ସୂଚନା ପାଇଁ ଦୟାକରି ନିମ୍ନବର୍ଣ୍ଣିତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ:**

**www.rrbbbs.gov.in | www.rrcbbs.org.in**

**ଯଦି କେହି ଲାଞ୍ଚ ନେଇ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି କିମ୍ବା କେତେକ ରେଳପଥ ପ୍ରାଧିକାରୀଙ୍କ ନାମରେ ଏକ କଲ୍ ଲେଟର ଜାରି କରୁଛନ୍ତି, ତେବେ ଦୟାକରି ଏହାର ସତ୍ୟତା ଯାଞ୍ଚ କରନ୍ତୁ:**

**ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ**
ପୂର୍ବ ତଟ ରେଳପଥ, ପ୍ରଥମ ମହଲା, ଦକ୍ଷିଣ ବ୍ଲକ୍
ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017
ଇ-ମେଲ୍: sdgm@ecor.railnet.gov.in

**ମୁଖ୍ୟ ଜନ ସମ୍ପର୍କ ଅଧିକାରୀ**
ପୂର୍ବ ତଟ ରେଳପଥ, ତଳ ମହଲା, ଦକ୍ଷିଣ ବ୍ଲକ୍
ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017
ଇ-ମେଲ୍: cpro@ecor.railnet.gov.in

**ଆମ ସହିତ ଯୋଗାଯୋଗ କରିବା ପାଇଁ ଆପଣ ମଧ୍ୟ ସାମାଜିକ ଗଣମାଧ୍ୟମ ବ୍ୟବହାର କରିପାରିବେ:**

- www.facebook/@EASTCOASTRailway1
- www.twitter/@EastCoastRail
- www.instagram.com/cproecor
- www.kooapp.com/@eastcoastrail

**ପୂର୍ବ ତଟ ରେଳପଥ**
*ଆପଣଙ୍କ ପାଇଁ ଆମେ ଯତ୍ନବାନ*

SAHITYA CHARCHA ● December 2025 ● Rs.50 ● RNI No: ODIODI/2022/81590 ● Postal Regn. No.RMS 'N' Dn/004/202527




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy